ଧରିତ୍ରୀ 51 Years

ପୃଷ୍ଠା–୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର,ରବିବାର, ମେ ୪/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 4/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୧୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 158 | ମୂଲ୍ୟ ₹୭/-






89 YEARS TRUST IS TIMELESS | 100% BIS Hallmarked HUID Pure Gold Jewellery | 100% Exchange Of Old Gold | Fair Price Policy | Free Insurance On Diamonds | Tested And Certified Diamonds | Safe Gold Purchase Scheme | Lifetime Buyback Guarantee

JHARSUGUDA, Sarbahal Road, Marwadi Para | ROURKELA, Kesar Bhawan, Main Road

STORES ALSO AT : BHUBANESWAR | BERHAMPUR | CUTTACK | PURI
ANGUL (Opening Soon) | JAJPUR ROAD (Opening Soon)

khimjijewellers.com 1800 3131 777 Follow us on:

KHIMJI® JEWELLERS SINCE 1936

**ସଂକ୍ଷେପରେ**

## ସଚେତନତା ସଭା

ଟିଟିଲାଗଡ଼,୩।୫(ସନ୍ତୋଷ ପଟ୍ଟନାୟକ)

ଟିଟିଲାଗଡ ତାଲୁକ ଆଇନ ସେବା ସମିତି ପକ୍ଷରୁ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ନାରେନ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମିତି ଅଧ୍ୟକ୍ଷ ତଥା ଟିଟିଲାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ସନ୍ଦୀପ କୁମାର ପଟ୍ଟନାୟକ ଯୋଗଦେଇ ଉପସ୍ଥିତ ଶ୍ରମିକଙ୍କୁ ସେମାନଙ୍କ ଅଧିକାର, ନ୍ୟାୟ ପାଇଁ ଆଇନଗତ ସହାୟତା ଆଦି ନେଇ ସୂଚନା ଦେଇଥିଲେ । ସବଜଜ୍ କୃଷ୍ଣଚନ୍ଦ୍ର ନାୟକ, ଏସଡ଼ିଜେଏମ ସୁମିତ କୁମାର ପାଣିଗ୍ରାହୀ, ପେନାଲ ଲୟର ସନ୍ଧ୍ୟା ଥାପା ପ୍ରମୁଖ ଯୋଗଦେଇ ବିଭିନ୍ନ ବର୍ଗର ଶ୍ରମିକ କଲ୍ୟାଣ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ । ସରପଞ୍ଚ ଯମୁନା ମହାନନ୍ଦ, ପିଇଓ ରାଜେଶ ଭତରିଆ, ଶେଖ ତୌଫିକ, ଡବ୍ଲୁଇଓ ଦେବାଶିଷ ମିଶ୍ର, ସବ୍‌ଇନ୍ସପେକ୍ଟର ହୀରା ଖାଲକୋ, ଅହଲ୍ୟା ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ । ଟିକେରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୪ ବର୍ଷ ହେଲା ସରୁନି ସେତୁ , ରାସ୍ତା କାମ

ଲୋଇସିଂହା,୩।୫(ସୁଶାନ୍ତ ବାରିକ)


ଅଧାପନ୍ତରିଆ ବିର୍କେଲ ଆମ୍ବପାଲି ସେତୁ ।

ବଲାଙ୍ଗୀର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଲୋଇସିଂହା ବ୍ଲକର ସିଂଘାଣିମୁଣ୍ଡା- ସରଗାଡ଼ ପୂର୍ତ୍ତ ରାସ୍ତାରୁ କୁଶଙ୍ଗ- ଖାରମୁଣ୍ଡାକୁ ସଂଯୋଗ ପାଇଁ ବିର୍କେଲ ଗ୍ରାମ ଦେଇ ଗତ ୪ ବର୍ଷ ହେଲା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଆରମ୍ଭ ହୋଇଛି। ଏହି ରାସ୍ତା କାମ କରୁଥିବା ଠିକାଦାର ମାସ ମାସ ଧରି କାମ ବନ୍ଦ ରଖୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମେଟାଲ ପକାଇ ଥିବା ରାସ୍ତାରେ ପିଚୁ ଢ଼ଳାଇ କରାଯାଇ ନ ଥିବାରୁ ଯାତାୟାତ କରୁଥିବା ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏହାଛଡା ଅନେକ ସମୟରେ ଏହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟି ଲୋକ ଆହତ ହେଉଛନ୍ତି । ଅପରପକ୍ଷେ ଉକ୍ତ ରାସ୍ତାର ବିର୍କେଲ- ଆମ୍ବପାଲି ମଝିରେ କୁଶଙ୍ଗାଇ ନାଳା ଉପରେ ଏକ ସେତୁ ନିର୍ମାଣାଧୀନ ରହିଛି। ଆଜକୁ ଚାରି ବର୍ଷ ବିତିଥିଲେ ସୁଦ୍ଧା ଉକ୍ତ ସେତୁ ଓ ରାସ୍ତା କାମ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି। ଏହି ସେତୁ ଆମ୍ବପାଲି ପାର୍ଶ୍ୱରେ ଥିବା ଜନୈକ ଚାଷୀଙ୍କ ଚାଷ ଜମି ଦେଇ ନିର୍ମାଣ ହେଉଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଉକ୍ତ ଜମି ଅଧିଗ୍ରହଣ କିମ୍ବା ଚାଷୀଙ୍କ ସହ କୌଣସି ବୁଝାମଣା ହୋଇନାହିଁ। ଏଣୁ ସେତୁ କାମ ବନ୍ଦ ରହୁଥିବା ଜଣାଯାଇଛି। ପ୍ରାୟ ଅଢେଇ କୋଟି ଟଙ୍କା ବ୍ୟୟବରାଦରେ ଏହି ପ୍ରକଳ୍ପ କାମ ଚାଲିଛି। ତେବେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ନିର୍ବାହୀ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ଏବଂ ଠିକାଦାରଙ୍କ ଅପାରଗତା ଯୋଗୁ ବର୍ଷାଧିକ ସମୟ ଧରି କାମ ଠିକ୍ ଭାବେ ହୋଇ ନ ପାରି ଅଟକି ରହିଛି । ପ୍ରକଳ୍ପର ମନ୍ଥର କାମ ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବିଧାନ ନାଏକଙ୍କୁ ଫୋନରେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ନ ହେବାରୁ ପ୍ରତିକ୍ରିୟା ମିଳି ପାରିନାହିଁ। ପ୍ରକାଶଥାଉ କି , ଏହି ପ୍ରକଳ୍ପ ୨୦୨୧ ସେପ୍ଟେମ୍ବର ୮ ତାରିଖରୁ ଆରମ୍ଭ ହୋଇ ୨୦୨୩ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ ହେବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା।

# ପୁଞ୍ଜିଲାଲଙ୍କ ସପକ୍ଷରେ ଆଉ ଜଣେ ଦେଲେ ସାକ୍ଷ୍ୟ

ପାଟଣାଗଡ଼,୩।୫(ସଚ୍ଚିଦାନନ୍ଦ ମହାକୁର)

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଶନିବାର ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ସପକ୍ଷରେ ଆଉ ଜଣେ ବ୍ୟକ୍ତି ସାକ୍ଷ୍ୟ ଦେଇଛନ୍ତି। ଅଭିଯୁକ୍ତ ପୁଞ୍ଜିଲାଲଙ୍କ ଜଣେ ପଡ଼ୋଶୀ ୩ ନମ୍ବର ସାକ୍ଷୀ ଭାବେ ଶନିବାର ପରିତ୍ରାଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ସାକ୍ଷ୍ୟ ପ୍ରଦାନ କରିଥିବା ଯୁବକ ଜଣକ କୋର୍ଟରେ କହିଥିଲେ, ଯେଉଁଦିନ ଏହି ଘଟଣା ଘଟିଲା ସେହିଦିନ ସେ ପୁଞ୍ଜିଲାଲଙ୍କ ସାଙ୍ଗରେ ଥିଲେ। ଏହି ମାମଲାରେ ଅଭିଯୁକ୍ତଙ୍କ କୌଣସି ସମ୍ପୃକ୍ତି ନ ଥିବା ନେଇ ସେ ସାକ୍ଷ୍ୟ ପ୍ରଦାନ କରିଥିବା ଜଣାପଡ଼ିଛି। ଶୁଣାଣି ବେଳେ ବଲାଙ୍ଗୀର ଜିଲା ଜେଲରୁ ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ଆଭାସି ଜରିଆରେ ହାଜର କରାଯାଇଥିଲା। କୋର୍ଟରେ ଅଭିଯୁକ୍ତଙ୍କ ଓକିଲ ପ୍ରମୋଦ ମିଶ୍ର କହିଥିଲେ, ଏହି ମାମଲାରେ ଆଉ କେବଳ ଗୋଟିଏ ପିଟିଶନ ଦିଆହୋଇଛି। ସରକାରୀ ଓକିଲ ଆଶିଷ ଚନ୍ଦନ କହିଥିଲେ, ଅଭିଯୁକ୍ତଙ୍କ ଆଉ ଜଣେ ସାକ୍ଷୀ ସାକ୍ଷ୍ୟ ପ୍ରଦାନ କରିଥିଲେ। ଉକ୍ତ ଯୁବକ ଜଣକ ନିଜକୁ ପୁଞ୍ଜିଲାଲଙ୍କ ପଡ଼ୋଶୀ ବୋଲି କହି ସାକ୍ଷ୍ୟ ପ୍ରଦାନ କରିଥିଲେ। ଶୀଘ୍ର ଆର୍ଗୁମେଣ୍ଟ ଆରମ୍ଭ ହେବ ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା । ମୃତ ସୌମ୍ୟଶେଖରଙ୍କ ସ୍ତ୍ରୀ ରୀମାରାଣୀ ସାହୁ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଭଇଁଷା ଜ୍ୟୋତିବିକାଶ କଲେଜର ତତ୍କାଳୀନ ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲଙ୍କୁ ଗିରଫ କରିଥିଲା।

## ବିଜେପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଟିଟିଲାଗଡ଼,୩।୫(ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବିଜେପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଘୁନସର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିମନ୍ୟୁ ସାହୁ, ସମ୍ମାନିତ ଅତିଥି ଭାବେ ଚୋରମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭରତ ମାଝୀ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜାମୁଟ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଦୀପ ଦୀପ, ବସନ୍ତ କୁମାର ବଗର୍ତ୍ତି, ପୂର୍ବତନ ଛାତ୍ର ତଥା ସାମାଜିକ କର୍ମୀ ଶରତ ବଗର୍ତ୍ତି ଯୋଗ ଦଇଥିଲେ। ଅବସର ନେଇଥିବା ପ୍ରଧାନଶିକ୍ଷକ ଦାସ ୧୯୮୯ମସିହାରୁ ଚାକିରୀ ଜୀବନ ଆରମ୍ଭ କରିଥିଲେ । ସେ ୨୦୨୦ଠାରୁ ୨୦୨୫ ଏପ୍ରିଲ ୩୦ତାରିଖ ପର୍ଯ୍ୟନ୍ତ ବିଜେପୁର ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ଭାବରେ ଦାୟିତ୍ୱ ତୁଲାଇଥିଲେ ।

# ବୁଢ଼ିବାହାଲ ଗାଁରେ ପାନୀୟ ଜଳ ସମସ୍ୟା

**୩ବର୍ଷ ହେଲା କଚ୍ଛପ ଗତିରେ ଚାଲିଛି ଜଳ ଯୋଗାଣ ପ୍ରକଳ୍ପ**

ଖପ୍ରାଖୋଲ,୩।୫(ଅଭୟ ତ୍ରିପାଠୀ)


ଗାଁରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପ ।

ସରକାର ପାନୀୟ ଜଳ ଯୋଗାଣ ପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି । ଏଥିପାଇଁ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ ହୋଇ କାମ ମଧ୍ୟ ଆରମ୍ଭ ହୋଇଛି। ହେଲେ ଅନେକ ସ୍ଥାନରେ ପ୍ରକଳ୍ପଗୁଡ଼ିକ ବର୍ଷ ବର୍ଷ ଧରି କଚ୍ଛପ ଗତିରେ ଚାଲିଥିବାରୁ ଲୋକେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ କେବଳ ପ୍ରତଶ୍ରୁତି ମିଳୁଛି। ଏହାର ଉଦାହରଣ ହେଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ବୁଢ଼ିବାହାଲ ଗାଁ। ଏହି ଗାଁରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ୨୦୨୨ରେ ପ୍ରାୟ ଏକ କୋଟି ଟଙ୍କା ବ୍ୟୟବରାଦରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଇନ ଟେକ୍ ୱେଲ, ଓଭର ହେଡ୍ ଟାଙ୍କି, ଗାଁରେ ପାଇପ ସଂଯୋଗ ଆଦି କାମ ଶେଷ ହୋଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ, ଇନଟେକ୍ ୱେଲର ସଫେଇ ଆଦି କାମ ବାକି ରହିଛି। ଯାହାଫଳରେ ଗ୍ରାମବାସୀଙ୍କ ପାନୀୟ ଜଳ ପାଇବା ଆଶା ଏଯାଏ ପୂରଣ ହୋଇ ପାରିନାହିଁ। ଗାଁର ଜନସଂଖ୍ୟା ପ୍ରାୟ ୧୬ ଶହରୁ ଅଧିକ । ପାଇପ ପାଣି ଅଭାବରୁ ଗାଁର କିଏ କୂଅରୁ ତ କିଏ ନଳକୂଅରୁ ପାଣି ସଂଗ୍ରହ କରି ପିଉଛନ୍ତି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନଙ୍କୁ ପଚାରିବାରେ ପ୍ରାୟ କାମ ଶେଷ ହୋଇଛି। କୂଅ ସଫେଇ ଓ ବିଦ୍ୟୁତ୍ ସଂଯୋଗ ପରେ ସପ୍ତାହକ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି।

## ଶ୍ରମିକଙ୍କ ଏକତା ଉପରେ ଗୁରୁତ୍ୱ

ବଲାଙ୍ଗୀର,୩।୫(ବୀରେନ୍ଦ୍ର କୁମାର ଝାଙ୍କର)

ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ବଲାଙ୍ଗୀର ଜିଲା କମିଟି ପକ୍ଷରୁ ଜିଲା ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସ୍ଥାନୀୟ ମାରୱାଡି ସେବା ସଦନଠାରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ କରାଯାଇଥିଲା। ଜିଲା ସଭାପତି ସାହୁ ନିର୍ମାଣରେ ଶ୍ରମିକଙ୍କ ଯୋଗଦାନ ଉପରେ ବକ୍ତବ୍ୟ ରଖି ଶ୍ରମିକଙ୍କୁ ବିଶ୍ୱକର୍ମା ବୋଲି କହିଥିଲେ। ଶ୍ରମିକଙ୍କ ସାମାଜିକ ସୁରକ୍ଷା ସରକାରୀ ସ୍ତରରେ ଠିକ୍ ଭାବେ ହେଉନାହିଁ। ଏହା ବିରୋଧରେ ଶ୍ରମିକ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ବୈଠକରେ ୟୁନାଇଟେଡ୍ ଟ୍ରେଡ ୟୁନିୟନ ଅଧ୍ୟକ୍ଷ ବିଭୁଦତ୍ତ ମିଶ୍ର ଅତିଥି ଭାବେ ଯୋଗଦେଇ ଶ୍ରମିକଙ୍କ ଏକତା ଉପରେ ଗୁରୁତ୍ୱ ଦେଇଥିଲେ। ସଭାରେ ସଙ୍ଗଠନ ସମ୍ପାଦକ ସତ୍ୟ ନାରାୟଣ ସାହୁ, ଜ୍ୟୋତ୍ସ୍ନା ନନ୍ଦ, ମଞ୍ଜୁରାଣୀ ନାଗ, ସୁଶାନ୍ତ ବାରିକ, ରିନୁ ହରପାଲ, ଗୋବିନ୍ଦ ସୁନା, ସୁମିତ ସୁନା, ଏସ. ବାରିକ, ସରୋଜ ବାଗ ଯୋଗଦାନ କରିଥିଲେ। ସାଧାରଣ ସମ୍ପାଦକ ବିଦ୍ୟାଧର ସୁନା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଏଆଇଟିୟୁସି ବଲାଙ୍ଗୀର ଜିଲା ପକ୍ଷରୁ ଶ୍ରମିକ ଦିବସ ପାଳନ କରାଯାଇଥିଲା। ଜିଲା ସଭାପତି ତୀର୍ଥ ପଧାନଙ୍କ ସଭାପତିତ୍ୱରେ ସ୍ଥାନୀୟ ଗୋୟଲ ଧର୍ମଶାଳାଠାରେ ଆୟୋଜିତ ସଭାରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ପି. ଦାମୋଦର ରାଓ, ଶରତ ସିଂ, ଅନୀଲ ସେଠ, ଯୁବରାଜ ମନହୀରା, ଓଁକାର ସିଂଦେଓ, ପୁରୁଷୋତ୍ତମ କମ୍ପ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସଭାରେ ବହୁ ଆଶା କର୍ମୀ, ବିଦ୍ୟୁତ୍ କର୍ମଚାରୀ, ପଞ୍ଚାୟତ କର୍ମଚାରୀ, ନିର୍ମାଣ ଶ୍ରମିକ, ପାଚିକା ସହାୟିକା ଯୋଗଦାନ କରିଥିଲେ। ଶେଷରେ ଜିଲା ସହସମ୍ପାଦକ ସାଏବୁ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଉଛି।

ଲୋଇସିଂହା,୩।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଣୁଧର ଭୋଇ ଗତ ବୁଧବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଗାଁର ଗୌନ୍ତିଆ ତଥା ବିଦ୍ୟାଳୟ ପ୍ରତିଷ୍ଠାତା ରାଜୀବ ଲୋଚନ ଧରୁଆ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନଶିକ୍ଷକ ଚମରା ଚୌହାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକ ଭୋଇ ଜଣେ ଆଦର୍ଶ ଶିକ୍ଷକ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ସେହିପରି ମୁଖ୍ୟବକ୍ତା ଓଡିଶା ଶିକ୍ଷା ସେବା ଅଧିକାରୀ ନେପାଲ ଚନ୍ଦ୍ର ବାଗ ଭୋଇଙ୍କ ଛାତ୍ର ବତ୍ସଳତା, ସରଳତା ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ପ୍ରତିଷ୍ଠାତା କମିଟିର ସମ୍ପାଦକ ବୀରବଳ ଧରୁଆ, ପ୍ରମୋଦ ଦାସ, ଭୁବନ ଭୋଇ, ଉଦୟନାଥ ଧରୁଆ, ସନ୍ନ୍ୟାସୀ ନାଏକ,ଶିକ୍ଷାବିତ୍ ରାଜେନ୍ଦ୍ର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୁଦ୍ଧୁ ପ୍ରଧାନ,ସୋମନାଥ ବିଶ୍ୱାଳ, ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାନନ୍ଦ ଭୋଇ, ପୁରାତନ ଛାତ୍ର ସଂଘର ସଭାପତି ସୁନୀଲ ଦାସ, କ୍ରୀଡ଼ାବିତ ସମ୍ପତ୍ତି ପଧାନ, ସୀତାରାମ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଣନାଥ ସାହୁ, ଶାରୀରିକ ଶିକ୍ଷା ଶିକ୍ଷକ ଦିଲୀପ ଧରୁଆ, ସହକାରୀ ଶିକ୍ଷକ ,ପୁରାତନ ଛାତ୍ର ମେଘୁ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ

ଖପ୍ରାଖୋଲ,୩।୫(ଅଭୟ ତ୍ରିପାଠୀ)


ସଚେତନତା ରଥର ଶୁଭାରମ୍ଭ କରାଯାଉଛି ।

ଶନିବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଶ୍ରମ ବିଭାଗ ଓ ବିକଳ୍ପ ଅନୁଷ୍ଠାନ ତରଫରୁ ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ, ଆଇନଜୀବୀ ଦେବକାନ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ। ଅତିଥିମାନେ ଶ୍ରମିକ ଓ ଦେଶାନ୍ତର ଶ୍ରମିକମାନଙ୍କ ବିଭିନ୍ନ ଅଧିକାର ଉପରେ ସଚେତନ କରିବା ସହିତ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଉକ୍ତ ରଥ ବିଭିନ୍ନ ଗାଁକୁ ଯାଇ ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବ ବୋଲି ବିକଳ୍ପ ଅନୁଷ୍ଠାନର ସଂଯୋଜକ ଲିଙ୍ଗରାଜ ପୁଟେଲ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତ ବିଶ୍ୱାଳ, ଗଣେଶ ଭୋଇ, ସରୋଜିନୀ ସାହୁ, କରୁଣାକର ପଟେଲ, ଜିତେନ୍ଦ୍ର ପ୍ରଧାନ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଯୋଗୀସର୍ଡା ନୋଡାଲ ପିଏମଶ୍ରୀ ସ୍କୁଲ ମାଟ୍ରିକ ଫଳାଫଳ

ଲୋଇସିଂହା,୩।୫(ସୁଶାନ୍ତ ବାରିକ)

**ସମସ୍ତ ଛାତ୍ରୀଛାତ୍ର ପାସ୍**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ପିଏମଶ୍ରୀ ସ୍କୁଲରୁ ଜଣେ କେହି ଛାତ୍ରୀଛାତ୍ର ଏ ୧ ପାଇ ନାହାନ୍ତି। ସୂଚନା ଅନୁଯାୟୀ, ବିଦ୍ୟାଳୟର ୮୯ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୮ ଜଣ ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି। ଉକ୍ତ ବିଦ୍ୟାଳୟରେ ପଢୁଥିବା ଭାଲୁପାଲି ଗ୍ରାମର ଛାତ୍ର ଆଶୋକ କୁମାର ଚୌହାନ ଜଣେ ମାତ୍ର ଏ- ଟୁ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ବି -ୱାନ୍‌ରେ ୮ ଜଣ, ବି- ଟୁ ରେ ୨୨ ଜଣ, ସି ୩୦ ଜଣ, ଡିରେ ୨୦ ଜଣ, ଇରେ ୭ ଜଣ ଓ ଏଫ୍‌ରେ ଜଣେ ଉତ୍ତୀର୍ଣ୍ଣ ହୋଇଥିବା ସ୍କୁଲ ପକ୍ଷରୁ ଜଣାଯାଇଛି। ତେବେ ଫଳାଫଳ ଠିକ୍ ରହିଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଡୋଳାମଣୀ ସାହୁ କହିଛନ୍ତି।

# ଦାଦନ ଶ୍ରମିକଙ୍କ ଘରେ ବିଦ୍ୟୁତ୍ ସଂଯୋଗ ହେଲା

ଲାଠୋର,୩।୫(ଭୁବନେଶ୍ୱର ବାରିକ)

**ଧରିତ୍ରୀ ପ୍ରଭାବ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅଧୀନ ସାନଗୁର୍ଜିଭଟା ଗ୍ରାମର ଦାଦନ ଶ୍ରମିକ ପଦ୍ମନ ବାଗଙ୍କ ଘରେ ଦୀର୍ଘ ଦେଢ ମାସ ପରେ ବିଦ୍ୟୁତ୍ ସଂଯୋଗ କରାଯାଇଛି। ନିକଟରେ ବିଦ୍ୟୁତ୍ ଯୋଗାଣ ସଂସ୍ଥାର କର୍ମଚାରୀମାନେ ତାଙ୍କ ଘରକୁ ଯାଇ ବିଦ୍ୟୁତ୍ ସଂଯୋଗ କରିଥିବା ନେଇ ସମ୍ପୃକ୍ତ ପରିବାରବର୍ଗ ସୂଚନା ଦେଇଛନ୍ତି । ପଦ୍ମନ ଗତ ୬ ମାସ ପୂର୍ବେ ସ୍ତ୍ରୀ କେତକୀଙ୍କୁ ସାଙ୍ଗରେ ନେଇ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟି ଯାଇଛନ୍ତି । ଘରେ ପାଠ ପଢୁଥିବା ଦୁଇ ଝିଅ କାଜଲ ଏବଂ କରିସ୍ମା ଓ ପୁଅ ସିଦ୍ଧାନ୍ତଙ୍କୁ ଛାଡି ଯାଇଛନ୍ତି। କରୋନା ମହାମାରୀ ସମୟରେ ସେ କିଛି ଟଙ୍କା ବିଦ୍ୟୁତ୍ ଦେୟ ପଇଠ କରିପାରି ନ ଥିଲେ। ଏପରି ଅବସ୍ଥାରେ ସେ ଘରେ ନ ଥିବା ବେଳେ ଗତ ମାର୍ଚ୍ଚ ୧୨ ତାରିଖ ଦିନ ବିଦ୍ୟୁତ୍ ଯୋଗାଣ ସଂସ୍ଥାର କର୍ମଚାରୀମାନେ ତାଙ୍କ ଘରକୁ ଯାଇ ଦେୟ ପଇଠ କରିବା ପାଇଁ କହିଥିଲେ। ପିଲାମାନେ ଦେୟ ପଇଠ କରି ନ ପାରିବାରୁ ତାଙ୍କ ଘରୁ ବିଦ୍ୟୁତ୍ କାଟ କରି ଚାଲି ଯାଇଥିଲା। ଫଳରେ ୩ ପିଲା ଅନ୍ଧାରରେ ରହିବା ସହ ପ୍ରବଳ ତାତିରେ ନା ନା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହି ଘଟଣାକୁ ନେଇ ଦୈନିକ 'ଧରିତ୍ରୀ'ରେ ଗତ ୨୬ ତାରିଖ ଦିନ 'ବିଦ୍ୟୁତ୍ କାଟ: ଅନ୍ଧାରରେ ଦାଦନ ପରିବାରର ୩ ଭଉଣୀ ଭାଇ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ବିଦ୍ୟୁତ୍ ଯୋଗାଣ ସଂସ୍ଥା ତତ୍ପରତା ପ୍ରକାଶ କରି ସାନଗୁର୍ଜିଭଟାସ୍ଥିତ ତାଙ୍କ ଘରକୁ ଯାଇ ବିଦ୍ୟୁତ୍ ସଂଯୋଗ କରିଛନ୍ତି। ଆନ୍ଧ୍ରପ୍ରଦେଶରେ ଦାଦନ ଖଟୁଥିବା ପଦ୍ମନ ଏ ସମ୍ପର୍କରେ ସୂଚନା ଦେଇ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ମଡେଲ ନିର୍ବାଚନମଣ୍ଡଳୀ ହେବ ଲୋଇସିଂହା: ମନ୍ତ୍ରୀ ମୁକେଶ


ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସମୀକ୍ଷା କରୁଛନ୍ତି।

ବଲାଙ୍ଗୀର,୩।୫(ବୀରେନ୍ଦ୍ର କୁମାର ଝାଙ୍କର)

**ଉନ୍ନୟନ ସମୀକ୍ଷା ବୈଠକ**

ଲୋଇସିଂହା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ ସମୀକ୍ଷା ବୈଠକ ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଧାୟକ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ୨୦୨୪ ନିର୍ବାଚନ ପରେ ଏହା ଥିଲା ପ୍ରଥମ ସମୀକ୍ଷା ବୈଠକ। ମନ୍ତ୍ରୀ ଡ. ମହାଲିଙ୍ଗ କହିଥିଲେ, ଲୋଇସିଂହାକୁ ସାରା ରାଜ୍ୟରେ ଏକ ମଡେଲ ବିଧାନସଭା ନିର୍ବାଚନ ମଣ୍ଡଳୀ ଭାବେ ଗଢ଼ି ତୋଳିବାକୁ ସେ ସବୁପ୍ରକାର ଉଦ୍ୟମ କରୁଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର ସୁଫଳ କିଭଳି ତୃଣମୂଳ ସ୍ତରରେ ପହଞ୍ଚିବ, ପ୍ରଶାସନ କିଭଳି ସମନ୍ୱୟ ରକ୍ଷା କରି ଯୋଜନା କାର୍ଯ୍ୟକାରୀ କରିବ ସେଦିଗରେ ଫୋକସ୍ ରହିଥିବା ସେ ସୂଚନା ଦେଇଥିଲେ। ଲୋୟର ସୁକ୍‌ତେଲ ପ୍ରକଳ୍ପର ବିସ୍ଥାପିତଙ୍କ ସମସ୍ୟାର ସମାଧାନ ଉପରେ ସେ ସମୀକ୍ଷା କରିଥିଲେ। ବିଗତ ବୈଠକରେ ଦିଆଯାଇଥିବା କାର୍ଯ୍ୟାଦେଶଗୁଡ଼ିକର ସ୍ଥିତି ସମୀକ୍ଷା କରି ଦେବୋତ୍ତର, ଆଇନଶୃଙ୍ଖଳା, ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା, ପାନୀୟ ଜଳଯୋଗାଣ, ଭତ୍ତା ବଣ୍ଟନ, ଆବାସ ଯୋଜନା, ଏମ୍‌ଜିଏନ୍‌ଆରଇଜିଏ, ପ୍ରଧାନମନ୍ତ୍ରୀ ସଡକ ଯୋଜନା, ଜାତୀୟ ସାମାଜିକ ସୁରକ୍ଷା ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା ଓ ଅନ୍ୟ ଯୋଜନାର ସମୀକ୍ଷା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର, ବଲାଙ୍ଗୀର ଉପଜିଲାପାଳ ଆଲୋକ ପଟେଲ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଆଗଲପୁର, ଲୋଇସିଂହା ଓ ପୁଇଁତଲା ବ୍ଲକର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

# ଲାଗୁନି ଷ୍ଟ୍ରିଟ୍ ଲାଇଟ, ଅନ୍ଧାରରେ ଦଳିତ ପଡ଼ା ଅଧିବାସୀ

ଲାଠୋର,୩।୫(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ଗ୍ରାମ ଦଳିତ ପଡ଼ାର ଅଧିବାସୀ ଦୀର୍ଘ ଦିନରୁ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ଦାବି କରି ଆସୁଛନ୍ତି । କିନ୍ତୁ ଏହି ଦାବି ପ୍ରତି ଅଣଦେଖା କରାଯିବା ଫଳରେ ସେମାନେ ରାତିରେ ଅନ୍ଧାରରେ ବହୁ କଷ୍ଟରେ ରହୁଥିବା ଗୋବର୍ଦ୍ଧନ କୁମ୍ଭାର, ହରି କୁମ୍ଭାର, ମନୁ ତାଣ୍ଡି, ରୂପଧର ନାଗ, ମୋହନ ତାଣ୍ଡି ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ, ଉକ୍ତ ପଡ଼ାରେ ସମୁଦାୟ ୧୨ଟି ପରିବାର ବସବାସ କରୁଛନ୍ତି । ସେଠାରେ ୩ ଗୋଟି ବିଦ୍ୟୁତ୍ ଖୁଣ୍ଟ ରହିଛି । ହେଲେ ଗୋଟିଏ ଖୁଣ୍ଟରେ ମଧ୍ୟ ଷ୍ଟ୍ରିଟ ଲାଇଟ ଲାଗିନାହିଁ। ଫଳରେ ଗତ ଫେବୃୟାରୀ ମାସରେ ପଡାବାସୀଙ୍କ ଦସ୍ତଖତ ଥିବା ଏକ ଅଭିଯୋଗ ପତ୍ର ଖପ୍ରାଖୋଲ ବିଡ଼ିଓଙ୍କୁ ଘନଶ୍ୟାମ ସରାଫ ନାମକ ଜଣେ ଯୁବକ ପ୍ରଦାନ କରିଛନ୍ତି । ହେଲେ ଅଦ୍ୟାବଧି ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା କରାଯାଇ ନାହିଁ । ବ୍ଲକ ପ୍ରଶାସନ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

**ଝଡବର୍ଷା ଯୋଗୁ ତାତିରୁ ଆଶ୍ୱସ୍ତି**

ସୋନପୁର,(ମୃତ୍ୟୁଞ୍ଜୟ ଶତପଥୀ): ନଦୀକୂଳିଆ ସହର ସୁବର୍ଣ୍ଣପୁରରେ ଅସହ୍ୟ ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥିଲା। ଜିଲାରେ ମହାନଦୀ, ତେଲନଦୀ, ଅଙ୍ଗନଦୀ ଭଳି ବଡ ନଦୀ ଥିବା ସତ୍ତ୍ୱେ ଏହା ଅନ୍ୟତମ ଉତ୍ତପ୍ତ ଜିଲା ଭାବେ ପରିଗଣିତ ହେଉଛି। ଆକାଶରୁ ସତେ ଯେମିତି ଅଗ୍ନି ବର୍ଷୁଥିଲା। ତେବେ ସନ୍ଧ୍ୟା ୬ଟାରେ ଝଡବର୍ଷା ଯୋଗୁ ସୁବର୍ଣ୍ଣପୁର ଜିଲାବାସୀଙ୍କୁ ତାତିରୁ ଆଶ୍ୱସ୍ତି ମିଳିଛି। ଅସରାଏ ଭଲ ବର୍ଷା ଯୋଗୁ ତାପମାତ୍ରା ହ୍ରାସ ପାଇଛି। ପ୍ରଚଣ୍ଡ ରୌଦ୍ରତାପରୁ ଦିନେ ଦୁଇ ଦିନ ଜିଲାବାସୀଙ୍କୁ ମୁକ୍ତି ମିଳିବ ବୋଲି ଆଶା କରାଯାଉଛି। ତେବେ ଝଡବର୍ଷା ଯୋଗୁଁ ଗଛ ଭାଙ୍ଗି କେତେକ ସ୍ଥାନରେ ରାସ୍ତା ଅବରୋଧ ହେବା ସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବା ଜଣାପଡିଛି।

# କାମରେ ଆସୁନି ଭେଣ୍ଡିଂ ଜୋନ୍, ମାର୍କେଟ୍ ପିଣ୍ଡି



ବ୍ଲକ ଛକ ଭେଣ୍ଡିଂ ଜୋନ୍‌ରେ ତାଲା ପଡିଛି।


ଜବରଦଖଲକାରୀଙ୍କ କବ୍‌ଜାରେ ପରିବା ବଜାର।

- ରାସ୍ତାପାର୍ଶ୍ୱରେ ବସୁଛନ୍ତି ପରିବା ବ୍ୟବସାୟୀ
- ରାଜସ୍ୱ ହାନି, ଦାୟିତ୍ୱ ନିର୍ବାହ କରୁନି ପୌର ପ୍ରଶାସନ

**ସୋନପୁର,୩।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରକୁ ବ୍ୟବସ୍ଥିତ କରିବା ପାଇଁ ପ୍ରଶାସନର ଆନ୍ତରିକତା ନଥିବା ଅଭିଯୋଗ ହୋଇଛି। ସହରକୁ ସ୍ୱଚ୍ଛ, ସୁନ୍ଦର କରିବା ପାଇଁ ସରକାର ଅନୁଦାନ ଯୋଗାଇ ଦେଇଛନ୍ତି। ରାସ୍ତାକଡ ଉଠା ଦୋକାନୀଙ୍କ ପାଇଁ ବ୍ଲକ ଛକରେ ଭେଣ୍ଡିଂ ଜୋନ ଓ ପରିବା ବଜାର ନିର୍ମାଣ କରାଯାଇଛି। ତେବେ ପୌରପ୍ରଶାସନ ଓ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଏହା କାର୍ଯ୍ୟରେ ଲାଗୁନି। ପରିବା ଓ ଫଳ ବ୍ୟବସାୟୀମାନେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱ(ବ୍ଲକ ଛକରୁ ଆମ୍ବେଡକର ଛକ) ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ବସି ପୂର୍ବଭଳି ବ୍ୟବସାୟ କରୁଛନ୍ତି। ଏହାଦ୍ୱାରା ଡ୍ରେନ୍ ଜବରଦଖଲ ହେବା ସହ ରାସ୍ତା ସଙ୍କୁଚିତ ହେଉଛି। ଅନ୍ୟପକ୍ଷେ ଭେଣ୍ଡିଂ ଜୋନରେ ତାଲା ପଡିଥିବା ବେଳେ ମାର୍କେଟ୍ ପିଣ୍ଡି ବଞ୍ଜାରା ମାନଙ୍କ କବ୍‌ଜାକୁ ଚାଲିଗଲାଣି। ଏଠାରେ ଏବେ ଅସାମାଜିକ ଲୋକଙ୍କ ଆଡ୍ଡା ଜମିଛି। ପୌର ପ୍ରଶାସନ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ଓ ନାମ ଫଳକ ଲଗାଇବାରେ ନିଜର ଦାୟିତ୍ୱ ସାରି ଦେଇଥିବା ବୁଦ୍ଧଜୀବୀ ମହଲରେ ଆଲୋଚନା ହେଉଛି।

ସୁବର୍ଣ୍ଣପୁର ସହର ବ୍ଲକ ଛକରେ ନିର୍ମାଣ ହୋଇଛି ସୁବର୍ଣ୍ଣଭୂମି ଭେଣ୍ଡିଂ ଜୋନ ଓ ପରିବା ବଜାର(ମାର୍କେଟ୍ ପିଣ୍ଡି)। ପୌରପରିଷଦ ପକ୍ଷରୁ ୧୫ଟି ଦୋକାନ ଘର ବିଶିଷ୍ଟ ଭେଣ୍ଡିଂ ଜୋନ ନିର୍ମାଣ ସରିବା ପରେ ୨ ବର୍ଷ ପୂର୍ବରୁ ଏହାର ଉଦ୍‌ଘାଟନ ହୋଇଛି। ଦୋକାନ ଘରଗୁଡିକୁ ବ୍ୟବସାୟୀଙ୍କୁ ଆବଣ୍ଟନ କରାଯାଇଛି। ତେବେ ସେଗୁଡିକରେ ସବୁବେଳେ ତାଲା ଝୁଲୁଛି। ଅନ୍ୟପକ୍ଷରେ ଆବଣ୍ଟିତ ହୋଇଥିବା ଦୋକାନ ମାଲିକଙ୍କ ନିକଟରୁ ପୌରପ୍ରଶାସନ ଏପର୍ଯ୍ୟନ୍ତ ଭଡା ଆଦାୟ କରୁ ନ ଥିବା ଜଣାପଡିଛି। ସେହିପରି ପାର୍ଶ୍ୱରେ ପ୍ରାୟ ୪୬ଟି ଅତ୍ୟାଧୁନିକ ପରିବା ବଜାର ନିର୍ମାଣ ହୋଇଛି। ୧ ବର୍ଷ ପୂର୍ବରୁ ଏହାର ଉଦ୍‌ଘାଟନ କରାଯାଇଛି। ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ଦୁଇ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇପାରିନି। ପ୍ରାକ୍ତନ କାଉନସିଲର ତାପସ କୁମାର ବେଉରିଆ କୁହନ୍ତି, ସହରରେ ଅନେକ ପ୍ରକଳ୍ପ ନିର୍ମାଣ ହେଉଛି। ହେଲେ ତାହା ସହରବାସୀଙ୍କ କାର୍ଯ୍ୟରେ ଲାଗୁନି। ସରକାରଙ୍କ ଟଙ୍କା ପାଣିରେ ପଡୁଛି। ଏ ଦିଗରେ କାହାରି ଉତ୍ତରଦାୟିତ୍ୱ ରହୁନଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଅନ୍ୟା ଦାସ କୁହନ୍ତି, ପରିବା ବ୍ୟବସାୟୀଙ୍କ ସୁବିଧା ପାଇଁ ପରିବା ବଜାର ତିଆରି ହୋଇଛି। ସେମାନେ ସେଠାକୁ ନଯାଇ ରାସ୍ତାପାର୍ଶ୍ୱରେ ଅସୁରକ୍ଷିତ ଭାବେ ବସୁଛନ୍ତି। ବ୍ଲକ ଛକ ପରିବା ବଜାରରେ ଚାଷୀ ଓ ବ୍ୟବସାୟୀ କିଭଳି ବସିବେ ସେ ନେଇ ତ୍ୱରିତ ପଦକ୍ଷେପ ନେବାକୁ ପୌରନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ। ତେବେ ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ରାସ୍ତାପାର୍ଶ୍ୱ ଉଠା ଦୋକାନିଙ୍କୁ ପରିବା ବଜାରକୁ ସ୍ଥାନାନ୍ତର କରାଯିବ ଓ ଭେଣ୍ଡିଂ ଜୋନରେ ଦୋକାନ ଖୋଲିବାକୁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ତାଗିଦ୍ କରାଯିବ ବୋଲି ପୌରନିର୍ବାହୀ ଅଧିକାରୀ ଋଷି ମାଝି ପ୍ରତିକ୍ରିୟାରେ କହିଛନ୍ତି।

## ପାଣି ପାଇଁ ବନ୍ୟଜନ୍ତୁ ଉହଲ ବିକଳ

**ପାଣିପାଇଁ ଆସିଥିବା ବିଲୁଆ ପରିତ୍ୟକ୍ତ କୂଅରୁ ଉଦ୍ଧାର**

**ଅମରପାଲି,୩।୫(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବନାଞ୍ଚଳ ଅଞ୍ଚଳରେ ପାନୀୟ ଜଳ ପାଇଁ ବନ୍ୟାଜନ୍ତୁ ଉହକ ବିକଳ। ପାଣି ପାଇଁ ଜଙ୍ଗଲରୁ ଜନବସତି ଅଞ୍ଚଳକୁ ବନ୍ୟଜନ୍ତୁ ପଳାଇ ଆସୁଥିବା ଦେଖିବାକୁ ମିଳୁଛି। ବୀରମହାରାଜପୁର ବନ୍ୟାଞ୍ଚଳ ଅଧୀନ ଡୁଲେଶ୍ୱର ଗ୍ରାମ ଏକ ପରିତ୍ୟକ୍ତ କୂଅରୁ ଏକ ବିଲୁଆକୁ ଶନିବାର ସକାଳୁ ଉଦ୍ଧାର କରାଯାଇଛି। ବିଳମ୍ବିତ ରାତ୍ରୀରେ ବିଲୁଆଟି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରପଛ ପଟେ ଥିବା ଏକ ପରିତ୍ୟକ୍ତ କୂଅରେ ପଡ଼ିଯାଇଥିଲା। ପରିବାର ଲୋକେ ଉକ୍ତ ଖବର ବନ ବିଭାଗକୁ ଜଣାଇଥିଲେ। ଖବର ପାଇ ବନପାଳ ଲିଙ୍ଗରାଜ ନାୟକଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ ସହାୟତାରେ କୂଅରୁ ଉକ୍ତ ବିଲୁଆକୁ ଉଦ୍ଧାର କରାଯାଇ ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଇଥିଲା। ଗ୍ରୀଷ୍ମପ୍ରବାହ ଯୋଗୁ ବିଭିନ୍ନ ଜଳାଶୟ ଶୁଖି ଗଲାଣି। ବନ୍ୟଜନ୍ତୁମାନେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ବିଭାଗ ତରଫରୁ ବନ୍ୟାଯନ୍ତୁଙ୍କ ଜଙ୍ଗଲରେ ଜଳାଶୟ ଖନନ କରାଯାଉଛି। ମାତ୍ର ତାହା ଠିକ୍‌ଭାବେ କରାଯାଉ ନ ଥିବାରୁ ଖରାଦିନେ ଜଙ୍ଗଲରେ ପାଣି ସମସ୍ୟା ଦେଖାଦେଉଛି, ବନ୍ୟଜନ୍ତୁ ଜନବସତି ମୁହାଁ ହେଉଛନ୍ତି। ସେମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ବନ ବିଭାଗ କରିବା ସାଧାରଣରେ ଦାବି ହେଉଛି।

## କୁମୁରସିଙ୍ଗାରେ ଭାଗବତ ପାରାୟଣ

**ବୀରମହାରାଜପୁର,୩।୫(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ କୁମୁରସିଙ୍ଘାଠାରେ ଶୁକ୍ରବାର ରାତି ୮ଟା୩୦ରେ ରାମାୟଣ ଓ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ରାମାୟଣର ଅରଣ୍ୟ କାଣ୍ଡର ପ୍ରଥମ ଅଧ୍ୟାୟ ଓ ଭାଗବତ ଦଶମସ୍କନ୍ଧ ତେଇଶି ଓ ଚବିଶ ଅଧ୍ୟାୟ ପଠନ ହୋଇଥିଲା। କୃଷ୍ଣ ବଳରାମ ଓ ଗୋପାଳ ପୁଅମାନେ ବ୍ରାହ୍ମଣୀମାନଙ୍କୁ ଅନ୍ନ ମାଗିବା, ଶ୍ରୀକୃଷ୍ଣ ଯୋଗୀ ବେଶରେ ଭିକ୍ଷା ମାଗିବା ଓ ଶତାଧିକ ମହିଳା କୃଷ୍ଣ ବଳରାମଙ୍କୁ ଅନ୍ନ ଓ ଭିକ୍ଷା ଦେବା ଚରିତ୍ର ମନଛୁଆଁ ଥିଲା। ଏହି କାର୍ଯ୍ୟକ୍ରମରେ ପୁରୀ ରାମଜୀ ମଠର ମଠାଧୀଶ ବଂଶୀଧର ମହାରାଜାଜୀ ଯୋଗଦେଇଥିଲେ। ବ୍ୟାସ ଗାୟକଭାବେ ରମେଶ ପୁରୋହିତ ପୁରାଣ ପାଠ କରିଥିଲେ। ନନ୍ଦିଘୋଷ ଆଧ୍ୟାତ୍ମିକ ପରିଷଦ ସଭାପତି ଯୁଗଳ କିଶୋର ମିଶ୍ର, ସମ୍ପାଦକ ଡ଼ ଦ୍ୱୀତିକୃଷ୍ଣ ପଣ୍ଡା, ସତ୍ୟନାରାୟଣ ଚାନ୍ଦ, ମୀନକେତନ ମେହେର ଭଜନ ପରିବେଷଣ କରିଥିଲେ। ଶଙ୍କର ମେହେରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ବାଦ୍ୟଯନ୍ତ୍ରରେ ଅନ୍ୟ ମାନେ ସହଯୋଗ କରିଥିଲେ। ରମେଶ କୁମାର ପଣ୍ଡାଙ୍କ ପରିବାର ତରଫରୁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଭୁଡିଆପାଲି କଲେଜ ସାଂସ୍କୃତିକ ମଞ୍ଚ ଉଦ୍‌ଘାଟିତ


ସାଂସ୍କୃତିକ ମଞ୍ଚକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଅମରପାଲି,୩।୫(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଭୁଡିଆପାଲି ପରମେଶ୍ୱରୀ ଜୁନିଅର କଲେଜର ନବନିର୍ମିତ ସାଂସ୍କୃତିକ ମଞ୍ଚ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମଞ୍ଚକୁ ଉଦ୍‌ଘାଟନ କରିଛନ୍ତି। କଲେଜ ଅଧ୍ୟକ୍ଷ ସୁବାସ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବିଧାୟକ ପ୍ରତିନିଧି ପଦାର୍ଥ ଜଗଦଲା, ସତ୍ୟମୋହନ ବେଦପାଣି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଡୁଙ୍ଗୁରିପାଲି ବ୍ଲକ: ଏ-୧ରେ ୨ଜଣ

**ଡୁଙ୍ଗୁରିପାଲି,୩।୪(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ଦୁଇ ଜଣ ଛାତ୍ରୀଛାତ୍ର ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ପାଇ ସଫଳତା ହାସଲ କରିଛନ୍ତି। ଡୁଙ୍ଗୁରିପାଲି ବ୍ଲକ ଗଧାପାଲି ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପପୁନ ସାହୁ ୫୪୩ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ଗଧାପାଲିର ପ୍ରକାଶ ସାହୁ ଓ ମିନା ସାହୁଙ୍କ ପୁଅ ପପୁନ ଆଗକୁ ଭଲ ପାଠ ପଢ଼ି ଡାକ୍ତର ହେବେ ବୋଲି କହିଛନ୍ତି। ସେହିପରି ଡୁଙ୍ଗୁରିପାଲି ବ୍ଲକ ରାମପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରାଚୁର୍ଯ୍ୟ ପାଢ଼ୀ ୫୪୦ ମାର୍କ ରଖି ଏ-୧ ପାଇଛନ୍ତି । ଶିକ୍ଷକ ଅକ୍ଷୟ କୁମାର ପାଢ଼ୀ ଓ ପୂର୍ଣ୍ଣିମା ପାଢ଼ୀଙ୍କ ଝିଅ ପ୍ରାଚୁଯ୍ୟ ମଧ୍ୟ ଜଣେ ଭଲ ଡାକ୍ତର ହୋଇ ରୋଗୀ ସେବା କରିବାକୁ ଅଭିଳାଷ ରଖିଥିବା କହିଛନ୍ତି।

## ବଡ଼ିଗାଁରେ ଜଳାଭିଷେକ, ପ୍ରବଚନ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ସମାଜର କର୍ମକର୍ତ୍ତା ଏବଂ ଅନ୍ୟମାନେ।

**ବଘିଆପଡା,୩।୫(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଜିଲା ବଡ଼ିଗାଁ ଗ୍ରାମର ମହାଦେବ ମନ୍ଦିରରେ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ପକ୍ଷରୁ ଶନିବାର ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଲୁଙ୍କୀ ନଦୀରୁ କଳସ ଶୋଭାଯାତ୍ରାରେ ଆସି ମନ୍ଦିରରେ ଅଭିମନ୍ତ୍ରିତ ହୋଇଥିଲା। ପରେ ସଂକୀର୍ତ୍ତନ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏହି ଅବସରରେ ପୁରୀ ମୁକ୍ତିମଣ୍ଡପର କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ମିଶ୍ର, ବୌଦ୍ଧ ଜିଲା ବ୍ରାହ୍ମଣ ସମାଜ ସଭାପତି ଗୁରୁପ୍ରସାଦ ଦାଶ, ସମ୍ପାଦକ ଦେବାଶିଷ ପୁରୋହିତ, ସିଦ୍ଧେଶ୍ୱର ଆଞ୍ଚଳିକ ବ୍ରାହ୍ମଣ ସମାଜ ସଭାପତି ନୃସିଂହ ଚରଣ ହୋତା, ଉପଦେଷ୍ଟା ମାନସ ପୁରୋହିତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାପତି କ୍ଷେତ୍ରବାସୀ ସ୍ୱାଇଁ ଓ ରକ୍ମିଣୀ ସ୍ୱାଇଁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ରାକେଶ ମିଶ୍ର, ପୁରୁଷୋତ୍ତମ ନନ୍ଦ, ସରୋଜ କୁମାର ଦାଶ, ସଞ୍ଜୀବ କୁମାର ପଣ୍ଡା, ଜ୍ଞାନରଞ୍ଜନ ଯୋଶୀ, ସୁଦାମ ପାଣିଗ୍ରାହୀ, ଶ୍ରୀଧର ପୁଝାରୀ ପ୍ରମୁଖ ପୂଜା କରିଥିଲେ। ମହାଦେବ ମନ୍ଦିରରେ ପୂଜକଙ୍କ ଦ୍ୱାରା ଜଳାଭିଷେକ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରବଚନ, ସଂକୀର୍ତ୍ତନ ଓ ସୁନ୍ଦରାକାଣ୍ଡ ପାଠ ହୋଇଥିଲା। ଗଗନ ମିଶ୍ର ପ୍ରବଚନ ଦେଇଥିବାବେଳେ ରୋଜି ବରିହା ସଂକୀର୍ତ୍ତନ ଏବଂ ପ୍ରୀତିରାଣି ପ୍ରଧାନ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ଓଡ୍ର ଓଡ଼ିଆ କାଳଞ୍ଜି ସମାଜର ସମ୍ପାଦକ ହାଡିବନ୍ଧୁ ପାଢ଼ୀ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

## ଶିବ, ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଡୁଙ୍ଗୁରିପାଲି, ୩।୫(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବାଙ୍କିପାଲି ଗଣ୍ଡାପଡ଼ାରେ ଗତ ୩୦ତାରିଖଠାରୁ ଆରମ୍ଭ ହୋଇଥିବା ଶିବି ମନ୍ଦିର ଓ ହନୁମାନ ପତିଷ୍ଠା ଉତ୍ସବ ଓ ୧୬ପ୍ରହର ନାମଯଜ୍ଞ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶିବ ମନ୍ଦିର ପତିଷ୍ଠା ଉତ୍ସବରେ କର୍ତ୍ତାଭାବେ ବୈଷ୍ଣବ ବାଗ ଓ ତାଙ୍କ ଧର୍ମପତ୍ନୀ ଚନ୍ଦ୍ରକାନ୍ତି ବାଗ, ସୁରେଶ ବାଗ ତାଙ୍କ ପତ୍ନୀ ରୁକ୍ମଣୀ ବାଗ, ଗଣେଶ ନାଗ ତାଙ୍କପତ୍ନୀ ଫଗନି ନାଗ, ରହିତ ବାଗ ଓ ତାଙ୍କ ପତ୍ନୀ ରିତା ବାଗ, ସୁରେନ୍ଦ୍ର ନାଗ ତାଙ୍କ ପତ୍ନୀ ମିନ ନାଗ, ସିଦ୍ଧି ବାଗ ତାଙ୍କ ପତ୍ନୀ ଲକ୍ଷ୍ମୀ ବାଗ, ରାତୁ କୁମ୍ଭାର ତାଙ୍କ ପତ୍ନୀ ଜୟନ୍ତୀ କୁମ୍ଭାର ଦାୟିତ୍ୱ ତୁଲାଇଥିଲେ। ସେହିପରି ହନୁମାନ ମନ୍ଦିର ପତିଷ୍ଠା ଉତ୍ସବରେ କର୍ତ୍ତାଭାବେ ଚକ୍ର ସିକା ତାଙ୍କ ପତ୍ନୀ ସବିତା ସିକା ଓ ରାଜେଶ ସିକା ତାଙ୍କ ପତ୍ନୀ ନିକିତା ସିକା ଦାୟିତ୍ୱ ନିର୍ବାହ କରିଥିଲେ। ଏଥିସହ ୧୬ ପ୍ରହର ନାମଯଜ୍ଞ ହୋଇଥିଲା। କର୍ତ୍ତାଭାବେ ଗୋପ ବାଗ ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ବାଗ ଦାୟିତ୍ୱ ତୁଲାଇଥିଲେ। ଜୁଲୁଣ୍ଡା ଗ୍ରାମର ମହିଳା କୀର୍ତ୍ତନ ଉଦଣ୍ଡଦଳ, ବ୍ରାହ୍ମଣୀପାଲି, ଗୁଲୁଣ୍ଡା ଓ ଚମ୍ପାଡୁଲୀ ଗ୍ରାମର କୀର୍ତ୍ତନ ଦଳ ଅଂଶଗ୍ରହଣ କରି ନାମଯଜ୍ଞ ପରିବେଷଣ କରିଥିଲେ। ନାମଯଜ୍ଞରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ସାମିଲ ହୋଇ ବିଭୁକୃପା ଲାଭ କରିଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ପ୍ରକାଶ ହାତୀ, ସୁଦାମ ସାହୁ, ଦୀନବନ୍ଧୁ ସୁନାଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାମଯଜ୍ଞ କମିଟିର କନିଷ୍ଠ ଦୀପ, ଭୁଟ ସିକା, କୃଷ୍ଣ ନାଗ, ସୁମିତ୍ରୀ ସିକା, ପଞ୍ଚା କୁମ୍ଭାର ପ୍ରମୁଖ ସହଯୋଗ କରିଥିଲେ।

## ମହୁରି ବାଦକ ବଟ ସୁନାଙ୍କ ପରଲୋକ

**ସୋନପୁର,୩।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ରାଇପାଲି ଗ୍ରାମର ବିଶିଷ୍ଟ ମହୁରି ବାଦକ ବଟ ସୁନାଙ୍କ ଶନିବାର ଅପରାହ୍ନରେ ପରଲୋକ ହେଇଯାଇଛି।


ବଟ ସୁନା।

ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସେ କିଛି ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁ ଖବର ପଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କଳାକାର ତାଙ୍କ ଶେଷଦର୍ଶନ କରିଥିଲେ। ସେ ନିଶାନ କଳା ସଂସଦର ବରିଷ୍ଠ କଳାକାର ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ଜିଲା ତଥା ରାଜ୍ୟସ୍ତରରେ ସେ ଶତାଧିକ କାର୍ଯ୍ୟକ୍ରମ ପରିବେଷଣ କରି ପ୍ରଶଂସିତ ହୋଇଛନ୍ତି। ଜାନୁୟାରୀ ମାସରେ ପର୍ଶରୀ ଅନୁଷ୍ଠାନ ତରଫରୁ ତାଙ୍କୁ ପର୍ଶରୀ ଲୋକକଳା ସମ୍ମାନରେ ସମ୍ମାନିତ କରା ଯାଇଥିଲା। ଦୀର୍ଘ ବର୍ଷରୁ ସେ ବିବାହ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମୁହୁରୀ ବାଦନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସେ ମୁହୁରୀ ଶିକ୍ଷାଦାନ ଦେଇ ଅନେକ ଶିଷ୍ୟ ସୃଷ୍ଟି କରି ମହୁରିର ପ୍ରଚାର ପ୍ରସାର କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ ଚନ୍ଦ୍ର ସୁନା, ବିଶ୍ୱାମିତ୍ର ସୁନା, ବୋହୂ ଯଶୋଦା ସୁନା, ହେମକାନ୍ତି ସୁନା, ସୁମିତ୍ରା ସୁନା, ନାତୁଣୀ ପୁଷ୍ପା ସୁନା, କରିନା ସୁନା, ମଞ୍ଜୁଳା ସୁନା ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ଚନ୍ଦ୍ର ସୁନା ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଅଞ୍ଚଳବାସୀ ଓ କଳାକାରଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।

## ୨୦ କେଜି ଗଞ୍ଜେଇ ଜବତ, ୨ ଗିରଫ

**ବୌଦ୍ଧ,୩।୫(ଅଜିତ କୁମାର ବାରିକ)**

ଗଞ୍ଜେଇ ଚାଲାଣ ଅଭିଯୋଗରେ ବୌଦ୍ଧ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଉତ୍ତରପ୍ରଦେଶର କାନପୁର ଜିଲା ନୂଆବସ୍ତା ଥାନା ଅନ୍ତର୍ଗତ କଚେରି ବସ୍ତି ଆବାସ ବିକାଶ ଗ୍ରାମର ଭିମଲ ଗୌତମ(୨୪) ଏବଂ ମଉ ଜିଲା ସରାଇଲାଖାନସି ଥାନା ଅନ୍ତର୍ଗତ ଅମରାହାଟ ଗ୍ରାମର ବନ୍ଦନା ରାୟ(୪୭)। ଉଭୟଙ୍କଠାରୁ ୨୦କେଜି ୪୭୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ.୨୨୮/୨୫) ରୁଜୁ କରି ଶନିବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ବୌଦ୍ଧ ଥାନା ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଗତ ଶୁକ୍ରବାର ପୋଲିସ ପେଟ୍ରୋଲିଂ କରୁଥିଲା ବେଳେ ବୌଦ୍ଧ ଆଦର୍ଶ ବିଦ୍ୟାଳୟ ନିକଟରେ ୨ଜଣ ଏକ ଜରିବସ୍ତା ଧରି ଛିଡା ହୋଇଥିଲେ। ପୋଲିସ ସନ୍ଦେହରେ ସେମାନଙ୍କୁ ପଚରାଉଚୁରା କରିଥିଲା। ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ପୋଲିସ ସେମାନଙ୍କ ଜରିବ୍ୟାଗ ଯାଞ୍ଚ କରିବାରୁ ସେଥିରୁ ୨୦ କିଲୋ୪୭୦ଗ୍ରାମଗଞ୍ଜେଇବାହାରିଥିଲା।

## କାଳବୈଶାଖୀ, ଆମ୍ବ ଚାଷୀ କ୍ଷତିଗ୍ରସ୍ତ

**ବୀରମହାରାଜପୁର,୩।୫(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଶନିବାର ସନ୍ଧ୍ୟାରେ କାଳ ବୈଶାଖୀ ପ୍ରଭାବରେ ପ୍ରବଳ ପବନ ସହିତ ବର୍ଷା ହୋଇଥିଲା। ଏଥିଯୋଗୁ ଅନେକ ସ୍ଥାନରେ ଗଛ ଭାଙ୍ଗି ଯାଇଥିଲା। ସବୁଠାରୁ ଅଧିକକ୍ଷତିଗ୍ରସ୍ତ ହୋଇଛନ୍ତି ଆମ୍ବ ଚାଷୀ। ପବନ ଯୋଗୁ ଆମ୍ବ ଝଡ଼ି ପଡିଥିବା ଲାଡୁରପେଟର ଆମ୍ବଚାଷୀ ଋଷି ନାଥ ମହାକୁଡ଼, ରଣାପାଲିର ପ୍ରକାଶ ସାହୁ, ଦେଉଳମୁଣ୍ଡାର ସତ୍ୟ ନାରାୟଣ ଚାନ୍ଦ, ଭାଲିଆପଦରର ଶ୍ୟାମ ସୁନ୍ଦର ପଣ୍ଡା କହିଛନ୍ତି। ଉଦ୍ୟାନ ବିଭାଗ ତରଫରୁ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଝଡ, ତୋଫାନ ଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି।

## ଭାରତୀୟ ନାଗରିକ ସୁରକ୍ଷା ସଂହିତା ଉପରେ ସଚେତନତା ଶିବିର

**ହରଭଙ୍ଗା,୩।୫(ନରେନ୍ଦ୍ର କୁମାର ସାହୁ)**

ହରଭଙ୍ଗା ତାଲୁକା ଆଇନ ସେବା କମିଟି ପକ୍ଷରୁ ବୌଦ୍ଧ ଜିଲା ଚାରିଛକସ୍ଥିତ କୋର୍ଟ ପରିସରରେ ଶନିବାର ଭାରତୀୟ ନାଗରିକ ସୁରକ୍ଷା ସଂହିତା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା ହରଭଙ୍ଗା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ପ୍ରୀତିଶ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ସାମଲ ନୂତନ ଆଇନ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଉପରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ସରକାରୀ ଓକିଲ ଅଜିତ ପରିଡ଼ା, ହରଭଙ୍ଗା ଥାନାଧିକାରୀ ନଳିନୀକାନ୍ତ ଦାସ, ପୁରୁଣାକଟକ ଥାନାଧିକାରୀ ଅରୁଣ କୁମାର ସିଂ, ଆଇନଜୀବୀ ରଞ୍ଜିତ କୁମାର ପ୍ରଧାନ, ଦିଲୀପ ପଲିଆ, ସୌମ୍ୟରଞ୍ଜନ ପ୍ରଧାନ, ଦେବେନ୍ଦ୍ର ନାଏକ, ବନମାଳୀ ଦାସ, କୋର୍ଟ କର୍ମଚାରୀ ସୁମନ୍ତ ପ୍ରଧାନ, ପ୍ରଭୁଦତ୍ତ ଛତ୍ରିଆ, ଦୁମନାଥ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



ସଚେତନତା ଶିବିରରେ ଉପସ୍ଥିତ ପ୍ରଥମ ଶ୍ରେଣୀ ଦଣ୍ଡାଧୀଶ ଓ ଅନ୍ୟମାନେ।

## ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

**ଡୁଙ୍ଗୁରିପାଲି, ୩।୫(ଦୀନବନ୍ଧୁ ସୁନା)**



ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି ।

**ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ବୈଠକ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ବୈଠକ ଶନିବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅହଲ୍ୟା ସାହୁ ସଭାପତିତ୍ୱ କରିଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ହେମନ୍ତ ବିଶ୍ୱାଳ, ବିଧାୟକଙ୍କ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, ରାମପୁର ଜୋନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ଭୋଇ, ଡୁଙ୍ଗୁରିପାଲି ଜୋନ ଜିଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝୀ, ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ପରିମଳ ଓ ପାନୀୟଜଳ ଯୋଗାଣ ଯନ୍ତ୍ରୀ ହିମାଦ୍ରୀ ପଧାନ, ଯୋଗାଣ ନିରୀକ୍ଷକ ସୁବ୍ରତ କୁମାର ପାଣି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବ ବୈଠକର କାର୍ଯ୍ୟଖସଡ଼ା ବିବରଣୀ ପଠନ କରାଯାଇଥିଲା। ବିଡ଼ିଓ ଦିଲୀପ କୁମାର ବାଡା ବୈଠକ ପରିଚାଳନା କରି ଯୋଜନାଗୁଡିକର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରେ ହେଉଥିବା ଏମ୍‌ଜିଏନ୍‌ଆରଇଜିଏସ୍ କାମ ଯେପରି ଲୋକେ ପାଇପାରିବେ ତାହା ଉପରେ ଧ୍ୟାନ ଦେବାକୁ ସେ ଜୋର ଦେଇଥିଲେ। ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚିବା ଦିଗରେ ସମସ୍ତ ଜନ ପ୍ରତିନିଧି କାମ କରିବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ବ୍ଲକର ପ୍ରତି ପଞ୍ଚାୟତରେ ହେଉଥିବା ବିଭିନ୍ନ ଯୋଜନାରେ କାମ ତଦାରଖ କରିବାରେ ଯନ୍ତ୍ରୀ ଅଭାବ ସମସ୍ୟା ବୈଠକରେ ଆଲୋଚନା ପରିସରକୁ ଆସିଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ସମିତି ସଭ୍ୟାସଭ୍ୟ, ସରପଞ୍ଚ, ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। ଆଗାମୀ ଆର୍ଥିକ ବର୍ଷରେ ହେବାକୁ ଥିବା ପଞ୍ଚାୟତଗୁଡ଼ିକରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା ମଞ୍ଜୁରର କରିବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ରାସ୍ତାଘାଟ ନିର୍ମାଣ, ଗମନାଗମନ, ପଶୁ ପାଳନ, ମହିଳା ଓ ଶିଶୁ ବିକାଶ, ଆବାସ ଯୋଜନା, ରାସନ କାର୍ଡ ବଣ୍ଟନ ଉପରେ ଆଲୋଚନା ହୋଇଥିଲା। ସରପଞ୍ଚମାନେ ନିଜ ପଞ୍ଚାୟତରେ ଯେପରି ଉନ୍ନୟନମୂଳକ କାର୍ଯ୍ୟହେବ ଓ ବିଭିନ୍ନ ସମସ୍ୟା ନେଇ ମତ ରଖିଥିଲେ। ଜିପିଓ ଦେବାଶିଷ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପା ବନ୍ଧମୁଣ୍ଡା ମଣ୍ଡଳ କମିଟି ଘୋଷଣା

ରାଉରକେଲା,୩।୫(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ସାଙ୍ଗଠନିକ ଜିଲା ଭାଜପା ସଭାନେତ୍ରୀ ପୂର୍ଣ୍ଣିମା କେର୍କେଟାଙ୍କ ଅନୁମୋଦନ କ୍ରମେ ଶନିବାର ବନ୍ଧମୁଣ୍ଡା ମଣ୍ଡଳର ପୂର୍ଣ୍ଣାଙ୍ଗ କମିଟି ଘୋଷଣା କରାଯାଇଛି। ମଣ୍ଡଳରୁ ଜିଲା ପାଇଁ ଜଣେ ପ୍ରତିନିଧିଙ୍କ ସମେତ ୧୬ ଅଧିକାରୀ, ୭ ମୋର୍ଚ୍ଚା ସଭାପତି, ୩ ଶକ୍ତିକେନ୍ଦ୍ର ପ୍ରମୁଖ ଓ ୪୫ ମଣ୍ଡଳ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ମଣ୍ଡଳରୁ ଜିଲା ପ୍ରତିନିଧି ଅଶୋକ ହାଲୱାଇ ରହିଥିବାବେଳେ ଲଖନ ଲୋହାର ସଭାପତି, ଧର୍ମେନ୍ଦ୍ର ଦୁବେ, ଗଣେଶ ବିଶ୍ୱାଳ, ଦୁଃଖିନାଥ ଚୌଧୁରୀ, ଲକ୍ଷ୍ମୀ ଥାପା, ସୁଜିତ ପରିଡା ଓ ସଂଗ୍ରାମ ପ୍ରଧାନ ଉପସଭାପତି ରହିଛନ୍ତି। ହରି ଡୋରା, ଜଗଦୀଶ ଶତପଥୀ ସାଧାରଣ ସମ୍ପାଦକ, ସନ୍ତୋଷ ବରୱା, କାଜଲ ସିହ୍ନା, ପ୍ରବୀର ମିତ୍ର, ଜୟା ସିଂହ, ମୋନା ଲାକ୍ରା, ବାଲି ମୁଖୀ ସମ୍ପାଦକ ଏବଂ ପଙ୍କଜ କୁମାର ଲାଲଙ୍କୁ କୋଷାଧ୍ୟକ୍ଷ ଭାବେ ଘୋଷଣା କରାଯାଇଛି। ସେହିପରି ଆଲୋକ ସିଂ ଯୁବମୋର୍ଚ୍ଚା, ମାଳତୀ ସିଂ ମହିଳା ମୋର୍ଚ୍ଚା, ଅର୍ଚ୍ଚନା ଦାସ ଓବିସି ମୋର୍ଚ୍ଚା, ନୀତେଶ ମାଲାକାର କିଷାନ ମୋର୍ଚ୍ଚା, ପ୍ରହ୍ଲାଦ ତନ୍ତୀ ଏସ୍‌ସି ମୋର୍ଚ୍ଚା, ସୋମନାଥ ଗୁଡୁ ଏସ୍‌ଟି ମୋର୍ଚ୍ଚା, ରୀନା କୌରଙ୍କୁ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ନିଯୁକ୍ତ କରାଯାଇଛି। ଖୁବ୍‌ଶୀଘ୍ର ନିଜ ମୋର୍ଚ୍ଚାର କମିଟି ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ପୂରଣ ହେଉନି ଚାଉଳ ଟାର୍ଗେଟ୍

ରାଉରକେଲା,୩।୫(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପାନପୋଷ କୃଷି ଜିଲାରେ ୨୦୨୪-୨୫ ଖରିଫ ଧାନକିଣାକୁ ୪ମାସ ବିତିଛି। ଏପର୍ଯ୍ୟନ୍ତ ଭାରତୀୟ ଖାଦ୍ୟ ନିଗମ ଏବଂ ରାଜ୍ୟ ଖାଦ୍ୟ ନିଗମ ଅଧୀନ ଗୋଦାମକୁ ରାଇସ୍ ମିଲ୍‌ଗୁଡ଼ିକରୁ ଟାର୍ଗେଟ ମୁତାବକ ଚାଉଳ ଆସିପାରିନାହିଁ। ଏଭଳି ସ୍ଥିତି ଜାରି ରହିଲେ ଆଗକୁ ସରକାରଙ୍କ ଯୋଜନା ପ୍ରଭାବିତ ହେବା ଆଶଙ୍କା ରହିଛି।

ସୂଚନା ଅନୁସାରେ, ୨୦୨୪-୨୫ ଖରିଫ ଋତୁରେ ପାନପୋଷ କୃଷି ଜିଲାରେ ଗତ ଜାନୁଆରୀ ୨୧ତାରିଖରୁ ଧାନକିଣା ଆରମ୍ଭ ହୋଇ ମାର୍ଚ୍ଚ ୩୧ ତାରିଖରେ ଶେଷ ହୋଇଥିଲା। ଏହି ସମୟ ମଧ୍ୟରେ ଜିଲାର ୬ହଜାର ୪୩୬ଜଣ ଚାଷୀ ଖରିଫ ଧାନ ବିକ୍ରି କରିଥିଲେ। ଏହି ଧାନକୁ ଉଠାଇ ଚାଉଳ ପ୍ରସ୍ତୁତ କରିବା ପାଇଁ ୧୨ରୁ ଊର୍ଦ୍ଧ୍ୱ ରାଇସ୍ ମିଲ ମାଲିକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ୧୩ଟି ଲ୍ୟାମ୍ପସ ଓ ଗୋଟିଏ ଏସ୍‌ଏଚ୍‌ଜି ମାଧ୍ୟମରେ ରାଇସ ମିଲ୍‌ଗୁଡ଼ିକ ଧାନ ଉଠାଇଥିଲେ। ଉକ୍ତ ରାଇସ ମିଲ୍‌ଗୁଡ଼ିକୁ ୧ଲକ୍ଷ ୨୦ହଜାର କୁଇଣ୍ଟାଲ ଚାଉଳ ପ୍ରସ୍ତୁତ କରି ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)ରେ ଜମା କରିବାକୁ ଟାର୍ଗେଟ ଦିଆଗଲା। ମାତ୍ର ଖରିଫ ଋତୁ ଧାନକିଣା ଶେଷ ହେବାର ଏକ ମାସରୁ ଊର୍ଦ୍ଧ୍ୱ ସମୟ ବିତିସାରିଥିଲେ ସୁଦ୍ଧା ଏଯାଏ ସରକାରୀ ଗୋଦାମକୁ ଟାର୍ଗେଟ୍ ମୁତାବକ ଚାଉଳ ଆସିପାରିନାହିଁ। ମାତ୍ର ୬୭ ହଜାର କୁଇଣ୍ଟାଲ ଚାଉଳ ରାଉରକେଲା ଏଫ୍‌ସିଆଇ ଗୋଦାମରେ ଜମା ହୋଇଛି। ତୁରନ୍ତ ଗୋଦାମକୁ ପର୍ଯ୍ୟାପ୍ତ ଚାଉଳ ନ ଆସିଲେ ଆଗକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ବିଶେଷ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।



ଏସ୍‌ଟିଆଇସ୍ଥିତ ଏଫ୍‌ସିଆଇ ଗୋଦାମ।

**ଖରିଫ ଧାନକିଣାକୁ ୪ମାସ ବିତିଲା**
- ଜମା ହୋଇଛି ମାତ୍ର ୬୭ ହଜାର କୁଇଣ୍ଟାଲ
- ସରକାରୀ ଯୋଜନା ପ୍ରଭାବିତ ହେବା ଆଶଙ୍କା

ଅନ୍ୟପକ୍ଷେ ରାଉରକେଲାରେ ୩ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ନୂତନ ରାଶନ କାର୍ଡ ପାଇବାକୁ ଯାଉଛନ୍ତି। କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ବର୍ତ୍ତମାନ ସହରରେ ୬୬ହଜାର ୪୨୯ଜଣ କାର୍ଡଧାରୀ ରହିଥିବା ବେଳେ ଏହାଦ୍ୱାରା ୨ଲକ୍ଷ ୨୧ହଜାର ୨୩୭ଜଣ ଉପକୃତ ହେଉଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ସହରର ୧୬୮ଜଣ କାର୍ଡଧାରୀ ଥିବା ବେଳେ ୬୦୩ ଉପକୃତ ହେଉଛନ୍ତି। ଏଣୁ ଚଳିତ ମେ ମାସଠାରୁ ଏନ୍‌ଏଫ୍‌ଏସ୍‌ଏରେ ମାସିକ ୧୦୯୯୭.୧୮ କୁଇଣ୍ଟାଲ ଓ ଏସ୍‌ଏଫ୍‌ଏସ୍‌ଏସ୍‌ରେ ମାସିକ ୨୧.୮୯ କୁଇଣ୍ଟାଲ ଚାଉଳ ଦରକାର ହେବ। ରାଇସ ମିଲ ଗୁଡିକ ସରକାରଙ୍କ ଏଫ୍‌ସିଆଇ ଗୋଦାମରେ ଟାର୍ଗେଟ୍ ମୁତାବକ ଚାଉଳ ଜମା କରି ନ ଥିବାରୁ ଏହା ଚିନ୍ତାର ବିଷୟ ପାଲଟିଛି। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଅଜୟ କୁମାର ରଥଙ୍କୁ ପଚାରିବାରୁ ସେ କହିଲେ, ୩ ମାସ ପୂର୍ବରୁ ଧାନ ସଂଗ୍ରହ କରି ମିଲ୍‌ଗୁଡ଼ିକୁ ପ୍ରଦାନ କରାଯାଇଛି। ମାତ୍ର ସରକାରଙ୍କ ଗୋଦାମକୁ ପୂର୍ଣ୍ଣମାତ୍ରାରେ ଚାଉଳ ଆସିପାରିନାହିଁ। ଏଣୁ ଆଗକୁ ଶୀଘ୍ର ଯେଭଳି ରାଇସ୍ ମିଲ୍‌ଗୁଡ଼ିକରୁ ସରକାରଙ୍କ ଗୋଦାମକୁ ଚାଉଳ ଆସିବ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରଥ କହିଥିଲେ।

# କାରଖାନାସ୍ତରୀୟ କୁଇଜ୍‌ରେ ଅଂଶଗ୍ରହଣ କଲେ ୧୧ଦଳ



କୁଇଜ ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।

ରାଉରକେଲା,୩।୫(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଜ୍ଞାନାର୍ଜନ ଏବଂ ବିକାଶ କେନ୍ଦ୍ରରେ ଗତ ଏପ୍ରିଲ ୨୬ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମ୍ୟାନେଜମେଣ୍ଟ ଓ ବିଜିନେସ କୁଇଜ୍ (ଏମ୍‌ବିକ୍ୟୁ) ସମୃଦ୍ଧିର କାରଖାନାସ୍ତରୀୟ ପ୍ରାରମ୍ଭିକ ରାଉଣ୍ଡ ସଫଳତାର ସହ ଆୟୋଜନ ହୋଇଥିଲା। ଆଇନ ବିଭାଗର ସିଜିଏମ୍ ଡ. ଚିନ୍ମୟ ସମାଜଦାର ଏବଂ ଏଚ୍‌ଆର୍-ଏଲ୍‌ଏଣ୍ଡଡି ବିଭାଗର ସିଜିଏମ ପି. କେ. ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୁଇଜରେ ସାମ୍ପ୍ରତିକ ବ୍ୟବସାୟ ବିକାଶ, ଉଦୀୟମାନ ପରିଚାଳନାଗତ ଧାରଣା, ପ୍ରସିଦ୍ଧ ବ୍ୟବସାୟିକ ବ୍ୟକ୍ତିତ୍ୱ ଓ ସେଲ୍‌ର ଇତିହାସ ସମେତ ବିଭିନ୍ନ ବିଷୟ ସାମିଲ ହୋଇଥିଲା। ପ୍ରତିଯୋଗିତାରେ ୧୧ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଦଳରେ ଦୁଇଜଣ ମହିଳା କର୍ମଚାରୀ ଥିଲେ। ଏହି କୁଇଜ ଲିଖିତ ରାଉଣ୍ଡ ଏବଂ ମୌଖିକ ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା। ସିସିଡବ୍ଲ୍ୟୁ ବିଭାଗର ଏଜିଏମ୍ ସୁଶ୍ରୀ ଦିବ୍ୟା ଦାଶ ଏବଂ ଆଇଏଣ୍ଡଏ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ରୋଜାଲିନ ଦାଶ ୧ମ ସ୍ଥାନ ହାସଲ କରିଥିଲେ। କୋକ୍ ଓଭେନ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ତନୁଶ୍ରୀ ପରିଡା ଏବଂ ଏଚ୍‌ଆର ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ମାରିଆ ସିନ୍ଧୁର ଦ୍ୱିତୀୟ ଓ ପିପିଆଣ୍ଡସି ବିଭାଗର ଏଜିଏମ ସୁଶ୍ରୀ ଗ୍ଲୋରିଆ ପଣ୍ଡା ଏବଂ ମାଇନ୍ସ-କୋର୍ଡିନେଶନ ବିଭାଗର ଏଜିଏମ ସୁଶ୍ରୀ ଆଡ୍ରିକା ଚନ୍ଦ୍ରା ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରଥମ ରାଉଣ୍ଡର ଶ୍ରେଷ୍ଠ ୨ଟି ଦଳ ସେଲ୍ କର୍ପୋରେଟ ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ର ମାଧ୍ୟମରେ ହେବାକୁ ଥିବା ଚୂଡାନ୍ତ ରାଉଣ୍ଡରେ ଆର୍‌ଏସ୍‌ପିର ପ୍ରତିନିଧିତ୍ୱ କରିବେ। ଏଚ୍‌ଆର ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ର ଡିଜିଏମ୍ କେ. କେ. ଜଶୱାଲ ଏବଂ ଡେପୁଟି ମ୍ୟାନେଜର ଏସ୍. କେ. ଶୁକ୍ଳା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅଶୋକ କୁମାର ପଣ୍ଡା ସେଲ୍ ଅର୍ଥ ବିଭାଗ ନିର୍ଦ୍ଦେଶକ


ଅଶୋକ କୁମାର ପଣ୍ଡା।

ରାଉରକେଲା,୩।୫(ବିପ୍ଳବ ରଞ୍ଜନ ଦାଶ)

ସେଲ୍ ଅର୍ଥ ବିଭାଗର ନିର୍ଦ୍ଦେଶକ ଭାବେ ଡ. ଅଶୋକ କୁମାର ପଣ୍ଡା ଗତ ଏପ୍ରିଲ ୩୦ ତାରିଖରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡକ୍ଟର ପଣ୍ଡା ସେଲ୍‌ରେ ୧୯୯୨ରେ ଜଣେ ମ୍ୟାନେଜମେଣ୍ଟ ଟ୍ରେନି ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ସେ ତତ୍କାଳୀନ ୟୁସିଇ, ବୁର୍ଲା ତଥା ବର୍ତ୍ତମାନର ବୀର ସୁରେନ୍ଦ୍ର ସାଏ ଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ତଥା ଏକ୍ସଆଇଏମ୍‌ବି ଭୁବନେଶ୍ୱରରୁ ଆର୍ଥିକ ପରିଚାଳନାରେ ସ୍ନାତକୋତ୍ତର ଡିପ୍ଲୋମାଧାରୀ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ବ୍ୟବସାୟ ପ୍ରଶାସନରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି। ଡ. ପଣ୍ଡା କଠିନ ଅଧ୍ୟବସାୟ, ପ୍ରତିବଦ୍ଧତା ଏବଂ ସମର୍ପଣ ଭାବ ଯୋଗୁ କ୍ରମାଗତ ପଦୋନ୍ନତି ଲାଭ କରିଥିଲେ। ୨୦୧୮ରେ ତାଙ୍କୁ ଜେନେରାଲ ମ୍ୟାନେଜର ଭାବେ ସେଲ୍‌ରେ ପଦୋନ୍ନତି ସହ ନୂଆଦିଲ୍ଲୀ କର୍ପୋରେଟ ଅଫିସରେ ନିଯୁକ୍ତି ଦିଆଯାଇଥିଲା। ଡ. ପଣ୍ଡା ଭିଲାଇ ଇସ୍ପାତ କାରଖାନାର ଅର୍ଥ ବିଭାଗ ସିଜିଏମ୍ ଇନ୍‌ଚାର୍ଜ ଭାବେ ବଦଳି ହୋଇଥିଲେ ଏବଂ ପରେ ନୂଆଦିଲ୍ଲୀସ୍ଥିତ ସେଲ୍ କର୍ପୋରେଟ ଅଫିସରେ ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇଥିଲେ। ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେଲ୍‌ର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଡ. ପଣ୍ଡା କର୍ପୋରେଟ ଦାୟିତ୍ୱ ବ୍ୟତୀତ ସେଲ୍‌ର ଅନେକ ଯୌଥ ଉଦ୍ୟୋଗ ଏବଂ ସହାୟକ କମ୍ପାନୀ ବୋର୍ଡରେ ଜଣେ ପ୍ରତିନିଧି ନିର୍ଦ୍ଦେଶକ ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଆର୍ଥିକ କ୍ଷେତ୍ରରେ ତାଙ୍କର ସଫଳତା ବ୍ୟତୀତ ଖଣି, କାରଖାନା ପରିଚାଳନା, ପ୍ରକଳ୍ପ ଆଦି କ୍ଷେତ୍ରରେ ପ୍ରମୁଖ ଅବଦାନ ରହିଛି। ବ୍ୟୟ ପରିଚାଳନାରେ ଉତ୍କର୍ଷତା ପାଇଁ ୨୦୧୨ରେ ତାଙ୍କୁ ଜବାହାର ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

# ସୁନ୍ଦରଗଡ଼ ଜିଲା ଲେଖକ ସାମ୍ମୁଖ୍ୟର ୧୭ତମ ବାର୍ଷିକୋତ୍ସବ


ବାର୍ଷିକୋତ୍ସବରେ ଜଣେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ରାଉରକେଲା,୩।୫(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରର ଅନ୍ୟତମ ସାହିତ୍ୟାନୁଷ୍ଠାନ ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟର ୧୭ତମ ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ସଭା ସେକ୍ଟର-୫ ସ୍ଥିତ ଆଦର୍ଶ ସାହିତ୍ୟ ଘରଠାରେ ଶନିବାର ପାଳିତ ହୋଇଯାଇଛି। ଏଥିରେ ସାମ୍ମୁଖ୍ୟ ସଭାପତି ଭୂପେନ ମହାପାତ୍ର ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦିକା ରଶ୍ମିବାଳା ରାଉତରାୟଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ଭାରତ ଭୂଷଣ ମହାନ୍ତି ମୁଖ୍ୟଅତିଥି, ପ୍ରାବନ୍ଧିକ ଗଗନ ବିହାରୀ ଧଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ 'ଅନ୍ଧବିଶ୍ୱାସ ଓ କୁସଂସ୍କାର ଘେରରେ ସମାଜ' ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଇଂ. ମହାନ୍ତି ତାଙ୍କ ବକ୍ତବ୍ୟରେ ଆଧାତ୍ମିକ ବି ସାହିତ୍ୟ। ସନାତନ ଧର୍ମରେ ଅନ୍ଧବିଶ୍ୱାସ ନ ଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା ଧଳ ତାଙ୍କ ବକ୍ତବ୍ୟରେ କହିଲେ, ଓଡ଼ିଶାର ସମାଜ ଓ ସଭ୍ୟତା ଆରମ୍ଭରୁ ବହୁ ପରିବର୍ତ୍ତନ ହୋଇଛି। ସମାଜରେ ଶୋଷଣ ଆରମ୍ଭ ହେବା ପରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ଆରମ୍ଭ ହୋଇଛି। ଏହାସହ ବୈଜ୍ଞାନିକ ଚିନ୍ତାଧାରା, ବିବର୍ତ୍ତନ ମାଧ୍ୟମରେ ମଣିଷର ସୃଷ୍ଟି ସମ୍ପର୍କରେ ଧଳ ଆଲୋଚନା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଉପଦେଷ୍ଟା ଅଭୟ କୁମାର ଦାସ, ଆଶ୍ରୟର ସମ୍ପାଦକ ଲୋକନାଥ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉର୍ବଶୀ ଦାଶ ପତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟ କ୍ଷେତ୍ରରେ ମୀନକେତନ ପଶାୟତ, ଲୋକନାଥ ଦାଶ, ନିରୁପମା ପତି, ଶୁଭାଶିଷ ପାଢ଼ୀ, ମଞ୍ଜୁଳା ରଥ, କାଶୀନାଥ ନନ୍ଦୀ, ସନ୍ତୋଷିନୀ ଦାସଗିରି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିତ୍ତରଞ୍ଜନ ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ ସଭାପତିତ୍ୱ କରିଥିଲେ। କବି ଜ୍ୟୋତ୍ସ୍ନା ନାଏକ ଓ ଉର୍ବଶୀ ଦାଶ ପତିଙ୍କ ସଂଯୋଜନାରେ ସହରର ବହୁ କବି କବିତା ପାଠ କରିଥିଲେ। ଏଥିରେ ବହୁ ସାହିତ୍ୟିକ, କବି, ପ୍ରାବନ୍ଧିକ ଯୋଗ ଦେଇଥିଲେ। ଶେଷରେ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଟ୍ରିକ୍ ପରୀକ୍ଷା: ଦୀପିକା ଇସ୍ପାତ ଶିକ୍ଷା ସଦନର ପାସ୍ ହାର ଶତ ପ୍ରତିଶତ

ରାଉରକେଲା,୩।୫(ବିପ୍ଳବ ରଞ୍ଜନ ଦାଶ)

**ଶୁଭଲକ୍ଷ୍ମୀ ସାହୁ ବିଦ୍ୟାଳୟ ଟପ୍ପର**

ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ୍ ପରୀକ୍ଷାରେ କ୍ରମାଗତ ୧୦ମ ବର୍ଷ ପାଇଁ ଆର୍‌ଏସ୍‌ପି ପରିଚାଳିତ ଦୀପିକା ଇସ୍ପାତ ଶିକ୍ଷା ସଦନ ଶତ ପ୍ରତିଶତ ପାସ୍‌ହାର ହାସଲ କରିଛି। ଚଳିତ ବର୍ଷ ୮୬ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୬ଜଣ ପ୍ରଥମ, ୩୧ଜଣ ଦ୍ୱିତୀୟ ଓ ୨୯ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶୁଭଲକ୍ଷ୍ମୀ ସାହୁ ୫୨୧ନମ୍ବର ସହ ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସୁପ୍ରଭା ତାଣ୍ଡି ୫୦୧ ନମ୍ବର ସହ ଦ୍ୱିତୀୟ ସ୍ଥାନ ଓ ଶ୍ରୁତିସ୍ମିତା ପଟ୍ଟନାୟକ ୪୯୭ ନମ୍ବର ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ୫ ଛାତ୍ରୀଛାତ୍ର ଏ-୨ ଗ୍ରେଡ୍ ପାଇଛନ୍ତି। ସେହିଭଳି ୭ଜଣ ଛାତ୍ରୀଛାତ୍ର ବି-୧ ଓ ୧୪ଜଣ ଛାତ୍ରୀଛାତ୍ର ବି-୨ ଗ୍ରେଡ୍ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ଦୀପିକା ଇସ୍ପାତ ଶିକ୍ଷା ସଦନ ୨୦୦୭ରେ ସ୍ଥାପିତ ହୋଇଥିଲା। ଏହାର ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ର ୨୦୧୬ରେ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ପାସ୍‌ହାର ହାସଲ କରିଥିଲେ। ଇସ୍ପାତ ସହରର ଅନ୍ୟ କୌଣସି ବିଦ୍ୟାଳୟ ସମକକ୍ଷ ଏହି ବିଦ୍ୟାଳୟରେ ସୁବିଧା ଉପଲବ୍ଧ ରହିଛି। ଉକ୍ତ ବିଦ୍ୟାଳୟରେ ନିଃଶୁଳ୍କ ଶିକ୍ଷାଦାନ ସହ ଛାତ୍ରୀଛାତ୍ରମାନଙ୍କୁ ମାଗଣା ସ୍କୁଲ ୟୁନିଫର୍ମ, ଶୀତ ବସ୍ତ୍ର, ଜୋତା, ବ୍ୟାଗ୍ ଓ ଅନ୍ୟ ସମସ୍ତ ଆବଶ୍ୟକ ପାଠ୍ୟ ଉପକରଣ ପ୍ରଦାନ କରାଯାଉଛି। ଅକ୍ଷୟ ପାତ୍ର ଫାଉଣ୍ଡେଶନ ମାଧ୍ୟମରେ ପିଲାମାନଙ୍କୁ ପୃଷ୍ଟିକର ମଧ୍ୟାହ୍ନ ଭୋଜନ ମଧ୍ୟ ଯୋଗାଇ ଦିଆଯାଉଛି। ଏହାବ୍ୟତୀତ ବିଦ୍ୟାଳୟରେ ଶିକ୍ଷାଦାନ ମାନରେ ଅଧିକ ଉନ୍ନତି ପାଇଁ ପ୍ରତ୍ୟେକ ବର୍ଷ ନୂତନ ସୁବିଧାମାନ ଯୋଗାଇ ଦିଆଯାଉଛି।


ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର।

# ପହଲଗାମ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୩।୫(ଦିନେଶ ମିଶ୍ର)

ଜମ୍ମୁ କାଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ସମସ୍ତ ପର୍ଯ୍ୟଟକଙ୍କୁ ୱାଇଏମ୍‌ଏଫ୍‌ଆଇ ରାଉରକେଲା ପକ୍ଷରୁ ଶନିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ୱାଇଏମ୍‌ଏଫଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ଆବାହକତ୍ୱରେ ସନ୍ଧ୍ୟାରେ ଆମ୍ବାଗାନ ଛକ ନିକଟରେ ଏହି ଶୋକସଭାରେ ସମାଜସେବୀ ଦୀପକ ଦାଶ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନ୍ତର୍ଜାତୀୟ ମାନବାଧିକାର କାଉନସିଲ୍‌ର ସୁନ୍ଦରଗଡ ଜିଲା ସଭାପତି ଇଞ୍ଜିନିୟର କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶୋକସଭାରେ ବସନ୍ତ କୁମାର ପାଠୀ, ସିଦ୍ଧିନାଥ ଜ୍ୟୋତିଷ, ଅକ୍ଷୟ ଧଳ, ମାନସ ରଞ୍ଜନ ଦାଶ, ସୁମିତ୍ରା ଦାଶ, ନୀତାଞ୍ଜଳି ପରିଡା, ରଶ୍ମିତା ମଲ୍ଲିକ, ଗୌରୀ ନାଗ, ରଶ୍ମିତା ବିଶୋଇ, ପ୍ରିୟଙ୍କା ପାଣି, ସୋନାଲି ସରକାର ପ୍ରମୁଖ ଉପସ୍ଥିତ ରହି ମୃତକଙ୍କ ଆତ୍ମାର ସଦ୍‌ଗତି ପ୍ରାର୍ଥନା କରିଥିଲେ।

# ମାଟ୍ରିକ୍ ପରୀକ୍ଷାରେ ୫୪୫ ନମ୍ବର ରଖିଲେ ଶିବମ୍

ବନ୍ଧମୁଣ୍ଡା,୩।୫(ସୁବ୍ରତ ଦେ)

ରାଉରକେଲା ବନ୍ଧମୁଣ୍ଡା ତିଳକାନଗର ସ୍ଥିତ ଆଚାର୍ଯ୍ୟ ହରିହର ସରକାରୀ ବିଦ୍ୟାଳୟର ଛାତ୍ର ଶିବମ ଡାକୁଆ ମାଟ୍ରିକ୍ ପରୀକ୍ଷାରେ ୫୪୫ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଛନ୍ତି। ଶିବମଙ୍କ ପିତା ବସନ୍ତ କୁମାର ଡାକୁଆ ରାଉଲକେଲା ଷ୍ଟିଲ ପ୍ଲାଣ୍ଟରେ କାମ କରୁଥିବା ବେଳେ ମା' ନର୍ମଦା ଡାକୁଆ ଜଣେ ଗୃହିଣୀ। ଶିବମ ପରୀକ୍ଷାରେ ଭଲ କରିବ ବୋଲି ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆଶା ଥିଲା ବୋଲଇ ଆଚାର୍ଯ୍ୟ ହରିହର ବିଦ୍ୟାଳୟର ପ୍ରଧାନ ଶିକ୍ଷକା ସିମାଙ୍ଗିନୀ ନାଥ କହିଛନ୍ତି। ପରୀକ୍ଷା ଫଳ ଜାଣିବା ପରେ ସ୍ଥାନୀୟ ଲୋକେ ଶିବମଙ୍କ ଘରକୁ ଯାଇ ଶୁଭେଚ୍ଛା ଜଣାଇଛନ୍ତି।

# ରାଉରକେଲା କାରାଗାରକୁ ୨୦ କୁଲର ଦେଲା ଗୃହସ୍ଥୀ

ରାଉରକେଲା,୩।୫(ଦିନେଶ ମିଶ୍ର)

ରାଉରକେଲା ସହରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଥିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିବାବେଳେ ଗୃହସ୍ଥୀ ପରିବାର ପକ୍ଷରୁ ରାଉରକେଲା କାରଗାରର ଅନ୍ତେବାସୀମାନଙ୍କ ପାଇଁ ୨୦ଟିକୁଲର ଶନିବାର ପ୍ରଦାନ କରାଯାଇଛି। ଗୃହସ୍ଥୀର ପ୍ରତିଷ୍ଠାତା ଗଣେଶ ପ୍ରସାଦ ବାଗେଡିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ଏସ୍‌ପି ନୀତେଶ ୱାଧୱାନି ଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲା କାରାଗାର ଅଧୀକ୍ଷକ ଜୀବନ ସିଂ ମୁଣ୍ଡା, ଜେଲର ରତିକାନ୍ତ ଶୁକ୍ଳା, ଉପ ସହାୟକ ଜେଲର ପି. ମଙ୍ଗେଲ, ଅଭୟ କୁମାର ପଟ୍ଟନାୟକ, ବି.ଏମ୍ ଖାଇନ୍, ଡକ୍ଟର ପ୍ରୀତି ବଲ୍ଲଭ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗୃହସ୍ଥୀ ପରିବାରର ନିର୍ଦ୍ଦେଶକ ମଞ୍ଜୁଦେବୀ ବାଗେଡିଆ, ଗୋକୁଲ ବାଗେଡିଆ, ସିଇଓ ଅମିତ ଅଗ୍ରୱାଲ, ଶୁଭ ପଟ୍ଟନାୟକ, ପ୍ରମୋଦ କୁମାର ନୈତୁଲ୍ୟ, ଶ୍ରୀଧର ମଲ୍ଲିକ, ରାଜେଶ ପାତ୍ର, ପ୍ରଫୁଲ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ମୂଲ୍ୟ ନିପୁଣତାରେ ଉନ୍ନତି ଆଣିଲା ରୋଲ୍ ଶପ୍ ବିଭାଗ

**ରାଉରକେଲା ଇସ୍ପାତ କାରଖାନା**

ରାଉରକେଲା,୩।୫(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ରୋଲ୍ ଶପ୍ ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷରେ ମୂଲ୍ୟ ନିପୁଣତା ଏବଂ ବୈଷୟିକ ନବସୃଜନରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଛି। ଉକ୍ତ ବିଭାଗ ନିଜସ୍ୱ ବିବିଧ ପଦକ୍ଷେପ ଓ ପ୍ରକ୍ରିୟା ଉନ୍ନତିର ଏକ ଶୃଙ୍ଖଳା ମାଧ୍ୟମରେ ଯଥେଷ୍ଟ ସଞ୍ଚୟ ହାସଲ କରିଛି। ଏଥିସହ କାରଖାନା ଅପରେଶନରେ ନିର୍ଭରଯୋଗ୍ୟତା ଉନ୍ନତି ଏବଂ ସ୍ଥାୟିତ୍ୱ ପ୍ରୟାସରେ ମଧ୍ୟ ଯୋଗଦାନ ଦେଇଛି। ଏହି କ୍ରମରେ ହଟ୍ ଷ୍ଟ୍ରିପ୍ ମିଲ୍-୨ରେ ରୋଲ୍ ବ୍ୟବହାର ହ୍ରାସ କରିବା ଏକ ଉଲ୍ଲେଖନୀୟ ସଫଳତା ସାବ୍ୟସ୍ତ ହୋଇଛି। ନିରନ୍ତର ପ୍ରକ୍ରିୟା ଅପ୍ଟିମାଇଜେଶନ ଏବଂ ଉନ୍ନତି କାର୍ଯ୍ୟକ୍ଷମ ଅଭ୍ୟାସ ଗ୍ରହଣ କରି ବିଭାଗ ସଫଳତାର ସହିତ ରୋଲ୍ ବ୍ୟବହାରକୁ ଟନ୍ ପିଛା ୦.୫୦ କି.ଗ୍ରାରୁ ୦.୪୪ କି.ଗ୍ରାକୁ ହ୍ରାସ କରିଛି। ଏହାଦ୍ୱାରା ବାର୍ଷିକ ପ୍ରାୟ ୧୧କୋଟି ଟଙ୍କାର ଖର୍ଚ୍ଚ ସଞ୍ଚୟ ହୋଇପାରିଛି। ଗୁଣବତ୍ତା ସହ ସାଲିସ ନ କରି ଇନ୍‌ପୁଟ ଖର୍ଚ୍ଚ ହ୍ରାସ ସହିତ ଉତ୍ପାଦକତା ବୃଦ୍ଧି କରିବା ପାଇଁ ଆରଏସ୍‌ପିର ପ୍ରତିବଦ୍ଧତାକୁ ଏହା ସ୍ପଷ୍ଟ କରୁଛି।



ଆର୍‌ଏସ୍‌ପି ରୋଲ୍ ଶପ୍ ଦଳର ଅଧିକାରୀ ଓ କର୍ମଚାରୀ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ବିଭାଗୀୟ ଦଳ ଏଚ୍‌ଏସ୍‌ଏମ୍-୨ର ଏମ୍‌ଏଚ୍‌ଆଇ ମିଲ୍‌ର ତଳ ବ୍ୟାକ୍‌ଅପ୍ ଚକ୍ ପାଇଁ ଏକ ଇନ୍‌ହାଉସ ଫେବ୍ରିକେଟେଡ ସୁରକ୍ଷା ହୁଡ୍ ଡିଜାଇନ ଏବଂ କାର୍ଯ୍ୟକାରୀ କରିଛି। ଏହି ନିର୍ଦ୍ଦିଷ୍ଟ ସମାଧାନ ବହୁଦିନର ଜଳ ପ୍ରବେଶ ସମସ୍ୟାକୁ ପ୍ରଭାବଶାଳୀ ଭାବେ ରୋକିଛି, ଯାହା ଦୀର୍ଘଦିନର ରକ୍ଷଣାବେକ୍ଷଣ ଆହ୍ୱାନ ରହିଆସୁଥିଲା। ଫଳସ୍ୱରୂପ ଉପକରଣ ନିର୍ଭରଯୋଗ୍ୟତା ଉନ୍ନତି ସହ ଯନ୍ତ୍ରୋପକରଣ ଦୀର୍ଘସ୍ଥାୟୀ ହୋଇପାରିଛି। ଏହିପଦକ୍ଷେପ ଆଭ୍ୟନ୍ତରୀଣ ଭାବେ ଗୁରୁତ୍ୱପୂର୍ଣ୍ଣ ସମାଧାନ ପ୍ରସ୍ତୁତି, ଡାଉନ ଟାଇମ କମ୍ କରିବା ଏବଂ ବାହ୍ୟ ବିକ୍ରେତାଙ୍କ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଆର୍‌ଏସ୍‌ପିର ବିଶେଷ କ୍ଷମତାକୁ ସୂଚାଉଛି। ବିଭାଗ ପ୍ଲେଟ୍ ମିଲ୍‌ରେ ୨୦ଟି ଲେଭଲର ରୋଲ୍ ଉଦ୍ଧାର କରି ଉଲ୍ଲେଖନୀୟ ଅବଦାନ ମଧ୍ୟ ଦେଇଛି ଯାହା ପୂର୍ବରୁ ଅକାମୀ ଓ ଅନାବଶ୍ୟକ ବିବେଚିତ ହୋଇଥିଲା। ଏହି ସଫଳ ପୁନରୁଦ୍ଧାର ପ୍ରୟାସର ପରିଣାମ ସ୍ୱରୂପ ୩ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ସଞ୍ଚୟ ହୋଇଛି। ଏହାସହ ସମ୍ବଳ ଦକ୍ଷତା, ଅପଚୟ ହ୍ରାସ ଏବଂ ସ୍ଥାୟୀ ଅଭ୍ୟାସ ଉପରେ ବିଭାଗର ଧ୍ୟାନକୁ ଆହୁରି ପ୍ରତିଫଳିତ କରୁଛି। ଏହାର କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରି ରୋଲ୍ ଶପ୍ ଗତ ଆର୍ଥିକ ବର୍ଷ ମଧ୍ୟରେ ପ୍ଲେଟ୍ ମିଲ, ନୂତନ ପ୍ଲେଟ୍ ମିଲ (ଏଚ୍‌ଏସ୍‌ଏମ୍-୨) ଏବଂ ସିଲିକନ ଷ୍ଟିଲ ମିଲ୍‌ରେ ଶୂନ୍ୟ ରୋଲ୍ ନେକ୍ ବିୟରିଂ ପାଇଁ ସଫଳତା ହାସଲ କରିଛି। ଏହି ବିଭାଗ ରୋଲ ଶପ୍-୧ରେ ଅନୁକୂଳଶୀଳତା ଏବଂ ବୈଷୟିକ ଦକ୍ଷତା ପ୍ରଦର୍ଶନ କରିବା ସହ ପାରମ୍ପରିକ ରୋଲ୍ ଗ୍ରାଇଣ୍ଡିଂ ମେଶିନ ବ୍ୟବହାର କରି ନୂତନ ପ୍ଲେଟ୍ ମିଲର କାର୍ଯ୍ୟ ରୋଲ୍ ଗ୍ରାଇଣ୍ଡିଂ କରିବାର କ୍ଷମତାକୁ ମଧ୍ୟ ବିକଶିତ କରିଛି। ବୈଷୟିକ ମାଇଲଖୁଣ୍ଟ ବ୍ୟତୀତ ରୋଲ ଶପ୍ ସାମୂହିକ ବିଭାଗ ପରିସରରେ ଏକ ସୁନ୍ଦର ସୁଦୃଶ୍ୟ ଉଦ୍ୟାନ ବିକଶିତ କରି କାର୍ଯ୍ୟକ୍ଷେତ୍ର ପରିବେଶକୁ ଉନ୍ନତ କରିବାରେ ମଧ୍ୟ ଅବଦାନ ରଖିଛି। ସାମୂହିକ ସଫଳତା ଗୁଡିକ ରୋଲ୍ ଶପ୍ ଦଳର ଦକ୍ଷତା, ସମର୍ପଣ ଏବଂ ଅଭିନବ ମନୋଭାବକୁ ପ୍ରତିଫଳିତ କରୁଛି। ଆତ୍ମନିର୍ଭରଶୀଳତା ଇନ୍‌ହାଉସ ଇଞ୍ଜିନିୟରିଂ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ଉପରେ ନିରନ୍ତର ଗୁରୁତ୍ୱ ସହକାରେ ଆର୍‌ଏସ୍‌ପି ସ୍ଥିର ଭାବେ ବୈଷୟିକ-ଅର୍ଥନୈତିକ ପରିମାପକତାରେ ନୂତନ ମାନଦଣ୍ଡ ସ୍ଥାପନ କରିଚାଲିଛି।

# ଭବ୍ୟରୂପରେ ଆୟୋଜନ ହେବ ଶୀତଳଷଷ୍ଠୀ

**ସମ୍ବଲପୁର, ୩।୫(ପ୍ରମୋଦ ବହିଦାର)**



ଶୀତଳଷଷ୍ଠୀ ଯାତ୍ରା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀ।

ସମ୍ବଲପୁରରେ ଆସନ୍ତା ମେ ୨୯ରୁ ଜୁନ ୨ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାକୁ ଅଧିକ ଭବ୍ୟ ଓ ଦିବ୍ୟରୂପେ ଆୟୋଜନ କରାଯିବ। ସମ୍ବଲପୁର ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ସନ୍ଧ୍ୟାରେ ଆୟୋଜିତ ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହା କହିଛନ୍ତି। ସେ କହିଛନ୍ତି, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଂଶୁଘାତର ମୁକାବିଲା ପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ। ସହରର ପ୍ରାୟ ୧୭ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ସ୍ଥାପନ କରାଯାଇ ଚିକିତ୍ସକଙ୍କ ସହିତ ସ୍ୱାସ୍ଥ୍ୟସେବୀ ଓ ଆମ୍ବୁଲାନ୍ସ ନିୟୋଜିତ କରାଯିବ। ଯଥେଷ୍ଟ ପରିମାଣର ଓଆର୍‌ଏସ୍ ପାନୀୟ ଓ ଔଷଧ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ଶୋଭାଯାତ୍ରା ସମୟରେ ତାତିରୁ ଉପଶମ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସହ କଳାକାରମାନଙ୍କ ଉପରେ ଅଗ୍ନିଶମ ବିଭାଗ ଓ ମହାନଗର ନିଗମ ପକ୍ଷରୁ ସିଞ୍ଚନ କରାଯିବ। ଏହି ସମୟରେ ସହରବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ହୀରାକୁଦ ଜଳଭଣ୍ଡାରରୁ ପାୱାର ଚ୍ୟାନେଲ ଜରିଆରେ ଜଳ ନିଷ୍କାସନ କରାଯାଇ ମହାନଦୀର ଜଳସ୍ତର ବୃଦ୍ଧି କରାଯିବ। ସେହିପରି ଶୀତଳଷଷ୍ଠୀ ଯାତ୍ରାରେ ଅନୁଷ୍ଠିତ ହେବାକୁ ଥିବା ଶୋଭାଯାତ୍ରା ମାର୍ଗରେ ସ୍ୱତନ୍ତ୍ର ତୋରଣ ନିର୍ମାଣ, ରାସ୍ତାର ମରାମତି ଓ ଆଲୋକୀକରଣ, ସହରର ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା, ପାନୀୟ ଜଳ, ନିରବଛିନ୍ନ ବିଦ୍ୟୁତ ସେବା ଆଦିକୁ ନିଶ୍ଚିତ କରାଯିବ। ଏପରିକି ଆଖପାଖ ସହର ଓ ଗ୍ରାମବାସୀଙ୍କ ପାଇଁ ସମ୍ବଲପୁରକୁ ଅଧିକ ବସ୍ ଚଳାଚଳ ପାଇଁ ଜିଲାସ୍ତରରେ ବ୍ୟବସ୍ଥା କରାଯିବ। ତେବେ ଶୀତଳଷଷ୍ଠୀ ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ ପାଇଁ ସମସ୍ତ ଶୀତଳଷଷ୍ଠୀ ଯାତ୍ରା କମିଟି ସହିତ ଆଲୋଚନା ହୋଇଛି।

**ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ**

- ୧୭ଟି ସ୍ଥାନରେ ରହିବ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର
- ଆମ ବସ୍ ସେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଶୀତଳଷଷ୍ଠୀ ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ ପାଇଁ ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ମୁକେଶ କୁମାର ଭାମୁ କହିଥିଲେ। ସେ କହିଥିଲେ ଠାକୁରଙ୍କ ଯୁଗଳଦର୍ଶନ ଜନିତ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଶୋଭାଯାତ୍ରା ସମୟରେ ସହରରେ ଚଳାଚଳ କରୁଥିବା ଆମ ବସ୍ ସେବା ସାମାନ୍ୟ ବାଧାପ୍ରାପ୍ତ ହେଲେ ମଧ ଏଥିପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ। ସେହିପରି ସମ୍ବଲପୁର ଓ ସମ୍ବଲପୁର ଦେଇ ବିଭିନ୍ନ ସହରକୁ ଯାତ୍ରା କରୁଥିବା ରାତ୍ରୀକାଳୀନ ବସ୍‌ଗୁଡ଼ିକୁ ଉକ୍ତ ଦୁଇଦିନ ସହରକୁ ପ୍ରବେଶ ଉପରେ କଟକଣା ଲାଗୁ କରାଯିବ। ଏହି ସମୟରେ ମୁଖ୍ୟତଃ ରିଂରୋଡ଼ରେ ଯାତାୟତ ପାଇଁ ଗୁରୁତ୍ୱ ଦିଆଯିବ। ଯାତ୍ରା ସମୟରେ ଯାନବାହନ ପାର୍କିଂ ପାଇଁ ସହରରେ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯିବ। ତେବେ ଯାତ୍ରା ସମୟରେ ସମ୍ଭାବ୍ୟ ଜରୁରୀକାଳୀନ ପରିସ୍ଥିତିରେ ଅଗ୍ନିଶମ ଓ ଆମ୍ବୁଲାନ୍ସ ଯାତାୟତ ପାଇଁ ବ୍ୟବସ୍ଥା କରାଯିବ। ଏହାସହିତ ସହରରେ ଯେକୌଣସି ଆଇନ ଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ଭାମୁ କହିଛନ୍ତି। ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ(ସାଧାରଣ) ଅଶୋକ କୁମାର ଭୋଇ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶଶାଙ୍କ ଶେଖର ବେହୁରା, ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଶୀତଳଷଷ୍ଠୀ ଯାତ୍ରା ସମନ୍ୱୟ ସମିତି ସଭାପତି ସୁଶାନ୍ତ ପୁରୋହିତଙ୍କ ସହିତ ବିଭିନ୍ନ ଯାତ୍ରାକମିଟି ସଭାପତି ଓ ସମ୍ପାଦକ, ଉପଦେଷ୍ଟା ମଣ୍ଡଳୀ ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## କାରରୁ ଚାଳକଙ୍କ ମୃତଦେହ ଜବତ

**ସମ୍ବଲପୁର,୩।୫(ପ୍ରମୋଦ ବହିଦାର)**

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଫାର୍ମରୋଡ଼ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟ ସମ୍ମୁଖରୁ ଶନିବାର ସନ୍ଧ୍ୟାରେ ଏକ କାରରୁ ଚାଳକଙ୍କ ମୃତଦେହ ଜବତ କରିଛି ପୋଲିସ। ସେ ଝାରସୁଗୁଡ଼ା ଜିଲା ତରେଇକେଲାର ଚନ୍ଦ୍ରଭାନୁ ରାଉତ(୨୮) ବୋଲି ପରିଚୟ ମିଳିଛି। ସେ ତାଙ୍କ କାରରେ ଭଡ଼ାସୂତ୍ରରେ ଝାରସୁଗୁଡ଼ାରୁ ଶନିବାର ଜଣେ ରୋଗୀଙ୍କୁ ସମ୍ବଲପୁରର ଏକ ଘରୋଇ ନର୍ସିଂହୋମକୁ ଆଣିଥିଲେ। ନର୍ସିଂହୋମରେ ରୋଗୀଙ୍କୁ ଭର୍ତ୍ତି କରି ଫାର୍ମରୋଡ଼ର ପାର୍ଶ୍ୱସ୍ଥ ଏକ ଗଛ ଛାଇ ତଳେ କାର ପାର୍କିଂ କରି ପଛ ସିଟରେ ବିଶ୍ରାମ ନେଇଥିଲେ। ଦୀର୍ଘ ସମୟ ଧରି ବନ୍ଦ କାର ମଧ୍ୟରେ ତାଙ୍କୁ ଶୋଇ ରହିଥିବା ଦେଖି ସ୍ଥାନୀୟ ଲୋକେ ସନ୍ଧ୍ୟାରେ ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର ଭିତରୁ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲା। ହେଲେ ସେଠାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରିବାରକୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ମାତ୍ର କେଉଁ ପରିସ୍ଥିତିରେ କାରରେ ଚନ୍ଦ୍ରଭାନୁଙ୍କ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ ବୋଲି ଟାଉନ ଥାନା ଆଇଆଇସି ସୁବ୍ରତ କୁମାର ମେହେର କହିଛନ୍ତି। ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟ ଶବଗୃହରେ ରଖାଯାଇଛି। ରବିବାର ବ୍ୟବଚ୍ଛେଦ ପାଇଁ ପଠାଯିବ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତାଙ୍କ ମୃତ୍ୟୁର କାରଣ ଜଣା ପଡ଼ିବ ବୋଲି ସେ କହିଛନ୍ତି।




ରାସ୍ତାପାର୍ଶ୍ୱରେ ଠିଆ ହୋଇଥିବା କାର ଭିତରେ ଚାଳକଙ୍କ ମୃତଦେହ ରହିଛି।

## ଆବର୍ଜନାରେ ଭରିଗଲାଣି ଏସ୍‌ଏମ୍‌ସି ୱାର୍ଡ ନଂ.୨ ଅଞ୍ଚଳ

**ସମ୍ବଲପୁର,୩।୫(ବି.ଶଙ୍କର):** ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ଅନ୍ତର୍ଗତ ୱାର୍ଡ ନଂ -୨ ଅଞ୍ଚଳ ଆବର୍ଜନାରେ ପରିଣତ ହୋଇଛି। ଏହି ୱାର୍ଡର ସାନସିଙ୍ଗହାରି, ବୈଜମୁଣ୍ଡା ଅଞ୍ଚଳ ଅତ୍ୟଧିକ ପ୍ରଭାବିତ। ଉକ୍ତ ଅଞ୍ଚଳରେ ବନ ବିଭାଗର ନର୍ସରୀ, ରାଇସ୍ ମିଲ ଓ ଏକ ଷ୍ଟିଲ କମ୍ପାନୀ ଅଛି। ଏପରିକି ସମ୍ବଲପୁର ମହାନଗର ନିଗମ ଏହି ଅଞ୍ଚଳର ପ୍ରାୟ ୧୦ ବର୍ଗ କିଲୋମିଟର ଅଞ୍ଚଳକୁ ବର୍ଜ୍ୟବସ୍ତୁ ଫିଙ୍ଗିବାର ଅଘୋଷିତ ସ୍ଥାନ କରିଛି। ପୁନଶ୍ଚ ମହାନଗର କର୍ତ୍ତୃପକ୍ଷ ସହରୀ ଅଳିଆଗୁଡ଼ିକୁ ନିଆଁ ଲଗେଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏହି ଅଞ୍ଚଳରେ ୨୪ ଘଣ୍ଟା ଧୂଆଁ ନିର୍ଗତ ହେଉଛି। ଏଦିଗରେ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ଆଖିବୁଜି ଦେଇଥିବା ବିଜେଡି ପୂର୍ବତନ ସମ୍ବଲପୁର ଜିଲା ସଭାପତି ଇଂ. ସିଦ୍ଧାର୍ଥ ଦାସ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି। ୧୫ ଦିନ ମଧ୍ୟରେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନ ନେଲେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହେବେ ବୋଲି ଜିଲା ପ୍ରଶାସନକୁ ସେ ଚେତାବନୀ ଦେଇଛନ୍ତି।

## କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା

**ସମ୍ବଲପୁର,୩।୫(ପ୍ରମୋଦ ବହିଦାର):** ଖାଦ୍ୟନାଳୀ କର୍କଟରେ ପୀଡିତ ହରଜିନ୍ଦର ସିଂ ନାମକ ଜଣେ ଗାଡ଼ି ଚାଳକଙ୍କୁ ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ସମ୍ବଲପୁର ବରେଇପାଲି ବାସିନ୍ଦା ହରଜିନ୍ଦର ସିଂ ଗତ କିଛିଦିନ ହେଲା ଖାଦ୍ୟନାଳୀ କର୍କଟ ରୋଗରେ ପୀଡ଼ିତ ହେବା ଯୋଗୁ ତାଙ୍କ ରୋଜଗାର ବନ୍ଦ ହୋଇଯାଇଛି। ଫଳରେ ବର୍ତ୍ତମାନ ସେ ଏଭଳି ଦୁରାରୋଗ୍ୟ ରୋଗର ଚିକିତ୍ସା ପାଇଁ ଆର୍ଥିକଭାବେ ଅସମର୍ଥ ହୋଇଛନ୍ତି। ତେଣୁ ତାଙ୍କ ସ୍ତ୍ରୀ ସିଦ୍ଧାର୍ଥ ସାହାଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାଶୁଣି ଶୁକ୍ରବାର ରାତିରେ ସାହା ହରଜିନ୍ଦରଙ୍କ ବାସଭବନରେ ପହଞ୍ଚି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଚିକିତ୍ସା ପାଇଁ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ଆବଶ୍ୟକସ୍ଥଳେ ଅଧିକ ଅର୍ଥ ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ।

## କାମରେ ଆସୁନି ଭେଣ୍ଡିଂ ଜୋନ୍, ମାର୍କେଟ୍ ପିଣ୍ଡି




ବ୍ଲକ ଛକ ଭେଣ୍ଡିଂ ଜୋନ୍‌ରେ ତାଲା ପଡ଼ିଛି।

**ସୋନପୁର,୩।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରକୁ ବ୍ୟବସ୍ଥିତ କରିବା ପାଇଁ ପ୍ରଶାସନର ଆନ୍ତରିକତା ନଥିବା ଅଭିଯୋଗ ହୋଇଛି। ସହରକୁ ସ୍ୱଚ୍ଛ, ସୁନ୍ଦର କରିବା ପାଇଁ ସରକାର ଅନୁଦାନ ଯୋଗାଇ ଦେଇଛନ୍ତି। ରାସ୍ତାକଡ ଉଠା ଦୋକାନୀଙ୍କ ପାଇଁ ବ୍ଲକ ଛକରେ ଭେଣ୍ଡିଂ ଜୋନ ଓ ପରିବା ବଜାର ନିର୍ମାଣ କରାଯାଇଛି। ତେବେ ପୌରପ୍ରଶାସନ ଓ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଏହା କାର୍ଯ୍ୟରେ ଲାଗୁନି। ପରିବା ଓ ଫଳ ବ୍ୟବସାୟୀମାନେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱ(ବ୍ଲକ ଛକରୁ ଆମ୍ବେଡକର ଛକ) ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ବସି ପୂର୍ବଭଳି ବ୍ୟବସାୟ କରୁଛନ୍ତି। ଏହାଦ୍ୱାରା ଡ୍ରେନ୍ ଜବରଦଖଲ ହେବା ସହ ରାସ୍ତା ସଙ୍କୁଚିତ ହେଉଛି। ଅନ୍ୟପକ୍ଷେ ଭେଣ୍ଡିଂ ଜୋନରେ ତାଲା ପଡିଥିବା ବେଳେ ମାର୍କେଟ୍ ପିଣ୍ଡି ବଞ୍ଜାରା ମାନଙ୍କ କବ୍‌ଜାକୁ ଚାଲିଗଲାଣି। ଏଠାରେ ଏବେ ଅସାମାଜିକ ଲୋକଙ୍କ ଆଡ୍ଡା ଜମିଛି। ପୌର ପ୍ରଶାସନ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ଓ ନାମ ଫଳକ ଲଗାଇବାରେ ନିଜର ଦାୟିତ୍ୱ ସାରି ଦେଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସୁବର୍ଣ୍ଣପୁର ସହର ବ୍ଲକ ଛକରେ ନିର୍ମାଣ ହୋଇଛି ସୁବର୍ଣ୍ଣଭୂମି ଭେଣ୍ଡିଂ ଜୋନ ଓ ପରିବା ବଜାର(ମାର୍କେଟ୍ ପିଣ୍ଡି)। ପୌରପରିଷଦ ପକ୍ଷରୁ ୧୫ଟି ଦୋକାନ ଘର ବିଶିଷ୍ଟ ଭେଣ୍ଡିଂ ଜୋନ ନିର୍ମାଣ ସରିବା ପରେ ୨ ବର୍ଷ ପୂର୍ବରୁ ଏହାର ଉଦ୍‌ଘାଟନ ହୋଇଛି। ଦୋକାନ ଘରଗୁଡ଼ିକୁ ବ୍ୟବସାୟୀଙ୍କୁ ଆବଣ୍ଟନ କରାଯାଇଛି। ତେବେ ସେଗୁଡ଼ିକରେ ସବୁବେଳେ ତାଲା ଝୁଲୁଛି। ଅନ୍ୟପକ୍ଷରେ ଆବଣ୍ଟିତ ହୋଇଥିବା ଦୋକାନ ମାଲିକଙ୍କ ନିକଟରୁ ପୌରପ୍ରଶାସନ ଏପର୍ଯ୍ୟନ୍ତ ଭଡା ଆଦାୟ କରୁ ନ ଥିବା ଜଣାପଡିଛି। ସେହିପରି ପାର୍ଶ୍ୱରେ ପ୍ରାୟ ୪୬ଟି ଅତ୍ୟାଧୁନିକ ପରିବା ବଜାର ନିର୍ମାଣ ହୋଇଛି। ୧ ବର୍ଷ ପୂର୍ବରୁ ଏହାର ଉଦ୍‌ଘାଟନ କରାଯାଇଛି। ୭୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ଦୁଇ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ ତାହା କାର୍ଯ୍ୟକ୍ଷମ ହୋଇପାରିନି। ପ୍ରାକ୍ତନ କାଉନସିଲର ତାପସ କୁମାର ବେଉରିଆ କୁହନ୍ତି, ସହରରେ ଅନେକ ପ୍ରକଳ୍ପ ନିର୍ମାଣ ହେଉଛି। ହେଲେ ତାହା ସହରବାସୀଙ୍କ କାର୍ଯ୍ୟରେ ଲାଗୁନି। ସରକାରଙ୍କ ଟଙ୍କା ପାଣିରେ ପଡୁଛି। ଏ ଦିଗରେ କାହାରି ଉତ୍ତରଦାୟିତ୍ୱ ରହୁନଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଅନ୍ୟା ଦାସ କୁହନ୍ତି, ପରିବା ବ୍ୟବସାୟୀଙ୍କ ସୁବିଧା ପାଇଁ ପରିବା ବଜାର ତିଆରି ହୋଇଛି। ସେମାନେ ସେଠାକୁ ନଯାଇ ରାସ୍ତାପାର୍ଶ୍ୱରେ ଅସୁରକ୍ଷିତ ଭାବେ ବସୁଛନ୍ତି। ବ୍ଲକ ଛକ ପରିବା ବଜାରରେ ଚାଷୀ ଓ ବ୍ୟବସାୟୀ କିଭଳି ବସିବେ ସେ ନେଇ ତ୍ୱରିତ ପଦକ୍ଷେପ ନେବାକୁ ପୌରନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ। ତେବେ ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ରାସ୍ତାପାର୍ଶ୍ୱ ଉଠା ଦୋକାନିଙ୍କୁ ପରିବା ବଜାରକୁ ସ୍ଥାନାନ୍ତର କରାଯିବ ଓ ଭେଣ୍ଡିଂ ଜୋନରେ ଦୋକାନ ଖୋଲିବାକୁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ତାଗିଦ୍ କରାଯିବ ବୋଲି ପୌରନିର୍ବାହୀ ଅଧିକାରୀ ଋଷି ମାଝି ପ୍ରତିକ୍ରିୟାରେ କହିଛନ୍ତି।

- ରାସ୍ତାପାର୍ଶ୍ୱରେ ବସୁଛନ୍ତି ପରିବା ବ୍ୟବସାୟୀ
- ରାଜସ୍ୱ ହାନି, ଦାୟିତ୍ୱ ନିର୍ବାହ କରୁନି ପୌର ପ୍ରଶାସନ

## ମାଟ୍ରିକ ପରୀକ୍ଷା: କୁଚିଣ୍ଡା ବ୍ଲକ ପାସ୍‌ହାର ୯୬.୫୭%



ବରୁଣ କୁମାର ପୃଷେଠ



ଯସ୍ମିନ ମହାପାତ୍ର



ଅନନ୍ତ ପଟେଲ



ସ୍ନେହସିନୀ ବେହେରା।

**କୁଚିଣ୍ଡା,୩।୫(ବିରଞ୍ଚି ଦର୍ଜୀ)**

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକକୁ ଅଭୂତପୂର୍ବ ସଫଳତା ମିଳିଛି। ବ୍ଲକରେ ପାସ୍‌ହାର ୯୬.୫୭% ରହିଥିବା ବେଳେ ୪ ପରୀକ୍ଷାର୍ଥୀ ଏ-୧ ଗ୍ରେଡରେ ପାସ କରିଛନ୍ତି। ଚଳିତ ବର୍ଷ କୁଚିଣ୍ଡା ବ୍ଲକର ୨୫ ଗୋଟି ହାଇସ୍କୁଲର ୧୦୯୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦୬୮ ଜଣ ପାସ୍ କରିଥିବା ବେଳେ ୪୦ଜଣ ଫେଲ ହୋଇଛନ୍ତି। ପାସ ଛାତ୍ରୀଛାତ୍ରୀଛାତ୍ରଙ୍କ ମଧ୍ୟରୁ ଗ୍ରେଡ ଏ-୧ ରେ ୪ ଜଣ, ଏ-୨ ରେ ୩୮ ଜଣ, ବି-୧ ରେ ୮୩ ଜଣ, ବି-୨ ରେ ୧୭୪ ଜଣ, ସିରେ ୨୭୦ ଜଣ, ଡିରେ ୩୨୨ ଜଣ, ଇରେ ୧୪୨ ଜଣ ଏହିପରି ୧୦୬୮ ଜଣ ପରୀକ୍ଷାରେ ପାସ କରିଛନ୍ତି। ସେହିପରି ବ୍ଲକର ୧୦ ଟି ହାଇସ୍କୁଲର ପାସ୍ ହାର ଶତପ୍ରତିଶତ ରହିଛି। ହାଡ଼ିପାଲି ପଞ୍ଚାୟତ କିଣ୍ଡିରା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଛାତ୍ର ବରୁଣ କୁମାର ପୃଷେଠ ୫୫୧ ନମ୍ବର ରଖି କୁଚିଣ୍ଡା ଉପଖଣ୍ଡ ଟପ୍ପର ହୋଇଛନ୍ତି। ସେହିପରି ଚନ୍ଦନିମାଲ ପଞ୍ଚାୟତର ହୀରାଧର ଯୁବକ ସଂଘ ହାଇସ୍କୁଲ ଛାତ୍ରୀ ସୁଭଦ୍ରା ସ୍ନେହସିନୀ ବେହେରା ୫୪୩ନମ୍ବର, କୁଚିଣ୍ଡା ଏନଏସିର ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରୀ ଯସ୍ମିନ ମହାପାତ୍ର ୫୪୧ ନମ୍ବର ଓ ଛାତ୍ର ଅନନ୍ତ ପଟେଲ ୫୪୦ ନମ୍ବର ରଖିଛନ୍ତି। ବରୁଣ ପାଇଲଟ ହେବାର ଲକ୍ଷ୍ୟ ରଖିଥିବା କହିଥିବାବେଳେ ସୁଭଦ୍ରା, ଯସ୍ମିନ ଓ ଅନନ୍ତ ଡାକ୍ତର ହେବା ଲକ୍ଷ୍ୟ ରଖିଥିବା କହିଛନ୍ତି।

**୪ ଜଣ ପାଇଲେ ଏ-୧ ଗ୍ରେଡ**

## ଉଦ୍‌ଘାଟନ ଅପେକ୍ଷାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ କୋଠା

**ସମ୍ବଲପୁର,୩।୫(ଭବାନୀ ଶଙ୍କର ଭୋଇ)**



ବୁର୍ଲା ଭିମସାରର ସୁପର ସ୍ପେଶିଆଲିଟି ହସ୍ପିଟାଲ କୋଠା।

ସମ୍ବଲପୁରରେ ଏକାଧିକ ପ୍ରକଳ୍ପର ନିର୍ମାଣ କାମ ସରିଛି। ତେବେ ଉଦ୍‌ଘାଟନ ହୋଇପାରୁ ନ ଥିବାରୁ ଏଗୁଡିକ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଭିଭିଆଇପି ଅତିଥିଙ୍କ ଦ୍ୱାରା ପ୍ରକଳ୍ପ ଉଦ୍‌ଘାଟନ କରାଯିବା ନେଇ ସରକାର ଏବଂ ପ୍ରଶାସନ ଅପେକ୍ଷା କରୁଥିବାରୁ କୋଟିକୋଟି ଟଙ୍କା ବ୍ୟୟ କରାଯାଇ ନିର୍ମାଣ ସରିଥିବା ପ୍ରକଳ୍ପଗୁଡିକ ଲୋକଙ୍କ କାମରେ ଲାଗି ପାରୁନି। ପୁଣି ସେହି ପ୍ରକଳ୍ପଗୁଡିକ ଯେମିତି ଉଦଘାଟନ ପୂର୍ବରୁ ବ୍ୟବହାର ହୋଇ ନ ପାରିବ ତାକୁ ନେଇ ପ୍ରଶାସନକୁ ଜଗି ରହିବାକୁ ପଡୁଛି। ଏମିତି ସମ୍ବଲପୁର ମହାନଗର ଅଞ୍ଚଳର ପ୍ରମୁଖ ପ୍ରକଳ୍ପଗୁଡିକ ଭିତରେ ରହିଛି ବୁର୍ଲା ସ୍ଥିତ ଭିମସାରର ସୁପର ସ୍ପେଶିଆଲିଟି ହସ୍ପିଟାଲ କୋଠା ଏବଂ ଦୁର୍ଗାପାଲି ରେଲୱେ ଓଭରବ୍ରିଜ। ସୁପର ସ୍ପେଶିଆଲିଟି ହସ୍ପିଟାଲ କୋଠା ନିର୍ମାଣ ସରିବା ପରେ ମୁଖ୍ୟମନ୍ତ୍ରୀ ଦୁଇଥର ସମ୍ବଲପୁର ଗସ୍ତରେ ଆସିଥିଲେ। ଗତ ଡିସେମ୍ବର ୧୫ରେ ସେ ବୁର୍ଲା ଆସି ହାଇସ୍କୁଲର କାର୍ଯ୍ୟକ୍ରମରେ ଅତିଥି ହୋଇଥିଲେ ହେଁ ସୁପର ସ୍ପେଶିଆଲିଟି ହସ୍ପିଟାଲ କୋଠା ଉଦଘାଟନ କରି ନ ଥିଲେ। ପୁଣିଥରେ ଏପ୍ରିଲ ୨୧ ତାରିଖ ଦୁର୍ଗାପାଲି ନିକଟ ନିଗମ କାର୍ଯ୍ୟାଳୟକୁ ଆସି ଜନଶୁଣାଣି ଶିବିର କରିଥିଲେ। ତଥାପି ରେଲୱେ ଓଭରବ୍ରିଜ ଉଦ୍‌ଘାଟନ ନ କରି ମହାନଗର ନିଗମ କାର୍ଯ୍ୟାଳୟରେ ଜନଶୁଣାଣୀରେ ସାମିଲ ହେଲେ। ଏହାପରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ହାତରେ ଉଦ୍‌ଘାଟନ ପାଇଁ ଏସବୁ ପ୍ରକଳ୍ପ ଉଦ୍‌ଘାଟନ କରାଯାଉ ନ ଥିବା ଚର୍ଚ୍ଚା ଜୋର ଧରିଛି। ଗତ ଡିସେମ୍ବର ୨୮ରେ ଶାହାଙ୍କ ସମ୍ବଲପୁର ଗସ୍ତ ବାତିଲ ହେବାରୁ ଓଭରବ୍ରିଜ ସହ ଭିମସାରର ସୁପର ସ୍ପେଶିଆଲିଟି ହସ୍ପିଟାଲ କୋଠା ଉଦଘାଟନ ହୋଇପାରି ନ ଥିଲା। ତେବେ ଶାହା ଆସନ୍ତା ୧୧ ତାରିଖ ସମ୍ବଲପୁର ଗସ୍ତରେ ଆସିବା ନେଇ ଭାଜପା ରାଜ୍ୟ ସଭାପତି ଘୋଷଣ କରିଛନ୍ତି । ଏହାପରେ ଉଭୟ ପ୍ରକଳ୍ପ ଉଦଘାଟନ ନେଇ ଆଶା ସଞ୍ଚାର ହୋଇଛି। ଅମିତ ଶାହାଙ୍କ ସମ୍ବଲପୁର ଗସ୍ତକୁ ନେଇ ଶନିବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରସ୍ତୁତି ଆଲୋଚନ କରିଛନ୍ତି। ଏନେଇ ସରକାରୀ ଭାବେ କୌଣସି ସୂଚନା ଦିଆଯାଇ ନ ଥିବା ସତ୍ତ୍ୱେ ଭାଜପା ଶିବିରରେ ଗସ୍ତ କାର୍ଯ୍ୟକ୍ରମ ନେଇ ଆଲୋଚନ ଆରମ୍ଭ ହୋଇଛି।

**ଅମିତ ଶାହାଙ୍କ ୧୧ତାରିଖ ଗସ୍ତକୁ ନେଇ ଆଲୋଚନା**

## ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କର

**ସମ୍ବଲପୁର,୩।୫(ଭବାନୀ ଶଙ୍କର ଭୋଇ)**



ହନୁମାନ ଜୟନ୍ତୀ ସମନ୍ୱୟ ସମିତ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଦେଶରେ ବେଆଇନ ଭାବରେ ରହୁଥିବା ବାଂଲାଦେଶୀ, ରୋହାଙ୍ଗିଆ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶାନ୍ତର କର। ଶନିବାର ସମ୍ବଲପୁର ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଜିଲାପାଳ ଏବଂ ଏସ୍‌ପିଙ୍କୁ ସାକ୍ଷାତ କରି ଏହିପରି ଦାବି କରାଯାଇଛି। ସମନ୍ୱୟ ସମିତି ଦାବି କରିଛି ଯେ ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳରେ ବହୁ ସଂଖ୍ୟାରେ ବାଂଲାଦେଶୀଙ୍କ ସମେତ ରୋହିଙ୍ଗିଆ ଅନୁପ୍ରବେଶକାରୀ ବସବାସ କରୁଛନ୍ତି। ତୁରନ୍ତ ସେମାନଙ୍କୁ ପ୍ରଶାସନ ଚିହ୍ନଟ କରି ଦେଶାନ୍ତର କରୁ। ଏହି ବ୍ୟକ୍ତିମାନଙ୍କ ମଧ୍ୟରୁ ଅନେକ ଜାଲିଆତି କରି ଆଧାର କାର୍ଡ, ରାସନ କାର୍ଡ ଏବଂ ଭୋଟର ପରିଚୟ ପତ୍ର ଭଳି ଭାରତୀୟ ପରିଚୟ ପତ୍ର ହାସଲ କରୁଛନ୍ତି। ପ୍ରକୃତ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ କଲ୍ୟାଣକାରୀ ଯୋଜନାଗୁଡ଼ିକର ଫାଇଦା ସେମାନେ ନେଇଯାଉଛନ୍ତି। ଏହାସହ ସହରର ବିଭିନ୍ନ ସ୍ଥାନରେ ଥିବା ଠେଲାଗୁଡିକରେ ମାଲିକମାନଙ୍କର ନାମ ଉଲ୍ଲେଖିତ ବୋର୍ଡ ଲଗାଯାଉ। ଚାଲିଥିବା ଅଟୋଗୁଡିକରେ ଡ୍ରାଇଭରଙ୍କ ନାମ, ଫୋନ ନମ୍ବର ଲେଖିବା ବାଧ୍ୟତାମୂଳକ କରିବା, ସମ୍ବଲପୁରରେ କାମ କରିବା ଆସୁଥିବା ସମସ୍ତ ଶ୍ରମିକମାନଙ୍କ ପରିଚୟ ପତ୍ର ସ୍ଥାନୀୟ ଥାନାରେ କଡାକଡି ଯାଞ୍ଚ କରାଯିବାକୁ ସମନ୍ୱୟ ସମିତି ଦାବି କରିଛି। ସେହିପରି ସହରରେ ଭଡାରେ ରହିବା ପାଇଁ ଆସୁଥିବା ବାହାର ରାଜ୍ୟର ଲୋକଙ୍କ ପରିଚୟ ପତ୍ର ଯାଞ୍ଚ କରାଯାଉ। ଏପରି ଅନେକ ଦାବି ନେଇ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ପ୍ରଥମେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ଆଲୋଚନା କରିବା ପରେ ଏସପି ମୁକେଶ ଭାମୁଙ୍କୁ ମଧ ଏନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା । ସମ୍ବଲପୁରରେ ଅନୁପ୍ରବେଶକାରୀ ମାୟା ବଗିଚା, ଭୂତପାରା, ସୁନାପାଲି, ମୋତିଝରଣ, ଅଇଁଠାପାଲି, ଶାନ୍ତିନଗର, ବରୋଇପାଲି ଏବଂ ସଂଲଗ୍ନ ଅଞ୍ଚଳରେ ଅଧିକ ମାତ୍ରାରେ ରହୁଥିବା ନେଇ ସମିତି ଅଭିଯୋଗ କରିଛି। ଏନେଇ ଦିଆଯାଇଥିବା ଦାବିଗୁଡିକ ଉପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଏବଂ ଏସ୍‌ପି କହିଛନ୍ତି। ଜିଲାପାଳ, ଏସ୍‌ପି, ସମ୍ବଲପୁର ମହାନଗର କମିଶନର, ଜିଲା ପରିବହନ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଅଟୋ ଆଦିରେ ଚାଳକ ମାନଙ୍କ ପରିଚୟ ସ୍ଥାନିତ କରିବାକୁ ସମନ୍ୱୟ ସମିତି ଦେଇଥିବା ପ୍ରସ୍ତାବକୁ ଜିଲାପାଳ ଗ୍ରହଣ କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିନିଧି ମଣ୍ଡଳୀରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ମୁଖ୍ୟ ସଂଯୋଜକ ଜୟବ୍ରତ ଦେ, ଉପ ସଭାପତି ଡ. ପ୍ରମୋଦ ରଥ, ସମ୍ପାଦକ ପ୍ରଦୀପ ସୁପକାର, ଅନୀଲ ବେହେରା, କୋଷାଧ୍ୟକ୍ଷ ଗୋବିନ୍ଦ ଅଗ୍ରୱାଲ, ଦାମୋଦର କର, ସମୀର ରଞ୍ଜନ୍ତ ବାବୁ, ମୋହନ ପଣ୍ଡା, କାହ୍ନୁରାମ ଶର୍ମା ଉପସ୍ଥିତ ଥିଲେ।

- ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ଦାବି
- ବାହାରୁ ଆସୁଥିବା ଶ୍ରମିକଙ୍କପରିଚୟ ପତ୍ର ଯାଞ୍ଚ ହେଉ

51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର,ରବିବାର, ମେ ୪/୨୦୨୫ | Bhubaneswar, Sunday, May 4/2025 | ପୃଷ୍ଠା-୧



କଟକର କାଠଯୋଡ଼ି ନଦୀ ଉପରେ ନିର୍ମାଣାଧୀନ ବ୍ରିଜ୍‌ର ସ୍ଲାବ୍ ଶନିବାର ସନ୍ଧ୍ୟାରେ ଖସିପଡ଼ିଛି। (ଫଟୋ-ରାଜକିଶୋର ମହାନ୍ତି)

## ବଦଳିଲା ସିବିଏସ୍‌ଇ ବୋର୍ଡ ପରୀକ୍ଷାଫଳ ପୁନଃମୂଲ୍ୟାୟନ ପ୍ରକ୍ରିୟା

ଭୁବନେଶ୍ୱର,୩।୫
(ଅନୁରାଧା ମହାରଣା)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ଖାତା ପୁନଃମୂଲ୍ୟାୟନ ପ୍ରକ୍ରିୟାରେ କେତେକ ପରିବର୍ତ୍ତନ ଆଣିଛି। ପରୀକ୍ଷାଫଳ ପ୍ରକାଶ ପରେ ପୁନଃମୂଲ୍ୟାୟନ ପାଇଁ ଆବେଦନ କରୁଥିବା ଛାତ୍ରୀଛାତ୍ରଙ୍କୁ ପ୍ରଥମେ ଉତ୍ତର ଖାତାର ଫଟୋ କପି ମିଳିବ। ତା'ପରେ ରିଭାଲ୍ୟୁଏଶନ ହେବ। ଛାତ୍ରୀଛାତ୍ରଙ୍କୁ ଅଧିକ ସ୍ୱଚ୍ଛତା ଏବଂ ଆତ୍ମନିର୍ଭରଶୀଳତା ଦେବା ଲକ୍ଷ୍ୟରେ ଏହି ପରିବର୍ତ୍ତନ କରାଯାଇଛି। ଆଗକୁ ସିବିଏସ୍‌ଇ ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଫଳାଫଳ ପ୍ରକାଶ ପାଇବାକୁ ଥିବାବେଳେ ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମନରେ ଉତ୍କଣ୍ଠା ଲାଗି ରହିଛି। ଏପରିସ୍ଥିତିରେ ବୋର୍ଡର ଏହି ବଡ଼ ନିଷ୍ପତ୍ତିକୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଛନ୍ତି। ନିଷ୍ପତ୍ତି ଅନୁସାରେ, ଛାତ୍ରୀଛାତ୍ର ପ୍ରଥମେ ସେମାନଙ୍କ ପରୀକ୍ଷା ଉତ୍ତରପତ୍ରର ଫଟୋକପି ଦେଖିପାରିବେ ଏବଂ ତା'ପରେ ହିଁ ସେମାନେ ମାର୍କ ଯାଞ୍ଚ କିମ୍ବା ପୁନଃମୂଲ୍ୟାୟନ ପାଇଁ ଆବେଦନ କରିପାରିବେ। ଏହାଦ୍ୱାରା ଛାତ୍ରୀଛାତ୍ର କେଉଁ ଉତ୍ତର ପାଇଁ କେତେ ମାର୍କ ମିଳିଛି ଏବଂ କେଉଁ ପ୍ରଶ୍ନ ପାଇଁ କେତେ କଟାଯାଇଛି ତାହା ଜାଣିପାରିବେ। ଏହା ମାର୍କ ଯାଞ୍ଚ କିମ୍ବା ପୁନଃମୂଲ୍ୟାୟନ ପାଇଁ ଆବେଦନ କରିବାକୁ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

# ବ୍ରିଜ୍ ସ୍ଲାବ୍ ଖସିପଡ଼ି ୩ ମୃତ

**କଟକର କାଠଯୋଡ଼ି ନଦୀ ଉପରେ ନିର୍ମାଣାଧୀନ ବ୍ରିଜ୍‌ର ସ୍ଲାବ୍ ଖସିପଡ଼ିବାରୁ ଜଣେ ଇଞ୍ଜିନିୟରଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଖାନ୍‌ନଗରରେ ଶନିବାର ସନ୍ଧ୍ୟାରେ ଉକ୍ତ ବ୍ରିଜ୍ ନିର୍ମାଣ ପାଇଁ କ୍ରେନ୍‌ରେ ରେଡିମେଡ୍ ସ୍ଲାବ୍ ଉଠାଯାଉଥିଲା। କ୍ରେନ୍ ଛିଣ୍ଡିଯିବାରୁ ସ୍ଲାବ୍‌ଟି ହଠାତ୍ ଭୁଶୁଡ଼ିପଡ଼ିଥିଲା। ଫଳରେ ଏହା ତଳେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୫ ଜଣ ଚାପିହୋଇ ଯାଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଛନ୍ତି। ୨ ଶ୍ରମିକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏହି ଦୁର୍ଘଟଣା ରାଜ୍ୟର ନିର୍ମାଣସ୍ଥଳଗୁଡ଼ିକରେ ଶ୍ରମିକଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପ୍ରୋଟୋକଲ ଉପରେ ପ୍ରଶ୍ନବାଚୀ ଉଠାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ତଦନ୍ତ ନିର୍ଦ୍ଦେଶ ଦେବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ସକାଶେ ଘୋଷଣା କରିଛନ୍ତି।**

**କଟକ,୩।୫(କାର୍ତ୍ତିକ ସାହୁ)**

କଟକରେ ଶନିବାର ସନ୍ଧ୍ୟାରେ ଘଟିଛି ବଡ଼ ଅଘଟଣ। ଖାନନଗରସ୍ଥିତ କାଠଯୋଡ଼ି ନଦୀ ଭିତରେ ନୂଆ ବ୍ରିଜ୍ କାମ ଚାଲିଥିବା ସମୟରେ ସ୍ଲାବ୍ ଖସିପଡ଼ି ଜଣେ ଇଞ୍ଜିନିୟର ଓ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତର ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତକମାନେ ହେଲେ ଶିବଶଙ୍କର ପଟ୍ଟନାୟକ, ସୁବାସ ଚନ୍ଦ୍ର ଭକ୍ତ ଓ ସୌମ୍ୟରଞ୍ଜନ ମଲ୍ଲିକ। ଦୁଇ ଗୁରୁତର ବିକଳ ଜେନା ଓ ଅରୁଣ ବାରିକ ଏବେ ଏସ୍‌ସିବି ମେଡିକାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଅବସ୍ଥା ସଂକଟାପନ୍ନ ରହିଛି।

ସୂଚନା ଅନୁସାରେ ଖାନନଗର ରିଂବନ୍ଧ ସମ୍ପ୍ରସାରଣ ପାଇଁ କାଠଯୋଡ଼ି ନଦୀ ଭିତରେ ବ୍ରିଜ୍ ନିର୍ମାଣ କରାଯାଉଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି କାମ ପାଇଁ ଘରୋଇ କମ୍ପାନୀ ଏଲ୍‌ଆଣ୍ଡଟିକୁ ଦାୟିତ୍ୱ ଦିଆଯାଇଛି। ଏଲ୍‌ଆଣ୍ଡଟି ଅଧୀନରେ ଆର୍‌କେଡି କନ୍‌ଷ୍ଟ୍ରକ୍ସନ୍ ଏହାର ନିର୍ମାଣ କରୁଥିଲା। ସବୁଦିନ ଭଳି ନିର୍ମାଣ କାମ ଚାଲିଥିଲା। କିନ୍ତୁ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଅଘଟଣ ଘଟିଥିଲା। ବ୍ରିଜ୍ ଉପରେ କେତେଜଣ ଶ୍ରମିକ କାମ କରୁଥିବାବେଳେ ଅନ୍ୟମାନେ ତଳେ ଥିଲେ। ଦୁଇ ପିଲାରକୁ ସଂଯୋଗ କରିବା ନିମନ୍ତେ ଉଦ୍ଦିଷ୍ଟ ବଡ଼ ସ୍ଲାବ୍‌କୁ କ୍ରେନ ସାହାଯ୍ୟରେ ଉଠାଯାଉଥିଲା। ସ୍ଲାବର ଉଭୟ ପାର୍ଶ୍ୱରେ ୨ଟି କ୍ରେନ୍ ନିୟୋଜିତ ଥିବାବେଳେ ଗୋଟିଏ କ୍ରେନ୍ ଭାଙ୍ଗି ପଡ଼ିଥିଲା। ଫଳରେ ସ୍ଲାବ ଖସି ତଳେ ଥିବା ଶ୍ରମିକଙ୍କ ଉପରେ ପଡ଼ିଥିଲା। ସେମାନଙ୍କୁ ଆଉ ଏକ କ୍ରେନ୍ ସାହାଯ୍ୟରେ ବାହାର କରି ତୁରନ୍ତ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ପ୍ରାୟ ୪୦ରୁ ୫୦ ଶ୍ରମିକ ସେଠାରେ କାମ କରୁଥିଲେ। କାମ କରିବା ସମୟରେ ଶ୍ରମିକଙ୍କ ନିରାପତ୍ତା ପ୍ରତି ଦୃଷ୍ଟି ଦିଆ ନ ଥିବାରୁ ଏଭଳି ଅଘଟଣ ଘଟିଥିବା କୁହାଯାଉଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ମେୟର ସୁବାସ ସିଂହଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ଅପରପକ୍ଷରେ ଜିଲାପାଳ ଶିନ୍ଦେ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।




## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେତୁ ଆସନ୍ତା ସୋମବାର, ଇଂରାଜୀ **ତା05.05.2025ରିଖ** ଦିନ, ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0097/2526

# ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କଲା ପାକିସ୍ତାନ



**ଇସଲାମାବାଦ,୩।୫**

ପହଲଗାମ୍ ଆକ୍ରମଣ ପରେ ସୀମାରେ ଉତ୍ତେଜନା ବଢ଼ିଥିବାବେଳେ ପାକିସ୍ତାନ ଶନିବାର ୪୫୦ କିଲୋମିଟର ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା କରିଥିବା ଦାବି କରିଛି। ସ୍ଥଳରୁ ସ୍ଥଳଭାଗକୁ ନିକ୍ଷେପ କରାଯାଇପାରୁଥିବା ଏହି ଆବଦଲି ୱେପନ୍ ସିଷ୍ଟମ୍‌କୁ ଏକ ସମରାଭ୍ୟାସ ବେଳେ ପରୀକ୍ଷା କରାଯାଇଥିବା ଇସ୍‌ଲାମାବାଦ କହିଛି। ପଡ଼ୋଶୀ ଦେଶ ଦ୍ୱାରା ଯେକୌଣସି ପ୍ରକାର ମିଶାଇଲ୍ ପରୀକ୍ଷାକୁ ଭାରତ ଗମ୍ଭୀର ଉତ୍ତେଜନା ସୃଷ୍ଟିକାରୀ ଭାବେ ଦେଖୁଥିବା ଏକ ସୂତ୍ରରୁ କୁହାଯାଇଛି। ସୈନ୍ୟମାନଙ୍କ ଆକ୍ରମଣ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ଏବଂ ପ୍ରମୁଖ ବୈଷୟିକ ମାପଦଣ୍ଡର ସତ୍ୟାସତ୍ୟ ଦର୍ଶାଇବା ଲକ୍ଷ୍ୟରେ ଏହି କ୍ଷେପଣାସ୍ତ୍ର ପରୀକ୍ଷା କରାଯାଇଥିବା ପାକ୍ ସରକାର କହିଛନ୍ତି। ସୂଚନାଯୋଗ୍ୟ, ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନ ନିୟନ୍ତ୍ରଣ ରେଖା ଓ ଅନ୍ତର୍ଜାତୀୟ ସୀମାରେଖାରେ ନିୟମିତ ଭାବେ ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତକୁ ଉସୁକାଇବାକୁ ଉଦ୍ୟମ କରିଆସୁଛି। ଭାରତ ପକ୍ଷରୁ ଏହାର ଠିକଣା ଜବାବ ଦିଆଯାଉଛି।

# ସ୍ୱଦେଶୀ କ୍ରୀଡ଼ାକୁ ବିଶ୍ୱସ୍ତରୀୟ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ମୁମ୍ବାଇ,୩।୫**

ଜିଓ ୱାର୍ଲ୍ଡ ସେଣ୍ଟରରେ ଆୟୋଜିତ ୱାର୍ଲ୍ଡ ଅଡିଓ ଭିଜୁଆଲ ଓ ଏଣ୍ଟରଟେନମେଣ୍ଟ ସମିଟ୍ (ୱେଭ୍ସ) ୨୦୨୫ରେ ଶନିବାର 'ସ୍ୱଦେଶୀ କ୍ରୀଡ଼ା-ଭାରତରୁ ବିଶ୍ୱସ୍ତର' ଶୀର୍ଷକ ଉପରେ ଆଲୋଚନା ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ଯୋଗଦେଇ ସ୍ୱଦେଶୀ କ୍ରୀଡ଼ାକୁ ବିଶ୍ୱସ୍ତରୀୟ ମାନ୍ୟତା ଦିଗରେ ଆଗେଇ ନେବା ଲାଗି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସେ ସ୍ୱଦେଶୀ କ୍ରୀଡ଼ାର ବିକାଶ ଉପରେ ଆଲୋକପାତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ସ୍ୱଦେଶୀ କ୍ରୀଡ଼ା କେବଳ ଖେଳ ନୁହେଁ, ସେଗୁଡ଼ିକ ଟିମୱାର୍କ, ଧୈର୍ଯ୍ୟ ଓ ଆମ ସମ୍ପ୍ରଦାୟ ମାଟିର ପରିଚୟକୁ ପ୍ରକାଶ କରେ। ଖେଳରେ ସଂସ୍କୃତି ଅଛି, ସଂସ୍କୃତିରେ ଅସ୍ମିତା ଅଛି। ବିଶ୍ୱସ୍ତରରେ ଆମ ସ୍ୱଦେଶୀ କ୍ରୀଡ଼ାକୁ ତା'ର ଉପଯୁକ୍ତ ଅଧିକାର ଦେବା ଲାଗି ଆମେ ଭାରତ ସରକାର ଓ ବିଶ୍ୱ ଫେଡେରେଶନ ସହିତ କାମ କରିବା ଜାରି ରଖିବୁ ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ଖୋ ଖୋ ଭଳି ସ୍ୱଦେଶୀ କ୍ରୀଡ଼ା ଲାଗି ହାଇ-ପରଫର୍ମାନ୍ସ ସେଣ୍ଟର ନିର୍ମାଣ କରିଛି। ଏହି ଉଲ୍ଲେଖନୀୟ ପଦକ୍ଷେପ ପାରମ୍ପରିକ କ୍ରୀଡ଼ା ପ୍ରତି ଲୋକଙ୍କ ଚିନ୍ତାଧାରା ବଦଳାଇଛି। ଉପଯୁକ୍ତ ପ୍ରଶିକ୍ଷଣ, ଭିତ୍ତିଭୂମି ଓ ନୂତନତ୍ୱ ମାଧ୍ୟମରେ ପାରମ୍ପରିକ କ୍ରୀଡ଼ାକୁ ପେସାଦାର କ୍ରୀଡ଼ା ଭଳି ଲୋକପ୍ରିୟ କରିହେବ। ଓଡ଼ିଶା ଜଗରନଟ୍ସ ରାଜ୍ୟ ସରକାରଙ୍କ ମାଲିକାନାରେ ଥିବା ଏକମାତ୍ର ଫ୍ରାଞ୍ଚାଇଜ, ଯାହାକି ଅଲ୍ଟିମେଟ ଖୋ ଖୋ ଲିଗ୍‌ରେ ଚାମ୍ପିୟନ ହୋଇଛି। ଏହା ଦର୍ଶାଉଛି ଯେ, ନିରନ୍ତର ସମର୍ଥନ ଓ ସୁଚିନ୍ତିତ ନିବେଶ ମାଧ୍ୟମରେ କିଛି ବି ହାସଲ କରାଯାଇପାରେ ବୋଲି ସେ କହିଛନ୍ତି। ୱେଭ୍ସ ୨୦୨୫ ସମ୍ମାନିତ ବକ୍ତାଙ୍କ ପ୍ୟାନେଲରେ ପ୍ରୋ କବାଡ଼ି ଲିଗ କମିଶନର ଅନୁପମ ଗୋସ୍ୱାମୀ, ଗ୍ଲୋବାଲ କବାଡି ଆଇକନ ଫାଜେଲ ଅତ୍ରାଚାଲି ଓ ଖୋ ଖୋ ଫେଡେରେଶନ ଅଫ ଇଣ୍ଡିଆ ସଭାପତି ସୁଧାଂଶୁ ମିତ୍ତଲ ସ୍ଥାନ ପାଇଥିଲେ। ସେମାନେ ସରକାର, ଫେଡେରେଶନ, ଗଣମାଧ୍ୟମ ଓ ଆଥ୍‌ଲେଟଙ୍କ ସମର୍ଥନରେ ଭାରତର ପାରମ୍ପରିକ କ୍ରୀଡ଼ାକୁ କେଉଁଭଳି ଅଲିମ୍ପିକ୍ସ ଭଳି ଅନ୍ତର୍ଜାତୀୟ ପ୍ଲାଟଫର୍ମକୁ ନିଆଯାଇପାରିବ, ତାହା ଉପରେ ଆଲୋଚନା କରିଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ଆଜିର ସମ୍ପାଦକୀୟ
**ଏବକାର ଭାରତ-ପାକିସ୍ତାନ**

**ସୂଚନା:** ଅନିବାର୍ଯ୍ୟ କାରଣରୁ 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୦୫।୦୫।୨୦୨୫ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୦୨।୦୫।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହୋଇଛି। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ **(https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ୍ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

ନିର୍ଦ୍ଦେଶକ
ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0098/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚ ଚାରିଟେବୁଲ ଟ୍ରଷ୍ଟ, କଟକର ପ୍ରଥମ ବାର୍ଷିକୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିନ୍ଦୁ ସାହିତ୍ୟ ସମାଜର ଦଶମ ବାର୍ଷିକୋତ୍ସବ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନ୍ୟାଶନାଲ ଓମେନ୍ସ ବିଜିନେସ ମେଳା ୨.୦ର ଉଦ୍‌ଯାପନୀ, ସ୍ଥାନ: ଇଡ୍‌କୋ ଏକ୍ସିବିଶନ, ସମୟ: ଅପରାହ୍ନ ୪ଟା।
- ଗୁରୁ ଦେବପ୍ରସାଦ ଦାଶ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ମଧ୍ୟାହ୍ନ ୬ଟା ୩୦।

## କଟକ
- ଶ୍ରୀ ଶ୍ରୀ ପଞ୍ଚାନନେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ପାଞ୍ଚଗାଁ, ତିଗିରିଆ, ସମୟ: ସକାଳ ୭ଟା।

## ପୁରୀ
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପିପିଲି ଟୋଲ ଗେଟ୍ ନିକଟସ୍ଥ, ସମୟ: ସକାଳ ୭ଟା।

## ବାଲେଶ୍ୱର
- ଜଗନ୍ନାଥ ସେବା ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀ ଦୁର୍ଗା କଲ୍ୟାଣ ମଣ୍ଡପ, ପାରୁଳିଆ ଛକ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ଚନ୍ଦନ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଆଙ୍କୋ ଚନ୍ଦନ ପଡ଼ିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ପଧାନପଡ଼ା ପଞ୍ଚାୟତ ହାଇସ୍କୁଲ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୀର୍ତ୍ତନ ବିହାରୀ ଲକ୍ଷ୍ମୀଦେବୀ ମେମୋରିଆଲ ଟ୍ରଷ୍ଟର ୩ୟ ବାର୍ଷିକ ସମାରୋହ, ସ୍ଥାନ: ଉପର ବାଗୁରାଇସ୍ଥିତ ମା' ଦୁର୍ଗା ପାଲେସ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବର ୧୦ମ ସନ୍ଧ୍ୟା, ସ୍ଥାନ: ବାଲିନଗର ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ବିପ୍ଲବୀ ଧରଣୀଧର ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଖବରଦାତା ସମ୍ମିଳନୀ, ସ୍ଥାନ: ଦରବାରହଲ, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ବିଶ୍ୱ ହସ ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ର, ସ୍ଥାନ: ଖମ୍ବେଶ୍ୱରୀ ପାଟଣା ଆସିକା, ସମୟ: ସକାଳ ୯ଟାଠାରୁ ଆରମ୍ଭ।
- ୱାଟର ପାର୍କ, ଫୁଡ ପାର୍କ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ, ସମୟ: ପୂର୍ବାହ୍ନ ୧୦ ଟା ।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଭଞ୍ଜନଗର କେଏସ୍‌ୟୁବି କଲେଜ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ
- ହନୁମାନ ଜୀଉଙ୍କ ୧୭ତମ ଜନ୍ମବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କାନାଳ ଦୁର୍ଗାବଜାର ହନୁମାନ ବାଟିକା, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ଶାନ୍ତିକୁଞ୍ଜ ହରିଦ୍ୱାର କଳସରଥର ପାରାଦୀପ ସହର ପରିକ୍ରମା, ସ୍ଥାନ: ବିଜୟଚନ୍ଦ୍ରପୁର ପାରାଦୀପ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଜିଲା ପୋଲିସ ପ୍ରଶାସନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସଦର ପୋଲିସ ଥାନା, ଶ୍ୟାମସୁନ୍ଦରପୁର, କେନ୍ଦ୍ରାପଡା, ସମୟ: ସକାଳ ୮ଟା।

## ରାୟଗଡ଼ା
- ନୀଳକଣ୍ଠେଶ୍ୱର ଦେବାଳୟ ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଅଙ୍କୁରାରୋପଣ, ଗଙ୍ଗା ଯାତ୍ରା, ସ୍ଥାନ: ରିଜର୍ଭ ପୋଲିସ ଅଫିସ, ଜେକେପୁର, ସମୟ: ସକାଳ ୯ଟା।
- ମା ମୁତ୍ୟାଲାମା ମନ୍ଦିର ପ୍ରତିଷ୍ଠା, ସାଂସ୍କୃତିକ କାର୍ଯ୍ୟକ୍ରମ ରାଧାକ୍ରିଷ୍ଣା ପ୍ରେମ ଲୀଳା, ସ୍ଥାନ: କୋଳନରା, ସମୟ: ସକାଳ ୯ ଟାରୁ ଆରମ୍ଭ।

## କୋରାପୁଟ
- ୱାନ ନେଶନ ୱାନ ଇଲେକ୍ସନ ନେଇ ଆଲୋଚନା ଚକ୍ର, ସ୍ଥାନ: ଦକ୍ଷତା ବୃଦ୍ଧି କେନ୍ଦ୍ର, କୋରାପୁଟ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ୱାନ ନେଶନ ୱାନ ଇଲେକ୍ସନ ସଚେତନତା ପଦଯାତ୍ରା, ସ୍ଥାନ: କୋରାପୁଟ ବସ୍‌ଷ୍ଟାଣ୍ଡ,ସମୟ: ପୂର୍ବାହ୍ନ ୧୦ଟା ୩୦।

## ମାଲକାନଗିରି
- ପ୍ରମୋଦ ସାହୁ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ: ବାଲିମେଳା ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ: ୧୧ଟା ।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଅଷ୍ଟ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ : ଖରିଆପାଲି ଗ୍ରାମ, ସମୟ : ସକାଳ ୮ଟା।
- ଶ୍ରୀଶ୍ରୀ ସୌରୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ : ନୂଆଁବାରପାଲି ଗ୍ରାମ, ସମୟ : ସକାଳ ୮ଟା।
- .ଓଡ଼ିଶା ଯାଦବ ଟ୍ରଷ୍ଟ ବୋର୍ଡର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୪ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ଏବଂ ସାହିତ୍ୟ ସାଧକ ଡ. ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ଜୟନ୍ତୀ ସଭା, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଅସୀ ଚାଳନା ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର ସମୟ: ସକାଳ ୬ଟା।

## ରାଉରକେଲା
- ଉତ୍କଳ ଗୀତିକବି ସମାଜର ଜୟଦେବ ଜୟନ୍ତୀ ସମାରୋହ, ସ୍ଥାନ: ଜଗଦା ସାଂସ୍କୃତିକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ବୈଶାଖି ସାହିତ୍ୟ ସଂସଦର ୩୫ତମ ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ କଲୋନି, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମାର୍ଟସିଟି ବିକାଶ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ମଧୁସୂଦନପାଲୀ, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ୱେଷା ପକ୍ଷରୁ ମାଗଣା ହାଟ, ସ୍ଥାନ: କୃଷ୍ଣ କଲୋନି, ସେକ୍ଟର-୬, ସମୟ: ପୂର୍ବାହ୍ନ ୧୧ଟା।
- ସୋଟୋକାନ୍ କରାଟେ ବେଲ୍ଟ ଆୱାର୍ଡ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୯ ଉଦ୍ୟାନ, ସମୟ: ଅପରାହ୍ନ ୫ଟା।
- ଓଡ଼ିଆ ଭାଷା ସାହିତ୍ୟକୁ ନେଇ ଆଲୋଚନାଚକ୍ର, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ଷୋହଳ ପ୍ରହରୀ ନାମଯଜ୍ଞ କଳସ ଅଧିବାସ, ସ୍ଥାନ: କୋକନରା, ପାଇକମାଳ,ସମୟ: ସକାଳ ୮ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ,ସ୍ଥାନ: ଲୋହରସିଂ, ଝାରବନ୍ଧ,ସମୟ:ସକାଳ: ୮ଟା।
- ସ୍ୱର୍ଗତ ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ୯୦ ଜୟନ୍ତୀ ଉତ୍ସବ , ସ୍ଥାନ: ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ, ବରଗଡ଼,ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଅଡଗାଁ ସେବା ସମବାୟ ସମିତି, ବରଗଡ଼,ସମୟ: ସକାଳ ୯ଟା।
- ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ,ସ୍ଥାନ : ବ୍ଲକ ସମ୍ମିଳନୀ କକ୍ଷ, ବରପାଲି, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ଜୁନିୟର ଆନ୍ତଃ କ୍ଲବ କ୍ରିକେଟ ଉଦ୍‌ଯାପିତ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ପଣ୍ଡରାମାଳି ସମାଜର ସମାବେଶ, ସ୍ଥାନ: ଜୁନାଗଡ଼ ବ୍ଲକ ଚାରବାହାଲ ଧାନମଣ୍ଡି, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ:ଦେବଗଡ ସହର, ସମୟ: ପାନ୍ତଃ ୪ଟା।
- ଅଷ୍ଟ ପ୍ରହରୀ ନାମ ଯଜ୍ଞ, ସ୍ଥାନ: ବଣିଆ ସାହି, ଦେବଗଡ,ସମୟ:ସକାଳ ୬ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି ,ସ୍ଥାନ: ବାରକୋଟ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ:ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର,ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ଅନ୍ତର୍ଡାରେ କୀର୍ତ୍ତନ୍ୟ ମଣ୍ଡପ ପ୍ରତିଷ୍ଠା, ହରିନାମ ଓ ରାମାୟଣ ପୁରାଣ ପଠନ କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି, ସ୍ଥାନ: ଗ୍ରାମସ୍ଥିତ କୀର୍ତ୍ତନ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ସୋରୀପଡା ଗାଁ, ସମୟ: ପ୍ରାତଃ ୫ଟା ୧୫।
- ଜିଲାସ୍ତରୀୟ ଓବିସି ମଞ୍ଚର ସାଧାରଣ ବୈଠକ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ପଞ୍ଚାୟତ ଭଇଁସଇପାଟ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଦେଓସିଲ ଗାଁ, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା
- ହନୁମାନ ମନ୍ଦିରରେ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପଠନ, ସ୍ଥାନ :ସାହାପଡ଼ା ହନୁମାନ ମନ୍ଦିର, ସମୟ:ସକାଳ ୮ଟା।
- ଦୁର୍ଗା ମନ୍ଦିରରେ ଦୁର୍ଗା ସହସ୍ର ନାମ ପଠନ, ସ୍ଥାନ:ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୯ଟା।
- ଯକ୍ଷ୍ମା ଜନିତ ରୋଗ ପାଇଁ ସଚେତନତା ଶିବିର, ସ୍ଥାନ:ତିଳେଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ:ସକାଳ ୯ଟା।

# ଟାଙ୍ଗିଆରେ ହାଣି ପଡ଼ୋଶୀଙ୍କୁ ହତ୍ୟା

ଗୁଣପୁର,୩।୫(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ପଦ୍ମପୁର ଥାନା ଅଧୀନ ଗୁଣପୁର ବ୍ଲକ ଡମ୍ବସରା ପଞ୍ଚାୟତ ସୌରା ବିକ୍ରମପୁର ଗ୍ରାମରେ ଜଣେ ବ୍ୟକ୍ତି ଶୁକ୍ରବାର ରାତିରେ ଟାଙ୍ଗିଆରେ ହାଣି ତାଙ୍କ ପଡ଼ୋଶୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ଚୈତନ୍ୟ ଶବର (୪୮)। ଶନିବାର ସକାଳେ ଅଭିଯୁକ୍ତ ପଣ୍ଡା ଶବର ପଦ୍ମପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ମୃତକଙ୍କ ସ୍ତ୍ରୀ ମେଲୁଣିଙ୍କ କହିବାନୁଯାୟୀ, ଚୈତନ୍ୟ ଓ ପଣ୍ଡାଙ୍କ ମଧ୍ୟରେ କୌଣସି କଥାକୁ ନେଇ ପୂର୍ବରୁ ଶତ୍ରୁତା ଥିଲା। ଶୁକ୍ରବାର ଚୈତନ୍ୟ ଘରେ ଖାଉଥିବା ସମୟରେ ପଣ୍ଡା ଓ ତାଙ୍କ ପୁଅ ଦୁହେଁ ଘର ଭିତରକୁ ଆସି ହଠାତ୍ ତାଙ୍କ ଉପରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଚୈତନ୍ୟଙ୍କ ମୃତ୍ୟୁ ହୋଇଯାଇଥିଲା। ଚୈତନ୍ୟଙ୍କୁ ହତ୍ୟା କରାଯାଇଥିବା ନେଇ ପଦ୍ମପୁର ଥାନାରେ ତାଙ୍କ ଝିଅ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିବା ପଦ୍ମପୁର ଥାନାଧିକାରି ଧରଣୀଧର ପ୍ରଧାନ ସୂଚନା ଦେଇଛନ୍ତି।

## ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦୋଳ ବାସି, ଜଳ ବାସି, ଅଗି ବାସି**
**କି କରିବ ଖଡ଼ି ଘଷି।**

ଦୋଳ ପୂର୍ଣ୍ଣିମା, ସ୍ନାନ ପୂର୍ଣ୍ଣିମା ଏବଂ ଅଗ୍ନି ପୂର୍ଣ୍ଣିମା ପରେ କିଆରିକୁ ପ୍ରଥମେ ଚାଷ କରିବା ଭଳି ଅନେକ ଶୁଭ କାର୍ଯ୍ୟମାନ ଆରମ୍ଭ କରାଯାଇଥାଏ। ଏଥିପାଇଁ ଗଣନା ଅନାବଶ୍ୟକ ବୋଲି ଏଠାରେ ସୂଚିତ କରାଯାଇଛି।

**ଦାନ ଦିଆ ଗାଈର କି ଦାନ୍ତ ଦେଖା?**

ଦାନ୍ତ ଦେଖି ଗାଈ ବଳଦ ଭଲ କି ଖରାପ ତାହା ଜଣାପଡ଼ିଯାଇଥାଏ। ତେବେ ଦାନ ସୂତ୍ରରେ ମିଳିଥିବା ବସ୍ତୁଟି ଭଲ ହେଉ ବା ମନ୍ଦ ହେଉ ତାହା ବିଚାର କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଶ୍ରମିକଙ୍କ ସହ ମାଟି ଖୋଳିଲେ ବିଡିଓ

ପାଟଣା,୩।୫
(ବୀର କିଶୋର ଦାଶ)

ପ୍ରାୟତଃ ଅଫିସରମାନେ ତୃଣମୂଳସ୍ତରକୁ ଯାଆନ୍ତିନାହିଁ। କାର୍ଯ୍ୟାଳୟରେ ଶୀତତାପ ନିୟନ୍ତ୍ରଣ କୋଠରିରେ ବସି କାର୍ଯ୍ୟର ସମୀକ୍ଷା କରୁଥିବା ଅଭିଯୋଗ ହୋଇଥାଏ। ମାତ୍ର କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବିଡିଓ ମାନସ କୁମାର ଦଣ୍ଡପାଟଙ୍କ କାର୍ଯ୍ୟଶୈଳୀ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଶନିବାର ପାଟଣା ବିଡିଓ ପାଲାଣଘାଟି ପଞ୍ଚାୟତ କୁମୁଲାବାହାଲି ସୋସା ସାହିଠାରେ ଚାଲିଥିବା ମନରେଗା ଯୋଜନାରେ ପୋଖରୀ କାମ ତଦାରଖ କରିବାକୁ ଯାଇଥିଲେ। ଏହି ସମୟରେ ଶ୍ରମିକଙ୍କ ସହ ନିଜେ ଖରାରେ ମାଟି ଖୋଳି ଶ୍ରମିକଙ୍କୁ ଉତ୍ସାହିତ କରିଛନ୍ତି। ହାତରେ ଗଈଁତି ଧରି ମାଟି ଖୋଳି ଶ୍ରମିକଙ୍କ ସହ କିଛି ସମୟ ବିତାଇଥିଲେ। ବିଡିଓଙ୍କ ଏଭଳି ପ୍ରେରଣାଦାୟୀ କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।



ବିଡିଓ ମାନସ କୁମାର ଦଣ୍ଡପାଟ ଗଈଁତି ଧରି ମାଟି ଖୋଳୁଛନ୍ତି।

# ସରକାରଙ୍କ ବର୍ଷକର ସଫଳତାର ବିବରଣୀ ପାଇବେ ଜନସାଧାରଣ

ଭୁବନେଶ୍ୱର, ୩।୫ (ବନ୍ଦନା ସେଠୀ)

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉତ୍ସବକୁ ସ୍ୱତନ୍ତ୍ର ଭାବେ ପାଳନ କରିବା ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତି ଉଦ୍ଦେଶ୍ୟରେ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରି ଉତ୍ସବକୁ ଅର୍ଥପୂର୍ଣ୍ଣ, ଅନ୍ତର୍ଭୁକ୍ତୀକରଣ ଓ ପ୍ରଭାବଶାଳୀ ଭାବେ ଆୟୋଜନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ସରକାରଙ୍କ ଏକବର୍ଷର ସଫଳତାର ବିବରଣୀ ରାଜ୍ୟବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ସେ ପରାମର୍ଶ ଦେଇଥିଲେ। ସମସ୍ତ ୧୧୫ଟି ପୌରାଞ୍ଚଳ (ୟୁଏଲ୍‌ବି), ଆର୍‌ଟିଓ ଅଞ୍ଚଳ ଓ ବନ୍ଦର କ୍ଷେତ୍ରରେ ଉନ୍ନତି ଉପଲବ୍ଧି ବିଷୟରେ ଅବଗତ କରିବା, ପ୍ରଦର୍ଶନୀ ଓ ମଲ୍ଟିମିଡିଆ ଅଭିଯାନ ମାଧ୍ୟମରେ ସଫଳ କାହାଣୀ ଓ ନବଚେତନାତ୍ମକ ପ୍ରୟାସଗୁଡିକୁ ଦେଖାଇବା, କାର୍ଯ୍ୟକାରୀ କରାଯାଇଥିବା ପ୍ରକଳ୍ପଗୁଡିକର ଲୋକାର୍ପଣ ଓ ଶିଳାନ୍ୟାସ, ଭିଜୁଆଲ ଓ ଡକ୍ୟୁମେଣ୍ଟେଶନ ପ୍ରସ୍ତୁତି, ବିଭାଗୀୟ ସଫଳତା ବିବରଣୀ ଉପସ୍ଥାପନ ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ନାଗରିକ ଭାଗୀଦାରିତା ଭାବେ ଘର, ସ୍ୱଚ୍ଛତା, ପରିବହନ ଓ ସହରାଞ୍ଚଳ ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବିଭାଗ ଅନୁଯାୟୀ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଓ ସମସ୍ତ କାର୍ଯ୍ୟକ୍ରମରେ ସର୍ବାଧିକ ଜନସାଧାରଣ ଭାଗୀଦାରି ସୁନିଶ୍ଚିତ କରିବାକୁ ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହି ଉତ୍ସବ ଏକ ନାଗରିକ କୈନ୍ଦ୍ରିକ ଏବଂ ଗଣତାନ୍ତ୍ରିକ ଶାସନର ପ୍ରତିବିମ୍ବ ଭାବେ ଆୟୋଜିତ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଝିଞ୍ଜାମ୍ ବନ୍ଦର ଉଦ୍‌ଘାଟିତ ମଞ୍ଚରେ ମୋଦିଙ୍କ ସହ ଯୋଗଦେଲେ ଥରୁର

ଥିରୁଭାନନ୍ଥପୁରମ୍,୩।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କେରଳରେ ବିଝିଞ୍ଜାମ୍ ଅନ୍ତର୍ଜାତୀୟ ବନ୍ଦରର ଉଦ୍‌ଘାଟନ କରିଛନ୍ତି। ୮,୬୮୬ କୋଟି ଟଙ୍କାରେ ନିର୍ମିତ ଏହି ଟ୍ରାନ୍ସଶିପ୍‌ମେଣ୍ଟ ବନ୍ଦରର କ୍ଷମତା ଆଗାମୀ ବର୍ଷରେ ୩ ଗୁଣ ହେବା ସହ ବିଶ୍ୱର ସର୍ବବୃହତ୍ ପଣ୍ୟବାହୀ ଜାହାଜଗୁଡ଼ିକ ଏଠାରେ ସହଜରେ ଲାଗିପାରିବ। ଆଦାନୀ ପୋର୍ଟସ୍ ଦ୍ୱାରା ଏହି ବନ୍ଦର ବିକଶିତ ହୋଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏବଂ ଥିରୁଭାନନ୍ଥପୁରମ୍‌ର କଂଗ୍ରେସ ଏମ୍‌ପି ଶଶୀ ଥରୁର ଉପସ୍ଥିତ ଥିଲେ। ଥରୁରଙ୍କ ଉପସ୍ଥିତି ଅନେକ ନେତାଙ୍କ ନିଦ ହଜାଇଦେବ ବୋଲି ପ୍ରଧାନମନ୍ତ୍ରୀ କଂଗ୍ରେସକୁ ଲକ୍ଷ୍ୟ କରି କହିଛନ୍ତି। ସୂଚନାଯୋଗ୍ୟ, ଥରୁର କିଛିଦିନ ହେଲା ଭାଜପା ପ୍ରତି କୋହଳ ଆଭିମୁଖ୍ୟ ରଖୁଥିବା ନେଇ ନିଜ ଦଳରୁ ସମାଲୋଚିତ ହୋଇ ଆସୁଛନ୍ତି। ନିକଟରେ ପହଲଗାମ୍ ଆକ୍ରମଣକୁ ନେଇ ସେ ସରକାରଙ୍କ ପାକିସ୍ତାନ ବିରୋଧୀ ପଦକ୍ଷେପକୁ ସମର୍ଥନ କରିଥିଲେ। ସେହିପରି ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ମୋଦିଙ୍କ ନେତୃତ୍ୱରେ ଭାରତର ଚତୁର କୂଟନୀତିକୁ ଥରୁର ପ୍ରଶଂସା କରିଥିଲେ। ଶୁକ୍ରବାର ଥିରୁଭାନନ୍ଥପୁରରେ ମୋଦି ପହଞ୍ଚିବା ପରେ ବିମାନବନ୍ଦରରେ ଥରୁର ତାଙ୍କୁ ସ୍ୱାଗତ କରିଥିଲେ।

# ସମ୍ପ୍ରସାରଣ ହେବ ଏମ୍ସ ଭୁବନେଶ୍ୱର

## ଜମି ଯୋଗାଣ ସହ ବିଭିନ୍ନ ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ଭୁବନେଶ୍ୱର, ୩।୫(ବନ୍ଦନା ସେଠୀ)

ସମ୍ପ୍ରସାରଣ ହେବ ଏମ୍ସ ଭୁବନେଶ୍ୱର। ଏଥିସହ ଚିକିତ୍ସା ସେବାରେ ଆହୁରି ଉନ୍ନତି ଆସିବ। ଏନେଇ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏବଂ ଅଧ୍ୟକ୍ଷ ଡା. ଶୈଳେଶ କୁମାର ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡା. ବିଶ୍ୱାସ ମୁଖ୍ୟମନ୍ତ୍ରୀଙ୍କ ସହିତ ରୋଗୀ ସେବା, ଚିକିତ୍ସା ବିଜ୍ଞାନ ଏବଂ ପ୍ରତିଷ୍ଠାନର ସମ୍ପ୍ରସାରଣ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପ୍ରସ୍ତାବ ଓ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଚାହିଦା ପୂରଣ ପାଇଁ ଏମ୍ସ ଭୁବନେଶ୍ୱରର ସମ୍ପ୍ରସାରଣ ଜରୁରୀ। ଏଥିଲାଗି ଅତିରିକ୍ତ ଜମି ଯୋଗାଇବା ଆଲୋଚନାର ପ୍ରମୁଖ ପ୍ରସଙ୍ଗ ଥିଲା। ଉନ୍ନତ ସହରାଞ୍ଚଳ ସେବା ଏବଂ ନାଗରିକ ସହାୟତା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଧୀନରେ ଏମ୍ସ ଭୁବନେଶ୍ୱରକୁ ସାମିଲ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ପ୍ରତିଷ୍ଠାନର ପ୍ରୟାସକୁ ପ୍ରଶଂସା କରିବା ସହ ଏହାର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବା ସହ ସ୍ୱାସ୍ଥ୍ୟସେବା ପ୍ରକ୍ରିୟାରେ କେତେକ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦେଇଥିଲେ। ପରେ ଡା. ବିଶ୍ୱାସ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍‌ଙ୍କୁ ଭେଟି ଏହି ଜାତୀୟ ପ୍ରତିଷ୍ଠାନର ବ୍ୟାପକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କାମ ହାସଲ ସକାଶେ ବିଜାତୀୟ ବ୍ୟକ୍ତିଙ୍କ ସହ ଯୋଗସୂତ୍ର ସ୍ଥାପନ କରିପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଯୋଗଦେବେ। ସହକର୍ମୀଙ୍କ ବିବାଦୀୟ ଆଲୋଚନାରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ। ବ୍ୟବସାୟ ଓ ପରିବହନ ତଥା ପାରିବାରିକ କ୍ଷେତ୍ର ବୁଝାମଣା ଶୃଙ୍ଖଳିତ ରହିବ।

**ବୃଷ** ମାନସିକ ଅସ୍ଥିରତାଜନିତ ସବୁ ସୁବିଧା ଥାଇ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନରେ ଅସମର୍ଥ ହେବେ। ନିଜ ଲୋକଙ୍କ ଉପରେ ଭରସା କରି ସୁଫଳ ପାଇବେ ନାହିଁ। କଳା, କ୍ରୀଡ଼ା ଓ ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ମାଲିମକଦ୍ଦମା ପ୍ରଭୃତିରେ ସଫଳତା ପାଇବେ।

**ମିଥୁନ** ଦୈହିକ ଅସୁସ୍ଥତାକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ସହ ପାରିବାରିକ ସମ୍ପର୍କର ପୂର୍ବାବସ୍ଥାକୁ ବଜାୟ ରଖିପାରିବେ। କର୍ମକ୍ଷେତ୍ର ପ୍ରତି ଉଦାସୀନତା ସମସ୍ୟା ସୃଷ୍ଟି କରିପାରେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ପାରିବାରିକ ସ୍ଥିତି, ବ୍ୟବସାୟିକ ଉତ୍କର୍ଷ, ନୂତନ ବନ୍ଧୁସମ୍ପର୍କ ଯୋଗୁ ଦିନଟି ପୁନର୍ବସୁ ପାଇଁ ଭଲ ରହିବ।

**କର୍କଟ** ଅର୍ଥନୈତିକ ଅବରୋଧ ଦୂର ହେବା ସହିତ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ଓ ବନ୍ଧୁବର୍ଗଙ୍କ ସହଯୋଗ ପାଇବେ। କିନ୍ତୁ କର୍ମକ୍ଷେତ୍ର ଜଞ୍ଜାଳର ବହୁଳତାଜନିତ ସ୍ୱାସ୍ଥ୍ୟହାନି ଘଟିପାରେ। ବନ୍ଧୁଙ୍କ ସହ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ କଳହର ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ଫେରିଆସିପାରେ।

**ସିଂହ** ବନ୍ଧୁଙ୍କ ସହ ଗତକାଲିର ଅସମାପ୍ତ ଆଲୋଚନା ଆଜି ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରିବ। ଶିକ୍ଷା, ପରୀକ୍ଷା, ସନ୍ତାନ ହେତୁକ ସମସ୍ୟା ସମାଧାନ ହେବାର ଆଶା ରହିଛି। କର୍ମକ୍ଷେତ୍ରରେ ପିଠି ଥାପୁଡ଼େଇ, ମିଠାକଥା କହି କାମ ହାସଲ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟ ଭଲ ରହିବା ସହ ପ୍ରିୟଜନଙ୍କ ସାନ୍ନିଧ୍ୟରୁ ସାମୟିକ ଉପକୃତ ହୋଇପାରନ୍ତି।

**କନ୍ୟା** ଯେତେ ଚେଷ୍ଟା କଲେ ମଧ୍ୟ କେତେକ କାମ ଅଧୁରା ରହିଯିବାର ସୂଚନା ରହିଛି। ଆପଣଙ୍କ ସଯୌକ୍ତିକ କଥାକୁ ବିରୋଧ କରୁଥିବା ବ୍ୟକ୍ତି ମଧ୍ୟ ସମର୍ଥନ ଜଣାଇବ। ପୂର୍ବର ଋଣ ଏବଂ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିପାରେ। ବାଣିଜ୍ୟ, ଆନୁଷ୍ଠାନିକ କାମ, ଅଧ୍ୟୟନ, ଅଧ୍ୟାପନା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ସ୍ୱାସ୍ଥ୍ୟହାନି, ଶତ୍ରୁତା ଏବଂ ଅର୍ଥର ଅଭାବ ଯୋଗୁ ଚିନ୍ତିତ ରହିପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇ ନିଜ କାମ ପ୍ରତି ଅନୁରକ୍ତି ପ୍ରକାଶ କରିବା ଭଲ। ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବ ନାହିଁ ଏବଂ ଦୀର୍ଘଦିନର ବକେୟା ଅର୍ଥ ପାଇ ଖୁସି ହେବେ। ବନ୍ଧୁଙ୍କ ସାମ୍ନାରେ ସମସ୍ୟାଟିକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି।

**ବିଛା** ପ୍ରତ୍ୟେକ କାମ ସକାଶେ ପ୍ରତୀକ୍ଷା ମାନସିକ ଅଶାନ୍ତିର କାରଣ ହେବ। ସମୟ ସ୍ରୋତରେ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ ସହ ବୈରିତା ସୃଷ୍ଟିର ଆଶଙ୍କା ରହିଛି। ଆଜି ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ତଦନୁସାରେ କାମରେ ସାହାଯ୍ୟ ମଧ୍ୟ କରିବେ । ପାରିବାରିକ ସ୍ଥିତି, ବ୍ୟବସାୟିକ ପରିସ୍ଥିତି ପ୍ରାୟତଃ ସନ୍ତୋଷଜନକ ରହିବ।

**ଧନୁ** ବିଭିନ୍ନ କାରଣକୁ ନେଇ ପରିସ୍ଥିତି ଜଟିଳ ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ଆର୍ଥିକ ଅଭିବୃଦ୍ଧି ସହିତ ବନ୍ଧୁ ସମ୍ପର୍କ, ଆରମ୍ଭ କରିଥିବା କାମ, ଦୂରଯାତ୍ରା ଓ ଆଲୋଚନାରେ ସଫଳତା ମିଳିବ। ସଭାସମିତି, ଆନୁଷ୍ଠାନିକ କାମ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଚାପଗ୍ରସ୍ତ କାରଣରୁ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ମକର** ଲୋକ ସମ୍ପର୍କ ଓ ବଳିଷ୍ଠ ପାରିବାରିକ ସ୍ଥିତି କାରଣରୁ ସାଧାରଣ ସମସ୍ୟା ଓ ମାନସିକ ଚିନ୍ତାରୁ ମୁକ୍ତ ରହିବେ। ଅଟକି ରହିଥିବା ଯାତ୍ରା, ସ୍ଥଗିତ କାର୍ଯ୍ୟ, ବ୍ୟବସାୟ ଓ ନୂତନ ଯୋଜନା ପାଇଁ ପରିବାରରୁ ସହଯୋଗ ପାଇବେ। ଅର୍ଥ ସଂକଟ, ମାଲିମକଦ୍ଦମା, ପରୋକ୍ଷ ଶତ୍ରୁତା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କୁମ୍ଭ** ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଆଜି ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ମଧ୍ୟ ଆପଣଙ୍କ କାମରେ ହସ୍ତକ୍ଷେପ କରିବ ନାହିଁ। ସାଧାରଣ କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବାର ଆଶଙ୍କା ଦେଖାଦେବ।

**ମୀନ** ବିଶିଷ୍ଟ ବ୍ୟକ୍ତିଙ୍କ ସହୃଦୟତା ଆପଣଙ୍କ ପାଇଁ ସହାୟ ହେବ। ପରିସ୍ଥିତି ପ୍ରତି ସଜାଗ ରହି କାମ କରି ଚାଲିଲେ ପ୍ରତିବନ୍ଧକ ବେଶୀ ସମୟ ଅଟକାଇ ପାରିବ ନାହିଁ। ଦୃଢ଼ ଇଚ୍ଛାଶକ୍ତି ବଳରେ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ଆର୍ଥିକ ସ୍ଥିତି, ସାମାଜିକ ପ୍ରଗତି, ପୂର୍ବପରି ଅକ୍ଷୁଣ୍ଣ ରହିବା ଯୋଗୁ ଖୁସି ଅନୁଭବ କରିବେ।


ଆଜି ମେ ୪ ତାରିଖ, ବିଶ୍ୱ ହାସ୍ୟ ଦିବସ, (ମେ ପ୍ରଥମ ରବିବାର, ବୈଶାଖ ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ରବିବାର। ରାଶିନକ୍ଷତ୍ର- ଦିବା ଘ.୧୨।୫୪ମି. ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ତାପରେ ଅଶ୍ଳେଷା ନକ୍ଷତ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୯ ଗତେ ଘ.୦୯।୩୫ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ୦୪।୩୧ ଗତେ ଘ.୦୬।୦୭ ମଧ୍ୟେ ରାହୁକାଳ।

# ସବୁ ବିଷୟରେ ପାସ୍, ମାର୍କଶିଟ୍‌ରେ ଫେଲ୍

## ମାଟ୍ରିକ ପରୀକ୍ଷାଫଳରେ ତ୍ରୁଟି

ଏରସମା,୩।୫ (ଦୀପ୍ତି ଖଣ୍ଡୁଆଳ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଗଡ଼ହରିଶପୁର ପଞ୍ଚାୟତସ୍ଥିତ ମାର୍କଣ୍ଡ ବିଦ୍ୟାମନ୍ଦିରରେ ମାଟ୍ରିକ ପରୀକ୍ଷା ଫଳାଫଳରେ ତ୍ରୁଟି ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟର ୫ ଜଣ ଛାତ୍ର ସବୁ ବିଷୟରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ମୋଟ ଫଳାଫଳରେ ଫେଲ୍ ବୋଲି ଦର୍ଶାଯାଇଛି। ଏପରିକି ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟ୍ ଓ ମାଟ୍ରିକ ପରୀକ୍ଷାଫଳ ପ୍ରକାଶିତ ବହିରେ ମଧ୍ୟ ଫେଲ୍ ବୋଲି ଉଲ୍ଲେଖ ରହିଛି। ଏନେଇ ସେମାନେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଛନ୍ତି। ଛାତ୍ର ଶକ୍ତିପ୍ରସାଦ ବିଶ୍ୱାଳଙ୍କ କହିବାନୁଯାୟୀ, ସେ ଓଡ଼ିଆରେ ୪୬, ଇଂଲିଶ୍ ୩୭, ଭୋକେଶନାଲ ( ଅଟୋମୋଟିଭ )୬୭, ଗଣିତ ୩୪, ବିଜ୍ଞାନ ୩୪, ସାମାଜିକ ବିଜ୍ଞାନରେ ୩୨ ଏହିପରି ମୋଟ୍ ୨୫୦ ନମ୍ବର ରଖି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ନିୟମ ଅନୁସାରେ ସବୁ ବିଷୟରେ ୩୦ କିମ୍ବା ତା'ଠାରୁ ଅଧିକ ମାର୍କ ରଖିଲେ ଜଣେ ପରୀକ୍ଷାର୍ଥୀ ପାସ୍ କରିବା କଥା। ଏହି ଅନୁସାରେ ଶକ୍ତିପ୍ରସାଦଙ୍କୁ ଡି ଗ୍ରେଡ୍ ମିଳିବା କଥା। ମାତ୍ର ମାର୍କଶିଟ୍‌ରେ ଏଫ୍ ଗ୍ରେଡ୍ ଲେଖା ହୋଇଥିବାରୁ ସେ ପରୀକ୍ଷାରେ ପାସ୍ କରି ପାରି ନ ଥିବା ଜଣାପଡ଼ିଛି। ତାଙ୍କ ପରି ଅନ୍ୟ ୪ ଜଣ ଛାତ୍ରଙ୍କ ପରୀକ୍ଷାଫଳରେ ତ୍ରୁଟି ପରିଲକ୍ଷିତ ହୋଇଛି। ଏନେଇ ସମ୍ପୃକ୍ତ ଛାତ୍ରଙ୍କ ଅଭିଭାବକମାନେ ଶନିବାର ବିଦ୍ୟାଳୟକୁ ଆସି ପ୍ରଧାନଶିକ୍ଷକ ଦିଲୀପ କୁମାର ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ସ୍ୱାଇଁ କହିଛନ୍ତି, ୫ ଜଣ ଛାତ୍ରଙ୍କ ମାର୍କଶିଟ୍‌ରୁ ଏଫ୍ ଗ୍ରେଡ୍ ହଟାଇବା ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ। ଖୁବ୍‌ଶୀଘ୍ର ଏହା ଠିକ୍ ହୋଇଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି।



PERSONAL DETAILS

| | |
|---|---|
| Roll No. | 028AB0103 |
| Candidate Name | SHAKTIPRASAD BISWAL |
| Father's Name | PRABIN BISWAL |
| Mother's Name | LILI BISWAL |
| Date Of Birth | 02/02/2010 |
| Name of the School | MARKANDA VIDYAMANDIR, GADAHARISHPUR |

MARKS AWARDED

| Subject Code | Subject Name | Maximum Marks | Marks Secured |
|---|---|---|---|
| FLO | FIRST LANGUAGE ODIA | 100 | 46 |
| SLE | SECOND LANGUAGE ENGLISH | 100 | 37 |
| AM | AUTOMOTIVE | 100 | 67 |
| MTH | MATHEMATICS | 100 | 34 |
| GSC | GENERAL SCIENCE | 100 | 34 |
| SSC | SOCIAL SCIENCE | 100 | 32 |

FINAL RESULT

| | |
|---|---|
| Grand Total | 250 |
| Result Grade | F |

ଶକ୍ତିପ୍ରସାଦ ବିଶ୍ୱାଳଙ୍କ ମାର୍କଶିଟ୍

# କାହା ସ୍ୱାର୍ଥରେ ଚାଲିଛି ବେଆଇନ ରେଲୱେ ସାଇଡିଂ କାର୍ଯ୍ୟ: ବିଜେଡି

ଭୁବନେଶ୍ୱର, ୩।୫(ସୁନିତ୍ ମିଶ୍ର)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ୍‌ର ବରପାଲି ଗ୍ରାମରେ ସ୍ଥାନୀୟ ଅଧିବାସୀଙ୍କ ତୀବ୍ର ବିରୋଧ ସତ୍ତ୍ୱେ ୧୦ ପ୍ଲାଟୁନ ପୋଲିସ ସହାୟତାରେ କୋଇଲା ଚାଲାଣ ଲାଗି ରେଲୱେ ସାଇଡିଂ ନିର୍ମାଣ କାହା ସ୍ୱାର୍ଥରେ ବୋଲି ବିଜେଡି ପକ୍ଷରୁ ପ୍ରଶ୍ନ କରାଯାଇଛି। ଶଙ୍ଖ ଭବନଠାରେ ଶନିବାର ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ସଞ୍ଜୟ କୁମାର ଦାସବର୍ମା କହିଛନ୍ତି, ବିଧାୟକ ଯୋଗେଶ ସିଂ ଓ ଶତାଧିକ ଗ୍ରାମବାସୀଙ୍କୁ ଅଟକ ରଖି ତରବରିଆ ଭାବେ ଚାଲିଥିବା ଏହି ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରାଯାଉ। ଏଭଳି ବେଆଇନ କାର୍ଯ୍ୟକୁ ଦୀର୍ଘଦିନ ଧରି ଗ୍ରାମବାସୀ ବିରୋଧ କରିଆସୁଛନ୍ତି। ଜିଲା ପ୍ରଶାସନକୁ ଏନେଇ ବହୁବାର ଅଭିଯୋଗ କରାଯାଇଛି। ଏହାସତ୍ତ୍ୱେ ସ୍କୁଲ, କଲେଜ ଓ ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ରେଲୱେ ସାଇଡିଂ ନିର୍ମାଣ କରାଯିବା ଯୋଗୁ ଉକ୍ତ ଅଞ୍ଚଳ ପ୍ରଦୂଷିତ ହେବା ସହ ସ୍ଥାନୀୟ ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହୋଇଛି। ପ୍ରଶାସନ ନ ଶୁଣିବା କାରଣରୁ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାରେ ଆସନ୍ତା ଜୁନ୍ ୨୫ରେ ଶୁଣାଣି ଲାଗି ଦିନ ଧାର୍ଯ୍ୟ କରାଯାଇଛି। ହେଲେ କୋଇଲା ମାଫିଆଙ୍କ ହାତବାରିସି ସାଜି ପୋଲିସ ଫୋର୍ସ ଜରିଆରେ ଜନସାଧାରଣଙ୍କୁ ଆତଙ୍କିତକରି ସ୍ଥାନୀୟ ବିଧାୟକଙ୍କ ସହ ଗ୍ରାମବାସୀଙ୍କୁ ଅଟକ ରଖି ରେଲୱେ ସାଇଡିଂ ନିର୍ମାଣ କାର୍ଯ୍ୟ ଚାଲୁ ରଖିବା ନିନ୍ଦନୀୟ। ଯଦି ଏହି କାର୍ଯ୍ୟ ସରକାର ବନ୍ଦ ନ କରନ୍ତି, ତେବେ ବିଜେଡି ଆନ୍ଦୋଳନକୁ ଆହୁରି ତୀବ୍ରତର କରିବ ବୋଲି ସଞ୍ଜୟ କହିଛନ୍ତି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଉପସ୍ଥିତ ଥିଲେ।

## ରେଳ ମନ୍ତ୍ରାଳୟ
### [ଦକ୍ଷିଣ ପୂର୍ବ ରେଳପଥ (ନିର୍ମାଣ ସଂଗଠନ)]

**ବିଜ୍ଞପ୍ତି**

**କୋଲକାତା, 11 ଅପ୍ରେଲ, 2025**

**ଏସ୍.ଓ. 1698 (ଇ).-** ଯେହେତୁ, ରେଳୱେ ଅଧିନିୟମ, 1989 (1989ର 24) (ଯାହା ପରବର୍ତ୍ତୀ ସମୟରେ ଉକ୍ତ ଅଧିନିୟମ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 20ଏ ର ଉପଧାରା (1) ଅନୁସାରେ ଭାରତୀୟ ଗେଜେଟ୍, ଅସାଧାରଣ, ଭାଗ-II, ଧାରା 3, ଉପଧାରା (ii) (ଯାହା ଉକ୍ତ ବିଜ୍ଞପ୍ତି ଭାବରେ ଉଲ୍ଲେଖ କରାଯାଇଛି) ରେ ପ୍ରକାଶିତ, ଭାରତ ସରକାରଙ୍କ ରେଳ ମନ୍ତ୍ରାଳୟ (ଦକ୍ଷିଣ ପୂର୍ବ ରେଳପଥ / ନିର୍ମାଣ ସଂଗଠନ) ର ବିଜ୍ଞପ୍ତି ସଂଖ୍ୟା ଏସ୍.ଓ. 5322 (ଇ), ତାରିଖ 11 ଡିସେମ୍ବର, 2023 ଦ୍ୱାରା, କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟର ଝାରସୁଗୁଡ଼ା ଜିଲ୍ଲାରେ ଝାରସୁଗୁଡ଼ା ୟାର୍ଡ ରୂପାନ୍ତିକରଣ (26 କିଲୋମିଟର) ସମେତ ଦୋହରୀ ଲାଇନ ଫ୍ଲାଏ ଓଭର ପରି ସ୍ୱତନ୍ତ୍ର ରେଳ ପ୍ରକଳ୍ପର ନିଷ୍ପାଦନ, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ କାର୍ଯ୍ୟକାରିତା ପାଇଁ ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବା ଅନୁଯାୟୀ ଏହି ଅଧିସୂଚନା ଜାରି କରାଯାଉଛି ।ଏବଂ, ଯେହେତୁ, 11 ଡିସେମ୍ବର, 2023 ତାରିଖରେ ବିଜ୍ଞପ୍ତି ସଂଖ୍ୟା ଏସ୍.ଓ. 5322 (ଇ) ର ସାରାଂଶ 6 ମାର୍ଚ୍ଚ, 2024 ତାରିଖରେ ଉକ୍ତ ଆଇନର ଧାରା 20ଏ ର ଉପ-ଧାରା (4) ଅନ୍ତର୍ଗତ; ଦୈନିକ ଖବରକାଗଜଗୁଡ଼ିକରେ ପ୍ରକାଶିତ ହୋଇଥିଲା, ଯଥା 'ପ୍ରମେୟ' (ଓଡ଼ିଆ ସଂସ୍କରଣ), 'ସମ୍ବାଦ' (ଓଡ଼ିଆ ସଂସ୍କରଣ), 'ଦୈନିକ ଜାଗରଣ' (ହିନ୍ଦୀ ସଂସ୍କରଣ) ଏବଂ 'ଟାଇମ୍ସ ଅଫ୍ ଇଣ୍ଡିଆ' (ଇଂରାଜୀ ସଂସ୍କରଣ)। ଏବଂ, ଯେହେତୁ, 11 ଡିସେମ୍ବର, 2023 ତାରିଖରେ ବିଜ୍ଞପ୍ତି ସଂଖ୍ୟା ଏସ୍.ଓ. 5322 (ଇ) ବିରୁଦ୍ଧରେ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ଆପତ୍ତି ଗ୍ରହଣ କରାଯାଇନାହିଁ; ଏବଂ ଯେହେତୁ, ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (1) ଅନୁଯାୟୀ, ସକ୍ଷମ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି;

ଏବେ, ଯେହେତୁ, ଦକ୍ଷ ଅଧିକାରୀଙ୍କ ଉପରୋକ୍ତ ରିପୋର୍ଟ ପ୍ରାପ୍ତ ହୋଇଛି, ଉକ୍ତ ଅଧିନିୟମ ଧାରା 20ଇ ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଜମି ଅଧିଗ୍ରହଣ କରାଯିବ;

ଏବଂ ଏହା ସହିତ, ଉକ୍ତ ଆଇନର ଧାରା 20ଡି ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ, ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ପରେ, ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମିଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ସରକାରଙ୍କର ହେବ, ସମସ୍ତ ଜବରଦଖଲରୁ ମୁକ୍ତ।

ଏହି ପରିପ୍ରେକ୍ଷୀରେ, ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ଥାନା/ଜିଲ୍ଲା: ଝାରସୁଗୁଡାର ଖାତା ସଂଖ୍ୟା 747/5243 ର ବ୍ୟକ୍ତିଗତ ପ୍ଲଟ୍ ସଂଖ୍ୟା 5621/10935, ଯାହାର କ୍ଷେତ୍ରଫଳ 0.060 ଏକର, ଯାହାକୁ ଅସାବଧାନତାବଶତଃ ରେଳବାଇ ଆଇନ, 1989 (1989 ର 24) ର ଧାରା 20E ଅନୁଯାୟୀ ଗେଜେଟ୍ ବିଜ୍ଞପ୍ତି ନମ୍ବର 1631, ଏସ୍.ଓ. 1710(ଇ), ତାରିଖ 12.04.2023 ରେ ନ୍ୟସ୍ତ କରାଯାଇଥିବା ଘୋଷଣା କରାଯାଇଥିଲା, ତାହାକୁ ପ୍ରତ୍ୟାହାର କରାଯାଉଛି।

**ଅନୁସୂଚୀ**

ଓଡ଼ିଶା ରାଜ୍ୟର ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ **'ଦୋହରୀ ଲାଇନ ଫ୍ଲାଏଓଭର ଝାରସୁଗୁଡ଼ା ୟାର୍ଡ ରୂପାନ୍ତିକରଣ (26 କିଲୋମିଟର)** ସହିତ ଏବଂ **'ବରପାଲି ଲୋଡିଂ ବଲ୍ବ'** ପାଇଁ ନିର୍ମାଣ ଅନ୍ତର୍ଭୁକ୍ତ କିମ୍ବା ବିନା ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା।

କ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା।

| କ୍ର. ସଂ | ଖାତା ସଂଖ୍ୟା | ପ୍ଲଟ୍ ସଂଖ୍ୟା | କିସମ | 20ଇ ପ୍ରସ୍ତାବିତ କ୍ଷେତ୍ର (ଏକରରେ) | ପଞ୍ଜୀକୃତ ଭଡ଼ାଟିଆ (ଓଡ଼ିଆ ରେ) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **କ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 32 | 1441 | ଆ. ସା. | 0.010 | ମହମ୍ମଦ ଇସାକ, ମହମ୍ମଦ ରହମଦତୁଲ୍ଲା ପି: ମହମ୍ମଦ ଇନାୟତ ଜା: ମୁସଲମାନ ବା: ନିଜଗାଁ |
| 2 | | 1427 | ବେ. ପା. | 0.200 | |
| 3 | 70 | 1416 | ମା. ସା. | 0.050 | ସତ୍ୟବତି କିସାନ, ଭାରତୀ କିସାନ, ଅନ୍ନବତୀ କିସାନ ପି- ଗଣ୍ଡା କିସାନ, ମନଚ଼ନ ମାଝୀ, ବିରଞ୍ଚି କୁମାର ମାଝୀ ପି: ଦୁର୍ଯ୍ୟୋଧନ ମାଝୀ, ଶୁକୁ କିସାନ, ପ୍ରସାଦୀ କିସାନ, ସୁମିତ୍ରା କିସାନ ପି: ଖୁଟୁଲା କିସାନ, କୁମର କିସାନ, ବନମାଳୀ କିସାନ, ସରୋଜିନୀ କିସାନ, କିଆ କିସାନ, ଗଦେ କିସାନ, ପାର୍ବତୀ କିସାନ ପି: ଶିବା କିସାନ, ଉଦ୍ଧବ କିସାନ, ନିର କିସାନ, ଅନୁପମା କିସାନ ପି: ଆଷାଢୁ କିସାନ, ବିଷ୍ଣୁ କିସାନ ପି: ଜେଠୁ କିସାନ, ସୁନିଲ କିସାନ, ଦୈତାରି କିସାନ, ଦୟା କିସାନ, ବାସନ୍ତି କିସାନ, ଜୟସିନୀ କିସାନ ପି: ଖେଡୁ କିସାନ, ବୃନ୍ଦାବତୀ କିସାନ ସ୍ୱା ଖେଡୁ କିସାନ, ରୁକ୍ମଣୀ କିସାନ ପି: ଚ଼କ୍ର କିସାନ, ଚନ୍ଦ୍ରକାନ୍ତ କିସାନ, ଅଞ୍ଜଲି କିସାନ, ରୀତାଞ୍ଜଲି କିସାନ, ପୁଷ୍ପାଞ୍ଜଲି କିସାନ ପି: ଯୁଧିଷ୍ଠିର କିସାନ, ସରୋଜିନି କେଛୋ, ବୁନ୍ଦେ କିସାନ ପି: ମଙ୍ଗଲା କିସାନ, ସମିର କିସାନ ପି- ବବୁଲୁ କିସାନ, ସୀତା କିସାନ ସ୍ୱା: ବବୁଲୁ କିସାନ, ମିନକେତନ କିସାନ, ରମେଶ କିସାନ, ସଂଞ୍ଜୁ କିସାନ, ରଞ୍ଜୁ କିସାନ ପି: ଭୁବନ କିସାନ, ସବିତା କିସାନ ସ୍ୱା: ଭୁବନ କିସାନ, ସୁକେଶି କିସାନ ପି: ପିଛାଲୁ କିସାନ ଜା: କିସାନ ବା: ନିଜଗାଁ ପଡା: ବାଲିଯୋରି |
| 4 | 78 | 5818 | ଆ. ସା. | 1.050 | ରାଜବର୍ଦ୍ଧନ ଅଗସ୍ତି, ହର୍ଷବର୍ଦ୍ଧନ ଅଗସ୍ତି, ଅନୁପ ଅଗସ୍ତି,ସର୍ବେଶ ଅଗସ୍ତି, ଶୈଲେଶ ଅଗସ୍ତି,ସୀମା ଅଗସ୍ତି, ସନ୍ଧ୍ୟା ଅଗସ୍ତି ପି: କୃପାଶଙ୍କର ଅଗସ୍ତି, ଅଞ୍ଚଳ ଅଗସ୍ତି ,ପଙ୍କଜ ଅଗସ୍ତି , ମିତା ମିଶ୍ରା ପି: ପ୍ରଭୁଶଙ୍କର ଅଗସ୍ତି, ରୋଲି ମିଶ୍ରା ଉର୍ଫ ଶୁକ୍ଳା ମା-ରକ୍ଷା ମିଶ୍ରା ଉର୍ଫ ଶୁକ୍ଳା, ଭରତ ଅଗସ୍ତି ,ସରିତା ତିୱାରୀ ,ସୁଷମା ତିୱାରୀ, ରତ୍ନା ତିୱାରୀ ପି: ରମଶଙ୍କର ଅଗସ୍ତି, ଆଶୀଷ ଶୁକ୍ଳା ପି: ଗାନ୍ଧୀ ଶୁକ୍ଳା, ନୀରଜା ମିଶ୍ରା ପି: ଗଣେଶ ମିଶ୍ରା, ନିତା ତିବାରୀ , ସୁକନ୍ୟା ଶୁକ୍ଳା, ଜୟଶଙ୍କର ଅଗସ୍ତି ପି: ସିଉମଙ୍ଗଳ ଅଗସ୍ତି, ହରିଶଙ୍କର ଅଗସ୍ତି, ଶିଉଶଙ୍କର ଅଗସ୍ତି, ରବିଶଙ୍କର ଅଗସ୍ତି, ବିଜୟ ଶଙ୍କର ଅଗସ୍ତି ପି: ଉମାଶଙ୍କର ଅଗସ୍ତି, କଳାବତୀ ଅଗସ୍ତି ସ୍ୱା: ଉମାଶଙ୍କର ଅଗସ୍ତି ଜା: ବ୍ରାହ୍ମଣ ବା: ନିଜଗାଁ |
| 5 | 189 | 5658 | ବା. ସା. | 0.050 | ଝାଡି ଉରାମ ପିତା ରାଇଲୋ ଉରାମ ମଙ୍ଗରା ଉରାମ ପିତା :, ଡିବା ଉରାମ ମୁନିଆଁ ଉରାମ ପିତା ମାହାତ ଉରାମ ଜାତି :, ଉରାମ ବାସସ୍ଥାନ ନିଜଗାଁ ପଡା ବାଲିଯୋରି । |
| 6 | | 5626 | ମା. ସା. | 0.050 | |
| 7 | 246 | 1485 | ଆ. ସା. | 0.020 | ଧନନ୍ତରୀ ପଟେଲ ପି: ବଳଦେବ ପଟେଲ, ଦୟା ସାଗର ପଟେଲ ପି: ଚିନ୍ତାମଣି ପଟେଲ ଜା: ଅଘରିଆ ବା: ନିଜଗାଁ ପଡା ବାଲିଯୋରି |
| 8 | 344 | 1495/ 6143 | ଆ. ସା. | 0.140 | ନରେଶ କୁମାର ମେହେର, ରାଜେଶ କୁମାର ମେହେର ପି. ପୁରନ୍ଦର ମେହେର, ଲକ୍ଷ୍ମୀ ମେହେର ସ୍ୱା:ପୁରନ୍ଦର ମେହେର ଜା: ଭୁଲିଆ ବା: ନିଜଗାଁ ପଡା ପୁରୁଣାବସ୍ତି |
| 9 | 349 | 1443 | ଆ. ସା. | 0.010 | ବେଦମତୀ ପଟେଲ ସ୍ୱା: ଦଶରଥ ପଟେଲ, ବିଦ୍ୟାଧର ପଟେଲ, କେଶରୀ ପଟେଲ, ପ୍ରଶାନ୍ତ ପଟେଲ, ଉଦିତ ପଟେଲ, ଟିକେଶ୍ୱରୀ ନାଏକ, ଜାହ୍ନବୀ ପଟେଲ,ମନୋରମା ପଟେଲ ପି: ଦଶରଥ ପଟେଲ, ସ୍ନେହଲତା ପଟେଲ ସ୍ୱା: ଧନ୍ୱନ୍ତରୀ ପଟେଲ, ରଞ୍ଜନ ପଟେଲ, ମଙ୍ଗଳ ପ୍ରସାଦ ପଟେଲ, ଆରତୀ ପଟେଲ, ବିନତୀ ନାଏକ ପି: ଧନ୍ୱନ୍ତରୀ ପଟେଲ, କେଦାରନାଥ ପଟେଲ,ଶାନ୍ତି ପଟେଲ,ସୁକାନ୍ତି ପଟେଲ, ଲବଙ୍ଗଲତା ନାଏକ, ଝରଣା ପଟେଲ ପି: ଦୟାସଗର ପଟେଲ ଜା: ଅଘରିଆ ବା: ନିଜଗାଁ ପଡା ବାଲିଯୋରୀ |
| 10 | 423 | 1440 | ବୀ. ପା. | 0.050 | ମହମ୍ମଦ ମଜହର ପି: ମହମ୍ମଦ ସୁଜାଏତ, ରହିମାନ ବିବି ସ୍ୱା: ମହମ୍ମଦ ସୁଜାଏତ ଜା: ମୁସଲମାନ ବା: ନିଜଗାଁ |
| 11 | | 1414 | ମା. ସା. | 0.050 | |
| 12 | | 1415 | ମା. ସା. | 0.050 | |
| 13 | | 1425 | ମା. ସା. | 0.040 | |
| 14 | | 1442 | ଆ. ସା. | 0.010 | |
| 15 | 426 | 1421 | ବା. ସା. | 0.070 | ମଜିଦୁନ ବିବି ସ୍ୱା:ନବି ଖାଁ ଜା: ମୁସଲମାନ ବା: ସୁନ୍ଦରଗଡ ଜିଲ୍ଲା ସୁନ୍ଦରଗଡ |
| 16 | | 5660 | ବା. ସା. | 0.010 | |
| 17 | 450 | 5825-A | ଆ. ସା. | 0.052 | ଜସବିର ସୋରେଙ୍ଗ ପି: ଅନୁଗ୍ରହ ପ୍ରସାଦ ସୋରେଙ୍ଗ ଜା: ଖରିଆ ବା: ବାଲିଯୋରୀ, ଝାରସୁଗୁଡ଼ା |
| 18 | | 5825-B | ବା. ସା. | 0.028 | |
| 19 | 461 | 1679/ 6103 | ଆ. ସା. | 0.800 | ପିଙ୍କି ଓରାମ, ରିଙ୍କି ଓରାମ, ଜଗନ୍ନାଥ ଓରାମ, ରିମି ଓରାମ, ଆକାଶ ଓରାମ ପି: ଚିନ ଓରାମ, ଝିମି ଓରାମ ପି: ଜୟସିଂହ ଓରାମ, ରାଜେଶ ଓରାମ ଓରଫ ଲାକଡ଼ା ପି: ମାଲୁ ଓରାମ, ରମେଶ ଲାକଡା, ମହେଶ ଲାକଡା, ଶୁବମ ଲାକଡା, ଲକ୍ଷ୍ମୀ ମିଂଜ୍, ଦୁତି ବାରଲା, ରାଇବାରୀ ବାଗ ପି: ସନିଚ଼ର ଓରାମ, ଗଣପତି ଲାକଡ଼ା ପି: ଭୀମସେନ ଲାକଡ଼ା, ଦ୍ରୋପଦୀ ଲାକଡ଼ା ସ୍ୱା: ଭୀମସେନ ଲାକଡ଼ା ଜା: ଉରାମ ବା: ନିଜଗାଁ |
| 20 | 463 | 5679 | ଆ. ସା. | 0.310 | ମଜନି ଓରାମ, ଶିବ ଓରାମ, ନିଳାମ୍ବର ଓରାମ, ରାଜେନ୍ଦ୍ର ଓରାମ, ଶାନ୍ତି ଓରାମ, ଲୋଭା ଓରାମ ପି: ଜେନା ଉରାମ, ପାର୍ବତୀ ଓରାମ ସ୍ୱା: ଜେନା ଉରାମ ଜା: ଓରାମ ବା: ନିଜଗାଁ |
| 21 | | 5680 | ବେ. ସା. | 0.040 | |
| 22 | 611 | 5822 | ଆ. ସା. | 0.250 | ସୁକାନ୍ତି ଗର୍ଡ଼ିଆ, ପୂଜା ଗର୍ଡ଼ିଆ, ଡ଼ୋଲାମଣି ଗର୍ଡ଼ିଆ, ଲିଜା ଗର୍ଡ଼ିଆ ପି: ରାଜେନ୍ଦ୍ର ଗର୍ଡ଼ିଆ, ଲୋଚନି ଗର୍ଡିଆ @ ମହାନନ୍ଦ ପି: ଶ୍ରୀରାମ ଗର୍ଡ଼ିଆ, ଲୁପାମୁଦ୍ରା ଚୌହାନ ,ବିଶ୍ୱବଳା @ ପୁଚୁଳି ତାଣ୍ଡିଆ ,ଦେବସିଂହ ତାଣ୍ଡିଆ ,ଜନସିଂହ ତାଣ୍ଡିଆ ,ସରସ୍ୱତୀ ବଙ୍କରା ପି: ମାଣିକରାମ ଗର୍ଡ଼ିଆ, ଭୁଜପତି ଗର୍ଡ଼ିଆ ପି: ମୁକ୍ତିରାମ ଗର୍ଡ଼ିଆ, ମହେଶ ଗର୍ଡ଼ିଆ, କବିତା ଗର୍ଡ଼ିଆ ପି: କୁଞ୍ଜବିହାରୀ ଗର୍ଡ଼ିଆ, ଭାରତୀ ଗର୍ଡ଼ିଆ ,ସୁନିତା ଗର୍ଡ଼ିଆ ପି: ଜୟଶଙ୍କର ଗର୍ଡ଼ିଆ, ତିଳୋତମା ଗର୍ଡ଼ିଆ ସ୍ୱା: ଜୟଶଙ୍କର ଗର୍ଡ଼ିଆ, ବେଦପଦ ଗର୍ଡ଼ିଆ ପି: ବୁଧୁରାମ ଗର୍ଡ଼ିଆ ଜା: ଗଣ୍ଡା ବା: ନିଜଗାଁ |
| 23 | 747/ 239 | 1482 | ମା. ସା. | 0.030 | ଜୟ ଘାସି, ଭୟ ଘାସି ପି:ହରି ଘାସି ଜା: ଘାସି ବା: ଓ.ଏମ୍.ପି କଲୋନୀ ଭୂୟାଁପଡା ଝାରସୁଗୁଡ଼ା |
| 24 | | 1483/6581 | ମା. ସା. | 0.030 | |
| 25 | | 1484/6582 | ମା. ସା. | 0.025 | |
| 26 | 747/ 1157 | 5682/ 7623 | ବେ. ସା. | 0.020 | ଧିନ୍ଦା ବାଡା ପି: ରାନୁ ବାଡା, ତରଣୀ ବାଡା, ହେମନ୍ତ ବାଡା, ଦିପକ ବାଡା ପି: ଧିନ୍ଦା ବାଡା ଜା: ଓରାମ ବା: ଝାରସୁଗୁଡ଼ା ବାଲିଯୋରୀ |
| 27 | 747/ 2449 | 5783/ 9139 | ଘରବାରି | 0.010 | ସନ୍ତୋଷ କୁମାର ପଟେଲ ପି:ପଦ୍ମଲୋଚ଼ନ ପଟେଲ ଜା: ଅଘରିଆ ବା: ସାଗରପାଲି, ଥା: ଭଷ୍ମା, ଜି: ସୁନ୍ଦରଗଡ଼ |
| 28 | 747/ 2606 | 1448/ 9316 | ମା. ସା. | 0.090 | ଚ଼ନନ୍ଦ ଘୋଷ ପି:ରଖହରି ଘୋଷ ଜା: କାୟସ୍ଥ ବା: ଆଇ. ଟି କଲୋନୀ, ରାଜଗଙ୍ଗପୁର, ଜି: ସୁନ୍ଦରଗଡ଼ |
| 29 | 747/ 2888 | 5783/ 9626 | ଆ. ସା. | 0.150 | ସୁଜିତ କୁମାର ଦାଶ ପି:ଡ଼ା. କିଶୋର ଚ଼ନ୍ଦ୍ର ଦାଶ ଜା: ବ୍ରାହ୍ମଣ ବା: ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟ କଲୋନୀ, ଝାରସୁଗୁଡ଼ା |
| 30 | 747/ 2919 | 5825/ 9656 | ଆ. ସା. | 0.070 | ସରିତା ତୁଙ୍ଗତୁଙ୍ଗ ପି:ଜୋନାସ ତୁଙ୍ଗତୁଙ୍ଗ ଜା: ଖଡିଆ ବା: କକ୍ସ କଲୋନୀ, ଝାରସୁଗୁଡ଼ା |
| 31 | 747/ 3261 | 1504/ 10058 | ଆ. ସା. | 0.275 | ହରିଚନ୍ଦନ ନାଏକ ପି:ନିଳାଦ୍ରି ନାଏକ ଜା: ଅଘରିଆ ବା: ବାଲିଯୋରୀ, ଥା: ତ: ଜି: ଝାରସୁଗୁଡ଼ା |
| 32 | 747/ 3327 | 5815/ 10175 | ଆ. ସା. | 0.010 | ମାଳିକା ପଟେଲ ସ୍ୱା:ଜନ୍ମଜୟ ପଟେଲ ଜା: ଅଘରିଆ ବା: କଙ୍କରାମୁଣ୍ଡା, ଥା: ଲଇକେରା |
| 33 | 747/ 3874 | 1448/ 10753 | ମା. ସା. | 0.010 | ସରସ୍ୱତୀ ଦେବୀ ଛେତ୍ରୀ ସ୍ୱା:ବିନୟ କୁମାର ଛେତ୍ରୀ, ଜା: ଛେତ୍ରୀ ବା: ଓ. ଏସ୍. ଏ. ପି. ଦ୍ୱିତୀୟ ବାଟାଲିୟନ, ଝାରସୁଗୁଡ଼ା |
| 34 | 747/ 3979 | 5816/ 10862 | ଆ. ସା. | 0.020 | କ୍ଷୀର ସାଗର ମୁଣ୍ଡା ପି:ସୁଦାମ ମୁଣ୍ଡା ଜା: ମୁଣ୍ଡା ବା: ଅଭୟପୁର, ମୁଣ୍ଡାପଡ଼ା, ଥା: ବ୍ରଜରାଜନଗର |
| 35 | 747/ 4002 | 5622/ 10888 | ଘରବାରି | 0.030 | ଶ୍ୟାମ ବାହାଦୁର ରଣା ପି:ପ୍ରେମ ବାହାଦୁର ରଣା ଜା: ରାଜପୁତ ବା: ଓ. ଏସ୍. ଏ. ପି, ଝାରସୁଗୁଡ଼ା |
| 36 | 747/ 4012 | 5622/ 10898 | ଘରବାରି | 0.020 | ରାଜୁ ବାହାଦୂର ଥାପା ପି:ସରତ ବାହାଦୂର ଥାପା ଜା: ରାଜପୁତ ବା: ସେକ୍ଟର - 21, ରାଉରକେଲା, ଜି: ସୁନ୍ଦରଗଡ଼ |
| 37 | 747/ 4033 | 5622/ 10917 | ଘରବାରି | 0.080 | କେ ପଦ୍ମା ଦୋରା ସ୍ୱା:କେ ମୋହନ ରାଓ ଦୋରା ଜା: ତେଲେଙ୍ଗା ବା: ବେହେରାମାଲ, ଝାରସୁଗୁଡ଼ା |
| 38 | 747/ 4804 | 5622/ 11587 | ଘରବାରି | 0.050 | ସଂଯୁକ୍ତା ମେହେର ସ୍ୱା:ଡମ୍ବରୁଧର ମେହେର ଜା: ଭୁଲିଆ ବା: ତାଲମାଲ,ଝାରସୁଗୁଡ଼ା |
| 39 | 747/ 4805 | 5622/ 11588 | ମା. ସା. | 0.050 | ପ୍ରିୟବ୍ରତ ବାରିକ ପି:ହୁକୁମ ବାରିକ ଜା: କୁଲତା ବା: କଣ୍ଡେଇକେଲା,ଥା-ରେଙ୍ଗାଲି,ଜି-ଝାରସୁଗୁଡ଼ା |
| 40 | 747/ 5425 | 5620/ 12074 | ଆ. ସା. | 0.040 | ଜୟଶ୍ରୀ ସାହୁ ସ୍ୱା:ବୁଦ୍ଧଦେବ ସାହୁ ଜା: ଖଣ୍ଡାୟତ ବା: ଅର୍ଡା, ଥା:ଲଇକେରା, ଜି:ଝାରସୁଗୁଡ଼ା |
| 41 | 747/ 5739 | 5622/ 12331 | ଘରବାରି | 0.035 | ବିନୟ କୁମାର ପାଣ୍ଡେ ପି:ରାଜେନ୍ଦ୍ର କୁମାର ପାଣ୍ଡେ ଜା: ଅଘରିଆ ବା: ଦେବାଡ଼ିହି, ଝାରମୁଣ୍ଡା ପଡ଼ା, ଝାରସୁଗୁଡ଼ା |
| 42 | 747/ 5740 | 5622/ 10913 | ଘରବାରି | 0.035 | ଉଦୟ କୁମାର ପାଣ୍ଡେ ପି:ରାଜେନ୍ଦ୍ର କୁମାର ପାଣ୍ଡେ ଜା: ଅଘରିଆ ବା: ଦେବାଡ଼ିହି, ଝାରସୁଗୁଡ଼ା |
| 43 | 747/ 5858 | 5623/ 12433 | ଘରବାରି | 0.026 | ସସ୍ମିତା ପ୍ରଧାନ ସ୍ୱା:ବିରେନ କୁମାର ଗଡନାୟକ ଜା: ଚଷା ବା: ଝଟିକିପାସି, ଥା/ଜି-ଦେବଗଡ଼, ହା.ନି. ବେହେରାମାଲ, ଝାରସୁଗୁଡ଼ା |
| 44 | | 5624/ 12432 | ଘରବାରି | 0.030 | |
| 45 | 747/ 5896 | 1489/ 12477 | ଆ. ସା. | 0.040 | ଅକ୍ଷୟ କୁମାର ନାଏକ ପି:ରତନ କୁମାର ନାଏକ ଜା: ଅଘରିଆ ବା: କୁରେବଗା, ଥା-ବଡ଼ମାଲ, ଝାରସୁଗୁଡ଼ା |
| 46 | 747/ 5911 | 5624/ 12485 | ଘରବାରି | 0.071 | ମିଲିନାମୟୀ ଧଳ ସ୍ୱା:ଆଲୋକ କୁମାର ଧଳ ଜା: ଖଣ୍ଡାୟତ ବା: କୋଲିଡ଼ିହ, ଜି-କେନ୍ଦ୍ରାପଡ଼ା, ହା.ନି. ବମ୍ବେଛକ, ଝାରସୁଗୁଡ଼ା |
| 47 | 747/ 6034 | 1489/ 9752 | ଆ. ସା. | 0.025 | ସହଦେବ ନାଏକ ପି:ନାରାୟଣ ନାଏକ ଜା: ଅଘରିଆ ବା: କୁରେବଗା, ଝାରସୁଗୁଡ଼ା |
| 48 | 747/ 6317 | 5616/ 12781 | ମା. ସା. | 0.030 | ତ୍ରିବିକ୍ରମ ସିଂହ ପି:ଗର୍ଜନ ସିଂହ ଜା: ଗଣ୍ଡା ବା: ପାନପାଲି, ଥା-ଲଇକେରା, ଝାରସୁଗୁଡ଼ା |
| 49 | 747/ 6453 | 5621/ 11086 | ଆ. ସା. | 0.040 | ଟୁଲ ବାହାଦୁର ବରଘରେ ପି:ଟିକାରମ ବରଘରେ ଜା: ନେପାଳୀ ବା: ଓ ଅସ ଏପି 2ୟ ବାଟାଲିୟନ, ଝାରସୁଗୁଡ଼ା |
| 50 | 747/ 6694 | 5681 | ବେ. ସା. | 0.010 | ଗୁଣନିଧି କିସାନ ପି:ବିଷ୍ଣୁ କିସାନ ଜା: କିସାନ ବା: ବାଲିଯୋରୀ, ଛତ୍ରିଆକଟା, ଝାରସୁଗୁଡ଼ା |
| **ଖ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 3, ଦେବାଡିହି , ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 87 | 3292/ 4073 | ଆ. ସା. | 0.020 | ଗୋବିନ୍ଦ ରାମ ଗଣ୍ଡା, ମଧୁକର ଗଣ୍ଡା, ମେଘୁ ଗଣ୍ଡା ପି: ଗରିବ ଗଣ୍ଡା ଜା: ଗଣ୍ଡା ବା: ବାଲିଯୋରୀ |
| 2 | 169 | 2862 | ବେ. ସା. | 0.010 | ସଂଜୟ ଦଣ୍ଡସେନା , ଶଙ୍କର ଦଣ୍ଡସେନା , ହେମଲତା ଦଣ୍ଡସେନା, ସାବିତ୍ରି ପ୍ରଧାନ ପି- ତ୍ରିନାଥ ଦଣ୍ଡସେନା, ପୂର୍ଣ୍ଣମୀ ଦଣ୍ଡସେନା ସ୍ୱା: ତ୍ରିନାଥ ଦଣ୍ଡସେନା, କୁନ୍ତଲା କିସାନ, ଗୋଲାପ ବାଗ, ଡିଲେଶ୍ୱରୀ ପିଙ୍ଗ, ମଧୁସୁଦନ ବାଗ, ଚିତ୍ତରଞ୍ଜନ ବାଗ ପି: ହୀରା ବାଗ, ଦ୍ରୌପଦୀ ମାଝୀ,ସନାତନ ଦଣ୍ଡସେନା, ଯଶୋଦା ମାଝି, ଚର୍ତୁଭୁଜ ଦଣ୍ଡସେନା, କୌଶଲ୍ୟା ପ୍ରଧାନ , ଦେବକୀ କିସାନ ପି: ହେମସାଗର ଦଣ୍ଡସେନା, ଜମ୍ବୋବତୀ କିସାନ,ବିନୋଦ ଦଣ୍ଡସେନା ପି: ପୁରନ୍ଦର ଦଣ୍ଡସେନା, ଯୋଗେନ୍ଦ୍ର ପ୍ରଧାନ ପି: ମହେଶ ପ୍ରଧାନ, କିଶୋରୀ ଦଣ୍ଡସେନା, ମିନା ଦଣ୍ଡସେନା, ବିଘ୍ନେଶ୍ୱର ଦ ଦଣ୍ଡସେନା ପି: କାନ୍ତି ଦଣ୍ଡସେନା, ଧରମୁ ଦଣ୍ଡସେନା ,ସନ୍ତୁର୍ଯ୍ୟ ଦଣ୍ଡସେନା , ଭଗବାନ ଦଣ୍ଡସେନା ,ଶୁଖ ଦଣ୍ଡସେନା ଉର୍ଫ ପ୍ରଧାନ ପି: ବାଲମକୁନ୍ଦ ଦଣ୍ଡସେନା ଜା: କିସାନ ବା: ନିଜଗାଁ |
| 3 | | 2864 | ବା. ସା. | 0.410 | |
| 4 | | 3196 | ମା. ସା. | 0.020 | |
| 5 | | 3446 | ମା. ସା. | 0.005 | |
| 6 | | 3447 | ମା. ସା. | 0.005 | |
| 7 | | 3458 | ମା. ସା. | 0.020 | |
| 8 | | 3470 | ଆ. ସା. | 0.015 | |
| 9 | 170 | 3449 | ମା. ସା. | 0.020 | ତ୍ରିନାଥ ଦଣ୍ଡସେନା ପି: ଘନଶ୍ୟାମ ଦଣ୍ଡସେନା ଜା: କିସାନ ବା: ନିଜଗାଁ, ରମ୍ଭାବତୀ ବାଗ ପି: ମହେଶ୍ୱର ଦଣ୍ଡସେନା ଜା: କିସାନ ବା: ବାଙ୍କି ଲଏକେରା |
| 10 | | 3463 | ଆ. ସା. | 0.010 | |
| 11 | 180 | 3189/ 4051 | ଆ. ସା. | 0.030 | ତ୍ରିନାଥ ଦଣ୍ଡସେନା, ହିରା ବାଗ, ପିତା: ଘନଶ୍ୟାମ ଦଣ୍ଡସେନା, :,ହେମ ସାଗର ଦଣ୍ଡସେନା, ପିତା: ଶୁଖି ଦଣ୍ଡସେନା, :,ପୁରନ୍ଦର ଦଣ୍ଡସେନା, ପିତା ବୁଡ଼ା ଦଣ୍ଡସେନା ପଦ୍ମା ଦଣ୍ଡସେନା :, ପିତା: ଭୁଲା ଦଣ୍ଡସେନା, କସ୍ତୁରୀ ଦଣ୍ଡ଼ସେନା ସ୍ୱାମି ଭୁଲା :,ଦଣ୍ଡସେନା କାନ୍ତି ଦଣ୍ଡସେନା ପିତା ଭୁଲା ଦଣ୍ଡସେନା ବାଳମକୁନ୍ଦ :,ଦଣ୍ଡସେନା ପିତା ଲିମ୍ବ ଦଣ୍ଡ଼ସେନା ଜାତି କିସାନ ବାସସ୍ଥାନ :,ଝାରସୁଗୁଡ଼ା ଟାଉନ ପଡା ଦେବାଡିହି ବେଆଇନ ଖରିଦ ସୁତ୍ରେ :, ଦଖଲ ରମେନ୍ଦ୍ରନାଥ ମୁଖାର୍ଜୀ ପିତା ବିଶେଶ୍ୱର ମୁଖାର୍ଜୀ :,ଜାତି ବ୍ରାହ୍ମଣ ବାସସ୍ଥାନ ନିଜଗାଁ ପଡା କାଳିମନ୍ଦିର :,ରେଜିଷ୍ଟି ଦଲିଲ ନମ୍ବର 1404 ତାରିଖ 21.7.67 ଜର ସମନ :,ଟଙ୍କା 100.00 । ବା: |
| 12 | 194 | 3536 | ବା. ପା. | 0.020 | ଧ୍ରୁବ ଚରଣ ପାଣ୍ଡେ, କଳ୍ପନା ନାଏକ, ଅଞ୍ଜନା ପଟେଲ , ହରିଶ୍ଚନ୍ଦ୍ର ପାଣ୍ଡେ ପି: ଦୀନମଣି ପାଣ୍ଡେ, କଳ୍ପନା ପାଣ୍ଡେ ସ୍ୱା: ପ୍ରହଲ୍ଲାଦ ପାଣ୍ଡେ, ଆଲିସା ପାଣ୍ଡେ, ଅଲିଭା ପାଣ୍ଡେ, ଆକ୍ରୁତୀ ପାଣ୍ଡେ ପି: ପ୍ରହଲ୍ଲାଦ ପାଣ୍ଡେ ଜା: ଅଘରିଆ ବା: ନିଜଗାଁ |
| 13 | 206 | 3226 | ବା. ସା. | 0.250 | ଦେବେନ୍ଦ୍ର ପ୍ରସାଦ ପାଣ୍ଡେ ପି:ଭୀଷ୍ମଦେବ ପାଣ୍ଡେ ଜା: ଅଘରିଆ ବା: ନିଜଗାଁ |
| 14 | 263 | 3263 | ବା. ସା. | 0.010 | ପୁରନ୍ଦର ମେହେର ପି:ମୁନୁ ମେହେର ଜା: ଭୁଲିଆ ବା: ଝାରସୁଗୁଡ଼ା ପଡା: ପୁରୁଣାବସ୍ତି |
| 15 | | 3264 | ବେ. ସା. | 0.005 | |
| 16 | 268 | 3222 | ବା. ସା. | 0.080 | ବୁଧବାରି ପ୍ରଧାନ ସ୍ୱା: ଫଗୁ ପ୍ରଧାନ, ମାଲତୀ ପ୍ରଧାନ, ଗୋପବନ୍ଧୁ ପ୍ରଧାନ, ହିରାବତୀ ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ, କ୍ଷୀରବତୀ ପ୍ରଧାନ, ଗୋଲବଦନ ପ୍ରଧାନ, ଗଣେଶ୍ୱର ପ୍ରଧାନ, କୁନ୍ତି ପ୍ରଧାନ ପି: ଫଗୁ ପ୍ରଧାନ ଜା: କିସାନ ବା: ନିଜଗାଁ |
| 17 | | 3223 | ବା. ସା. | 0.050 | |
| 18 | 332 | 3407 | ଆ. ସା. | 0.010 | ନିରଞ୍ଜନ ପ୍ରଧାନ, ଶ୍ରୀପ୍ରସାଦ ପ୍ରଧାନ ପି: ଭୀମ ପ୍ରଧାନ ଜା: କିସାନ ବା: ନିଜଗାଁ |
| 19 | 347 | 3226/ 4170 | ବା. ସା. | 0.115 | ବାସୁଦେବ ପାଣ୍ଡେ, ପାର୍ବତୀ ପାଣ୍ଡେ ପି: ମହେନ୍ଦ୍ର ପ୍ରସାଦ ପାଣ୍ଡେ, ତପସ୍ୱିନୀ ପାଣ୍ଡେ ସ୍ୱା: ମହେନ୍ଦ୍ର ପ୍ରସାଦ ପାଣ୍ଡେ ଜା: ଅଘରିଆ ବା: ନିଜଗାଁ |
| 20 | 389 | 3494 | ବା. ପା. | 0.010 | ରୋହିତକୁମାର ପାଣ୍ଡେ ପି:ଜଗନ୍ନାଥ ପାଣ୍ଡେ ଜା: ଅଘରିଆ ବା: ନିଜଗାଁ |
| 21 | 409 | 3254 | ଆ. ସା. | 0.020 | ଲକ୍ଷ୍ମିଧର ମେହେର, ଗୋବିନ୍ଦ ମେହେର ପି: ଛାଲଖାଇ ମେହେର, ଶ୍ରୀଆ ମେହେର, ବେଲମତୀ ମେହେର ପି: ଚୁଡାମଣି ମେହେର, ବିଦ୍ୟାଧର ମେହେର, ଚିନ୍ତାମଣୀ ମେହେର ପି: ବିଟ ମେହେର, ନରେଶ କୁମାର ମେହେର, ରାଜେଶ କୁମାର ମେହେର ପି. ପୁରନ୍ଦର ମେହେର, ଲକ୍ଷ୍ମୀ ମେହେର ସ୍ୱା: ପୁରନ୍ଦର ମେହେର, ନାରାୟଣ ମେହେର ପି: ମଙ୍ଗତା ମେହେର ଜା: ଭୁଲିଆ ବା: ଝାରସୁଗୁଡ଼ା ପୁରୁଣାବସ୍ତି |
| 22 | 453 | 3233 | ଆଡି | 0.020 | ତପସ୍ୱିନି ମାଝୀ ପି:ଶିବ ମାଝୀ ଜା: କିସାନ ବା: ନିଜଗାଁ |
| 23 | | 3235 | ଆଡି | 0.020 | |
| 24 | | 3238 | ମୁଣ୍ଡା | 0.035 | |
| 25 | 536/ 1952 | 3467 | ମା. ସା. | 0.015 | ବୁଧୁବାରୀ ପ୍ରଧାନ ସ୍ୱା: ଫଗୁ ପ୍ରଧାନ, ମାଲତୀ ପ୍ରଧାନ , ଗୋପବନ୍ଧୁ ପ୍ରଧାନ , ହୀରାବତୀ ପ୍ରଧାନ , ଗୋବର୍ଦ୍ଧନ ପ୍ରଧାନ, ଖିରାବତୀ ପ୍ରଧାନ, ଗୋଲବଦନ ପ୍ରଧାନ, ଗଣେଶ୍ୱର ପ୍ରଧାନ, କୁନ୍ତୀ ପ୍ରଧାନ ପି: ଫଗୁ ପ୍ରଧାନ ଜା: କିସାନ ବା: ନିଜଗାଁ |
| 26 | 536/ 1953 | 3193 | ମା. ସା. | 0.010 | ସଦା ଦଣ୍ଡସେନା ପି:ଚମ୍ପା ଦଣ୍ଡସେନା ଜା: କିସାନ ବା: ନିଜଗାଁ |
| 27 | | 3194 | ମା. ସା. | 0.010 | |
| 28 | | 3448 | ମା. ସା. | 0.005 | |
| **ଗ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର ୫, ମାଳିମୁଣ୍ଡା, ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 47 | 2111 | ଆ. ସା. | 0.090 | ଗୌରୀ ଶଙ୍କର ନାଏକ, ଜନକ ପଟେଲ, ସ୍ନେହଲତା ପଟେଲ, ପ୍ରେମ ପଟେଲ, ପୁଷ୍ପ ପଟେଲ ପି: ବୈକୁଣ୍ଠ ନାଏକ, ଲଲିତା ନାଏକ ସ୍ୱା: ବୈକୁଣ୍ଠ ନାଏକ, ଗୋକୁଳ ବିହାରି ନାଏକ, ମଣି ପଟେଲ ପି: ହିରାଧର ନାଏକ, ନିଳାବତୀ ନାଏକ ସ୍ୱା: ହିରାଧର ନାଏକ, ହେମାଦ୍ରୀ ନାଏକ, ଭବାନୀ ଶଙ୍କର ନାଏକ, ନୃପ କିଶୋର ନାଏକ, ସାବିତ୍ରୀ ପଟେଲ, ମିରା ନାଏକ, କିନୀ ଚୌଧୁରୀ ପି: ଯୋଗେନ୍ଦ୍ର ନାଏକ, ସୁଲଚନା ନାଏକ ସ୍ୱା: ଯୋଗେନ୍ଦ୍ର ନାଏକ, ବିଜୟକୁମାର ନାଏକ, ପ୍ରଫୁଲ କୁମାର ନାଏକ, ଗିରିଧାରି ନାଏକ ପି: ଚନ୍ଦ୍ର ଶେଖର ନାଏକ ଜା: ଅଘରିଆ ବା: ନିଜଗାଁ |
| 2 | | 2112 | ଆ. ସା. | 0.230 | |
| **ଘ) ମୌଜା: ଧୁତରା, ତହସଲି: କରିମିରା, ଥାନା: ଲାଇକେରା, ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 28 | 1329 | ମା. ସା. | 0.010 | କୁମର କିସାନ ପି:କେନ୍ଦି କିସାନ ଜା: କିସାନ ବା: ନିଜଗାଁ |
| 2 | 52 | 1284 | ମା. ସା. | 0.010 | ଘସିଆ ଗଣ୍ଡା ପି:ବଳ ଗଣ୍ଡା ଜା: ଗଣ୍ଡା ବା: ନିଜଗାଁ |
| 3 | | 1297 | ମା. ସା. | 0.020 | |
| 4 | | 1298 | ମା. ସା. | 0.170 | |
| 5 | 67 | 1281 | ମା. ସା. | 0.010 | ଜଲନ୍ଧର ପାନ, ନିରନ୍ଧର ପାନ, ଜଗତ ପାନ, ହରିଲାଲ ପାନ, ଜଳନି ପାନ ପି: ଲାଲ ପାନ, ବସନ୍ତ ପାନ ପି: କୁତୁନୁ ପାନ ଜା: ପାଣ ବା: ନିଜଗାଁ |
| 6 | | 1285/ 1675 | ଆ. ସା. | 0.200 | |
| 7 | 104 | 1285 | ମା. ସା. | 0.120 | ପୂର୍ଣ୍ଣଚନ୍ଦ୍ର ପାନ, ନାରାୟଣ ପାନ, ନବିନ ପାନ, ଟିକେଶ୍ୱର ପାନ, ଶୁଶିଲା ପାନ, ସୁବିଧା ପାନ, ସୁଦେଷ୍ଣା ପାନ ପି: ରାମଚନ୍ଦ୍ର ପାନ, ବଚନି ପାନ ସ୍ୱା: ରାମଚନ୍ଦ୍ର ପାନ, ଶ୍ୟାମସୁନ୍ଦର ପାନ ପି: ଦୁସମନ ପାନ ଜା: ପାନ ବା: ନିଜଗାଁ |
| 8 | | 1285/ 1550 | ମା. ସା. | 0.120 | |
| 9 | 105 | 1274 | ଆ. ସା. | 0.690 | ପୂର୍ଣ୍ଣଚନ୍ଦ୍ର ମାଙ୍କର, ସରଜିନି ମାଙ୍କର ପି: ଆନନ୍ଦ ମାଙ୍କର, ଉଷାବତୀ ମାଙ୍କର ସ୍ୱା: ଦଶରଥ ମାଙ୍କର, ସୁମିତ୍ରା ମାଙ୍କର ସ୍ୱା: ଆନନ୍ଦ ମାଙ୍କର ଜା: ଗଉଡ଼ ବା: ସାରସମାଲ |
| 10 | 171 | 1326 | ମା. ସା. | 0.010 | ହୁଦା ଗର୍ଡିଆ ପି: କୁଲ ଗର୍ଡିଆ, କର ଗର୍ଡିଆ ପି: ଭୁଲା ଗର୍ଡିଆ, ଜିତେନ ଗର୍ଡିଆ ପି: କୁଲ ଗର୍ଡିଆ, ତେଜବତୀ ଗର୍ଡିଆ ସ୍ୱା: ବେଣୁଧର ଗର୍ଡିଆ, ରାଜାରାମ ଗର୍ଡିଆ, ରାଧେଶ୍ୟାମ ଗର୍ଡିଆ, ପାର୍ବତୀ ଗର୍ଡିଆ ପି: କେଶବ ଗର୍ଡିଆ , ନବୀନ ଚନ୍ଦ୍ର ଗର୍ଡିଆ, ସୁକାନ୍ତି ଗର୍ଡିଆ, ଶକୁନ୍ତଳା ଗର୍ଡିଆ ପି- ଚେରୁ ଗର୍ଡିଆ :, ନିରୁପମା ଗର୍ଡିଆ, ସ୍ୱା-ନବଘନ ଗର୍ଡିଆ :, ଆଲୋକ ଗର୍ଡିଆ ପି- ନବଘନ ଗର୍ଡିଆ :, ମଲ୍ଲି ଗର୍ଡିଆ, ସ୍ୱା- ରୁମଣି ଗର୍ଡିଆ :, ରୋହନ ଗର୍ଡିଆ , ଦର୍ଶନ ଗର୍ଡିଆ , ଜଗନ୍ନାଥ ଗର୍ଡିଆ ପି- ସତ୍ୟ ନାରାୟଣ ଗର୍ଡିଆ :, ରାଜକୁମାରୀ ଗର୍ଡିଆ ସ୍ୱା- ସତ୍ୟ ନାରାୟଣ ଗର୍ଡିଆ :, ରତ୍ନାକର ଗର୍ଡିଆ ବିଳାସିନୀ ଗର୍ଡିଆ, ସନ୍ତୋଷିନୀ ଗର୍ଡିଆ, ଦେବସିନୀ ଗର୍ଡିଆ ପି- ରୁମଣି ଗର୍ଡିଆ ଜା: ଗଣ୍ଡା ବା: ନିଜଗାଁ |
| 11 | | 1331 | ମା. ସା. | 0.010 | |
| 12 | 186 | 1341 | ବଗାୟତ-2 | 0.010 | କସ୍ତୁ ବାଗ ପି: କଲିଆ ବାଗ, କାଡିଆ ବାଗ ପି: ବୁଧୁ ବାଗ, ବଲିଆର ବାଗ ପି: ଭୁଦୁ ବାଗ, ମହେନ୍ଦ୍ର ବାଗ,ଭୀଷ୍ମ ବାଗ, ବିପିନ ବାଗ ପି: କସ୍ତୁ ବାଗ ଜା: କିସାନ ବା: ନିଜଗାଁ, କୁଂଜଲତା ବାଗ ସ୍ୱା: ଅଧିବାସ ବାଗ, ସୁକୁନ ପ୍ରଧାନ, ସରୋଜିନୀ କିସାନ, ସରସ୍ୱତୀ ମାଝୀ, ଫୁଲମଣୀ ମିର୍ଧା, ସବିତା ଶେଉଳ ପି:ସୁଜନ ବାଗ :, ଜୟସିଂ ବାଗ, ପଦ୍ମିନୀ ଛତ୍ରିଆ, ଚିତ୍ତ ବାଗ, ଚିତ୍ର ବାଗ, ସୁନୀଲ ବାଗ ପି:ସହଦେବ ବାଗ, ସାଇବନି ବାଗ ସ୍ୱା:ଦୁର୍ଗାଚରଣ ବାଗ :, ପୁଷ୍ପମା ପ୍ରଧାନ, ଉର୍ବଶୀନି ପ୍ରଧାନ, ଜୟକିଶୋର ବାଗ, ଯଶୋଦା ପ୍ରଧାନ, ଜଗଦୀଶ ବାଗ, ବିଶାଖା ମିର୍ଧା, ଜନନୀ ମାଝୀ ପି: ଫକୀର ମୋହନ ବାଗ, ଫେଦେଇ ବାଗ ସ୍ୱା: ଶ୍ରୀମଙ୍ଗଳ ବାଗ |
| 13 | | 1350/ 1554 | ମା. ସା. | 1.350 | |
| 14 | | 1287 | ପତିତ | 0.080 | |
| 15 | | 1294 | ମା. ସା. | 0.150 | |
| 16 | | 1295 | ଆ. ସା. | 0.130 | |
| 17 | 200/ 149 | 1285/ 1878 | ଆ. ସା. | 0.220 | ସଂଜୟ କୁମାର ବଖରା ପି:ଛବିଲ ବଖରା ଜା: ଗଣ୍ଡା ବା: ଅର୍ଡା ( ଜାମକାନି ) |
| 18 | 200/ 150 | 1285/ 1879 | ଆ. ସା. | 0.100 | ଖେଦାରୀ ବଖରା ପି:ଅଖିଲଚରଣ ବଖରା ଜା: ଗଣ୍ଡା ବା: ଅର୍ଡା, ଜାମକାନି |
| 19 | 200/ 195 | 1235 | ବା. ସା. | 0.120 | ପ୍ରମୋଦ କୁମାର ମହାପାତ୍ର ପି:ରମେଶ ଚନ୍ଦ୍ର ମହାପାତ୍ର ଜା: ବ୍ରାହ୍ମଣ ବା: ଲେକଚର କଲୋନୀ ବେହେରାମାଳ , ଜିଲ୍ଲା - ଝାରସୁଗୁଡ଼ା |
| **ଡ) ମୌଜା: ସରସପଲ୍ଲୀ, ତହସଲି: କରିମିରା, ଥାନା: ଲାଇକେରା, ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 1 | 143 | ବେ. ସା. | 0.050 | ଆନନ୍ଦ ମାଙ୍କର ପି: ଦଶରଥ ମାଙ୍କର, ଉଷାବତୀ ମାଙ୍କର ସ୍ୱା: ଦଶରଥ ମାଙ୍କର, ଯୁଗେଶ୍ୱର ମାଙ୍କର, ପୂର୍ଣ୍ଣମାସୀ ମାଙ୍କର, ପାନିବୁଡ଼ୀ ମାଙ୍କର, ଶୁଶୀଳା ମାଙ୍କର, ସାବିତ୍ରି ମାଙ୍କର ପି: ବନମାଳୀ ମାଙ୍କର, ନିରାସୀ ମାଙ୍କର ସ୍ୱା: ବନମାଳୀ ମାଙ୍କର, ବ୍ରଜ ମାଙ୍କର ପି: ଉଷତ ମାଙ୍କର ଜା: ଗୌଡ଼ ବା: ନିଜଗାଁ |
| 2 | | 144 | ଆ. ସା. | 0.100 | |
| 3 | | 145 | ବେ. ସା. | 0.110 | |
| 4 | 10 | 9 | ଆ. ସା. | 0.020 | କ୍ଷେତ୍ର ମାଝୀ, ନିଳାମ୍ବର ମାଝୀ ପି: କାନ୍ତାଲୁ ମାଝୀ ଜା: ଗଣ୍ଡ ବା: ନିଜଗାଁ |
| 5 | 61 | 1 | ଆ. ସା. | 0.180 | କରୁଣାକର ପଟେଲ ପି- ଭାଗୀରଥି ପଟେଲ :, ନେତ୍ର ପଟେଲ, ସୁରେନ୍ଦ୍ର ପଟେଲ, କୃଷ୍ଣ ପଟେଲ, ପାର୍ବତୀ ପଟେଲ ମାତା- ଯଜ୍ଞସେନୀ ପଟେଲ ଜା: ମାଲି ବା: ନିଜଗାଁ |
| 6 | | 11 | ମା. ସା. | 0.010 | |
| **ଚ) ମୌଜା: କୁଶରା, ତହସଲି/ଥାନା: ହେମଗିରୀ, ଜିଲ୍ଲା: ସୁନ୍ଦରଗଡ଼** | | | | | |
| 1 | 61/77 | 90/1048 | ବେ. ସା. | 0.410 | ଭୋପାଲ ଚନ୍ଦ୍ର ପଟେଲ ପି:ବୈକୁଣ୍ଠ ପଟେଲ ଜା: ଅଘ୍ରିଆ ବା: ନିଜଗାଁ |
| **ଛ) ରେଲୱେ ଅଧିନିୟମ 1989 (1989 ର 24) ର ଧାରା 20E ଅନୁଯାୟୀ ଗେଜେଟ୍ ବିଜ୍ଞପ୍ତି ନମ୍ବର 1631, ଏସ୍.ଓ. 1710(ଇ), ତାରିଖ 12.04.2023 ରେ ନ୍ୟସ୍ତ କରାଯାଇଥିବା ଘୋଷଣା କରାଯାଇଥିଲା, ତାହାକୁ ପ୍ରତ୍ୟାହାର କରାଯାଉଛି। ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ତହସିଲ: ଝାରସୁଗୁଡ଼ା, ଥାନା / ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 747/ 5243 | 5621/ 10935 | ଘରବାରି | 0.060 | ସୁଜିତ କୁମାର ମହାପାତ୍ର ପି:ବଳରାମ ମହାପାତ୍ର ଜା: ବ୍ରାହ୍ମଣ ବା: ବେହେରାମାଲ, ଝାରସୁଗୁଡ଼ା |

SIBA PRASAD TRIPATHY Digitally signed by SIBA PRASAD TRIPATHY Date: 2025.04.29 13:22:35 +05'30'

[ଫାଇଲ୍ ନଂ. ଦପୂରେ/ନିର୍ମାଣ-ସଂଗଠନ/ମୁଖ୍ୟାଳୟ/ଭୂମି/ଡିସିଇ/ସି/ଝାରସୁଗୁଡ଼ା/ଏଲ୍.ଏ/ଏମସିଏଲ ଦୋହରିକରଣ-7]

(PR-77)

ରାଜୀବ ଶ୍ରୀବାସ୍ତବ, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହ ଆମେ ସେବାରତ

❝ କୁତ୍ସିତ ଓ କଦର୍ଯ୍ୟ ମଧରେ- ଅମଙ୍ଗଳ ମଧରେ ରହିଛନ୍ତି ଯେଉଁ ସୌନ୍ଦର୍ଯ୍ୟମୟ ଭଗବାନ- ତାଙ୍କୁ ଭଲପାଇବା ଓ ଅନୁଭବ କରିବା ସଙ୍ଗେ ସଙ୍ଗେ କୁତ୍ସିତ, କଦର୍ଯ୍ୟ ଓ ଅମଙ୍ଗଳକୁ ନିରାମୟ କରିବା ପାଇଁ ପୂର୍ଣ୍ଣପ୍ରେମରେ ବ୍ୟାକୁଳ ହେବା- ଏହା ହିଁ ଯଥାର୍ଥ ଧର୍ମ ଓ ନୀତି। **-ଶ୍ରୀଅରବିନ୍ଦ**

# ଏବକାର ଭାରତ-ପାକିସ୍ତାନ



**ଆକାର ପଟେଲ**

୧୯୯୦ ଦଶକରୁ ଆରମ୍ଭ କରି ଏଇ ବିଗତ କିଛିବର୍ଷ ପର୍ଯ୍ୟନ୍ତ ଭାରତ ହାଇଫେନ୍ ଦୂରୀକରଣ (ଅର୍ଥାତ୍ ନିଜକୁ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରିବା) ଉପରେ ଗୁରୁତ୍ୱ ଦେଇ ଆସୁଛି। ଏହି ଆଲୋଚ୍ୟ ହାଇଫେନ୍‌ଟି ବିଶେଷକରି 'ଇଣ୍ଡୋ-ପାକ୍' ବା 'ଭାରତ-ପାକିସ୍ତାନ' ଭିତରେ ଥିବା ହାଇଫେନ୍‌କୁ ସୂଚିତ କରୁଛି (ଅର୍ଥାତ୍ ଭାରତ ଓ ପାକିସ୍ତାନକୁ ଏକାଠି କରି ଦେଖାଯାଉଛି)। ଏହି ଦୁଇଟିଯାକ ଦେଶ ଭିତରୁ କୋଉ ଗୋଟିକୁ ବି ଅନ୍ୟର ଛାୟାଠାରୁ ଅଲଗା କରି ବିଶ୍ୱର କୌଣସି ଦେଶ ଦେଖନ୍ତି ନାହିଁ। ଏହି ବିଚାରଧାରା ଦୃଷ୍ଟିରୁ କ୍ଲିଣ୍ଟନ ପ୍ରଶାସନର ଜଣେ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ରବିନ ରାଫେଲଙ୍କ ସମେତ ଅନ୍ୟ ଆମେରିକୀୟ କୂଟନୀତିଜ୍ଞମାନେ ଭାରତ ଗସ୍ତରେ ଆସୁଥିବାବେଳେ ପାକିସ୍ତାନ ଗସ୍ତରେ ଯାଇଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପର୍କରେ 'ସନ୍ତୁଳନ' ରକ୍ଷା କରିବା ପାଇଁ ସେମାନେ ଏଭଳି ବାର୍ତ୍ତା ଦେବାକୁ ଚାହାନ୍ତି। ଏପରି କି ୨୦୦୦ରେ ରାଷ୍ଟ୍ରପତି କ୍ଲିଣ୍ଟନ ଭାରତ ଗସ୍ତରେ ଆସି ଫେରିବା ବାଟରେ ପାକିସ୍ତାନରେ କିଛି ଘଣ୍ଟା ରହିଥିଲେ।

ଭାରତ ତାହାର ପଡ଼ୋଶୀ ତଥା ସନ୍ତ୍ରାସବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶକୁ ବିରୋଧ କରୁଥିବାରୁ ଏବଂ ନିଜକୁ ବୃହତ୍ ଶକ୍ତି, ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ର ଭାବୁଥିବାରୁ ହାଇଫେନ୍ ବିଚାରକୁ ଭଲ ପାଏନାହିଁ, ଅର୍ଥାତ୍ ନିଜକୁ ପୃଥକ୍ ଭାବେ ଦେଖିବାକୁ ଚାହେଁ। ୧୯୯୮ରେ ଭାରତ-ପାକିସ୍ତାନ ମଧ୍ୟରେ ବୈଦେଶିକ ସମ୍ପର୍କ ଛିନ୍ନ ହୋଇଥିଲା। ସେତେବେଳେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଭାରତ ମେ' ମଧ୍ୟଭାଗରେ ପରମାଣୁ ଅସ୍ତ୍ର ପରୀକ୍ଷଣ କରିବା ପରେ ନୱାଜ ସରିଫଙ୍କ ନେତୃତ୍ୱାଧୀନ ପାକିସ୍ତାନ ୨୮ ମେ'ରେ ସମାନ କାର୍ଯ୍ୟ କରିଥିଲା। ୧୯୯୯ରେ କାର୍‌ଗିଲ ଯୁଦ୍ଧ ହୋଇଥିଲା। ପରମାଣୁ ଅସ୍ତ୍ରଧାରୀ ଦୁଇ ଦେଶ ପାରମ୍ପରିକ ଧାରାରେ ଲଢ଼ିଥିବା ବିଶ୍ୱ ଦେଖିଥିଲା। କ୍ଲିଣ୍ଟନ ଏ କ୍ଷେତ୍ରରେ ଆଗକୁ ଆସି ପାକିସ୍ତାନକୁ କାର୍‌ଗିଲରୁ ସେନା ପ୍ରତ୍ୟାହାର କରିବା ପାଇଁ ଚାପ ପକାଇଥିଲେ। ଏହା ପରେ ଦୁଇଟି ଘଟଣା ଘଟିଥିଲା, ଯାହା ହାଇଫେନ୍‌କୁ ଦୂର କରିଥିଲା, ଅର୍ଥାତ୍ ଦୁଇ ଦେଶକୁ ଅଲଗା ଭାବେ ଦେଖାଯାଇଥିଲା। ପ୍ରଥମଟି ହେଲା ୧୧ ସେପ୍ଟେମ୍ବର ୨୦୦୧ରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ ପରେ ଆମେରିକା ସନ୍ତ୍ରାସବାଦ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା। ତାଲିବାନ ନିୟନ୍ତ୍ରିତ ଆଫ୍‌ଗାନିସ୍ତାନ ଉପରେ ଆକ୍ରମଣ କରିବା ପାଇଁ ପାକିସ୍ତାନର ଆବଶ୍ୟକତା ଥିଲା। ଆମେରିକା / ନାଟୋ ମିଲିଟାରି ପାଇଁ ସମସ୍ତ ଇନ୍ଧନ ଓ ଅସ୍ତ୍ରଶସ୍ତ୍ର ସମୁଦ୍ରପଥରେ ପାକିସ୍ତାନ ଦେଇଯାଇଥିଲା। ଜେନେରାଲ ପରଭେଜ ମୁଶରଫ୍ ଏହାକୁ ଗ୍ରହଣ କରିଥିଲେ ଏବଂ ନୱାଜ ସରିଫ୍‌ଙ୍କୁ ବିରୋଧକରି ଶାସନ ଦଖଲ କରିବା କାର୍ଯ୍ୟକୁ ଅଣଦେଖା କରାଯାଇଥିଲା। ବୈଶ୍ୱିକ ସ୍ତରରେ ମୁଶରଫ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଭାରତ ଈର୍ଷାଳୁ ହୋଇପଡ଼ିଥିଲା। କିନ୍ତୁ ବାଜପେୟୀ ଏଭଳି ଘଟଣାରୁ ନିଜକୁ ଦୂରେଇ ରଖିଥିଲେ। ପରେ ଆମେରିକୀୟମାନେ ପ୍ରଥମ ଥର ପାଇଁ 'ଆଫ୍-ପାକ୍' ଶବ୍ଦ କହିବାକୁ ଲାଗିଲେ। ଫଳରେ 'ଭାରତ-ପାକିସ୍ତାନ' ହାଇଫେନ୍ ଫିକା ପଡ଼ିଗଲା। ଦ୍ୱିତୀୟ କାରଣର ସବୁଠୁ ଭଲ ଉଦାହରଣ ହେଲା 'ଭାରତ ଉଦୟ' ଶବ୍ଦ। ଏହି କ୍ରମରେ ଆର୍ଥିକ ଅଭିବୃଦ୍ଧି ପରିପ୍ରେକ୍ଷୀରେ ଭାରତ ଚାଇନା ସହ ସମାନ ହୋଇଗଲା ବୋଲି ବିଜ୍ଞାପନ ଅଭିଯାନ ଆରମ୍ଭ ହୋଇଥିଲା। ୨୦୦୪ରେ ଉପା ସରକାରର ମନ୍ତ୍ରୀ ଜୟରାମ ରମେଶ 'ଚିଣ୍ଡିଆ' (ଚାଇନା-ଇଣ୍ଡିଆ) ଶବ୍ଦ ଆଣିଥିଲେ ଏବଂ ଆଶା ଥିଲା, ଭବିଷ୍ୟତରେ ଆହ୍ୱାନଗୁଡ଼ିକୁ ସାମ୍ନା କରିବା ପାଇଁ ଚାଇନା ଓ ଭାରତ ସହଯୋଗଭିତ୍ତିରେ ଏକାଠି କାମ କରିପାରିବେ। ଦୁର୍ଭାଗ୍ୟବଶତଃ 'ଚିଣ୍ଡିଆ' ବେଶିଦିନ ଶବ୍ଦ ରହିଲା ନାହିଁ। ଭାରତ କେବଳ କିଛି ପ୍ରତିଶ୍ରୁତି ଦେଇଥିଲା ଏବଂ ତାହା ଲୋକଦେଖାଣିଆ ଥିଲା। ସତ କହିବାକୁ ଗଲେ 'ଚିଣ୍ଡିଆ' ଶବ୍ଦ ପୂରା ଖରାପ ନ ଥିଲା। ଦେଖନ୍ତୁ, ପାକିସ୍ତାନ ସହ ଭାରତ ରହିବାକୁ ଅରାଜି ହେବା ପଛରେ ସ୍ପଷ୍ଟତଃ ଅସନ୍ତୋଷ ରହିଥିଲା। ଆମେ ନିଜକୁ ଶ୍ରେଷ୍ଠ ଭାବେ ଦେଖିବାକୁ ଚାହିଁଲୁ ଏବଂ ତା' ସହ ସମ୍ପର୍କ ରଖିଲୁ ନାହିଁ। ବାସ୍ତବତା ହେଉଛି ସେତେବେଳେ ଭାରତ ସୁବିଧାରେ ଥିଲା ଏବଂ ଏବେ ବି ସେହି ସ୍ଥିତିରେ ଅଛି।

ଜାତିସଂଘର ଆଲୋଚନା ମଞ୍ଚରେ ଭାରତ ତାହାର ମନୋଭାବ ପ୍ରକାଶ କରିଛି ଏବଂ ଆମ କୂଟନୀତିଜ୍ଞମାନେ ପାକିସ୍ତାନ ଉପରେ କହୁଥିବାବେଳେ ସେଭଳି ଭାବନା ଅନ୍ୟ ଦେଶଗୁଡ଼ିକ କ୍ଷେତ୍ରରେ ପ୍ରଦର୍ଶନ କରିନାହାନ୍ତି। ପାକିସ୍ତାନକୁ ବିରୋଧ କରିବା ବା ମୁକାବିଲା କରିବା ସବୁଠୁ ସନ୍ତୋଷଜନକ ସ୍ଥିତି ; ଯେଉଁଥିରେ ଭାରତୀୟ ବ୍ୟବସ୍ଥା ନିଜକୁ ସବୁଠୁ ସୁବିଧାଜନକ ମଣିଥାଏ। ବିଶେଷକରି ଏହା ଭାଜପା ନେତୃତ୍ୱାଧୀନ ଭାରତ ପାଇଁ ସତ। ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ସମେତ ରଣନୀତି ବ୍ୟାପାର ସହ ଜଡ଼ିତ ଗୋଷ୍ଠୀ ପାକିସ୍ତାନ ବିରୋଧରେ ଯୁଦ୍ଧ ପାଇଁ ଉତ୍ସାହୀ ଥିବା ଲକ୍ଷ୍ୟ କରିପାରିବା। ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆରେ ସେମାନଙ୍କର ବିଭ୍ରାନ୍ତିକର ମତ ଏବଂ ଟିଭିରେ ବିତର୍କସବୁ ସାମ୍ନାକୁ ଆସୁଛି। ଏପରି କି ପାକିସ୍ତାନ ବିରୋଧୀ ଅଭିଯାନରେ ଭାରତୀୟ ନାଗରିକମାନେ ଅଧିକ ଭାଗ ନେଉଛନ୍ତି। ସମ୍ଭବତଃ ବିଶ୍ୱ ଭାରତ-ପାକିସ୍ତାନକୁ ଏକାଠି ଦେଖୁ ବୋଲି ଆମେ ନ ଚାହିଁ ସେଥିରୁ ଆନନ୍ଦ ଅନୁଭବ କରିବାକୁ ଚାହୁଁଛୁ। କିନ୍ତୁ ଏହା ଭାରତ-ପାକିସ୍ତାନ ହାଇଫେନ୍ ଦୂରୀକରଣର ବିରୋଧାଭାସ। ପାକିସ୍ତାନ ସହ ଏକାଠି ରହିବା ଆମେ ଚାହିଁବା ଦରକାର ଓ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏଦିଗରେ ଶିକ୍ଷାବିତ୍ ଷ୍ଟିଫେନ୍ କୋହେନଙ୍କ ଦୃଷ୍ଟିକୋଣ ହେଉଛି, "ବ୍ୟବସ୍ଥାଗତ ଦୃଷ୍ଟିରୁ ଭାରତ-ପାକିସ୍ତାନ ସମ୍ପର୍କ କ୍ଷତିକାରକ। ଏହା ହେଉଛି ଏକ ବିଶେଷ ଘଟଣା, ଯାହାକୁ ମୁଁ ଯୁଗ୍ମ ସଂଖ୍ୟାଲଘୁ ସଂଘର୍ଷ ବୋଲି କୁହେ। ଏହି ସବୁ ପରିସ୍ଥିତିରେ ଉଭୟ ପକ୍ଷ ନିଜକୁ ସୁରକ୍ଷିତ, ସଙ୍କଟଗ୍ରସ୍ତ, ସୀମିତ ଏବଂ ବିପଦଗ୍ରସ୍ତ ମଣନ୍ତି। ସେମାନଙ୍କର କ୍ଷମତା ପରିସର କ୍ଷୁଦ୍ର, ଅର୍ଥାତ୍ ପାରମ୍ପରିକ ନୈତିକତା ସେମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ। ୨୦୧୯ରୁ କୋହେନଙ୍କ ଦେହାନ୍ତ ଘଟିଲାଣି ଏବଂ ବିଶ୍ୱ ଅନେକ ବର୍ଷ ହେଲା ହାଇଫେନ୍‌କୁ ବ୍ୟବହାର କରିନାହିଁ। କିନ୍ତୁ ବେଳେବେଳେ ଘଟଣାଗୁଡ଼ିକ ଆମକୁ ଏଥିସହିତ ଯୋଡ଼ିବାକୁ ସୁଯୋଗ ଦିଏ।

Email:aakar.patel@gmail.com

# କି ଅଦ୍ଭୁତ ମାନସିକତା



**ଅକ୍ଷୟ କୁମାର ମିଶ୍ର**

ଏହି ଆଲେଖ୍ୟଟି ଏକ ସତ୍ୟ ଘଟଣା, ଯାହାର ପ୍ରତ୍ୟକ୍ଷଦର୍ଶୀ ମୁଁ ନିଜେ, ତାହାକୁ ଉପକ୍ରମ ହିସାବରେ ନେଇ ଆରମ୍ଭ କରିବାକୁ ଯାଉଛି। କଟକର ଏକ ଘରୋଇ ହସ୍ପିଟାଲରେ ମୋର ସହଧର୍ମିଣୀ ଚିକିତ୍ସାଧୀନ ଥିଲେ। ସେଦିନ ଅପରେଶନ ପାଇଁ ତାଙ୍କୁ ଓଟି ଭିତରକୁ ନିଆ ଯାଇଥାଏ। ମୁଁ ବାହାରେ ଅପେକ୍ଷା କରିଥାଏ। ସମାନ ଭାବେ ଆଉ କିଛି ଲୋକ ମଧ୍ୟ ମୋ ଭଳି ସେମାନଙ୍କର ଆତ୍ମୀୟଙ୍କୁ ଅପେକ୍ଷା କରି ବସିଥାନ୍ତି। ଏହି ସମୟରେ ଜଣେ ମହିଳା ଓଟିର କବାଟ ଫାଙ୍କରେ ଭିତରେ ଥିବା ନର୍ସଙ୍କୁ ଧୀର ସ୍ୱରରେ ପଚାରିଲେ "ବେଟା ନା ବେଟୀ ?" ନର୍ସ କ'ଣ କହିଲେ ଆମକୁ ଶୁଣାଗଲା ନାହିଁ। କିନ୍ତୁ ବାହାରେ ଥିବା ସମସ୍ତ ଲୋକ ନର୍ସଙ୍କ ଉତ୍ତର ସମ୍ପର୍କରେ ଅବଗତ ହୋଇଗଲେ। ମହିଳାଙ୍କର ଆତ୍ମୀୟସ୍ୱଜନଙ୍କ ଭିତରେ ଆନନ୍ଦର ଲହରି ଦେଖିବାକୁ ମିଳିଲା। ଆନନ୍ଦର ବିଷୟବସ୍ତୁଟିକୁ ମୋବାଇଲ ମାଧ୍ୟମରେ ଅନ୍ୟ ଲୋକଙ୍କୁ ପ୍ରେରଣ କରୁଥାନ୍ତି। ଓଟି ଭିତରେ ଜଣେ ଗର୍ଭବତୀ ମହିଳା ଯେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି ଏହି ବାର୍ତ୍ତାଟି ବିଦ୍ୟୁତ୍ ବେଗରେ ଖେଳେଇ ହୋଇଗଲା। ମନେହେଲା ସତେ ଯେମିତି ସେମାନେ ଏକ ଆଶଙ୍କା ଭିତରେ ଥିଲେ। ନର୍ସଙ୍କ ଉତ୍ତର ସେମାନଙ୍କୁ ଆଶ୍ୱସ୍ତ କଲା। ସେମାନଙ୍କର ଇଚ୍ଛା ପୂରଣ ହେଲା। "ବେଟା ହୋଇଛି" ଏହି ଦୁଇଟି ଶବ୍ଦ ସହିତ ମିଠେଇ ବଣ୍ଟନରୁ ସବୁକିଛି ସ୍ପଷ୍ଟ ହେଉଥିଲା। ମାନସିକ ଚାପ ଭିତରେ ଥିଲେ ମଧ୍ୟ କ୍ଷଣିକ ପାଇଁ ନିଜ ଭିତରେ ଏକ ଅଭିନବ ପୁଲକ ଅନୁଭବ କଲି, ଜଣେ ନବାଗତଙ୍କ ଆଗମନ ବାର୍ତ୍ତାରେ ସତ କିନ୍ତୁ ସ୍ୱତଃ ମୁହଁରୁ ବାହାରି ଆସିଲା- କି ବିଚିତ୍ର ଆମ ସମାଜ, କି ଅଦ୍ଭୁତ ମାନସିକତା !

ଏହାର ପରବର୍ତ୍ତୀ ଘଟଣା ଥିଲା ଆହୁରି ବେଦନା ଦାୟକ। ଜଣେ ନବଜାତ ଶିଶୁ ପୁତ୍ରକୁ ଓଟି ଭିତରୁ ଆଣି ବାହାରେ ଥିବା ଜଣେ ମହିଳାଙ୍କ କୋଳରେ ହସ୍ତାନ୍ତର କଲା ପରେ ଖୁସିର ମାହୋଲ ଦ୍ୱିଗୁଣିତ ହୋଇଗଲା। ସଭିଏ ସନ୍ତାନକୁ ଧରି ଫଟୋ ଉଠାଇବାରେ ବ୍ୟସ୍ତ। ଥେଇଥେଇ ହୋଇ କେହି ନାଚୁଥିଲେ ସିନା, କିନ୍ତୁ ପରିବେଶଟା ସେମିତି ଧରଣର ଥିଲା। ଅଥଚ କେହି ପଚାରୁ ନ ଥିଲେ ଯିଏ ଦଶମାସ ଧରି ନିଜ ଗର୍ଭରେ ସ୍ଥାନ ଦେଇ ଅସୀମ ଯନ୍ତ୍ରଣା ସହ୍ୟ କରି ଆଜି ଏତେବଡ଼ ଖୁସି ଖବରଟି ପରିବାର ପାଇଁ ଆଣିଦେଇଛନ୍ତି ତା'ର ଅବସ୍ଥା କ'ଣ ? ସେ କେମିତି ଅଛି, ତା'ର ସଂଜ୍ଞା ଫେରିଲା କି ନାହିଁ, ଏକଥା ଜାଣିବାକୁ କେହି ଚେଷ୍ଟା କରୁ ନ ଥିଲେ। ପୁଣି ଥରେ ସେହି ସମାନ କଥାଟି ମନକୁ ଆସିଲା। କି ବିଚିତ୍ର ସମାଜ, କି ଅଦ୍ଭୁତ ଆମ ଲୋକଙ୍କ ମାନସିକତା !

ଆମେ ଯେତେ ଡିଣ୍ଡିମ ପିଟି କହିଲେ ମଧ୍ୟ ଆମେ ଶିକ୍ଷିତ, ପ୍ରକୃତରେ ଆମ ଭିତରେ ଅନ୍ଧବିଶ୍ୱାସ ଏ ଯାଏ ଦୂରୀଭୂତ ହୋଇ ନାହିଁ। ଏଠାରେ ଯେତେ ଚିତ୍କାର କରି କହିଲେ ବି ନାରୀ ପୁରୁଷ ସମାନ ବୋଲି ବାସ୍ତବରେ ତାହା ନୁହେଁ। ନାରୀ ପ୍ରତି ସମାଜର ଦୃଷ୍ଟିଭଙ୍ଗୀ ଭିନ୍ନ। ତା'ର ସ୍ୱାଧୀନତାକୁ ସ୍ୱେଚ୍ଛାଚାରିତାର ଆଖ୍ୟା ଦିଆଯାଏ। ତା'ର ବିରୋଧିତାକୁ ବିଶୃଙ୍ଖଳା କୁହାଯାଏ। ତା'ର ପ୍ରତିବାଦକୁ ପରମ୍ପରା ବିରୋଧୀ ବୋଲି ଚିତ୍ରଣ କରାଯାଏ। ଯେତେବେଳେ ନାରୀଟିଏ ବଳାତ୍କାରର ଶିକାର ହୁଏ କୌଣସି ଦୋଷ ନ ଥାଇ ମଧ୍ୟ ସେ ସମାଜରେ ଉପହସିତ ହୁଏ। ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରକାର ମାନସିକ ଯନ୍ତ୍ରଣା ତାକୁ ସହିବାକୁ ପଡ଼େ।

ଏବେବି ଆମେ ଧରିନେଇଛୁ ପୁଅଟିଏ ନ ହେଲେ ବଂଶ ରକ୍ଷା ହେବ ନାହିଁ। କୁଳ ବୁଡ଼ିଯିବ। ମା' ବାପାର ମୃତ୍ୟୁ ପରେ ମଶାଣିକୁ ନେବ କିଏ ? ନିଆଁ ବା ସମାଧି ବା କବର ଦେବ କିଏ ? ଶ୍ରାଦ୍ଧ କରିବ କିଏ ? ଏ ସବୁର ଅଧିକାର ଝିଅର ନାହିଁ। ବାହାଘର ପରେ ତା'ର ଗୋତ୍ର ବଦଳି ଯିବ। ସେ ପିଣ୍ଡ ଦେଲେ ଆତ୍ମା କୁଆଡ଼େ ଶାନ୍ତି ପାଇବ ନାହିଁ। ପୁଅଟିଏ ପାଇଁ ଏବେବି ମା'ବାପାମାନେ କେତେ କେତେ ମାନସିକ ରଖୁଥିବା ଶୁଣିବାକୁ ମିଳେ। ଲୋକଙ୍କର ଏହି ମାନସିକତାକୁ ଲକ୍ଷ୍ୟ କରି ଭ୍ରୂଣର ଲିଙ୍ଗ ଚିହ୍ନଟକୁ ବେଆଇନ ଘୋଷଣା କରାଯାଇଛି। ଏହା ସତ୍ତ୍ୱେ କନ୍ୟା ଭ୍ରୂଣ କ'ଣ ହତ୍ୟା ହେଉନାହିଁ ଏକଥା କୁହାଯାଇ ପାରିବ ନାହିଁ।

ଏତିକିରେ ବଦଳିଯାଏ ନାହିଁ ଲୋକଙ୍କର ମାନସିକତା। ଅଳ୍ପ କିଛି ପରିବାରକୁ ଛାଡ଼ିଦେଲେ ଅଧିକାଂଶ ପରିବାରରେ ସମାନ ଘଟଣା ଘଟେ । ଝିଅଟେ ଜନ୍ମ ହେଲେ ଧରି ନିଆଯାଏ ପରିବାର ଉପରକୁ ଏକ ବୋଝ ଆସିଗଲା। ଅଥଚ ପୁଅ ହେଲେ ଶୁଭର ସଙ୍କେତ ସ୍ୱରୂପ ଶଙ୍ଖ ଧ୍ୱନି କରାଯାଏ। ପୁଅ ହେଲେ ସମସ୍ତେ ଖୁସି ମନାନ୍ତି, ମାତ୍ର ଝିଅକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ପୁନଶ୍ଚ କିଛି କିଛି ପରିବାରରେ ଝିଅ ଜନ୍ମ ପାଇଁ ମା'କୁ ଦାୟୀ ମଧ୍ୟ କରାଯାଏ ଯଦିଓ ଏହା ସମ୍ପୂର୍ଣ୍ଣ ଭାବେ ପୁରୁଷର



ଶୁକ୍ରାଣୁରେ ଥିବା କ୍ରୋମୋଜମ୍ ଉପରେ ନିର୍ଭର କରେ। କେତେକ କ୍ଷେତ୍ରରେ ଏମିତି ଦୃଷ୍ଟାନ୍ତ ଦେଖିବାକୁ ମିଳେ ପୁଅଟିଏ ପାଇବା ପାଇଁ ପୁରୁଷଟି ଦ୍ୱିତୀୟ ବିବାହ କରୁଥିବାର। ଏଇଥିରୁ ଅନୁମାନ କରାଯାଇପାରେ ପୁଅଟିଏ ପାଇଁ ଆମେ କେତେ ଲାଳାୟିତ।

ସବୁଠାରୁ କରୁଣ କାହାଣୀ ହେଲା ଅଳ୍ପ କେତୋଟି ଶିକ୍ଷିତ ତଥା ପ୍ରଗତିଶୀଳ ପରିବାରକୁ ଛାଡ଼ିଦେଲେ ସବୁଠି ଝିଅ ପୁଅ ଭିତରେ ଖାଦ୍ୟ, ପୋଷାକ, ଶିକ୍ଷାକୁ ନେଇ ବାଛବିଚାରର ଅନ୍ତ ଘଟି ନାହିଁ। ଝିଅଟିଏ ହୋଇଥିଲେ ଯାହା ଖାଉଛି ଖାଉ, ଯେମିତି ପଢୁଛି ପଢୁ। ଷୋହଳ ବର୍ଷ ହୋଇଗଲେ ବର ଖୋଜି ବାହାଘର କାମଟି ସାରିଦେଲେ କନ୍ୟାଦାୟରୁ ମୁକ୍ତି। ଭାଗ୍ୟକୁ ଆଦରି ସେ ତା' ଶାଶୁଘରକୁ ନେଇ ବଞ୍ଚିବ। ପୁଅଟିଏ ହୋଇଥିଲେ ଭଲ ବିଦ୍ୟାଳୟ ଖୋଜା ହେବ। ଭଲ ଟ୍ୟୁସନ୍ ମାଷ୍ଟର ଯୋଗାଡ଼ ହେବ। କୌଣସି ଥିରେ ତା'ର ଅଭାବ ରଖାଯାଏ ନାହିଁ। ଯେମିତି ହେଉ ସେ ଭଲ ପଢ଼ିବା ଦରକାର। କାରଣ ସେ ପରିବାର ସମ୍ଭାଳିବ। ବାପା ବୋଉକୁ ପୋଷିବ।

ଏହି ସବୁ ବୈଷମ୍ୟ କ'ଣ ସହଜରେ ହଟିଯିବ ? ମୋର ମନେହୁଏ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ନ ହେବା ଯାଏ ଏହି ପାର୍ଥକ୍ୟ ଥିବ ହିଁ ଥିବ। ଆମ ବ୍ୟବସ୍ଥାରେ ନାରୀର ପୋଷାକ, ଖାଦ୍ୟ, ଚାଲିଚଳଣି, ଚରିତ୍ର, ସ୍ୱାଧୀନତାକୁ ନେଇ ବିତର୍କ ହୁଏ। ନାରୀକୁ ସତୀତ୍ୱର ପରୀକ୍ଷା ଦେବାକୁ ପଡ଼େ, ଯେମିତି ସୀତାଙ୍କୁ ଅଗ୍ନି ପରୀକ୍ଷା ଦେବାକୁ ପଡ଼ିଥିଲା। ସତୀଦାହ ପ୍ରଥାର ଉଚ୍ଛେଦ ହୋଇଛି ସତ କିନ୍ତୁ ଜୀବନ ତମାମ୍ ସ୍ୱାମୀର ଅନୁଗାମୀ ହୋଇ ରହିବାକୁ ପଡ଼େ ନିଜ ଭିତରେ ଥିବା ସମସ୍ତ ଇଚ୍ଛାକୁ ଦାହ କରି। ପୁରୁଷର ଦ୍ୱିତୀୟ ବିବାହ ସମାଜ ଆଖିରେ ଦୋଷାବହ ନୁହଁ। କିନ୍ତୁ ଏବେବି ବିଧବା ବିବାହ ସହଜରେ ଗ୍ରହଣୀୟ ହୁଏ ନାହିଁ। ଏଠାରେ କନ୍ୟାଦାନ ମହାପୁଣ୍ୟ ବୋଲି ବିଚାର ହୁଏ। ସେଇଥିପାଇଁ ତ ଦାନର ଦକ୍ଷିଣା ସ୍ୱରୂପ ଯୌତୁକ ପ୍ରଥାର ପ୍ରଚଳନ କାହିଁ କେଉଁ କାଳରୁ। ଯଦିଓ ଏହା ଆଇନଗତ ଭାବେ ଅସିଦ୍ଧ। କିନ୍ତୁ ସମାଜରୁ ଏହା କ'ଣ ଉଚ୍ଛେଦ ହେଲାଣି ? ନାରୀ ଯେତେବେଳେ ପୁରୁଷର ସହଯୋଗ ଚାହେଁ ତାହା ତା'ର ଦୁର୍ବଳତା ବୋଲି ବିଚାର କରାଯାଏ। ସେଇଥିପାଇଁ ନାରୀ ଦୁର୍ବଳା ବୋଲି ସମାଜ କହେ। କେବଳ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ରରେ ମା'ର ନାମ ଉଲ୍ଲେଖ କରାଯାଏ ସିନା ଅନ୍ୟ କୌଣସି ପ୍ରମାଣ ପତ୍ରରେ ମା'ର ନାମ ଦେଖିବାକୁ ମିଳେ ନାହିଁ। କାହାର ପରିଚୟ ପଚାରିବା ବେଳେ ବାପାର ନାମ ଲୋକେ ପଚାରନ୍ତି। କିନ୍ତୁ ମା' କିଏ ବୋଲି କେହି ପଚାରିବା ବୋଧହୁଏ ଶୁଣିବାକୁ ମିଳେ ନାହିଁ।

ଏହା ହିଁ ଆମ ମାନସିକତା, ଆମ ସମାଜର ଆଭିମୁଖ୍ୟ। ଯଦି ନାରୀ ଓ ପୁରୁଷ ବିହୁନେ ସୃଷ୍ଟି ଅସମ୍ଭବ ତେବେ ଉଭୟଙ୍କୁ ସମାନ ଚକ୍ଷୁରେ ଦେଖିବା ଆବଶ୍ୟକ। ଉଭୟଙ୍କୁ ସମାଜରେ ସମାନ ଗୁରୁତ୍ୱ ମିଳିବା ଜରୁରୀ। ଉଭୟ ନାରୀ ଓ ପୁରୁଷ ଭିତରେ ସହଯୋଗ, ସହଭାଗିତା, ସମର୍ଥନ ଓ ସମର୍ପଣ ଭାବନା ରହିଲେ ସଂସାରରେ ଶାନ୍ତି ବିରାଜମାନ ହେବ ଯାହା ଏକ ସୁସ୍ଥ ସମାଜ ଗଠନରେ ସହାୟକ ସାଜିବ।

ସଭାପତି, ଓଷ୍ଟା
ମୋ: ୯୯୩୮୭୬୩୨୩୭

# ଦେହ ଦେଉଳରେ ଦିଅଁ ଦର୍ଶନ




**ଡ. ସାରଦା ପ୍ରସାଦ କର**

ସଂସ୍କୃତରେ ଉକ୍ତିଟିଏ ଅଛି 'ଦେହୋ ଦେବାଳୟ ପ୍ରୋକ୍ତୋ ଜୀବଃ ପ୍ରୋକ୍ତୋ ସନାତନଃ' ଅର୍ଥାତ୍ ଏ ଦେହ ହେଉଛି ଏକ ଦେବାଳୟ, ଯାହା ଭିତରେ ପରମାତ୍ମା ସୂକ୍ଷ୍ମ ରୂପରେ ଥାଆନ୍ତି। କିନ୍ତୁ ମନରେ ପ୍ରଶ୍ନ ଆସେ ଦେହକୁ ସିନା ଦେଉଳ ସହ ତୁଳନା କରାଯାଇଛି ହେଲେ ଦେଉଳରେ ଯେଉଁ ପବିତ୍ରତା, ନୀତି ନିୟମ ପାଳିତ ହୁଏ ତାହା ଆମ ଦେହ ଦେଉଳରେ ଅନୁସୃତ ହେଉଛି ତ? ଆମେ ଜାଣୁ ମଣିଷ ଦ୍ୱାରା ନିର୍ମିତ ମନ୍ଦିରରେ ଧୂମପାନ, ମଦ୍ୟପାନ, ମନ୍ଦ ଆଚରଣ, ଆମିଷ ଭକ୍ଷଣ ନିଷେଧ ଓ ପରିବେଶକୁ ଶୁଦ୍ଧ ରଖିବାପାଇଁ ବିଭିନ୍ନ ନିର୍ଦ୍ଦେଶାବଳୀ ଜାରି କରାଯାଇଥାଏ। କିନ୍ତୁ ଥରେ ବିଚାରକଲେ! ମଣିଷ ତିଆରି କରିଥିବା ମନ୍ଦିରକୁ ସ୍ୱଚ୍ଛ, ପରିଷ୍କାର ରଖିବାକୁ ଆମେ ଏତେ ତତ୍ପର କନ୍ତୁ ସ୍ୱୟଂ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ଆମର ଏ ଦେହ ଦେଉଳ ନିଶାସେବନ, ପାପାଚରଣ, ଅଭକ୍ଷଭକ୍ଷଣରେ ଏତେ କଳୁଷିତ ଆଉ କଳଙ୍କିତ କାହିଁକି?

ଗୀତାରେ ଅର୍ଜ୍ଜୁନକୁ ବୁଝାଇବାକୁ ଯାଇ ଶ୍ରୀକୃଷ୍ଣ କହିଲେ: 'ଈଶ୍ୱର ସର୍ବଭୂତାନାଂ ହୃଦ୍ଦେଶେ ଅର୍ଜ୍ଜୁନ ତିଷ୍ଠତି'- ଦେହ ଯଦି ଦେଉଳ ହୁଏ ତେବେ ତା'ର ମସ୍ତକ ହେଉଛି ଦଧିନଉତି, ଶିଖା ହେଉଛି ଦେଉଳର ଧ୍ୱଜା ଓ ହୃଦୟ ହେଉଛି ଗର୍ଭଗୃହ ; ଯେଉଁଠି ଈଶ୍ୱର ବିରାଜମାନ କରନ୍ତି। ପ୍ରଭୁ ଧାରଣକରିଥିବା ଶଙ୍ଖ, ଚକ୍ର, ଗଦା, ପଦ୍ମ ହେଉଛନ୍ତି ଆମ ଅନ୍ତଃକରଣ ଚତୁଷ୍ଟୟର ପ୍ରତୀକ ମନ, ବୁଦ୍ଧି, ଚିତ୍ତ ଓ ଅହଙ୍କାର। କିନ୍ତୁ ଏଠାରେ ପୂଜା ମନ୍ତ୍ରପାଠ ପରିବର୍ତ୍ତେ ଯଦି ଅତ୍ୟାଚାର ଓ ବ୍ୟଭିଚାର ଚାଲେ ତେବେ ଦେହ ଦେଉଳରେ ଦିଅଁ ଦର୍ଶନ ସମ୍ଭବ ହେବ କିପରି? ପ୍ରତିଟି ଶରୀରରେ ଈଶ୍ୱର ସୂକ୍ଷ୍ମ ରୂପରେ ଅଛନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଅଜ୍ଞାତସାରରେ ମଧ୍ୟ କାହା ଦେହରେ ଗୋଡ଼ ବାଜିଗଲେ ତୁରନ୍ତ ଆମ ପାଟିରୁ ବାହାରି ଆସେ 'ବିଷ୍ଣୁ'। ହେଲେ ବିଡ଼ମ୍ବନାର ବିଷୟ ଗୋଡ଼ ବାଜିଗଲେ ବିଷ୍ଣୁ କହୁଥିବା ମଣିଷ ନିଜର ସ୍ୱାର୍ଥ ଚରିତାର୍ଥ ପାଇଁ ଆଜି ଅନ୍ୟକୁ ଲହୁଲୁହାଣ କରି ତା'ର ଆଖିରୁ ନିଗିଡ଼ି ପଡୁଥିବା ଲୁହକୁ ନିର୍ଦ୍ଦୟ ଭାବେ ପିଇଯାଉଛି। ସାନ୍ତ୍ୱନାର ସଜଳ ଶ୍ରାବଣ ବୁନ୍ଦେ ବି ବାଢ଼ିଦେବାକୁ ମଣିଷର ମନ କହୁନି।

ଏବେ ସମାଜରେ ନିତିପ୍ରତି ଘଟୁଥିବା ନାବାଳିକା ବଳାତ୍କାର, ଶିଶୁ ଅପହରଣ, ପତିପତ୍ନୀ ମଧ୍ୟରେ ପ୍ରତାରଣାର ବିସ୍ଫୋରଣ ଏହାର ଗୋଟିଏ ଗୋଟିଏ ନମୁନା ନୁହେଁ କି? ସମାଜରେ କେହି ବ୍ୟକ୍ତି ଆମର ଦେଖାହୋଇଗଲେ ଆମେ ତାଙ୍କୁ 'ରାମ ରାମ' କହି ତାଙ୍କୁ ସ୍ୱାଗତ କରୁ। ହେଲେ ଉପରକୁ ଆମେ ରାମ ରାମ କହିଲେ ମଧ୍ୟ ଜୀବନରେ ରାମଙ୍କୁ ଅନୁସରଣ ନ କରି ଶାସ୍ତ୍ର ବିରୁଦ୍ଧ କର୍ମ ପଛରେ ସବୁବେଳେ ଧାଉଁଛେ। ଏପରି ବାହ୍ୟାଚାରରେ କି ଲାଭ? ରାମାୟଣରେ ଶ୍ରୀରାମଙ୍କ ପଛେ ପଛେ ମା' ସୀତା ଓ ଲକ୍ଷ୍ମଣ ଅନୁଧାବନ କରିଥିଲେ ବୋଲି ସେମାନଙ୍କ ଜୀବନ ଜୟଯୁକ୍ତ ହୋଇଥିଲା । ମହାଭାରତରେ ଶ୍ରୀକୃଷ୍ଣଙ୍କ ପଛେ ପଛେ ପାଣ୍ଡବ ଅନୁସରଣ କରିଥିଲେ ବୋଲି ସେମାନଙ୍କର ଜୀବନ ସୁରକ୍ଷିତ ହୋଇଥିଲା । କିନ୍ତୁ ସମ୍ପ୍ରତି ମଣିଷର ଦେହ ଦେଉଳ କାମ, କ୍ରୋଧ, ଲୋଭ, ମୋହ, କପଟତା ଆଦି ଗନ୍ଧରେ ଅବରୁଦ୍ଧ ହୋଇଥିବାରୁ ଗୀତାର ଅମୃତ ବାଣୀ 'ମାମେକଂ ଶରଣଂ ବ୍ରଜ' ହୋଇଯାଇଛି ନିରୁଦ୍ଦିଷ୍ଟ। ତେଣୁ ଆମର ବାହ୍ୟ ଧର୍ମ ଦିନକୁ ଦିନ ସିନା ବଢୁଛି କିନ୍ତୁ ବ୍ୟକ୍ତିର ବିକାଶ ଓ ଚାରିତ୍ରିକ ଶୁଦ୍ଧତା କ୍ଷୀଣ ହେବାରେ ଲାଗିଛି। ତେବେ ପ୍ରଶ୍ନ ଆସେ ଦେହ ଦେଉଳରେ ଦିଅଁ ଦର୍ଶନ ସମ୍ଭବ କିପରି ହେବ? ଗୌତମ ବୁଦ୍ଧଙ୍କ ଜୀବନୀରୁ କରୁଣାକୁ ଜାଣିପାରିଲେ, ମହାବୀରଙ୍କ ଚରିତ୍ରରୁ ଅହିଂସାକୁ ଆଣିପାରିଲେ, ଯିଶୁଙ୍କ ଜୀବନୀରୁ ପ୍ରେମକୁ ପଢ଼ି ପାରିଲେ ଓ ଶ୍ରୀରାମଙ୍କ ମର୍ଯ୍ୟାଦାରେ ନିଜକୁ ଗଢ଼ିପାରିଲେ ତାହା ହିଁ ହେବ ଦେହ ଦେଉଳର ପ୍ରକୃତ ରୂପରେଖ। ଏହା ସତ୍ୟ ଯେ ଦେଉଳ ତୋଳିବାକୁ ହେଲେ ସଦ୍‌ଭାବର ଭୂମି ଲୋଡ଼ା। ତେଣୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବ୍ୟକ୍ତି ନିଜକୁ ପ୍ରଥମେ ସୁନ୍ଦର ମଣିଷଟିଏ କରି ଗଢ଼ିତୋଳିବା ଆବଶ୍ୟକ।

ରାମାୟଣକୁ ପଢନ୍ତୁ। ରାବଣ ବ୍ରହ୍ମାଙ୍କଠାରୁ ବର ମାଗିଲା ମୁଁ ମଣିଷ ହାତରେ ମରିବି। ସମସ୍ତେ ରାବଣକୁ ପଚାରିଲେ ଏତେବଡ଼ ଜ୍ଞାନୀ ହୋଇ ମଧ୍ୟ ଏପରି ବର କିପରି ମାଗିଲ ଯେ ଗୋଟିଏ ସାଧାରଣ ମଣିଷ ହାତରେ ମରିବ ବୋଲି। ରାବଣ ଉତ୍ତର ଦେଲା – ଏ ବର ସାଧାରଣ ନୁହେଁ କାରଣ ମଣିଷ ପରି ଦିଶିବା ଓ ମଣିଷ ପରି ମଣିଷଟିଏ ହେବା ଏକା କଥା ନୁହେଁ। ସମାଜରେ ମଣିଷପରି ଦିଶୁଥିବା ଅନେକଙ୍କ ଅନ୍ତର ଭିତରେ ଭରିରହିଛି ଛନ୍ଦ, କପଟ, ଘୃଣା, ଅସୂୟା, କାମ, କ୍ରୋଧ, ଲୋଭ ଆଦି ଜାଙ୍ଗଲିକ ପଶୁବୃତ୍ତି। ଉପରେ 'ହରି' 'ହରି' କହି ଭିତରେ ହରଣ କରିବାକୁ ସେମାନେ ଧୁରନ୍ଧର। କପାଳରେ ଚିତାତିଳକ କାଟି ବ୍ରହ୍ମାଣ୍ଡକୁ ଚିତା କାଟିବାରେ ସେମାନେ ତତ୍ପର। ଏପରି ଲକ୍ଷେ ମଣିଷ ଏକାଠି ହେଲେ ମଧ୍ୟ ମୋର ସାମାନ୍ୟ କ୍ଷତି କରିପାରିବେ ନାହିଁ। ମୁଁ ସେହି ମଣିଷ ହାତରେ ମରିବି, ଯାହାର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଓ ମଣିଷପଣିଆ ପାଖରେ ସମଗ୍ର ବିଶ୍ୱ ନଇଁ ଯାଉଥିବ, ଯାହାର ଆଚରଣ ଓ ଉଚ୍ଚାରଣ ମଧ୍ୟରେ ସାମାନ୍ୟ ବିଭେଦ ନ ଥିବ। ଶେଷରେ ପ୍ରଭୁ ରାମଚନ୍ଦ୍ର ବାଧ୍ୟ ହେଲେ ଆଦର୍ଶ ମଣିଷ ରୂପରେ ଆସି ରାବଣକୁ ନିଧନ କରିବା ପାଇଁ। ହେଲେ ବଡ଼ ଲାଜର କଥା ଆଜିର ପତନୋନ୍ମୁଖୀ ସମାଜରେ ମଣିଷପଣିଆ ଓ ମାନବିକତାର ମରୁଡ଼ି ପଡ଼ିଥିବାରୁ ଦେହ ଦେଉଳରେ ଦିଅଁ ଦର୍ଶନ ହେଉନାହିଁ। ଏହା ହିଁ ଦେହ ଦେଉଳର ଦୁଃଖ।



ଅଂଶ ସବୁବେଳେ ଅଂଶୀ ପାଖକୁ ଯାଏ, ଯେପରି କି ଅଗ୍ନି ଶିଖାର ଗତି ହେଉଛି ସୂର୍ଯ୍ୟଙ୍କ ନିକଟକୁ। ଠିକ୍ ସେହିପରି ଈଶ୍ୱର ହେଉଛନ୍ତି ଅଂଶୀ ଓ ଆମେ ତାଙ୍କର ଅଂଶ। ତେଣୁ ଈଶ୍ୱରଙ୍କର ଅମୂଲ୍ୟ ଉପହାର ରୂପେ ପାଇଥିବା ଏ ଦେହ ଦେଉଳକୁ ପବିତ୍ର ତୀର୍ଥସ୍ଥଳୀ ଜ୍ଞାନକରି ଏହାର ମର୍ଯ୍ୟାଦାକୁ ଅତୁଟ ରଖିପାରିଲେ ତାହା ହିଁ ହେବ ଧର୍ମର ଶ୍ରେଷ୍ଠ ମୂଲ୍ୟାୟନ ଓ ଈଶ୍ୱରଙ୍କର ସବୁଠାରୁ ପ୍ରିୟ ନିବାସସ୍ଥଳୀ ନ ହେଲେ ମଣିଷ ଜୀବନରେ ଶାନ୍ତି ଆସିବ ନାହିଁ କି ଆନନ୍ଦ ବି ମିଳିବ ନାହିଁ କାରଣ ଦିଅଁ ଦେଖି ଯିବା ଗୋ ସହି! ଦେଉଳରେ ଦିଅଁ ଦେବତା ନାହିଁ।

ଅଧ୍ୟାପକ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ମୋ:୯୪୩୭୧୧୩୧୬୨

## ଏଇ ଭାରତରେ

କେରଳର ଜୋଶେଫ୍ କରାକାଡୁ ଡ୍ରାଗନ ଫ୍ରୁଟ୍ସ ଚାଷ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ସେ ନିଜସ୍ୱ ଉଦ୍ୟମରେ ଜଣେ ସଫଳ ଡ୍ରାଗନ ଫ୍ରୁଟ୍ସ ଚାଷୀ ହୋଇପାରିଛନ୍ତି। ଜୋଶେଫ୍‌ଙ୍କ ବୟସ ୭୪। ସେ ପାଖାପାଖି ୧ ଏକର ଜମିରେ ୨୦ ପ୍ରକାର ଡ୍ରାଗନ ଫ୍ରୁଟ୍ସ ଚାଷ କରୁଛନ୍ତି। ଏହିସବୁ କିସମର ଡ୍ରାଗନଫ୍ରୁଟ୍ସ ସେ ତାଇୱାନ, ବ୍ରାଜିଲ, ଫିଲିପାଇନ୍ସ, ଇକ୍ୱେଡର ଏବଂ ଅଷ୍ଟ୍ରେଲିଆ ଆଦି ଦେଶରୁ ସଂଗ୍ରହ କରିଛନ୍ତି। ଡ୍ରାଗନଫ୍ରୁଟ୍ସ ବିକ୍ରି କରି ସେ ରୋଜଗାର କରୁଛନ୍ତି। ହେଲେ ତାହାଠାରୁ ଅଧିକ ଲାଭ ପାଉଛନ୍ତି ଡ୍ରାଗନଫ୍ରୁଟ୍ସ ଚାରା ବିକ୍ରି କରି। ଜୋଶେଫ୍ ଚାରାରୁ ମାସକୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ଡ୍ରାଗନଫ୍ରୁଟ୍ସ ଓ ତାହାର ଚାରାକୁ ଗୁଜରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟ ସମେତ ବିଦେଶରେ ବିକ୍ରି କରୁଛନ୍ତି। ବଡ଼ କଥା ହେଉଛି ସେ ଗବେଷଣା କରି ନୂଆ କିସମର ରେଡ୍ ଚିଲି ଓ ୱାଣ୍ଡ ବୟ ଡ୍ରାଗନଫ୍ରୁଟ୍ସ ଉତ୍ପାରିବାରେ ସକ୍ଷମ ହୋଇପାରିଛନ୍ତି। ଡ୍ରାଗନଫ୍ରୁଟ୍ସ ଚାଷ କରିବା ପୂର୍ବରୁ ଜୋଶେଫଙ୍କର ଏକ ମେଶିନ ଟୁଲ୍ ଇଣ୍ଡଷ୍ଟ୍ରି ଥିଲା। ପରେ ସେ ଏହି ବ୍ୟବସାୟକୁ ଛାଡ଼ି ଡ୍ରାଗନ ଫ୍ରୁଟ୍ସ ଚାଷ କରୁଛନ୍ତି। ସେ ଉତ୍ପାଦିତ ଡ୍ରାଗନଫ୍ରୁଟ୍ସ ଓ ଚାରାକୁ ଗୁଜରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟ ସମେତ ବିଦେଶରେ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୪ ମେ ୧୯୭୬**

- ପ୍ରଥମଥର ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଭାରତ ମଧ୍ୟରେ ସିଧାସଳଖ ବ୍ୟାବସାୟିକ ବିମାନ ଚଳାଚଳ ବ୍ୟବସ୍ଥା ଆରମ୍ଭ।
- ରାଜ୍ୟର ଦ୍ୱିତୀୟ ବୃହତ୍ତମ ପୌରସଂସ୍ଥା ବ୍ରହ୍ମପୁର ମ୍ୟୁନିସିପାଲ କାଉନସିଲର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାର ହାତକୁ ନେଇଛନ୍ତି।
- ସତ୍ୟବାଦୀର ସାକ୍ଷୀଗୋପାଳ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଗ୍ରହଣ କରିଛନ୍ତି।

## ଚିରନ୍ତନୀ

କଣ୍ଢୀ ନୂପୁର ଶାଢ଼ି ଶେମିଜକୁ
କାଢ଼ି ନେଲେ ଆଉ କି ରହେ ବେଶ
ସେହି ସେ ପୀରତି-ମାଟି ନିଆଁ ପାଣି
ଛାଡ଼ି ଏ ଧରାର ରହେ ଯା' ଶେଷ !
(ପ୍ରେମର ଅର୍ଥ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 8 | 6 | 9 | 7 | | |
| | | | | | | | | |
| 7 | 6 | | | | | | | 1 |
| | | | | | | | | |
| 8 | | | 2 | | 1 | 5 | 7 | |
| 4 | | | | 7 | 5 | | | |
| 5 | | | | | 4 | | | |
| 6 | | 3 | | | | | | 4 |
| | | | | | 2 | | 6 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 4 | 7 | 6 | 3 | 2 | 8 | 9 |
| 8 | 3 | 7 | 9 | 2 | 4 | 6 | 5 | 1 |
| 9 | 6 | 2 | 5 | 8 | 1 | 4 | 3 | 7 |
| 6 | 8 | 5 | 3 | 9 | 2 | 1 | 7 | 4 |
| 7 | 4 | 3 | 6 | 1 | 5 | 8 | 9 | 2 |
| 2 | 1 | 9 | 4 | 7 | 8 | 3 | 6 | 5 |
| 5 | 2 | 8 | 1 | 3 | 7 | 9 | 4 | 6 |
| 4 | 9 | 1 | 8 | 5 | 6 | 7 | 2 | 3 |
| 3 | 7 | 6 | 2 | 4 | 9 | 5 | 1 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନୁପ୍ରବେଶକାରୀଙ୍କୁ ହଟାଯାଉ

ମହାଶୟ,
ଦିନକୁଦିନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ଆକଳନ ଅନୁଯାୟୀ ସାରା ଦେଶରେ ୧,୫୭,୪୩୨ ଜଣ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି। ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ବିବୃତି ଅନୁଯାୟୀ ଓଡ଼ିଶାରେ ୩,୭୩୮ ଜଣ ବାଂଲାଦେଶୀ ଅନୁପ୍ରବେଶ ପୂର୍ବକ ବସବାସ କରୁଛନ୍ତି। ଅଦ୍ୟାବଧି କେନ୍ଦ୍ରାପଡ଼ା ଜିଲାରେ ଏମାନଙ୍କ ସଂଖ୍ୟା ମାତ୍ରାଧିକ ବୃଦ୍ଧି ଘଟିବାର ଲକ୍ଷ୍ୟ କରାଯାଏ। ସମୁଦ୍ରପଥ ଦେଇ ନୌକା ସାହାଯ୍ୟରେ ଏମାନେ ମାଡ଼ି ଆସିଛନ୍ତି। କାରଣ ସି ସଟ୍‌ଲକୁ ମାତ୍ର ୮ ଘଣ୍ଟା ସମୁଦ୍ର ପଥରେ ଓଡ଼ିଶାରେ ଆସି ପହଞ୍ଚିବାକୁ ସମୟ ଲାଗୁଛି। ଏମାନଙ୍କୁ ରୋକିବା ପାଇଁ ୩ଟି ସାମୁଦ୍ରିକ ରାସ୍ତା ଥିଲେ ମଧ୍ୟ ଯଥେଷ୍ଟ କର୍ମଚାରୀ ନାହାନ୍ତି। ପ୍ରଥମେ ଏମାନେ ଅସ୍ଥାୟୀ ଗୃହ ନିର୍ମାଣ ପୂର୍ବକ ଚାଷ ଓ ଜଙ୍ଗଲ ଜମିକୁ ଦଖଲ କରୁଛନ୍ତି। ଏହାଦ୍ୱାରା ଆମର ପରିବେଶ ପ୍ରତି ପ୍ରଭାବ ପଡୁଛି। ଏମାନେ ବିଭିନ୍ନ ପ୍ରକାର ଚାଷ କରି ସବୁ ଶସ୍ୟ ବାଂଲାଦେଶକୁ ଜଳପଥ ଦେଇ ନେଉଛନ୍ତି। ଏମାନେ ବିଭିନ୍ନ ଉପାୟରେ ଓଡ଼ିଶା ଚାଷୀଙ୍କ ଖାଦ୍ୟ ପେୟ ମଧ୍ୟ ହାତଉଛନ୍ତି, ଯାହା ଚିନ୍ତାର ବିଷୟ।

**– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏସ୍‌ବିଆଇର ନୂତନ ଶାଖା ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଚାନ୍ଦବାଲି,୩।୫(କିଷାନ ପାତ୍ର)

ଭାରତୀୟ ଷ୍ଟେଟବ୍ୟାଙ୍କ (ଏସ୍‌ବିଆଇ)ର ନୂତନ ଶାଖା ଶୁକ୍ରବାର ଚାନ୍ଦବାଲି ନିକଟସ୍ଥ କାଳୀମନ୍ଦିର ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍‌ବିଆଇର ଜେନେରାଲ ମ୍ୟାନେଜର (ନେଟୱର୍କ-୧ ଭୁବନେଶ୍ୱର) ପୋନାମ୍ବଲମ ମୁରୁଗାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇର ମୁଖ୍ୟ ପରିଚାଳକ ଗୋବିନ୍ଦ ଚନ୍ଦ୍ର ନାୟକ, ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ବାଲେଶ୍ୱରର ଶୈଳେଶ କୁମାର ସିହ୍ନା ଓ ରିଜୋନାଲ ମ୍ୟାନେଜର ଦେବାଶିଷ ରଥ ପ୍ରମୁଖ ଯୋଗଦେଇ ଏହି ଶାଖାର ବ୍ୟବସାୟିକ ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଅପରପକ୍ଷରେ ଦାଶରଥି ସ୍ୱାଇଁ, ପ୍ରଶାନ୍ତ କୁମାର ଦାସ, ସଂଗ୍ରାମ କେଶରୀ ଦାସ, ଦିଲୀପ ଦାସ, ନରେନ୍ଦ୍ର କୁମାର ଜେନା, ସୌରଭ କୁମାର ସେଠୀ, ଶକ୍ତି କୁମାର ଯାଦବ, ହୃଦାନନ୍ଦ ତ୍ରିପାଠୀ, ମନୀଷା ବିଶ୍ୱାଳ, ଲିପ୍ସା ସାହୁ, ଚନ୍ଦ୍ରକାନ୍ତ ବେହେରା, ନିରଞ୍ଜନ ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅରୁନ୍ଧତୀ ଜୁଏଲର୍ସର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୩।୫ (ଅଭୟ ଦାଶ)

ଅରୁନ୍ଧତୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ତଥା ରାଉରକେଲା ଷ୍ଟୋରର ୩ୟ ଏବଂ ବରଗଡ଼ ଷ୍ଟୋରର ୬ଷ୍ଠ ବାର୍ଷିକୀ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ବାର୍ଷିକୀ ଉତ୍ସବ ସ୍ୱତନ୍ତ୍ର (anniversary special) ଅଫର ମାଧ୍ୟମରେ ସୁନାଗହଣାର ଗଢ଼ାମଜୁରି କେବଳ ୮୯୯ ଟଙ୍କା, ହୀରାଗହଣାର ହୀରାମୂଲ୍ୟରେ ଛୋଟ ୨୫ % ଓ ରୁପା ଗହଣାର ଗଢ଼ାମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ଘୋଷଣା କରାଯାଇଛି।

ଏ ସମ୍ପର୍କରେ ଅରୁନ୍ଧତୀ ଗ୍ରୁପ୍‌ର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଦୀର୍ଘ ୨୫ ବର୍ଷ ଧରି ଅରୁନ୍ଧତୀକୁ ସେବା କରିବାର ସୁଯୋଗ ଦେଇଥିବାରୁ ଓଡ଼ିଶାବାସୀଙ୍କ ନିକଟରେ ଆମେ କୃତଜ୍ଞ। ଆମ୍ଭର ପ୍ରତିଟି ସଫଳତାର ବାସ୍ତବିକତା ଆପଣଙ୍କ ଅରୁନ୍ଧତୀ ପରିବାର ପ୍ରତି ଦୀର୍ଘବର୍ଷ ଧରି ଥିବା ଦୃଢବିଶ୍ୱାସ, ଅଦମ୍ୟ ସ୍ନେହର ଫଳାଫଳ। ଆଗାମୀ ଦିନରେ ମଧ୍ୟ ଅରୁନ୍ଧତୀ ସର୍ବଶ୍ରେଷ୍ଠ ସେବା ଯୋଗାଇଦେବା ସହ ଅନେକ ଆକର୍ଷଣୀୟ ଅଫର ଭେଟି ଦେବାକୁ ଯାଉଛି।

ସେହିଭଳି ରାଜ୍ୟ ଅଳଙ୍କାର ବ୍ୟବସାୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରି ସାରା ରାଜ୍ୟରେ ଜୁଏଲର୍ସ ସୁପରିଚିତ ଅରୁନ୍ଧତୀ ଜୁଏଲର୍ସର ୨୫ବର୍ଷର ସଫଳ ଯାତ୍ରାର ଏହି ବାର୍ଷିକୀ ସ୍ୱତନ୍ତ୍ର ସମାରୋହରେ ଉପରଲିଖିତ ଶାଖାଗୁଡ଼ିକର ସୁପରିଚାଳନା ଅନ୍ୟତମ ଉପଲବ୍ଧି।



ବାର୍ଷିକ ଉତ୍ସବରେ ଅରୁନ୍ଧତୀ ଜୁଏଲର୍ସର ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ

ଭୁବନେଶ୍ୱର,୩।୫

ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ 'ଡିଏସ୍‌ପି ସିଲ୍‌ଭର ଇଟିଏଫ୍ ଫଣ୍ଡ ଅଫ୍ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଓପନ ଏଣ୍ଡେଡ୍ ସ୍କିମ୍ ହୋଇଥିଲାବେଳେ ପୁଞ୍ଜିନିବେଶକଙ୍କୁ ମ୍ୟୁଚୁଆଲ ଫଣ୍ଡ ମାଧ୍ୟମରେ ରୁପାର ପୁଞ୍ଜିନିବେଶ ସୁଯୋଗ ହାସଲ କରିବାକୁ ଏକ ସ୍ୱାଚ୍ଛନ୍ଦ୍ୟମୂଳକ ଏବଂ ସୁସଂଗଠିତ ପନ୍ଥା ଯୋଗାଇଦେଉଛି। ସେହିଭଳି ଏହି ଫଣ୍ଡ ଅଫ ଫଣ୍ଡ ମୁଖ୍ୟତଃ ଡିଏସ୍‌ପି ସିଲ୍‌ଭର ଇଟିଏଫ୍‌ରେ ପୁଞ୍ଜିନିବେଶ କରିବ। ଯାହା ଘରୋଇ ବଜାରରେ ଭୌତିକ ରୁପାର ପ୍ରଦର୍ଶନ ସହ ଅତି ନିକଟତର ରିଟର୍ନ ପ୍ରଦାନ କରିବ।

ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଅନୁଗୋଳ

## OFFICE OF THE DIVISIONAL FOREST OFFICER, SATKOSIA WILDLIFE DIVISION, ANGUL

ODISHA INDIA'S BEST KEPT SECRET

At/PO- Hakimpada, PS/ Dist- Angul, Pin No.-759143,
E-Mail Id- dfo.satkosiawl@odisha.gov.in / Website- www.satkosia.org /
Phone/Fax-06764-236218, 236219

Notice No. 2755 Dtd. 28.04.25

**SHORT TENDER CALL NOTICE**

**FOR SUPPLY OF VEHICLE ON HIRE BASIS FOR OFFICIAL PURPOSE TO BE DEPLOYED IN DIFFERENT RANGES AND DIVISION HEAD QUARTER (PAMPASAR, PURUNAKOTE, TIKARPADA, JILLINDA & RAIGODA)**

No. MM-20:- Quotations in plain paper /letter pad are invited from the intending supplier / Vehicle owner for supply of Protection vehicle for use in patrolling and other duty in different Ranges of Satkosia Wildlife Division, Angul during the FY-2025-26 with following term and conditions.

The quotation should be reach in this office on or before 14.05.2025 at 10:00 A.M through Registered / Speed Post, Courier Service and can also be dropped in Tender Box placed in office of the Divisional Forest Officer, Satkosia Wildlife Division, Angul. The tenders will be opened in the same office on the same day at 12:30 P.M. by submitting a non-refundable Demand Draft to be drawn in favour of Divisional Forest Officer, Satkosia Wildlife Division, Angul from 30.04.2025 to 14.05.2025 payable at Angul for Rs. 1000/- (Rupees One Thousand) only towards cost of tender paper, which will be placed before the Purchase Committee of this office for approval. The amount quoted should be including the cost of Driver and all taxes (excluding the cost of Fuel). The incomplete quotation or after the schedule date and time shall be summarily rejected the undersigned reserves all rights to reject any or all quotation with showing any reason thereof.

1. BOLERO (B4, B6, Neo N4, Neo N8, Neo N10 R, Neo N10 Opt etc.) (Diesel Make)
2. SCORPIO (S MT 7STR, S MT 9STR, S11 MT 7S, N Z2, N Z4, N Z6 etc.) (Diesel Make)

**Total- 13 Nos. (Tentative)**

Sd./- Divisional Forest Officer,
Satkosia Wildlife Division, Angul

OIPR-08022/11/0001/2526

# ଏନ୍‌ଏମ୍‌ଆଇପିଏଲ୍‌ର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୩।୫

ନିସାନ ମୋଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍(ଏନ୍‌ଏମ୍‌ଆଇପିଏଲ୍)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି କମ୍ପାନୀ ଭାରତରେ ନିରନ୍ତର ଓ ସ୍ଥାୟୀ ଅଭିବୃଦ୍ଧି ବଜାୟ ରଖିବା ସହ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବାଧିକ ବିକ୍ରି ରେକର୍ଡ ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ(ନିସାନ) ୯୯,୦୦୦ ୟୁନିଟ୍‌ରୁ ଅଧିକ ଗାଡ଼ି ବିକ୍ରି (ରପ୍ତାନୀ+ଘରୋଇ) ବିକ୍ରି ହାସଲ କରିଥିବାବେଳେ ୨୦୧୭-୧୮ ଆର୍ଥିକ ବର୍ଷ ପରଠାରୁ ଏହା ସର୍ବାଧିକ ବୋଲି କୁହାଯାଉଛି। ଘରୋଇ ଓ ରପ୍ତାନୀ ବଜାରରେ ନୂଆ ନିସାନ ମାଗ୍ନାଇଟ୍ ବି-ଏସ୍‌ୟୁଭିର ଚମତ୍କାର ପ୍ରଦର୍ଶନ ଯୋଗୁ ଏହି ସଫଳତା ସହ ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀର ବାର୍ଷିକ ବିକ୍ରି ୩୫% ବୃଦ୍ଧି ହୋଇଛି।

# ୟୁଆଇର ନୂତନ ଉତ୍ପାଦ ରେଞ୍ଜ

ଭୁବନେଶ୍ୱର,୩।୫

ଉଷା ଇଣ୍ଟରନ୍ୟାଶନାଲ(ୟୁଆଇ)ର ନୂତନ ଉତ୍ପାଦ ରେଞ୍ଜ 'ଏରୋଏଜ୍‌ଏବଂ ଏରୋଏଜ୍‌ପ୍ଲସ୍' ସର୍ବଭାରତୀୟ ସ୍ତରରେ ଶୁଭାରମ୍ଭ ହୋଇଯାଇଛି। ଅତିଶୟ ଗରମ ଅନୁଭବ କରୁଥିବା ଭାରତୀୟ ଉପଭୋକ୍ତାଙ୍କର ପରିବର୍ତ୍ତିତ ଆବଶ୍ୟକତା ପୂରଣକରିବା ଲାଗି ପ୍ରସ୍ତୁତ କରାଯାଇଥିବା ଏହି ଫ୍ୟାନ୍ ସର୍ବୋତ୍ତମ ଶକ୍ତି ଦକ୍ଷତା ଏବଂ ଆଧୁନିକ ସମୟର ସୁନ୍ଦରତାରେ ସମ୍ପନ୍ନ ତଥା ବର୍ତ୍ତମାନର ଘରଗୁଡ଼ିକ ପାଇଁ ଶ୍ରେଷ୍ଠ ଶୀତଳତା ପ୍ରଦାନ କରିଥାନ୍ତି। ଏରୋଏଜ୍ ପ୍ଲସ୍ ଏବଂ ଏରୋଏଜ୍ ବିଏଲ୍‌ଡିସି ସିଲିଂ ଫ୍ୟାନ ସୌନ୍ଦର୍ଯ୍ୟ ଏବଂ ପ୍ରଯୁକ୍ତିର ଉପଯୁକ୍ତ ମିଶ୍ରଣର ପ୍ରତୀକ ଏବଂ ବିଇଇ ଷ୍ଟାର ରେଟିଂରେ ସୁସଜ୍ଜିତ ରହିଛି।

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL

E-mail - sencrwangul@yahoo.co.in; Phone: 06764-236404

No. 1285 Dt. 30.04.25

**Cancellation of Tender for Building Work**

No. O-109:- The tender for Building work invited vide this office Tender Call Notice No.909 dt.12.03.2025 (Bid Identification No. Building Online-AGL-26/2024-25) by the Procurement Officer, Chief Construction Engineer, Rural Works Circle, Angul is hereby cancelled.

Sd./- Chief Construction Engineer,
Rural Works Circle, Angul

OIPR-25180/11/0051/2526

## ZILLA SWASTHYA SAMITI, BALANGIR

(Department of Health & FW, Govt. of Odisha)

**CORRIGENDUM**

Corrigendum No : 25 Date : 29.04.2025

**No.E-60** : In continuation of Advertisement No.21 dated 19.04.2025, Sl. No - 11 of bid document should be read as Bidders should have proof of supply of 05 Nos. or more of the quoted drugs and consumables to any Govt. Organization/Corporate Hospital/PSU Hospital/ UN Agency during last 3 financial years (2022-23, 2023-24 and 2024-25) and Sl. No -12 should be read as Avg. Annual Turnover of Manufacturers/Supplier of Rs.1.00 crore or more during last 3 financial years (2021-21, 2022-23 and 2023-24). Other terms and conditions in the bid document will be remain unchanged.

OIPR-10019/11/0016/2526 Sd./- CDM & PHO, Balangir

## OFFICE OF THE COLLECTOR & DISTRICT MAGISTRATE, JAGATSINGHPUR

(District Social Welfare Section)

Ph : 06724-220865, E. Mail - dswojspur@nic.in

**TENDER CALL NOTICE**
**No. 1445/DT. 28.04.2025**

**No.g-19** : Sealed tenders are invited from the intending eligible and Registered Firms/ authorized licenced Transport Contractors/Agents for undertaking ICDS Project wise transportation of Rice & Wheat under the carriage by Road Act 2007 and the Carriage by Road Rule 2011 from concern Transportation Authority for Transportation of Rice & Wheat under SNP feeding Programme in all 8 nos ICDS of Jagatsinghpur District **(Balikuda, Biridi, Erasama, Jagtsinghpur, Kujanga, Naugaon, Raghunathpur and Tirtol ICDS Project)** for the year 2025-2026.

Details of the Term & Condition is available in the Office of the Collector, Jagatsinghpur (SocialWelfare Section) and District Website i.e www.jagatsighpur.nic.in.

The details of Tender process as follows.

1. Period of sale of Tender document from : **28.04.2025 (9.00 A.M.)**
2. Last date for receipt of Tender document : **16.05.2025 (1.30 P.M.)**
3. Date of Opening of Tender : **17.05.2025 (10.00 A.M.)**
4. Tender Paper cost : **Rs. 3000.00 (Rupees Three thousand) only**

Sd./- Collector & District Magistrate,
Jagatsinghpur

OIPR-24275/11/0005/2526

## OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER CUM DISTRICT MISSION DIRECTOR, NATIONAL HEALTH MISSION, KORAPUT

Phone No. : 06852-299964,
e-mail : nhmkpt@gmail.com, ncdcellkoraput@gmail.com

**Tender Call Notice**

Bid No. 102/2025/NTEP Date : 01.05.2025

**No.E-61** : Sealed tenders are invited from interested reputed travel agencies/ tour operators/ private individuals/NGOs for providing A/C or non-A/C-diesel driven vehicles on monthly hiring basis. The bidders are requested to submit their documents in the prescribed formats on or **before May 26, 2025, by 5.00 P.M. through Regd. Post, Speed Post, or Courier**. Tender will be opened on the same day at 05.15 P.M. at the office chamber of the CDM & PHO, Koraput. The details are available download in the website https://koraput.odisha.gov.in

OIPR-10077/11/0016/2526 Sd./- CDM & PHO, Koraput

## OFFICE OF THE NOTIFIED AREA COUNCIL, BINKA

Dist. : Subarnapur (Pin-767019), Email id : binikan.hud@nic.in,
Phone/Fax : 06654-241113

**E-tender call notice No. 936/Dt. 30.04.2025**
**Tender ID - 2025_ORULB_112944**

**Tender Reference No. BINKA-NAC-01/2025-26**

**No.C-211** : Bid Documents consisting of work, estimated Cost, Cost of Tender Paper, EMD, Time of Completion, Class Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

| | | | |
|---|---|---|---|
| 1 | Type of the work | : | Civil Works |
| 2 | No. of works | : | 1 nos. |
| 3 | Estimated Cost | : | As per DTCN |
| 4 | Period of Completion | : | As per DTCN |
| 5 | Date & Time of bidding online from | : | Dt. 01.05.2025 at 11.00 A.M. |
| 6 | Last Date & time of bidding online | : | Dt. 15.05.2025 up to 05.00 P.M. |
| 7 | Date & Time of opening of Technical Bid | : | Dt. 16.05.2025 at 11.00 A.M. |
| 8 | Name and address of the Officer inviting Bid | : | Executive Officer, N.A.C, Binka |

Further details can be seen from the procurement portal i.e. www.tendersodisha.gov.in

Sd./- Executive Officer
Notified Area Council, Binka

OIPR-13198/11/0008/2526

## THE MAYURBHANJ CENTRAL CO-OPERATIVE BANK LTD, BARIPADA

AT/PO- BARIPADA, DIST-MAYURBHANJ, PIN-757001 (ODISHA)

**ବିଜ୍ଞାପନ**

**No.LL-04:** ଏତଦ୍ୱାରା ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ ଜମାକାରୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବର୍ତ୍ତମାନର ପ୍ରଚଳିତ ନିୟମ ଅନୁସାରେ ପ୍ରତ୍ୟେକ ଜମାକାରୀ ତାଙ୍କ ବାବଦରେ ସମ୍ପୂର୍ଣ୍ଣ ସଦ୍ୟ ବିବରଣୀ (KYC-Know your customer) ବ୍ୟାଙ୍କକୁ ପ୍ରଦାନ କରିବା ନିତ୍ୟାନ୍ତ ଆବଶ୍ୟକ । ସେ ଦୃଷ୍ଟିରୁ ସେମାନଙ୍କୁ ଅନୁରୋଧ ଯେ ସେମାନେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ବ୍ୟାଙ୍କକୁ ଆସି ସେମାନଙ୍କର ସମ୍ପୂର୍ଣ୍ଣ ସଦ୍ୟ ବିବରଣୀ ପ୍ରଦାନ କରନ୍ତୁ ନଚେତ ବ୍ୟାଙ୍କ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହେବ ।

ଏତଦ୍ୱାରା ଏହା ମଧ୍ୟ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ଅନେକ ଲକରଧାରୀ ବ୍ୟାଙ୍କ ସହିତ ସେମାନଙ୍କର ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି ଓ ଲକର ଭଡା ମଧ୍ୟ ନିୟମିତ ଭାବେ ବ୍ୟାଙ୍କକୁ ପ୍ରଦାନ କରୁନାହାନ୍ତି । ଯାହାଦ୍ୱାରା ଲକର ଭଡା ଅନାଦେୟ ହୋଇ ରହୁଅଛି । ଏଣୁ ସେମାନଙ୍କୁ ଅନୁରୋଧ ଯେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ସେମାନଙ୍କର ବକେୟା ଭଡା ବ୍ୟାଙ୍କରେ ଦାଖଲ କରନ୍ତୁ ନଚେତ୍ ବ୍ୟାଙ୍କ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହେବ ।

ସ୍ୱା./-ସମ୍ପାଦକ

OIPR-39044/11/0009/2526 ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବାରିପଦା

## ODISHA LIFT IRRIGATION CORPORATION LIMITED

(A Government of Odisha Undertaking)

## OFFICE OF THE EXECUTIVE ENGINEER L. I. DIVISION, SAMBALPUR

**Tendor Call Notice for Hiring of Vehicle**
**No.02/2025-26 / Date : 25.04.2025**

**No.CAD-248** : Sealed tenders are Invited from Interested reputed Travel Agencies / Tour Operators / Private Individuals for providing 2 (Two) Nos. of A/C Diesel driven Bolero (Mahindra) vehicle having sitting capacity not more than seven Including driver, which shall confirm to the terms and conditions for official use (01 no for Superintending Engineer (N.C), L.I. Circle, Sambalpur and 01 no. for L.I. (Civil)Sub-Division, Jharsuguda under the office of the Executive Engineer, L.I. Division-Sambalpur on monthly rent basis. The tender schedule containing General Bid Information & Terms and Conditions for hiring of Venicles etc. will be available with Office of the Executive Engineer, L.I. Division, Sambalpur on payment of Rs.100/- + 18% GST i.e. 118/- each in shape of DD in favour of E.E. OLIC Division, Sambalpur to be drawn at any Nationalized bank from 03.05.2025 07:00 A.M. to 08.05.2025 during office hour i.e. 01.00 P.M. The tenders completed in all respect to be received the Office of Executive Engineer, L.I. Division, Sambalpur on or before 09.05.2025 by 11.00 A.M. and shall be opened on the same day at 12.00 P.M.

Sd./- Executive Engineer
L.I. Division, Sambalpur

OIPR-32308/11/0003/2526

GOVERNMENT OF ODISHA, "e"-PROCUREMENT NOTICE

## OFFICE OF THE SUPERINTENDING ENGINEER, PURI (R&B) DIVISION, PURI

**WORKS DEPARTMENT**

**Short Tender Call Notice**

E-mail : eerbpuri@yahoo.co.in

**Bid Identification No. SE (R&B) Puri-04/2025-26**

**No.B-86** : The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **Double Cover** system in ONLINE MODE from the eligible class of contractors registered with the State Governments and contractors of equivalent Grade/Class registered with Central Government / Railways :

1. Nature of Work : Civil Work
2. No. of Work : 1 No.
3. Tender Cost : Rs. 10000.00/ each (On-Line)
4. Class of bidders : 'B' Class
5. Available of Bid document in the Website : From 10.00 A.M. of Dt. 03.05.2025 to 11.00 A.M. of Dt. 09.05.2025
6. Last Date of receipt of tender : Dt. 09.05.2025 up to11.00 A.M.
7. Date of opening of Bid : Dt. 09.05.2025 at 12.00 P.M.
8. The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

Sd./- Superintending Engineer,
Puri (R&B) Division, Puri

OIPR-34064/11/0026/2526

## Government of Odisha "e" Procurement Notice

**Bid Identification No.Online-02-OF-2025-26**

No.O-103 E-Mail ID- rwd.padampur@yahoo.co.in,
Ph.No.9437255440

1. Name of the Work : **Building Works (As per Annexure-'A')**
2. Amount put to Bid Excluding GST : As per Annexure - 'A'
3. Class of Contractor : "D" "C" & "B"
4. Date & Time of availability of bid document in the portal : From Dt.08.05.2025 at 10.00 A.M.
5. Last date & Time for receipt of bids in the portal : Dt.17.05.2025 upto 05.00 PM
6. Last date of seeking clarification : Dt.16.05.2025 upto 1.00 P.M.
7. Date & Time of bid opening : Dt.19.05.2025 at 10.00 A.M.
8. Name and address of the Officer Inviting Bid : Executive Engineer, R.W. Division, Padampur At/Po-Padampur, Dist-Bargarh Pin-768036

(1) Other details can be seen from DTCN available in website www.tendersodisha.gov.in
(2) Corrigendum if any shall only be published in the above website.

Sd./- Executive Engineer
Rural Works Division, Padampur

OIPR-25069/11/0026/2526

## GOVERNMENT OF ODISHA

"e" PROCUREMENT NOTICE

## RAJGANGPUR MUNICIPALITY

**Bid identification No. - Eo/RGP/03 of 2025-26**
**e-mail ID - rajgangpurm.hud@nic.in**

No.C-224 **No. 2223, Dated 30.04.2025**

1) Total Number of Work : 04 No. Work (Widening of the road, Boundary wall & renovation with Beautification of Talab, Bathing Ghat, Guard Wall & Drain etc)
2) Approximate Estimated Cost : 11.35 Lakh to 19.75 Lakhs
3) Period of Completion : 90 Days
4) Date & time of availability of the bid documents in the portal : 02.05.2025 at 11.00 A.M. to 14.05.2025 up to 5.00 P.M.
5) Last date of receipt of Bids in the portal : 14.05.2025 up to 5.00 P.M. (Online)
6) Bids Receipt online shall be opened on : 15.05.2025 at 11.00 A.M. (Online)
7) Name & address of the Officer Inviting Bid : Executive Officer, Rajgangpur Municipality
8) The Bidders have to participate in ONLINE bidding only, further details can be seen from the e-procurement portal. hhtp://tendersodisha.gov.in

Sd./- Victor Soreng
Executive Officer
Rajgangpur Municipality

OIPR-13094/11/0024/2526

## OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA

INVITATION FOR BIDS (IFB)

E-mail : pwdoff_khd@yahoo.com

**Tender Call Notice**

**Bid Identification No. S.E.-KHD-(R&B)-02/2025-26**
**Letter No. 2819 dtd. 25.04.2025**

**No.B-70** : The Superintending Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in **Double cover** system in ONLINE MODE from eligible class of contractors having valid registration certificate for execution of the Composite (Civil+EI+PH) Works as detailed below :

1. Nature of Work : Composite (Civil+EI+PH) Works
2. No. of Work : 01 No.
3. Tender Cost : Rs. 10000.00 (Online)
4. Class of Contractor : 'B' class Contractor
5. Available of Bid documents in the website : From Dt.07.05.2025 at 11.00 A.M. to Dt.21.05.2025 at 1.00 P.M.
6. Date of opening of Bids : Dt.22.05.2025 at 11.00 A.M.
7. Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website.

Sd./- Superintending Engineer
Khurda (R&B) Division, Khurda

OIPR-34095/11/0029/2526

## OFFICE OF THE MUNICIPAL COUNCIL, BARBIL

No.C-192

Tender Call Notice No. 1267 Date. 28.04.2025

1. Name of the work : **Civil construction works as mentioned in website of Barbil Municipality.**
2. No. of work : **40 (Forty)**
3. Bid value : **Rs.28,400/- to Rs.2,00,000/-**
4. Period of completion : **30 days**
5. Period of availability of tender paper : **from Dt.01.05.2025 to 08.05.2025 up to 11.00 A.M.**
6. Last Date & time for submission of tender paper : **Dt.08.05.2025 up to 12.30 P.M.**
7. Date & time of opening of Technical Bid : **Dt.09.05.2025 at 10.30 A.M.**
8. Name and address of the officer inviting bid : **EXECUTIVE OFFICER, BARBIL MUNICIPALITY**

**Details can be seen from Barbil Municipality website : www.barbilmunicipality.in**

Sd./- Executive Officer,
Barbil Municipality

OIPR-13108/11/0034/2526

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 7873/ଭୁ.ଉ.କ., ଭୁବନେଶ୍ୱର ତା.23.04.25 ରିଖ
EB-V-574/78

**ସୂଚନା**

**No.CAD-262:** ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ଼ ହାଉସିଂ ସ୍କିମ୍, ବରଗଡ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-EB-753କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୨୬୮୭୩, ତା.୦୧.୦୮.୨୦୨୩ ରିଖ ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ ପୁଲିନ୍ କୁମାର ଗନ୍ତାୟତ, ପିତା-ସ୍ୱର୍ଗତ ରାଧାକୃଷ୍ଣ ଗନ୍ତାୟତ, ବାସସ୍ଥାନ-ପ୍ଲଟ ନଂ.-ଏମ୍.ଆଇ.ଜି.-ବି-୩୫, ନୟାପଲ୍ଲୀ ବ୍ରିଟ୍ କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।

ବର୍ତ୍ତମାନ ଆବଣ୍ଟନଗ୍ରାହୀ ପୁଲିନ୍ କୁମାର ଗନ୍ତାୟତ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରଦ୍ଧାଞ୍ଜଳି ବେହେରା, ସ୍ୱାମୀ-ନୀଳକମଳ ପରିଡ଼ା, ପ୍ଲଟ ନଂ.୭୩୧/୨୬୨୦ ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0282/2526

ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼

## OFFICE OF THE ASST. DIRECTOR OF TEXTILES, SUNDARGARH

At- Mahesdihi, Sundargarh, 770001; Email Id- adtsundargarh@gmail.com

**TENDER CALL NOTICE FOR SUPPLY OF TECHNOLOGICAL INTERVENTION COMPONENT UNDER THE SCHEME "PROMOTION OF HANDLOOM INDUSTRIES" FOR THE YEAR 2024-25**

Notice No.445 / Dated.30.04.2025/

No. PP-27:- Bids in sealed cover are invited under two-bid system from reputed Suppliers / Manufacturers / Dealers / Films units for supply of **Pit Looms, Frame Looms, Weaving Accessories, Dobby & Motorized Charkha** to beneficiaries of Sundargarh Zone (Jharsuguda & Sundargarh district) for disbursement to weavers under "Promotion of Handloom Industries" scheme for the year 2024-25 in Sundargarh Zone. The tender schedule of the bidding process are as follows :

| Sl.No. | Tender Schedule | Dateline |
|---|---|---|
| 1 | Date of Issue | 01.05.2025 |
| 2 | Tender submission last Date and Time | 14.05.2025 till 2 P.M. |
| 3 | Opening of Technical Bid | 16.05.2025 |
| 4 | Opening of Financial Bid | 9 A.M. onwards |

The bid documents containing eligibility criteria, detail of items, terms & conditions of the tender can be downloaded from the website www.sundargarh.odisha.gov.in or www.sadhacodisha.org, www.boyanika.com or www.samabalpuribastralaya.com or www.textiles.odisha.gov.in

Sd./- K. Pradhan
Assistant Director of Textiles, Sundargarh

OIPR-31031/11/0002/2526

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER MINOR IRRIGATION DIVISION, SAMBALPUR

Phone No. (0663)-2412791(Off.), E-mail : eemisbp@yahoo.co.in

No.A-

**No. 1738/Date. 29.04.2025**

**'e' Procurement Notice**

**BID REF No. : SE, MID, SBP/01/2025-26**

| | | |
|---|---|---|
| Name of work | : | Civil Construction works |
| No. of Works | : | 01 (One) No. |
| Estimated cost | : | for 01 No. of work (Rs. 24.49 Lakh) |
| Tender paper cost | : | Referred to DTCN |
| Period of completion | : | Referred to DTCN |
| Availability of bid through online | : | From **dt.03.05.2025 at 11.00 A.M. to dt.13.05.2025 up to 05.30 P.M.** in website (www.tendersorissa.gov.in) |
| Period of receipt of bid through online | : | From **dt.03.05.2025 at 11.00 A.M. to dt.13.05.2025 up to 05.30 P.M.** through online |
| Date of opening of bid documents | : | On **dt.14.05.2025 at 10.00 A.M.** onwards |
| Digital signature certificate of Bidder | : | The bidder must posses compatible digital signature certificate (DSC) of Class-II or Class-III |

**The detail tender call notice can also be seen in the DOWR website - http://dowrorissa.gov.in**

| | | |
|---|---|---|
| Name & Address of the OIT | : | Superintending Engineer, M.I.Division, Sambalpur At-Motijharan, P.O.-B.S.S. Nagar, Dist.-Smbalpur, PIN-768001, Ph : 0663-2412791, E-mail iD : eemisbp@yahoo.co.in |
| Further details can be seen from the e-Procurement market place | : | http:/tendersorissa.gov.in |

Sd./- Superintending Engineer
M.I.Division, Sambalpur

OIPR-32036/11/0016/2526

## ODISHA SPACE APPLICATIONS CENTRE (ORSAC)

Dept of Science & Technology, Govt. of Odisha
Bhubaneswar-751 023

**Tender Notice No. 15/2025**

**No.CAD-266** : Sealed tenders are invited from established and accredited Original Equipment Manufacturer(OEM)/ authorized dealers for supply and installation & commissioning of Desktop Computer, Workstation, Laptop, Printer for Odisha Space Applications Centre, Bhubaneswar.

For details please visit Website https://odisha.gov.in. https://st.odisha.gov.in https://it.odisha.gov.in & ORSAC Website https://orsac.odisha.gov.in or ORSAC office for submission of the Tender papers.

OIPR-28007/11/0015/2526 CHIEF EXECUTIVE

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୭ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ମେ ୪/୨୦୨୫ Bhubaneswar, Sunday, May 4/ 2025

## ସଂକ୍ଷେପରେ

### ପହଲଗାମ୍ ଆକ୍ରମଣକାରୀ କଲମ୍ବୋ ଯାଇଥିବା ସନ୍ଦେହ

**ବିମାନବନ୍ଦରରେ କଡ଼ା ଯାଞ୍ଚ୍**

ନୂଆଦିଲ୍ଲୀ/କଲମ୍ବୋ,୩।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ ସମ୍ପୃକ୍ତ ୬ ଜଣ ସନ୍ଦିଗ୍ଧ ଚେନ୍ନାଇରୁ ବିମାନ ଧରି ଶ୍ରୀଲଙ୍କାର କଲମ୍ବୋ ବିମାନବନ୍ଦରରେ ପହଞ୍ଚିଥିବା ଭାରତରୁ ସୂଚନା ମିଳିବା ପରେ ସେଠାରେ ବ୍ୟାପକ ତଲାସି କରାଯାଇଛି। ଚେନ୍ନାଇରୁ ଯାଇଥିବା ଉକ୍ତ ବିମାନରେ ପହଲଗାମ୍ ଆକ୍ରମଣର ୬ ଜଣ ସନ୍ଦିଗ୍ଧ ଥିବା ଭାରତୀୟ କର୍ତ୍ତୃପକ୍ଷ ଶ୍ରୀଲଙ୍କା ପ୍ରତିପକ୍ଷଙ୍କୁ ଜଣାଇଥିଲେ। ଶ୍ରୀଲଙ୍କା ଏୟାରଲାଇନ୍ସ ବିମାନ ୟୁଏଲ୍୧୨୨ ପୂର୍ବାହ୍ନ ୧୧ଟା ୫୯ ମିନିଟ୍ ସମୟରେ ବନ୍ଦରନାଏକ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ଶ୍ରୀଲଙ୍କା ପୋଲିସ, ସେଠାର ବାୟୁସେନା ଏବଂ ବନ୍ଦର ସୁରକ୍ଷା ସଂସ୍ଥା ପକ୍ଷରୁ ମିଳିତ ଭାବେ ସୁରକ୍ଷା ଯାଞ୍ଚ କରାଯାଇଥିଲା। ତେବେ ସେଠାରୁ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଠାବ କରାଯାଇ ପାରିନାହିଁ।

### ରୁଷିଆର ବିଜୟ ଦିବସ ପରେଡ୍‌ରେ ସାମିଲ ହେବେନି ରାଜନାଥ

ନୂଆଦିଲ୍ଲୀ, ୩।୫

ଆସନ୍ତା ମେ' ୯ରେ ମସ୍କୋରେ ହେବାକୁ ଥିବା ରୁଷିଆର ବିଜୟ ଦିବସ ବାର୍ଷିକ ସମାରୋହରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେବେ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରେଡ ସମାରୋହରେ ଯୋଗ ଦେବାକୁ ପୂର୍ବରୁ ମନା କରିଥିଲେ। ତାଙ୍କ ବଦଳରେ ରାଜନାଥ ମସ୍କୋ ଗସ୍ତ କରିବେ ବୋଲି ସୂଚନା ଦିଆଯାଇଥିଲା। ତେବେ ଏହି ସମାରୋହରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ ଭାରତର ପ୍ରତିନିଧିତ୍ୱ କରିବେ। ପହଲଗାମ୍ ଆକ୍ରମଣ ପରେ ଦେଶର ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜନାଥ ନିଜର ଏହି ଗସ୍ତକୁ ବାତିଲ କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

**ପାଲେଷ୍ଟିନୀୟ ନାବାଳକଙ୍କୁ ହତ୍ୟା ମାମଲା**

### ଆମେରିକୀୟଙ୍କୁ ୫୩ ବର୍ଷ ଜେଲ

ୱାଶିଂଟନ୍,୩।୫

ଜଣେ ୬ ବର୍ଷୀୟ ପାଲେଷ୍ଟିନୀୟ-ଆମେରିକୀୟ ବାଳକ ୱାଡ଼ି ଆଲ୍‌ଫାୟୁମିଙ୍କୁ ଛୁରି ଭୁସି ହତ୍ୟା କରିବା ସହ ତାଙ୍କ ମାଆଙ୍କୁ ଆହତ କରିବା ମାମଲାରେ ଆମେରିକାର ଜୋସେଫ୍ ଜୁବା (୭୩)ଙ୍କୁ ଶୁକ୍ରବାର ୫୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ୨୦୨୩ରେ ଇସ୍ରାଏଲ୍-ଗାଜା ଯୁଦ୍ଧ ଆରମ୍ଭ ହେବା ପରେ ଜୋସେଫ୍ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଗତ ଫେବୃଆରୀରେ ତାଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା। ୱାଡ଼ି ଓ ତାଙ୍କ ମାଆ ହନନ ଶାହିନ ଜୋସେଫ୍‌ଙ୍କ ପ୍ଲେନ୍‌ଫିଲ୍ଡସ୍ଥିତ ଘରେ ଭଡ଼ାରେ ରହୁଥିଲେ। ସେମାନେ ମୁସଲମାନ ହୋଇଥିବାରୁ ଜୋସେଫ୍ ସେମାନଙ୍କୁ ଟାର୍ଗେଟ କରିଥିଲେ ବୋଲି ସରକାରୀ ଓକିଲ ଅଦାଲତଙ୍କୁ ଜଣାଇଥିଲେ।

# ମନ୍ଦିରରେ ଦଳାଚକଟା: ୭ ମୃତ, ୮୦ ଆହତ

**ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ**

ପଣଜୀ, ୩।୫





ଶୁକ୍ରବାର ରାତିରେ ଗୋଆର ଶିର୍‌ଗାଓରେ ଚାଲିଥିବା ଶ୍ରୀ ଲୈରାଇ ଯାତ୍ରା ବାର୍ଷିକ ମହୋତ୍ସବରେ ଦଳାଚକଟା ଘଟିଛି।

ଗୋଆର ଶିର୍‌ଗାଓସ୍ଥିତ ଲୈରାଇ ଦେବୀ ମନ୍ଦିରରେ ଶୁକ୍ରବାର ରାତିରେ ଚାଲିଥିବା ଶ୍ରୀ ଲୈରାଇ ଯାତ୍ରା ବାର୍ଷିକ ମହୋତ୍ସବରେ ଦଳାଚକଟା ଘଟି ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୮୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଗୋଆ ମେଡିକାଲ କଲେଜ ଏବଂ ନର୍ଥ ଗୋଆ ଡିଷ୍ଟ୍ରିକ୍ଟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଶନିବାର ନର୍ଥ ଗୋଆ ଡିଷ୍ଟ୍ରିକ୍ଟ ହସ୍ପିଟାଲ ଯାଇ ଆହତଙ୍କ ସ୍ଥିତି ପରଖିଛନ୍ତି। ସେ ଏକ୍ସ'ରେ ଏକ ପୋଷ୍ଟ କରି ଦଳାଚକଟାକୁ ନେଇ ଶୋକ ପ୍ରକଟ କରିବା ସହ ସ୍ଥିତି ଉପରେ ବ୍ୟକ୍ତିଗତ ଭାବେ କଡ଼ା ନଜର ରଖିଥିବା କହିଛନ୍ତି। ମନ୍ଦିରର ଦଳାଚକଟା ଘଟଣାକୁ ନେଇ ସେ ବିସ୍ତୃତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏହାର ରିପୋର୍ଟକୁ ଖୁବ୍‌ଶୀଘ୍ର ସାର୍ବଜନୀନ କରାଯିବ ବୋଲି ସେ କହିଛନ୍ତି। ଆହତ ୮୦ ଜଣଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି ବୋଲି ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ ରାଣେ କହିଛନ୍ତି। ଘଟଣାକୁ ନେଇ ଲୈରାଇ ଦେବୀ ମନ୍ଦିରର ସଭାପତି ଦିନନାଥ ଗାଓନ୍‌କର କହିଛନ୍ତି, ଶ୍ରୀ ଲୈରାଇ ଯାତ୍ରା ବାର୍ଷିକ ମହୋତ୍ସବରେ ଦଳାଚକଟା ଘଟିବା ସମୟରେ ପ୍ରାୟ ୫୦ରୁ ୭୦ ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଶୁକ୍ରବାର ରାତିରେ ଜଣେ ଶ୍ରଦ୍ଧାଳୁ ଭୁଲ୍ ବଶତଃ ନିଜ ବେତ ବାଡ଼ିରେ ଏକ ବିଜୁଳି ବଲ୍‌ବକୁ ଛୁଇଁ ଦେଇଥିଲେ, ଯାହାପରେ ତାଙ୍କୁ ଝଟକା ଲାଗିଥିଲା ଏବଂ ସେ ଅନ୍ୟ ଶ୍ରଦ୍ଧାଳୁଙ୍କ ଉପରେ ପଡ଼ିଯାଇଥିଲେ। ଏହାପରେ ଭିଡ଼ରେ ଥିବା ଲୋକମାନେ ପରସ୍ପରକୁ ଧକ୍କା ଦେଇଥିଲେ, ଫଳରେ ଦଳାଚକଟା ଘଟିଥିବା ସେ କହିଛନ୍ତି। ଏହି ଦଳାଚକଟାର ପ୍ରକୃତ କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ଉତ୍ତର ଗୋଆ ଏସ୍‌ପି ଅକ୍ଷତ କୌଶଲ କହିଛନ୍ତି। ଦଳାଚକଟାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରିଛନ୍ତି।

# ଅଷ୍ଟ୍ରେଲିଆ ନିର୍ବାଚନରେ ଲେବର ପାର୍ଟି ବିଜୟୀ

**ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବେ ଆଲ୍‌ବାନିସ୍**

ମେଲବର୍ନ,୩।୫



ଆଣ୍ଟୋନୀ ଆଲ୍‌ବାନିସ

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲ୍‌ବାନିସ୍‌ଙ୍କ ନେତୃତ୍ୱରେ ଲେବର ପାର୍ଟି ପାର୍ଲାମେଣ୍ଟ ନିର୍ବାଚନରେ ବିଜୟୀ ହୋଇଛି। ଫଳରେ ଆଲ୍‌ବାନିସ୍ କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଗତ ୨୧ ବର୍ଷ ମଧ୍ୟରେ କୌଣସି ଅଷ୍ଟ୍ରେଲୀୟ ନେତା କ୍ରମାଗତ ଦ୍ୱିତୀୟ ଥର ନିର୍ବାଚନ ଜିତିବା ଏହା ପ୍ରଥମ। ଅଷ୍ଟ୍ରେଲୀୟ ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ୧୫୦ ଆସନ ବିଶିଷ୍ଟ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ଲେବର ପାର୍ଟି ଶନିବାର ସନ୍ଧ୍ୟା ସୁଦ୍ଧା ୭୦ ଆସନ ଜିତିଥିବାବେଳେ ବିରୋଧୀ କଞ୍ଜରଭେଟିଭ୍ ପାର୍ଟି ମାତ୍ର ୨୪ ଆସନରେ ସୀମିତ ରହିଛି। ମେଣ୍ଟ କରି ନ ଥିବା ଛୋଟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ୧୩ଟି ଆସନ ଜିତିବା ଆଶା କରାଯାଉଛି। ବିରୋଧୀ ଦଳ ନେତା ପିଟର ଡୁଟନ ଶନିବାର ସନ୍ଧ୍ୟାରେ ପରାଜୟ ସ୍ୱୀକାର କରିଛନ୍ତି। ଆମେ ଭଲ ପ୍ରଚାର କରିପାରି ନ ଥିଲୁ। ତେଣୁ ପରାଜୟ ପାଇଁ ମୁଁ ନିଜକୁ ଦାୟୀ କରୁଛି ବୋଲି ଡୁଟନ କହିଛନ୍ତି।

ଆଲ୍‌ବାନିସ୍ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିବାରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ୍ ମିଡିଆ ଜରିଆରେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅଷ୍ଟ୍ରେଲିଆ ଜନସାଧାରଣଙ୍କ ଆପଣଙ୍କ ନେତୃତ୍ୱ ଉପରେ ଆସ୍ଥା ରହିଛି। ଭାରତ-ଅଷ୍ଟ୍ରେଲିଆ ସମ୍ପର୍କକୁ ଆହୁରି ଘନିଷ୍ଠ କରିବା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଦିଗରେ ତାଙ୍କ ସହ ଏକାଠି କାର୍ଯ୍ୟ କରିବାକୁ ମୋଦି ଆଗ୍ରହ ପ୍ରକାଶ କରିଛନ୍ତି।



ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ବିରୋଧରେ ଗୁରୁଗ୍ରାମରେ ଶନିବାର ଅନୁଷ୍ଠିତ ବିକ୍ଷୋଭ ରାଲିରେ ଲୋକେ ସାମିଲ ହୋଇଛନ୍ତି।

### ଜଳଦସ୍ୟୁଙ୍କ ଆକ୍ରମଣରେ ତାମିଲନାଡୁର ୧୭ ମତ୍ସ୍ୟଜୀବୀ ଆହତ

ଚେନ୍ନାଇ, ୩।୫

ତାମିଲନାଡୁର ନାଗାପଟ୍ଟିନମ ଜିଲାର ଅକ୍କାରାଇପେଟାଇସ୍ଥିତ ସେରୁଥୁର ଗ୍ରାମର ୩୦ ଜଣ ମତ୍ସ୍ୟଜୀବୀ ଶୁକ୍ରବାର ଏକ ବୋଟ୍‌ରେ କୋଡ଼ିୟାକରଇର ଦକ୍ଷିଣ ପୂର୍ବ ଅଞ୍ଚଳକୁ ମାଛ ଧରିବାକୁ ଯାଇଥିଲେ। ଏହି ସମୟରେ ଦ୍ରୁତ ଗତିରେ ଶ୍ରୀଲଙ୍କାର ଜଳଦସ୍ୟୁଙ୍କ ଏକ ବୋଟ୍ ସେମାନଙ୍କ ସାମ୍ନାକୁ ଆସିଥିଲା। ଉକ୍ତ ବୋଟରେ ୬ ଜଣ ଜଳଦସ୍ୟୁ ରହିଥିଲେ। ସେମାନଙ୍କ ନିକଟରେ ଧାରୁଆ ଅସ୍ତ୍ର ଥିଲା। ଜଳ ଦସ୍ୟୁମାନେ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଆକ୍ରମଣ କରି ସେମାନଙ୍କ ନିକଟରୁ ୧୦ ଲକ୍ଷ ଟଙ୍କା ମୂଲ୍ୟର ମାଛଧରା ଜାଲ, ଜିପିଏସ୍ ଡିଭାଇସ, ମାଛ ଆଦି ବିଭିନ୍ନ ସରଞ୍ଜାମ ଲୁଟି ନେଇଥିଲେ। ଏହି ଘଟଣାରେ ୧୭ ଜଣ ମତ୍ସ୍ୟଜୀବୀ ଆହତ ହୋଇଛନ୍ତି।

# ଆଇଏସ୍‌ଆଇ ପାଇଁ ଗୁପ୍ତଚରଗିରି: ଜଣେ ଗିରଫ

ଜୟପୁର,୩।୫



ପଠାନ୍ ଖାନ୍

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ରାଜସ୍ଥାନ ଜୟସାଲମେର୍‌ର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ରାଜସ୍ଥାନ ଗୋଇନ୍ଦା ଅଧିକାରୀ ଶନିବାର ଏହି ସୂଚନା ଦେଇଛନ୍ତି। ଗତ ୨୨ ତାରିଖ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିଥିବାବେଳେ ଆଇଏସ୍‌ଆଇ ଗୁପ୍ତଚର ସନ୍ଦେହରେ ପଠାନ୍ ଖାନ୍‌ଙ୍କୁ ଗିରଫ କରାଯାଇଛି। ଜୟସାଲମେର ଜିଲାର ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଅତ୍ୟନ୍ତ ସମ୍ବେଦନଶୀଳ ଅନ୍ତର୍ଜାତୀୟ ସୀମା ଅଞ୍ଚଳକୁ ଗୋଇନ୍ଦା ଅଧିକାରୀମାନେ ନିରୀକ୍ଷଣ କଲାବେଳେ ଜିରୋ ଆର୍‌ଡି ମୋହନଗଡ଼ ଅଞ୍ଚଳ ବାସିନ୍ଦା ପଠାନ୍‌ଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ଦେଖାଦେଇଥିଲା। ଅଧିକାରୀଙ୍କ ସୂଚନା ଅନୁଯାୟୀ, ୨୦୧୩ରେ ପଠାନ୍ ପାକିସ୍ତାନ ଯାଇ ସେଠାର ଗୋଇନ୍ଦା ଅଧିକାରୀମାନଙ୍କୁ ଭେଟିଥିଲେ। ତାଙ୍କୁ ଅର୍ଥ ଲୋଭ ଦେଖାଯିବା ସହ ସେଠାରେ ଗୁପ୍ତଚରଗିରି ତାଲିମ ଦିଆଯାଇଥିଲା। ଏହା ପରେ ମଧ୍ୟ ପଠାନ୍ ଅନେକ ଥର ପାକିସ୍ତାନ ଯାଇ ସେଠାର ଗୋଇନ୍ଦା ଅଧିକାରୀଙ୍କୁ ଭେଟିଛନ୍ତି। ପାକିସ୍ତାନୀ ପରିଚାଳକଙ୍କୁ ଭେଟି ଏବଂ ସୋସିଆଲ ମିଡିଆ ଜରିଆରେ ସେ ଜୟସାଲମେର ଅନ୍ତର୍ଜାତୀୟ ସୀମା ସମ୍ପର୍କିତ ସମ୍ବେଦନଶୀଳ ଗୁପ୍ତ ତଥ୍ୟ ଦେଇଥିବା ଜଣେ ଅଧିକାରୀ କହିଛନ୍ତି।

### ପାକିସ୍ତାନୀ ମହିଳାଙ୍କ ସହ ବିବାହକୁ ଲୁଚାଇଥିବା ସିଆର୍‌ପିଏଫ୍ କନ୍‌ଷ୍ଟେବଲ ବହିଷ୍କୃତ

ନୂଆଦିଲ୍ଲୀ,୩।୫



ମୁନିର ଅହମଦ ମିନାଲ ଖାନ୍

ପାକିସ୍ତାନୀ ମହିଳାଙ୍କୁ ବିବାହ କରିଥିବା ଘଟଣାକୁ ଲୁଚାଇ ରଖିଥିବା ସିଆର୍‌ପିଏଫ୍ କନ୍‌ଷ୍ଟେବଲ ମୁନିର ଅହମଦଙ୍କୁ ଶନିବାର ଚାକିରିରୁ ବହିଷ୍କାର କରାଯାଇଛି। ଭିଜା ବୈଧତା ଶେଷ ହେବା ପରେ କନ୍‌ଷ୍ଟେବଲ ଜଣକ ଜାଣିଶୁଣି ସ୍ତ୍ରୀଙ୍କୁ ଆଶ୍ରୟ ଦେଇଥିଲେ। ତାଙ୍କ କାର୍ଯ୍ୟ ସେବା ନିୟମାବଳୀର ଉଲ୍ଲଂଘନ ଏବଂ ଜାତୀୟ ସୁରକ୍ଷା ପ୍ରତି କ୍ଷତିକାରକ ବୋଲି ସିଆର୍‌ପିଏଫ୍ କହିଛି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ କେନ୍ଦ୍ର ସରକାର ପାକିସ୍ତାନୀମାନଙ୍କ ଭିଜା ରଦ୍ଦ କରିଥିବାବେଳେ ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମୁନିରଙ୍କ ସ୍ତ୍ରୀ ମିନାଲ ଖାନ୍ ପାକିସ୍ତାନୀ ହୋଇଥିବାବେଳେ ତାଙ୍କୁ ଦେଶ ଛାଡ଼ିବାକୁ ଗତ ୨୯ ତାରିଖରେ ଅଟ୍ଟାରୀ-ୱାଘା ସୀମାକୁ ନିଆଯାଇଥିଲା। ଶେଷ ମୁହୂର୍ତ୍ତରେ ଜମ୍ମୁ-କଶ୍ମୀର ହାଇକୋର୍ଟ ତାଙ୍କୁ ଆଶ୍ୱସ୍ତି ଦେଇ ଭାରତରେ ୧୦ ଦିନ ରହିବାକୁ ଅନୁମତି ଦେଇଥିଲେ। ସୂଚନାଯୋଗ୍ୟ, ଜମ୍ମୁ ବାସିନ୍ଦା ମୁନିର ଜଣେ ପାକିସ୍ତାନୀ ମହିଳାଙ୍କୁ ବିବାହ କରିବାକୁ ଚାହୁଁଥିବା ବିଭାଗକୁ ଜଣାଇଥିଲେ। କିନ୍ତୁ ବିଭାଗୀୟ ଅନୁମତି ବିନା ସେ ଗତବର୍ଷ ମେ' ୨୪ରେ ବିବାହ କରିଥିଲେ।

# ମଣିପୁର ବନ୍ଦ ଯୋଗୁ ଜୀବନଯାତ୍ରା ପ୍ରଭାବିତ

**ହିଂସାକୁ ୨ ବର୍ଷ**

ଇମ୍ଫାଲ/ଚୁରାଚାନ୍ଦପୁର,୩।୫



ମଣିପୁର ଜାତିଆଣ ହିଂସାକୁ ଶନିବାର ୨ ବର୍ଷ ପୂରିଛି। ୨୦୨୩ ମେ' ୩ରେ ମେଇତି ଏବଂ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସାକାଣ୍ଡ ଆରମ୍ଭ ହୋଇ ଦୀର୍ଘଦିନ ଧରି ଚାଲିଥିଲା। ଏଥିରେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ୧,୫୦୦ ଜଣ ଆହତ ହୋଇଥିଲେ। ଏଥିସହ ୭୦ ହଜାରରୁ ଊର୍ଦ୍ଧ୍ୱ ବାସହରା ହୋଇଥିଲେ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ଜାତିଆଣ ହିଂସାର ୨ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ଶନିବାର ବନ୍ଦ ଡାକରା ଦିଆଯାଇଥିବାରୁ ମେଇତି ନିୟନ୍ତ୍ରିତ ଇମ୍ଫାଲ ଉପତ୍ୟକା ଏବଂ କୁକି ଅଧ୍ୟୁଷିତ ପାର୍ବତ୍ୟାଞ୍ଚଳ ଜିଲାଗୁଡ଼ିକରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ମେଇତି ସଂଗଠନ କୋଅର୍ଡିନେଟିଂ କମିଟି ଅନ୍ ମଣିପୁର ଇଣ୍ଟିଗ୍ରିଟି (ସିଓସିଓଏମ୍‌ଆଇ) ପକ୍ଷରୁ ଉପତ୍ୟକା ଜିଲାଗୁଡ଼ିକରେ ବନ୍ଦ ଡାକରା ଦିଆଯାଇଥିବାବେଳେ ଜୋମି ଷ୍ଟୁଡେଣ୍ଟସ୍ ଫେଡେରେଶନ (ଜେଡ୍‌ଏସ୍‌ଏଫ୍) ଏବଂ କୁକି ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ (କେଏସ୍‌ଓ) ପକ୍ଷରୁ ପାର୍ବତ୍ୟାଞ୍ଚଳ ଜିଲାଗୁଡ଼ିକରେ ବନ୍ଦ ପାଳନ କରାଯାଇଛି। ଫଳରେ ସମଗ୍ରୀ ରାଜ୍ୟରେ ଦୋକାନବଜାର, ସ୍କୁଲ୍ କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ରହିଥିଲା। ରାସ୍ତାରେ ଗାଡ଼ିମୋଟର ଚଳାଚଳ ବନ୍ଦ କରାଯାଇଥିଲା। କୌଣସି ପ୍ରକାର ଅପ୍ରୀତିକର କାର୍ଯ୍ୟ ରୋକିବା ପାଇଁ ପ୍ରମୁଖ ସ୍ଥାନଗୁଡ଼ିକରେ ସୁରକ୍ଷା ବଳ ମୁତୟନ କରାଯାଇଥିଲା। ହିଂସାକାଣ୍ଡରେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ସନ୍ଧ୍ୟାରେ ଇମ୍ଫାଲରେ ଏକ ମହମବତି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଚୁରାଚାନ୍ଦପୁର ଏବଂ କାଙ୍ଗ୍‌ପୋକ୍‌ପି ଜିଲାରେ କୁକି ସମ୍ପ୍ରଦାୟ ପକ୍ଷରୁ 'ବିଚ୍ଛିନ୍ନତା ଦିବସ' ପାଳନ କରାଯାଇ ସ୍ୱତନ୍ତ୍ର ଅଞ୍ଚଳ ପାଇଁ ଦାବି କରାଯାଇଛି।

ମଣିପୁରରେ ହିଂସାକାଣ୍ଡ ଲାଗିରହିଥିବା ସତ୍ତ୍ୱେ ୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାକୁ ଆଦୌ ନ ଯିବା ଘଟଣାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ତାଙ୍କୁ ସମାଲୋଚନା କରିଛନ୍ତି। ମଣିପୁର ଗସ୍ତରେ ନ ଯାଇ ପ୍ରଧାନମନ୍ତ୍ରୀ ରାଜଧର୍ମ ପାଳନରେ ବିଫଳ ହୋଇଥିବା ଖାର୍ଗେ କହିଛନ୍ତି।

# ଏକସଙ୍ଗେ ୩ ବିଶ୍ୱ ରେକର୍ଡ



ଲଣ୍ଡନ

ବ୍ରିଟିଶ୍ ମାର୍ଶାଲ ଆର୍ଟିଷ୍ଟ ଜୋଶୁଆ ଇୟାଲା ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ଏକକାଳୀନ ୩ଟି ଅବିଶ୍ୱସନୀୟ ରେକର୍ଡ ସ୍ଥାପନ କରି ସମସ୍ତଙ୍କୁ ଚକିତ କରିଛନ୍ତି। ସେ ଗୋଟିଏ ମିନିଟରେ ସର୍ବାଧିକ ଫୁଲ୍-ଏକ୍ସଟେନ୍‌ସନ୍ ପଞ୍ଚ୍ ମାରିବାର ୩ଟି ବର୍ଗରେ ରେକର୍ଡ ସୃଷ୍ଟି କରିଛନ୍ତି। ସେ ୧ ମିନିଟ ମଧ୍ୟରେ ବିନା ଗ୍ଲୋଭସ୍ ପିନ୍ଧି ୪୫୩ ପଞ୍ଚ୍, ବକ୍ସିଂ ଗ୍ଲୋଭସ୍ ସହ ୩୭୪ ପଞ୍ଚ୍ ଏବଂ ୧ କେ.ଜି. ଓଜନର ଡମ୍ବେଲ ଧରି ୩୩୩ ଥର ପଞ୍ଚ୍ ମାରି ୩ଟି ବିଶ୍ୱ ରେକର୍ଡ ଏକସଙ୍ଗେ ସୃଷ୍ଟି କରିଛନ୍ତି।

ଜୋଶୁଆ କହିଛନ୍ତି, ଏହି ସଫଳତା ପାଇଁ ସେ ପ୍ରାୟ ବର୍ଷେ ହେବ କଠିନ ପରିଶ୍ରମ କରୁଥିଲେ। ସେ ନିଜର ଟ୍ରେନିଂ ପ୍ଲାନ୍ ପ୍ରସ୍ତୁତ କରିବା ପାଇଁ ଚାଟ୍‌ଜିପିଟିର ବ୍ୟବହାର କରିଥିଲେ, ଯାହାକୁ ତାଙ୍କର ଜଣେ ସମ୍ପର୍କୀୟ ବକ୍ସିଂ ପ୍ରଶିକ୍ଷକ ଯାଞ୍ଚ୍ କରିଥିଲେ। ଜୋଶୁଆଙ୍କ ଅନୁଯାୟୀ, ବିନା ଗ୍ଲୋଭସ୍ ପିନ୍ଧି ଗୋଟିଏ ମିନିଟରେ ସର୍ବାଧିକ ପଞ୍ଚ୍ ମାରିବାର ରେକର୍ଡ ତାଙ୍କ ପାଇଁ ସବୁଠାରୁ କଷ୍ଟସାଧ୍ୟ ଥିଲା।

## ଫୁରସତ୍



# 'ଗଭର୍ନର' ହେବେ ମନୋଜ ବାଜପେୟୀ

ମୁମ୍ବାଇ

ଅଭିନେତା ମନୋଜ ବାଜପେୟୀ ପୁଣିଥରେ ନିଜ ଅଭିନୟ ସହ ଦର୍ଶକଙ୍କ ହୃଦୟରେ ରାଜ୍ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଶନିବାର ତାଙ୍କ ନୂତନ ଚଳଚ୍ଚିତ୍ର 'ଗଭର୍ନର'ର ଘୋଷଣା କରାଯାଇଛି, ଯେଉଁଥିରେ ସେ ରାଜ୍ୟପାଳ ଭୂମିକାରେ ନଜରକୁ ଆସିବେ। ଫିଲ୍ମ ନିର୍ମାତା ବିପୁଲ ଶାହଙ୍କ ପ୍ରଡକ୍ସନ ହାଉସ୍ ସନ୍‌ସାଇନ୍ ପିକ୍ଚର୍ସର ବ୍ୟାନରରେ ନିର୍ମିତ ହେବାକୁ ଥିବା ଏହି ପଲିଟିକାଲ ଥ୍ରୀଲର ଫିଲ୍ମର ନିର୍ଦ୍ଦେଶନା ଚିନ୍ମୟ ମାଣ୍ଡଲେକର ଦେବେ। 'ଗଭର୍ନର'ର ଶୁଟିଂ ଆସନ୍ତା ଜୁଲାଇ କିମ୍ବା ଅଗଷ୍ଟରୁ ଆରମ୍ଭ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

ରିପୋର୍ଟ ଅନୁଯାୟୀ, ସନ୍‌ସାଇନ୍ ପିକ୍ଚର୍ସ ପକ୍ଷରୁ ଗତ ୨ ବର୍ଷ ଧରି ଏହି ପ୍ରୋଜେକ୍ଟ ଉପରେ କାମ କରାଯାଉଥିଲା। 'ଗଭର୍ନର' ଫିଲ୍ମର ପ୍ରାକ୍-ପ୍ରଡକ୍ସନ୍ ଆରମ୍ଭ ହୋଇସାରିଛି ଏବଂ ସମ୍ପ୍ରତି ଏହାର ପ୍ରମୁଖ ଚରିତ୍ରମାନଙ୍କ ପାଇଁ କାଷ୍ଟିଂ ପ୍ରକ୍ରିୟା ଜୋର୍‌ସୋର୍‌ରେ ଜାରି ରହିଛି।

ସମ୍ପ୍ରତି ମନୋଜଙ୍କ ହାତରେ ଅନେକ ବଡ଼ ପ୍ରୋଜେକ୍ଟ ରହିଛି। ଆଗାମୀ ଦିନରେ ତାଙ୍କୁ ଫିଲ୍ମ ନିର୍ମାତା ଶେଖର କପୁରଙ୍କ 'ମାସୁମ: ଦି ନ୍ୟୁ ଜେନେରେଶନ' ଏବଂ ଫିଲ୍ମ ନିର୍ମାତା ରାମ ଗୋପାଳ ବର୍ମାଙ୍କ 'ପୋଲିସ ଷ୍ଟେସନ ମେ ଭୂତ'ରେ ଦେଖିବାକୁ ମିଳିବ। ସେହିପରି ମନୋଜଙ୍କ ଅଭିନୀତ ଆମାଜନ ପ୍ରାଇମ ଭିଡିଓର ସୁପରହିଟ୍ ସିରିଜ୍ 'ଦି ଫ୍ୟାମିଲି ମ୍ୟାନ୍'ର ତୃତୀୟ ସିଜନ ଆସନ୍ତା ଦୀପାବଳୀ ଉପଲକ୍ଷେ ମୁକ୍ତିଲାଭ କରିବାକୁ ଯାଉଛି।

# ହସ୍ପିଟାଲରେ ବିବାହ

ଭୋପାଳ

ମଧ୍ୟପ୍ରଦେଶର ରାଜଗଡ଼ ଜିଲାର ଆଦିତ୍ୟ ସିଂଙ୍କ ବିବାହ ନନ୍ଦିନୀଙ୍କ ସହ ସ୍ଥିର ହୋଇଥିଲା। ବିବାହର ସପ୍ତାହେ ପୂର୍ବରୁ ଗତ ଏପ୍ରିଲ ୨୪ରେ ନନ୍ଦିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ଖରାପ ହୋଇଥିଲା। ତେଣୁ ତାଙ୍କୁ ବ୍ୟାଓରାସ୍ଥିତ ପଞ୍ଜାବୀ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା। ଶୁଭ ମୁହୂର୍ତ୍ତକୁ ନଷ୍ଟ ନ କରିବା ପାଇଁ ନନ୍ଦିନୀଙ୍କ ପରିବାର ହସ୍ପିଟାଲ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେଇ ହସ୍ପିଟାଲରେ ଆଦିତ୍ୟ ଓ ନନ୍ଦିନୀଙ୍କ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ।



Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଧରିତ୍ରୀ DHARITRI

51 Years

ପୃଷ୍ଠା-୮+୮

ଭୁବନେଶ୍ୱର,ରବିବାର, ମେ ୪/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 4/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୧୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 158 | ମୂଲ୍ୟ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ 51 Years
ପୃଷ୍ଠା-୮+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମେ ୪/୨୦୨୫ Bhubaneswar, Sunday, May 4/2025 



ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଶନିବାର ଗୋଆ ଏଫ୍‌ସି ଓ ଜାମଶେଦପୁର ମଧ୍ୟରେ ଅନୁଷ୍ଠିତ କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। **(ଫଟୋ-ବିକାଶ ନାୟକ)**

# ପରୀକ୍ଷା ପୂର୍ବରୁ ମେଡିକାଲ ସିଟ୍ ଡିଲ୍

## ଭୁବନେଶ୍ୱରରେ ଧରାପଡ଼ିଲେ ଆନ୍ତଃ ରାଜ୍ୟ ରାକେଟ୍‌ର ୪ ସଦସ୍ୟ



**ସର୍ବଭାରତୀୟ ସ୍ତରରେ ରବିବାର ଅପରାହ୍ନ ୨ଟାରୁ ୫ଟା ମଧ୍ୟରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି-ୟୁଜି ୨୦୨୫) ଅନୁଷ୍ଠିତ ହେବ। ଏହାର ଦିନକ ପୂର୍ବରୁ ମେଡିକାଲ କଲେଜଗୁଡ଼ିକରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଦେବାକୁ କହି ଆଶାୟୀଙ୍କଠାରୁ ଅନେକ ଲକ୍ଷ ଟଙ୍କା ଲୁଟୁଥିବା ଏକ ଆନ୍ତଃ ରାଜ୍ୟ ରାକେଟ ଧରାପଡ଼ିଛି। ଗ୍ୟାଙ୍ଗ୍‌ର ୨ ଜଣ ସଦସ୍ୟ ଓଡ଼ିଶାର ହୋଇଥିବାବେଳେ ବିହାର ଓ ଝାଡ଼ଖଣ୍ଡର ଜଣେ ଲେଖାଏ ରହିଛନ୍ତି। ଏମାନେ ପରୀକ୍ଷାର୍ଥୀ ପିଛା ୨୦ରୁ ୩୦ ଲକ୍ଷ ଟଙ୍କା ଲେଖାଏ ଆଦାୟ କରୁଥିଲେ। କଡ଼ା ପରୀକ୍ଷା ପ୍ରୋଟୋକଲ୍ ସତ୍ତ୍ୱେ ହଲ୍‌ରେ ଅସଲ ପରୀକ୍ଷାର୍ଥୀଙ୍କ ସ୍ଥାନରେ ଡମି କ୍ୟାଣ୍ଡିଡେଟ୍‌ମାନଙ୍କୁ ବସାଇ ପାସ୍ କରାଇବାକୁ ଯୋଜନା କରିଥିଲେ ବୋଲି କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ସମ୍ମୁଖରେ ଜେରା ବେଳେ ସେମାନେ ସ୍ୱୀକାର କରିଛନ୍ତି। ଏହି ଅଭିଯୁକ୍ତମାନଙ୍କ ନିକଟରୁ ୯୦ ଲକ୍ଷ ଟଙ୍କାର ୩ଟି ଚେକ୍ ସହ ଅନ୍ୟ ଏକ ବ୍ଲାଙ୍କ ଚେକ୍ ଜବତ କରାଯାଇଛି। ବିଦେଶରେ ରହୁଥିବା କେତେଜଣ ଏନ୍‌ଆର୍‌ଆଇଙ୍କଠାରୁ ମଧ୍ୟ ଏମାନେ ବିପୁଳ ଟଙ୍କା ନେବାକୁ ଉଦ୍ୟମ ଚଳାଇଥିବା ତଦନ୍ତରୁ ଜଣାପଡ଼ିଛି। ମୋଟ କେତେଜଣ ଛାତ୍ରୀଛାତ୍ରଙ୍କଠାରୁ କେତେ ଟଙ୍କା ନେଇଛନ୍ତି, ତାହା ଜାଣିବା ପାଇଁ ତନାଘନା ଜାରି ରହିଛି।**

**ଭୁବନେଶ୍ୱର,୩ା୫(ସତ୍ୟଜିତ ରାଉତ)**

ଘରୋଇ ମେଡିକାଲ କଲେଜରେ ଡାକ୍ତରୀ ନାମଲେଖା ପାଇଁ ଅନୁଷ୍ଠିତ ହେଉଥିବା ଏନ୍‌ଇଇଟିରେ ଚଞ୍ଚକତା କରି ଉତ୍ତୀର୍ଣ୍ଣ କରେଇବା ଆଳରେ ଠକୁଥିବା ଏକ ଆନ୍ତଃରାଜ୍ୟ ରାକେଟକୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍(ଏସ୍‌ସିୟୁ) ଧରିଛି। ଜୟଦେବ ବିହାରସ୍ଥିତ ଏକ ତାରକା ହୋଟେଲ ନିକଟରେ ଶନିବାର ସକାଳେ ଏସ୍‌ସିୟୁ ଟିମ୍ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୨ଜଣ ଓଡ଼ିଶାର ହୋଇଥିବାବେଳେ ଅନ୍ୟ ୨ଜଣ ରାଜ୍ୟ ବାହାରର ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ହଜାରୀବାଗର ପ୍ରିୟଦର୍ଶୀ କୁମାର, ବିହାର ଔରଙ୍ଗାବାଦର ଅରବିନ୍ଦଙ୍କ କୁମାର, ଭୁବନେଶ୍ୱର ପଟିଆ ଅଞ୍ଚଳର ସୁନୀଲ ସାମନ୍ତରାୟ ଏବଂ ଡମାଣ୍ଡୋ ଅଞ୍ଚଳର ରୁଦ୍ର ନାରାୟଣ ବେହେରା। ସେମାନଙ୍କ ଠାରୁ ବିଭିନ୍ନ ଏନ୍‌ଇଇଟି ଆଶାୟୀ ପରୀକ୍ଷାର୍ଥୀଙ୍କ କାଗଜପତ୍ର, ୩ଟି ଚେକ୍ (୯୦ ଲକ୍ଷ ଟଙ୍କା), ଗୋଟିଏ ବ୍ଲାଙ୍କ୍ ଚେକ୍ (ଜଣେ ପରୀକ୍ଷାର୍ଥୀ ହୋଇଥିବା ସନ୍ଦେହ), ନକଲି ନନ୍ ରେସିଡେଣ୍ଟ ଇଣ୍ଡିଆନ (ଏନ୍‌ଆରଆଇ)/ ଓଭରସିଜ୍ ସିଟିଜେନ୍‌ଶିପ୍ ଅଫ୍ ଇଣ୍ଡିଆ (ଓସିଆଇ) ସାର୍ଟିଫିକେଟ, ୨ଟି କାର୍ ଏବଂ ଅନୁଗୋଳରେ କ୍ରୟ କରାଯାଇଥିବା ୨ଟି ଫ୍ଲାଟର କାଗଜପତ୍ର ଜବତ ହୋଇଛି। ଏନେଇ ସ୍ପେଶାଲ କ୍ରାଇମ ୟୁନିଟ ପକ୍ଷରୁ ଏକ ମାମଲା (ନଂ ୩/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପରେ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠେଇ ଦିଆଯାଇଛି। ଏହା ଏକ ବଡ଼ ରାକେଟ ହୋଇଥିବାବେଳେ ଏମାନଙ୍କ ଚେର ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟକୁ ଲମ୍ବିଥିବା ପୋଲିସ ଜାଣିବାକୁ ପାଇଛି। ଏହି ରାକେଟରେ ଅନେକ ସଦସ୍ୟ ଥିବା ବେଳେ ସେମାନଙ୍କ ପାଖରେ ପହଞ୍ଚିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ତେବେ ଏହି ଲିଙ୍କ୍‌ରେ ଅଧିକ ଖୋଳତାଡ଼ ଚାଲିଥିବା ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି।

ସୂଚନାନୁଯାୟୀ, ଅଭିଯୁକ୍ତମାନେ ମେଡିକାଲ ଆଶାୟୀମାନଙ୍କୁ ଦୁଇଟି ଜରିଆରେ ଠକୁଥିଲେ। ଏନ୍‌ଇଇଟିରେ ଉତ୍ତୀର୍ଣ୍ଣ କରେଇଦେବେ ବୋଲି ମିଛ ପ୍ରତିଶ୍ରୁତି ଦେଉଥିଲେ। ଟଙ୍କା ଦେଲେ ଅନ୍ୟ ଜଣେ ପରୀକ୍ଷାର୍ଥୀ ତାଙ୍କ ସ୍ଥାନରେ ପରୀକ୍ଷା ଦେବେ ବୋଲି କହୁଥିଲେ। ସେହିପରି ଭାରତରେ ଥିବା ମେଡିକାଲ କଲେଜଗୁଡ଼ିକରେ ଏନ୍‌ଆର୍‌ଆଇଙ୍କ ପାଇଁ ସିଟ୍ ସଂରକ୍ଷଣ ଥିବାବେଳେ ଏହି କ୍ଷେତ୍ରରେ ବ୍ୟାପକ ଜାଲିଆତି କରି ଠକେଇ କରୁଥିଲେ। ସେହିପରି ଓସିଆଇ କୋଟାରେ ମଧ୍ୟ ନାମ ଲେଖାଇବା ପାଇଁ କହି ଠକୁଥିଲେ।

# ଆଇଟି ଲାବ୍ ସାମଗ୍ରୀ କିଣାରେ ଟେଣ୍ଡର ଫିକ୍ସିଂ

**ଯାଜପୁର,୩ା୫(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାର ୪୪ କଲେଜରେ ଅତ୍ୟାଧୁନିକ ଇନଫର୍ମେଶନ ଟେକ୍ନୋଲୋଜି (ଆଇଟି) ଲାବ୍ ସ୍ଥାପନ ବାବଦ ଟେଣ୍ଡରରେ ବ୍ୟାପକ ଫିକ୍ସିଂ ହୋଇଥିବା ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ୫ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୧୨୬୫୫ ଦ୍ୱାରା ଯାଜପୁର ଜିଲାର ୪୪ କଲେଜରେ ଅତ୍ୟାଧୁନିକ ଆଇଟି ଲାବ ସ୍ଥାପନ ପାଇଁ ବଡ଼ କଲେଜକୁ ୮.୧୧ଲକ୍ଷ ଏବଂ ଛୋଟ କଲେଜକୁ ୪.୯୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ପ୍ରତ୍ୟେକ କଲେଜର ଲାବ୍ ପାଇଁ କମ୍ପ୍ୟୁଟର୍, ପ୍ରିଣ୍ଟର୍, ୟୁପିଏସ୍, ୱେବ କ୍ୟାମେରା ଏବଂ ୬୫ ଇଞ୍ଚର ଏଲ୍‌ଇଡି ଟିଭି କିଣିବା ଏବଂ ସେଠାରେ ଇଣ୍ଟରନେଟ ସଂଯୋଗ ନିମନ୍ତେ ବିଭାଗ ପକ୍ଷରୁ ପୂର୍ଣ୍ଣାଙ୍ଗ ସ୍ପେସିଫିକେଶନ ଏବଂ ଟେଣ୍ଡର ପାଇଁ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରାଯାଇ ସମସ୍ତ କଲେଜର ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଥିଲା। ବିଗତ ସରକାର ସମୟରେ ମଧ୍ୟ କଲେଜଗୁଡ଼ିକରେ ଲାବ୍ ପାଇଁ ଏଭଳି ସବୁ ସାମଗ୍ରୀ କ୍ରୟ କରାଯାଇଥିଲା। ମାତ୍ର ଟେଣ୍ଡରରେ ସ୍ୱଚ୍ଛତା ପାଇଁ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରାଯାଇ ନ ଥିବା ଯୋଗୁ ସାମଗ୍ରୀ କ୍ରୟରେ ଅନିୟମିତତାର ଅଭିଯୋଗ ଆସିଥିଲା। କିନ୍ତୁ ନୂଆ ସରକାର ଆସିବା ପରେ କ୍ରୟ ହେବାକୁ ଥିବା ସାମଗ୍ରୀର ପୂର୍ଣ୍ଣାଙ୍ଗ ସ୍ପେସିଫିକେଶନ ସହ ଟେଣ୍ଡରରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଯାଇ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରାଯାଇଥିଲା। ତଥାପି ଅନେକ କଲେଜର ଅଧ୍ୟକ୍ଷ ଏହାକୁ ଉଲ୍ଲଂଘନ କରି ନିର୍ଦ୍ଦିଷ୍ଟ ଯୋଗାଣକାରୀ ସଂସ୍ଥାଠାରୁ ଏସବୁ ସାମଗ୍ରୀ କ୍ରୟ ନିମନ୍ତେ ପୂର୍ବ ଫିକ୍ସିଂ ପୂର୍ବକ ତାଙ୍କଠାରୁ କୋଟେଶନ ନେଇ ଚଢ଼ା ଦରରେ ନିମ୍ନମାନର ସାମଗ୍ରୀ କିଣିଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳ ବିଭିନ୍ନ କଲେଜ ପରିଚାଳନା କମିଟିର ସଭାପତି ଥିବା ସତ୍ତ୍ୱେ ତାଙ୍କ ଅନୁମତି ନିଆଯାଇ ନାହିଁ।

## କଲେଜ ପରିଚାଳନା କମିଟି ସଭାପତିଙ୍କ ବିନା ଅନୁମତିରେ ଟେଣ୍ଡର ଆହ୍ୱାନ

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କୌଣସି କ୍ଷେତ୍ରରେ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଅର୍ଥ ବ୍ୟୟ କରିବା ସମୟରେ ପରିଚାଳନା କମିଟିର ସଭାପତିଙ୍କ ଅନୁମତି ନିତାନ୍ତ ଆବଶ୍ୟକ। କିନ୍ତୁ ସଭାପତିଙ୍କ ଅନୁମତି ନ ଥାଇ ସାମଗ୍ରୀ କ୍ରୟ ନିମନ୍ତେ କିଛି କଲେଜର ଅଧ୍ୟକ୍ଷ ନିଜସ୍ୱ ଏକ କ୍ରୟ କମିଟି ଗଠନ କରିଛନ୍ତି। ମାତ୍ର ସେଥିରେ ବୈଷୟିକ ଅଭିଜ୍ଞତା ଥିବା କୌଣସି ସଦସ୍ୟ ହିଁ ନାହାନ୍ତି। ବୈଷୟିକ ଅଭିଜ୍ଞତା ଥିବା ସଦସ୍ୟ କିମ୍ବା ଜିଲାର ସ୍ଥାୟୀ ବୈଷୟିକ ପରିଚାଳକଙ୍କ ଦ୍ୱାରା ସାମଗ୍ରୀଗୁଡ଼ିକର ସ୍ପେସିଫିକେସନ ଯାଞ୍ଚ କରା ନ ଯାଇ କ୍ରୟ କମିଟି ମାଧ୍ୟମରେ ଟେଣ୍ଡର ଆହ୍ୱାନ କରି ସାମଗ୍ରୀ କିଣାଯାଇଛି। କୌଣସି ବି ସାମଗ୍ରୀ କ୍ରୟ ନିମନ୍ତେ ଜିଲା ଇ-ଗଭର୍ନାନ୍ସ ମ୍ୟାନେଜରଙ୍କ ଦ୍ୱାରା ଟେଣ୍ଡର ଆହ୍ୱାନ କରିବା ନିୟମ ରହିଛି। କିନ୍ତୁ ଅଧିକ ମୁନାଫା ଉଦ୍ଦେଶ୍ୟ ରଖି ଜିଲାର ପ୍ରାୟ ୮ଟି କଲେଜରେ ୱେବ୍‌ସାଇଟ ସ୍ଥାନରେ ଇମେଲ୍ ଠିକଣା ଭଳି ବିଭ୍ରାନ୍ତିକର ତଥ୍ୟ ଦେଇ ଏକ ନିର୍ଦ୍ଦିଷ୍ଟ ଖବରକାଗଜର ଆଞ୍ଚଳିକ ପୃଷ୍ଠାରେ କୋଟେଶନ ଆହ୍ୱାନ କରିଥିବା ନଜରକୁ ଆସିଛି। ଏଥିରେ ଓଡ଼ିଶା ଜେନେରାଲ ଫାଇନାନ୍ସିଆଲ ରୁଲ୍ସ(ଓଜିଏଫ୍‌ଆର୍) ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଏଭଳି କେଳେଙ୍କାରୀ ପଛରେ ଭୁବନେଶ୍ୱରର ଏକ ଆଇଟି ସଲ୍ୟୁଶନ ସଂସ୍ଥାର ଉଦ୍ଦେଶ୍ୟ କାର୍ଯ୍ୟକାରୀ ହେଉଥିବା ଅଭିଯୋଗ ହୋଇଛି। ତେବେ ଯେଉଁ କଲେଜ ଅଧ୍ୟକ୍ଷମାନେ ଇତିମଧ୍ୟରେ ବିନା ଅନୁମତିରେ ଟେଣ୍ଡର ଆହ୍ୱାନ କରିସାରିଛନ୍ତି ତାକୁ ପରିଚାଳନା କମିଟିର ସଭାପତି ଥିବା ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳ ତୁରନ୍ତ ଟେଣ୍ଡର ସବୁକୁ ବାତିଲ କରିବାକୁ ଦାବି ହୋଇଛି। ଏହାସହ ଜିଲା ବୈଷୟିକ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଇଏମ୍ ମାଧ୍ୟମରେ ପୁନଃ ଟେଣ୍ଡର ଆହ୍ୱାନ କରିବାକୁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ସଚିବ ଓ ନିର୍ଦ୍ଦେଶକ ଏବଂ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଏ ସଂକ୍ରାନ୍ତରେ ଯାଜପୁର ଉପଜିଲାପାଳ ତାପସ ରଞ୍ଜନ ଦେହୁରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଟେଣ୍ଡର ଏବଂ ଅନ୍ୟାନ୍ୟ ଗାଇଡ୍‌ଲାଇନ୍ ଉପରେ ଜାଣିବା ପରେ ସେ କିଛି କହିପାରିବେ। ଯଦି ଟେଣ୍ଡରରେ ଫିକ୍ସିଂ କିମ୍ବା ନିମ୍ନମାନର ସାମଗ୍ରୀ କିଣାଯାଇଥାଏ, ତାହାହେଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଖୁବ୍‌ଶୀଘ୍ର ରାଜ୍ୟରେ ନୂଆ ଇଭି ପଲିସି

**ଭୁବନେଶ୍ୱର,୩ା୫(ବନ୍ଦନା ସେଠୀ)**

ଗ୍ରୀନ୍ ଏନର୍ଜି ବା ନବୀକରଣ ଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ବ୍ୟବସ୍ଥା ଗ୍ରହଣ କରାଯିବ। ଏହିକ୍ରମରେ ବୈଦ୍ୟୁତିକ ଯାନ ବା ଇଭିର ବ୍ୟବହାର ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ପଲିସି ପ୍ରଣୟନ କରାଯିବ। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଶନିବାର ରାଜଭବନଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି। ସରକାରୀ ସ୍ତରରେ ଏହି ବ୍ୟବସ୍ଥାକୁ ଆଗୁଆ କାର୍ଯ୍ୟକାରୀ କରାଯିବ। ସମସ୍ତ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ସୌର ପ୍ୟାନେଲ ବାଧ୍ୟତାମୂଳକ କରାଯିବ। ଟୁଇନ୍ ସିଟିର ବିଭିନ୍ନ କାର୍ଯ୍ୟାଳୟରେ ସୌର ପ୍ୟାନେଲ ଲଗାଯାଇଛି। ଆସନ୍ତା ୫ବର୍ଷ ମଧ୍ୟରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ସୌର ପ୍ୟାନେଲ ଲଗାଯିବ। ସେହିପରି ସରକାରୀ କର୍ମଚାରୀମାନେ ଇଭି (ଇଲେକ୍ଟ୍ରିକ୍ ଭେଇକିଲ୍) ଗାଡ଼ି ବ୍ୟବହାର କରିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସରକାରୀ ଚାକିରିଆଙ୍କୁ ପୂର୍ବରୁ ଇଭି ଗାଡ଼ି କିଣିବାକୁ ସରକାର ଆଡ୍‌ଭାନ୍ସ ଦେଉଥିଲେ। ଇଲେକ୍ଟ୍ରିକ କାର ବା ଦୁଇ ଚକିଆ ଯାନ ଉଭୟ କିଣିବାକୁ ଆଡ୍‌ଭାନ୍ସ ଆକାରରେ ଟଙ୍କା ଦିଆଯାଉଛି। ଗ୍ରୁପ-ଏ ବା ବି କର୍ମଚାରୀଙ୍କୁ ଇଲେକ୍ଟ୍ରି କାର୍ ପାଇଁ ଏବଂ ଗ୍ରୁପ ସି' ଓ ଡି' କର୍ମଚାରୀଙ୍କୁ ଦୁଇଚକିଆ ଯାନ କିଣିବାକୁ ଅଗ୍ରୀମ ଟଙ୍କା ଦିଆଯାଉଛି। ଗ୍ରୁପ୍-ଏର କର୍ମଚାରୀମାନେ କିଣିବାକୁ ଥିବା କାର୍ ଦାମ୍‌ର ୭୫% ଅର୍ଥାତ୍ ସର୍ବାଧିକ ୧୫ଲକ୍ଷ ଟଙ୍କା ଆଡଭାନ୍ସ ଆକାରରେ ଦିଆଯାଉଛି। ସେହିପରି ଗ୍ରୁପ୍ ସି ଓ ଡି କର୍ମଚାରୀଙ୍କୁ ଦୁଇ ଚକିଆ ଇଭି କିଣିବା ପାଇଁ ୭୫% ବା ସର୍ବାଧିକ ୨ଲକ୍ଷ ପର୍ଯ୍ୟନ୍ତ ଆଡଭାନ୍ସ ଦିଆଯିବ। ଏଥିସହ ସରକାର ଦେଇଥିବା ଏହି ଟଙ୍କା ସର୍ବାଧିକ ୧୦୦ଟି ମାସିକିଆ କିସ୍ତିରେ ଦରମାରୁ ଭରଣା କରାଯିବ। ଇଭି ଆଡଭାନ୍ସ ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ପାକିସ୍ତାନରୁ ସବୁ ଆମଦାନୀ ବନ୍ଦକଲା ଭାରତ

**ନୂଆଦିଲ୍ଲୀ,୩ା୫**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପାକିସ୍ତାନ ସହ ଉତ୍ତେଜନା ବଢ଼ିଚାଲିଥିବାବେଳେ କେନ୍ଦ୍ର ସରକାର ସେଠାରୁ ସମସ୍ତ ପ୍ରକାର ପ୍ରତ୍ୟକ୍ଷ ଓ ପରୋକ୍ଷ ଆମଦାନୀ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏଥିସହ ପାକିସ୍ତାନରୁ ଆସୁଥିବା ମେଲ୍ ଓ ପାର୍ସଲଗୁଡ଼ିକୁ ମଧ୍ୟ ବନ୍ଦ କରିଦିଆଯାଇଛି। କେବଳ ସେତିକି ନୁହେଁ, ପାକିସ୍ତାନୀ ଜାହାଜଗୁଡ଼ିକ ଭାରତୀୟ ବନ୍ଦରରେ ନ ଲଗାଇବାକୁ କଟକଣା ଲଗାଯାଇଛି।

ବୈଦେଶିକ ବାଣିଜ୍ୟ ନୀତି (ଏଫ୍‌ଟିପି) ୨୦୨୩ର ନୂଆ ନିୟମାବଳୀ ଅନୁଯାୟୀ, ଆମଦାନୀ ଓ ଦ୍ରବ୍ୟ ପରିବହନ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କଟକଣା ତୁରନ୍ତ ଲାଗୁ ହୋଇଥିବାବେଳେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ। ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନେବା ଜରୁରୀ ଥିଲା ବୋଲି ସରକାର କହିଛନ୍ତି। ଆବଶ୍ୟକ ହେଲେ ଏଥିପାଇଁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁମୋଦନ ଆବଶ୍ୟକ ପଡ଼ିବ।

ସୂଚନାଯୋଗ୍ୟ, ଭାରତ ଓ ପାକିସ୍ତାନ ମଧ୍ୟରେ ବାଣିଜ୍ୟ ଅତ୍ୟନ୍ତ ସୀମିତ ଥିଲା। ଚଳିତ ଆର୍ଥିକ ବର୍ଷରେ ଭାରତ ସେଠାରୁ ମାତ୍ର ୦.୫ ନିୟୁତ ଡଲାର ମୂଲ୍ୟର ପଣ୍ୟ ଆମଦାନୀ କରିଥିବାବେଳେ ପ୍ରାୟ ୫୦୦ ନିୟୁତ ଡଲାରର ପଣ୍ୟ ରପ୍ତାନୀ କରିଥିଲା। ୨୦୧୯ ପୁଲ୍‌ୱାମା ଆକ୍ରମଣ ପରେ ପାକିସ୍ତାନୀ ଆମଦାନୀ ସାମଗ୍ରୀ ଉପରେ ଭାରତ ୨୦୦ ପ୍ରତିଶତ ଟାରିଫ୍ ଲଗାଇ ଏହାକୁ ମହଙ୍ଗା କରିଦେଇଥିଲା। ଫଳରେ ୨୦୨୪ ଏପ୍ରିଲରୁ ୨୦୨୫ ଜାନୁଆରୀ ମଧ୍ୟରେ ସେଠାରୁ ଆମଦାନୀ ମାତ୍ର ୦.୪୨ ନିୟୁତ ଡଲାରକୁ ହ୍ରାସ ପାଇଥିଲା। ଏଥିସହିତ ପାକିସ୍ତାନ ସହ ବିମାନ ଓ ସ୍ଥଳପଥ ଯୋଗେ ହେଉଥିବା ସମସ୍ତ ମେଲ୍ ଓ ପାର୍ସଲ ଆଦାନପ୍ରଦାନକୁ ବନ୍ଦ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ଡାକ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ସେହିପରି ପାକିସ୍ତାନୀ ପତାକା ଲାଗିଥିବା ଜାହାଜଗୁଡ଼ିକୁ ଭାରତୀୟ ବନ୍ଦର ମଧ୍ୟକୁ ପ୍ରବେଶ ନିଷେଧ କରାଯାଇଛି।

# ତୃତୀୟ ସପ୍ତାହରେ +୨ ପରୀକ୍ଷାଫଳ

**ଭୁବନେଶ୍ୱର,୩ା୫(ଅନୁରାଧା ମହାରଣା)**

ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳ ଚଳିତ ମାସ ୬ ତାରିଖରେ ପ୍ରକାଶ ପାଇବ ବୋଲି ଶନିବାର ଏକ ଗୁଜବ ସୃଷ୍ଟି ହୋଇଥିଲା। ତେବେ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ ପରିଡ଼ା ଏନେଇ ସ୍ପଷ୍ଟୀକରଣ ରଖିଛନ୍ତି। ଡ. ପରିଡ଼ା କହିଛନ୍ତି, ସୋସିଆଲ ମିଡିଆରେ ଏକ ଫେକ୍ ଡ୍ରାଫ୍ଟ ଘୂରିବୁଲୁଛି। ଏହାକୁ ଛାତ୍ରୀଛାତ୍ର କିମ୍ବା ଅଭିଭାବକ ଧ୍ୟାନ ଦିଅନ୍ତୁ ନାହିଁ। ମେ' ମାସ ତୃତୀୟ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବା ନେଇ ସେ ସୂଚନା ଦେଇଛନ୍ତି। ତେବେ ଯୁକ୍ତ ପରୀକ୍ଷା ସମାପ୍ତ ହେବାର ୪୫ ଦିନ ମଧ୍ୟରେ ପରୀକ୍ଷାଫଳ ପ୍ରକାଶ ପାଇବା ନେଇ ପରିଷଦ ସ୍ଥିର କରିଥିଲା। ମାତ୍ର ଖରା କାରଣରୁ ଖାତାଦେଖାରେ କିଛିମାତ୍ରାରେ ବିଳମ୍ବ ହୋଇଥିବା ସେ କହିଛନ୍ତି।

# ୟୁଟ୍ୟୁବ୍ ଦେଖି ସ୍କୁଟର ତିଆରିକଲେ ଛାତ୍ର

**ଭଦ୍ରକ,୩ା୫(ସନାତନ ରାଉତ)**

ଶିଖିବାର ଇଚ୍ଛା ଓ ନିଷ୍ଠା ଥିଲେ କିଛି ବି ଅସମ୍ଭବ ନୁହେଁ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଜଣେ ମାଟ୍ରିକ୍ ଛାତ୍ର। ଏବେ ଯୁବପିଢ଼ି ସୋସିଆଲ ମିଡିଆରେ ଅଯଥା ସମୟ ନଷ୍ଟ କରୁଥିବା ବେଳେ ୟୁଟ୍ୟୁବ୍ ଦେଖି ଏକ ସ୍କୁଟର ତିଆରି କରି ଚର୍ଚ୍ଚାରେ ରହିଛନ୍ତି ଭଦ୍ରକ ଚରମ୍ପା ପଥରଆଡ଼ି ଗ୍ରାମର ବିନୋଦ ମହାରଣା(୧୭)।

ବିନୋଦ କହନ୍ତି, ମାଟ୍ରିକ୍ ପରୀକ୍ଷା ପରେ ଏକ ଇଲେକ୍ଟ୍ରି ସ୍କୁଟର କିଣିବା ପାଇଁ ଇଚ୍ଛା କରିଥିଲେ। ବଜାରରେ ଦାମ୍ ଅଧିକ ରହିଥିବାରୁ ସେ ନିଜେ ତିଆରି କରିବେ ବୋଲି ଆଗ୍ରହ ପ୍ରକାଶ କରିଥିଲେ। ଘରେ ମୋବାଇଲରେ ୟୁଟ୍ୟୁବ୍ ଦେଖି ବିଦ୍ୟୁତ୍‌ଚାଳିତ ସ୍କୁଟର ତିଆରି କରିବା କୌଶଳ ଶିଖିଥିଲେ। ପରେ ସେହି କ୍ରମରେ ସେ ସ୍କୁଟର ତିଆରି ଆରମ୍ଭ କରିଥିଲେ। ଘରେ ଥିବା ଭଙ୍ଗା ସାଇକେଲର ହ୍ୟାଣ୍ଡେଲ ସହ କିଛି ଷ୍ଟିଲ୍ ପାଇପ୍ ଓ ସିଟ୍‌କୁ ଯୋଡ଼ି ସ୍କୁଟର ବନାଇବା ଆରମ୍ଭ କରିଥିଲେ। ଅନ୍‌ଲାଇନରେ ଦୁଇଟି ଚକ ଓ ଗାଡ଼ି ଚାଲିବା ପାଇଁ ମୋଟର ସଂଗ୍ରହ କରିଥିଲେ। ନିଜ ଉଦ୍ୟମରେ ଏକ ବ୍ୟାଟେରି ତିଆରି କରି ସବୁକୁ ଯୋଡ଼ି ସେ ପ୍ରସ୍ତୁତ କରିଛନ୍ତି ଏହି ଗାଡ଼ି। ହ୍ୟାଣ୍ଡେଲରେ ଏକ ସୁଇଚ୍ ଓ ଏକ୍ସଲିଟର ଲଗାଇଛନ୍ତି। ଏହି ଷ୍ଟାଣ୍ଡିଂ ସ୍କୁଟରଟି ବହୁ ସ୍ପିଡ୍‌ରେ ଯାଉଥିବାରୁ ତା'ର ଗତି ରୋକିବାକୁ ବ୍ରେକ୍ ମଧ୍ୟ ଲଗାଇଛନ୍ତି। ଏହି ବ୍ୟାଟେରିକୁ ଦେଢ଼ ଘଣ୍ଟା ଚାର୍ଜ କଲେ ୧୫ କି.ମି. ଯାଉଛି। ସ୍କୁଟରରେ ଜଣେ କିମ୍ବା ଦୁଇଜଣ ଠିଆ ହୋଇ ଯାଇପାରୁଛନ୍ତି। ଏହାକୁ ତିଆରି କରିବା ପାଇଁ ୧ ମାସ ସମୟ ଲାଗିଥିବା ବେଳେ ମୋଟ ୧୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସେ କହିଛନ୍ତି। ବିନୋଦ ପଥରଆଡ଼ି ଗ୍ରାମର କାର୍ତ୍ତିକ ମହାରଣାଙ୍କ ସାନପୁଅ। ତାଙ୍କ ବାପା ଜଣେ ଗ୍ୟାରେଜ୍ ମେକାନିକ୍ ହୋଇଥିବା ବେଳେ ମା' ଗୃହିଣୀ। ସେ ଚରମ୍ପା ହାପିହୋମ୍ ସ୍କୁଲର ଛାତ୍ର। ଚଳିତବର୍ଷ ସେ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ମାଟ୍ରିକ୍ ପରୀକ୍ଷାରେ ୬୪.୪ ପ୍ରତିଶତ ନମ୍ବର ରଖିଛନ୍ତି। ଆଗକୁ ଡିପ୍ଲୋମା ଇଞ୍ଜିନିୟରିଂ ପଢ଼ିବେ। ତେବେ ଆଗାମୀ ଦିନରେ ଡ୍ରୋନ୍ ତିଆରି କରିବା ସହ ୨ ସିଟ୍ ବିଶିଷ୍ଟ ବାଇକ୍ ତିଆରି କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଯୁବପିଢ଼ି ଘରେ ନ ବସି କିଛି ନା କିଛି ନୂଆ ଅନୁସନ୍ଧାନ କରିବା ନେଇ ସେ ବାର୍ତ୍ତା ଦେଇଛନ୍ତି।



ଛାତ୍ର ବିନୋଦ ମହାରଣା ତିଆରି କରିଥିବା ସ୍କୁଟର ଚଳାଉଛନ୍ତି।




# ରାଜା ଚକ୍ରଙ୍କ ଓକିଲଙ୍କ ନାଁରେ ମାନହାନି ମାମଲା

**ବାଲେଶ୍ୱର, ୩।୫(ବାଞ୍ଛାନିଧି ଦେ)**

ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଆର୍ଥିକ ଦୁର୍ନୀତି ମାମଲାରେ ଛନ୍ଦି ହୋଇପଡ଼ିଥିବା ବିଜେଡି ନେତା ସୌମ୍ୟଶଙ୍କର ଓରଫ୍ ରାଜା ଚକ୍ରଙ୍କ ଓକିଲ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ବିରୋଧରେ ମାନହାନି ମକଦ୍ଦମା ଦାଏର କରିଛନ୍ତି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ। ଶନିବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ସେ ଉପସ୍ଥିତ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ କୋର୍ଟରେ ମାମଲା (ନଂ.୨୫/୨୫) ରୁଜୁ କରାଯାଇଛି। ମନମୋହନଙ୍କ ସହ ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲା ଭାଜପା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ପୂର୍ବତନ ଜିଲା


ମନମୋହନ ସାମଲ

ସଭାପତି ଉମାକାନ୍ତ ମହାପାତ୍ର, ଓକିଲ ସଂଘ ସଭାପତି କେଶବ ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ଲମ୍ବୋଦର ନାୟକ, ବୈଲୋଚନ ଦାଶ, ଆଶିଷ ଘୋଷ ଓ ଶୋଭନା ମହାନ୍ତି, କଟକ ହାଇକୋର୍ଟ ଓକିଲ ଓମ୍ ପ୍ରକାଶ ରାୟଙ୍କ ସମେତ ବହୁ ଆଇନଜୀବୀ ଓ ଭାଜପା ନେତୃବୃନ୍ଦ ଉପସ୍ଥିତ ଥିଲେ।

ଏ ସଂକ୍ରାନ୍ତରେ ରାଜ୍ୟ ଭାଜପା ସଭାପତି ସାମଲ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଥିଲେ, ମାସକ ତଳେ ଓକିଲ ଦ୍ୱିବେଦୀ ମୋ ବିରୋଧରେ ଏକ ଆରୋପ କରିଥିଲେ। ମନ୍ଦ ଉଦ୍ଦେଶ୍ୟ ରଖି ସେ ମୋ ବିରୋଧରେ ଏପରି କହିଥିଲେ। ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ। ଏ ଅଭିଯୋଗର କୌଣସି ଭିତ୍ତି ନାହିଁ କି ସତ୍ୟତା ନାହିଁ। ସେ ମିଡିଆ ଆଗରେ ଯଦି ଏଭଳି ଅଭିଯୋଗ ଆଣିଛନ୍ତି, ପ୍ରମାଣ ଦେଖାନ୍ତୁ। ରାଜ୍ୟରେ ଭାଜପାକୁ ଓ ବ୍ୟକ୍ତିଗତ ଭାବେ ତାଙ୍କୁ ବଦ୍‌ନାମ କରିବା ଅଥବା ନିଜକୁ ଚର୍ଚ୍ଚିତ କରିବା ପାଇଁ ହୁଏତ ଦ୍ୱିବେଦୀ ଏହା କହିଥାଇପାରନ୍ତି ବୋଲି କହିଥିଲେ। ଗଣମାଧ୍ୟମରେ କୌଣସି ଅଭିଯୋଗ କିମ୍ବା ଖବର ପ୍ରକାଶ ପୂର୍ବରୁ ସତ୍ୟାସତ୍ୟ ଅନୁଧ୍ୟାନ କରିବା ଉଚିତ ବୋଲି ମନମୋହନ କହିଛନ୍ତି। ଅପରପକ୍ଷରେ ଏ ସମ୍ପର୍କରେ ରାଜା ଚକ୍ରଙ୍କ ଓକିଲ ବରିଷ୍ଠ ଆଇନଜୀବୀ ଦ୍ୱିବେଦୀ କୁହନ୍ତି, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମିଥ୍ୟା ତଥ୍ୟ ଉପରେ ମାମଲା କରିଛନ୍ତି। ଆମେ ଷ୍ଟେଟ୍ ହେଡ୍ ବୋଲି କହିଛୁ, ସେ ଷ୍ଟେଟ୍ ହେଡ୍ ନୁହନ୍ତି। ମନମୋହନ ମନ୍ଦ ଉଦ୍ଦେଶ୍ୟରେ ଭାଜପା ଲୋକଙ୍କୁ ପ୍ରମୋଟ୍ କରିବା ପାଇଁ ଏକ ମିଥ୍ୟା ମୋକଦ୍ଦମା କରିଛନ୍ତି। ଆମେ ରିଜୋଲ୍ୟୁଶନ୍ ମୁତାବକ କହିଛୁ। ଆମେ ମଧ୍ୟ କାଉଣ୍ଟର କେଶ୍ କରିବୁ ବୋଲି ଦ୍ୱିବେଦୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୋସାଇଟିରେ ବହୁ କୋଟି ଟଙ୍କାର ଆର୍ଥିକ ଦୁର୍ନୀତି ନେଇ କ୍ରାଇମବ୍ରାଞ୍ଚରେ ହୋଇଥିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ରାଜା ଚକ୍ରଙ୍କ ଓକିଲ ଦ୍ୱିବେଦୀ ଭାଜପା ରାଜ୍ୟ ମୁଖ୍ୟଙ୍କୁ ୧ କୋଟି ୩ ଲକ୍ଷ ଦିଆଯାଇଛି ବୋଲି ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ରାଜନୈତିକ ମହଲରେ ହଇଚଇ ସୃଷ୍ଟି ହୋଇଥିଲା।

# ଶାଶୁଙ୍କ ତଣ୍ଟିଚିପି ହତ୍ୟାକଲେ ବୋହୂ

**ରେଢ଼ାଖୋଲ, ୩।୫ (ଅଚ୍ୟୁତାନନ୍ଦ ପୁରୋହିତ)**

ପାରିବାରିକ ବିବାଦରୁ ଚାଲିଯାଇଛି ଜଣେ ମହିଳାଙ୍କ ଜୀବନ ଯାଇଛି। ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅନ୍ତର୍ଗତ କୁଟାସିଙ୍ଗା ଗ୍ରାମରେ ଶୁକ୍ରବାର ରାତିରେ ଜଣେ ବୋହୂ ତାଙ୍କ ଶାଶୁଙ୍କ ତଣ୍ଟିଚିପି ହତ୍ୟା କରିଛନ୍ତି। ଏଥିରେ ବୋହୂଙ୍କ ଭାଇ ସହଯୋଗ କରିଥିବା ମୃତାଙ୍କ ସ୍ୱାମୀ ଗଣେଶ ଦେହୁରୀ ଥାନାରେ ଅଭିଯୋଗ କରିଛନ୍ତି। ମୃତା ହେଲେ ଲବଣୀ ଦେହୁରୀ। ପୋଲିସ ବୋହୂ ମୋନାଲିସା ଦେହୁରୀ ଓ ତାଙ୍କ ଭାଇ କୁଶାପାଲି ଗ୍ରାମର ସିଦ୍ଧାନ୍ତ ନାଏକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି।

କୁଟାସିଙ୍ଗା ଗ୍ରାମର ଗଣେଶ ଦେହୁରୀଙ୍କ ପୁଅ କୃଷ୍ଣଚନ୍ଦ୍ର ୨ବର୍ଷ ତଳେ ରେଢ଼ାଖୋଲ ଥାନା ଅନ୍ତର୍ଗତ କୁଶାପାଲି ଗ୍ରାମର ମୋନାଲିସାଙ୍କୁ ବିବାହ କରିଥିଲେ। କୃଷ୍ଣଚନ୍ଦ୍ର ଗୁଜରାଟର ଅହମ୍ମଦାବାଦର ଏକ କମ୍ପାନୀରେ ଏବଂ ଗଣେଶ ରାଉରକେଲାରେ କାମ କରନ୍ତି। ଘରେ ଶାଶୁ ଓ ବୋହୂ ରହନ୍ତି। ବିବାହ ପରଠାରୁ ଶାଶୁ ଓ ବୋହୂଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଶୁକ୍ରବାର ରାତିରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ପଡ଼ୋଶୀମାନେ ରାଉରକେଲାରେ ରହୁଥିବା ଗଣେଶଙ୍କୁ ଫୋନ୍ କରି ଜଣାଇଥିଲେ। ଖବରପାଇ ଗଣେଶ ଶନିବାର ସକାଳେ କୁଟାସିଙ୍ଗାରେ ପହଞ୍ଚିଥିଲେ। ସେତେବେଳେ ଲବଣୀ ଘରେ ମରିପଡ଼ିଥିବା ଓ ତାଙ୍କ ପାଟିରୁ ରକ୍ତ ବାହାରିଥିବା ସେ ଦେଖିବାକୁ ପାଇଥିଲେ। ଏହାପରେ ସେ ରେଢ଼ାଖୋଲ ପୋଲିସକୁ ଜଣାଇଥିଲେ। ବୋହୂ ମୋନାଲିସା ତାଙ୍କ ଭାଇ ସିଦ୍ଧାନ୍ତଙ୍କ ସହାୟତାରେ ଲବଣୀଙ୍କ ତଣ୍ଟି ଚିପି ହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିଲେ। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏନେଇ ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୩(କ), ୨୬୫, ୩(୫)ରେ ଏକ ମାମଲା (ନଂ.୧୦୪/୨୫) ରୁଜୁ କରି ଅଧିକ ତଦନ୍ତ କରାଯାଉଥିବା ତଦନ୍ତକାରୀ ଅଧିକାରୀ ଚିତ୍ତରଞ୍ଜନ ମେହେର କହିଛନ୍ତି।

# ପତିଆରା ପାଇଁ ଗାଁ ଦାଣ୍ଡରେ ବୋମାମାଡ଼

**ଫୁଲଟାରେ ୨ ପ୍ଲାଟୁନ ଫୋର୍ସ ମୁତୟନ**

**ବ୍ରହ୍ମପୁର, ୩।୫(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗାଁ ଦାଣ୍ଡରେ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଏକାଧିକ ବୋମାମାଡ଼ ହୋଇଛି। ଗାଁରେ ପତିଆରା ଜାହିର କରିବା ପାଇଁ ଗୋଟିଏ ଗୋଷ୍ଠୀ ଏପରି କାଣ୍ଡ କରିଥିବା କୁହାଯାଇଛି। ଏଥିରେ କେହି ଆହତ ହୋଇ ନ ଥିଲେ ମଧ୍ୟ ପ୍ରଚଣ୍ଡ ଶବ୍ଦ ଯୋଗୁ ଅଞ୍ଚଳରେ ଭୟର ବାତାବରଣ ଖେଳଯାଇଛି। ପୋଲିସ ସେହି ରାତିରେ ଗାଁରେ ପହଞ୍ଚି ରାସ୍ତା ଉପରେ ପଡ଼ିଥିବା ୨ଟି ଅଫୁଟା ବୋମା ଜବତ କରିଛି। ଗ୍ରାମର ଉଭୟ ଗୋଷ୍ଠୀ କେହି କାହା ବିରୋଧରେ ଅଭିଯୋଗ ନ କରିବା ସ୍ଥିତିକୁ ଆହୁରି ଜଟିଳ କରୁଛି। ପୋଲିସ ନିଜ ଆଡୁ ଏକ ମାମଲା (ନଂ.୧୩୨/୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି। ଅପ୍ରୀତିକର ପରିସ୍ଥିତିକୁ ପ୍ରତିହତ କରିବା ପାଇଁ ସେଠାରେ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି।

ଫୁଲଟା ଗ୍ରାମରେ ବହୁବର୍ଷ ଧରି ଦୁଇ ଗୋଷ୍ଠୀ ମଧ୍ୟରେ ବିଭିନ୍ନ କାରଣରୁ ଝଗଡ଼ା ଲାଗି ରହିଛି। ଅନେକ ଥର ଶାନ୍ତି କମିଟି ବୈଠକ ହେଉଥିଲେ ମଧ୍ୟ ଗୋଷ୍ଠୀ ସଂଘର୍ଷ ଘଟୁଛି। ପୂର୍ବରୁ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ. ଉକ୍ତ ଗ୍ରାମରେ ସ୍ଥାନୀୟ ଲୋକଙ୍କୁ ନେଇ ବୈଠକ କରିବା ସହ ଶାନ୍ତି କମିଟି ଗଠନ ହୋଇଥିଲା। ଏହାପରେ ବି ୨ ଗୋଷ୍ଠୀ ମଧ୍ୟରେ ହଣାକଟା ହୋଇଥିଲା। ପୋଲିସ ଗତ ଫେବୃଆରୀ ୯ ତାରିଖରେ ଉଭୟ ଗୋଷ୍ଠୀର କେତେଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନେ ଏବେ ଜାମିନରେ ଆସିବା ପରେ ପୁଣିଥରେ ମୁହାଁମୁହିଁ ହୋଇଛନ୍ତି।

---

No.D-

## ODISHA PUBLIC SERVICE COMMISSION

### NOTICE

No. 2839/P.S.C., Dt. 30.04.2025
(2PG-14-25/26, DR-I)

**Odisha Civil Services Main (Written) Examination-2023**
**Advt. No. 20 of 2023-24**

Keeping in view the dislocation arising because of interchange of Questions of Anthropology Optional Paper- I & II in the Odisha Civil Services Main (Written) Examination-2023 held on 27.04.2025 and considering the grievances of candidates received by OPSC, the Commission has decided the following :

1. The Written Examination in respect of Anthropology Optional Paper-I & II of the OCSE-2023 shall be re-conducted on 14.05.2025 (Wednesday) for ensuring fairness and equal opportunity to the concerned candidates as per the programme detailed below.

| Date of Examination | Forenoon Session (9.00 A.M. to 12.00 P.M.) | Afternoon Session (2.00 P.M. to 5.00 P.M.) |
|---|---|---|
| 14.05.2025 (Wednesday) | Anthropology Optional Subject, Paper-I | Anthropology Optional Subject, Paper-II |

N.B :- The PwD candidates will be given one-hour extra time in each sitting i.e. from 9.00 A.M. to 1.00 P.M. & 2.00 P.M. to 6.00 P.M.

2. The Written Examination in respect of Anthropology Optional Paper-I & II held on 27.04.2025 shall be treated as **cancelled** and the answer scripts of the said examination shall not be evaluated.
3. The Admission Certificate & Instructions to Candidates for the said examination will be downloaded by candidates w.e.f 08.05.2025.

The candidates are advised to visit the website of the Commission at http://opsc.gov.in for further information in this regard.

OIPR-12002/11/0202/2526 Sd./- Secretary

---

Annexure-1

## DISTRICT MINERAL FOUNDATION, JAJPUR

### Request for Proposal (RFP)

**No.CAD-271:** District Mineral Foundation (DMF), Jajpur invites Request for Proposal (RFP) in prescribed format from reputed organisations for "Selection of Agency for Imparting Computer Training Programmes in the colleges of mining affected areas of Jajpur district, Odisha under District Mineral Foundation, Jajpur".

The detail of the RFP is available in the district web portal i.e. **www.jajpur.odisha.gov.in**.

Sd./-
Collector & Managing Trustee,
DMF, Jajpur

OIPR-30025/11/0011/2526

---

## ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness

**Short Notice**
**For Sale of Cement Grade Limestone**

**No.CAD-269:** The Odisha Mining Corporation Ltd. intends to sell Cement grade Limestone produced at Ampavalli Limestone Mines, Ampavalli, Pattangi, Koraput district, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00 P.M. on dtd.05.05.2025. For details, please visit the website of MSTC i.e. www.mstcecommerce.com.

OIPR-30005/11/0188/2526 Sd./- Chief General Manager (S&M)

---

## OFFICE OF THE NOTIFIED AREA COUNCIL, NILGIRI

Ph : 06782-233259 e-Mail-ID : nilgirinac.balasore@gmail.com

Letter No. 834/ Date : 29.04.2025

**Quotation Call Notice/Tender Call Notice**

**No.C-204 :** Sealed 3 nos. of quotations are invited from the registered Contractors/Suppliers/Dealers having valid GST registration Certificate for construction/supply/fitting of different items, Nilgiri as detailed below. The quotations to be received by the undersigned on or before below mentioned date and the same will be opened on the same day at 1.00 P.M. The quotationers or their authorized Agents should be present in this office in the same time and same day.
The Authority reserves the right to reject any or all quotation without assigning any reason thereof.

| Sl. No. | details of work | Notice No./date | Last date & time |
|---|---|---|---|
| 1 | Supply of Utensils | 820/29.04.2025 | 05.05.2025 at 11.00 A.M. |
| 2 | Supply fitting and fixing of Cremation Chula | 825/29.04.2025 | 05.05.2025 at 11.00 A.M. |
| 3 | 4 nos. of Civil Works | 830/29.04.2025 | 05.05.2025 at 11.00 A.M. |

- For more details visit website **www.nilgirinac.in** or Contract NAC office, Nilgiri / Notice Board.
- Any addendum/corrigendum of quotations can also be seen in the said website only.

Sd./- Executive Officer,
Nilgiri NAC

OIPR-13179/11/0019/2526

---

## ODISHA PUBLIC SERVICE COMMISSION, CUTTACK

### NOTICE

No. 2864/P.S.C., Dt. 01.05.2025
(1E-10-2024/25) (DR-II)

**No.D-** : In continuation of this Office Notice No.2389/PSC, dt.15.04.2025 and No.1650/PSC, dt. 07.03.2025, it is for information of all concerned that the Main Examination for recruitment to the posts of Assistant Executive Engineer (CIVIL) in Group-'A' of Odisha Panchayati Raj Engineering Service Cadre under the Panchayti Raj and Drinking Water Department, pursuant to Advertisement No.33 of 2023-24 will be held at Bhubaneswar, Cuttack and Sambalpur Zones as per the following programme :

**PROGRAMME OF EXAMINATION**

| Date | Session | Paper | Subject Code | Time |
|---|---|---|---|---|
| 11.05.2025 (Sunday) | 1st Session | Paper-I (General Study) | 01 | 09.30 A.M. to 12.00 NOON (9.30 A.M. to 12.50 P.M. for PWD Candidates) |
| | 2nd Session | Paper-II (Specialized Paper - Civil Engg.) | 02 | 02.00 P.M. to 04.30 P.M. (02.00 P.M. to 05.20 P.M. for PWD Candidates) |

The list of Examination Centres, along with allotment of Roll Nos. of Candidates are given below :

| Sl. No. | Name of the Examination Centres and Address | Roll Numbers Allotted From..... to ....... | Total Candiadtes Alloted |
|---|---|---|---|
| **BHUBANESWAR** | | | |
| 1 | D.R. NAYAPALLI COLLEGE, NAYAPLLI, BHUBANESWAR | 200009-200742<br>300002-300999 | 500 |
| 2 | SARASWATI SHISU VIDYA MANDIR, BHIMA TANGI, OLD TOWN, BHUBANESWAR | 301001-302925 | 500 |
| 3 | HARIHARA GOVT. HIGH SCHOOL, BJB NAGAR, BHUBANESWAR-14 | 302928-303784 | 230 |
| 4 | SARASWATI SHISU VIDYA MANDIR, UNIT-3, KHARAVELA NAGAR, BHUBANESWAR | 303785-304707 | 239 |
| **CUTTACK** | | | |
| 1 | SARASWATI SHISU VIDYA MANDIR, TULASIPUR, CHAHATA NAGAR (MAHANADI RING ROAD), CUTTACK-753008 | 100003-100632<br>400005-401139 | 470 |
| **SAMBALPUR** | | | |
| 1 | GOVT. WOMEN'S COLLEGE, SAMBALPUR, MOTIJHARAN, MOTIJHARAN, NEAR BHUTAPADA CHOWK | 500005 to 500975 | 249 |

The candidates admitted are required to download their **"Admission Certificate" and "Instuction to Candiadtes"** from website of the Commission **(www.opsc.gov.in) from 06.05.2025 onwards.**

OIPR-12002/11/0200/2526 Sd./- Secretary

---

## ODISHA PUBLIC SERVICE COMMISSION

19, DR. P. K. PARIJA ROAD, CUTTACK-753001

### NOTICE

No.D-
No. 2869/P.S.C., Dt. 01.05.2025
(DR-IV)(2PA-01-2025-26)

**ADVERTISEMENT NO.02 OF 2025-26**

Website - https://www.opsc.gov.in

| | |
|---|---|
| I. | Assistant Section Officer (Group-B) in the Office of the Advocate General, Odisha, Cuttack |
| II. | No. of Vacancies - 29 (10-w) |

Online applications are invited from the prospective candidates through proforma application to be made available on the Website of the Commission **(http://www.opsc.gov.in)** for recruitment to **29 (Twenty-Nine)** Posts of **Assistant Section Officers** (Group-B) in the Office of the Advocate General, Odisha, Cuttack in the scale of pay of Rs. 35,400/- in Level - 9, Cell- 1 as per the Pay Matrix provided under Rule - 3 of ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time. The recruitment examination will be conducted in accordance with provisions of the Odisha Secretariat Service (Method of Recruitment and Conditions of Service) Rules, 2016 as per the Notification No. 3441/L, dt. 24.02.2025 of Law Department, Government of Odisha. The Appointing Authority for the said post shall be the Advocate General, Odisha for all purposes.

**2. VACANCY POSITION :**
As per requisition furnished by the office of the Advocate General, Odisha, Cuttack, out of a total of **29(10-w)** vacancies, 10(03-w) vacancies are for UR category, 08(03-w) vacancies are reserved for SC category and 11(04-w) vacancies are reserved for ST category.
Also, 01 post is reserved for Person with Disabilities (Category — III) whose permanent disability is 40% or more, and 01 post for Ex-Servicemen. Candidates belonging to the categories of PWD & Ex-Servicemen shall be adjusted against the categories to which they belong.

**3. AGE :**
A candidate must have attained the age of 21 years and must not be above the age of 32 years on the 1st day of January 2025 i.e., he/she must not have been born **earlier than 2nd January 1993 and not later than 1st January 2004.**

**4. EDUCATIONAL QUALIFICATION :**
A candidate must possess a Bachelor's Degree in any discipline from a recognized University or possess such other qualification equivalent thereto and must have adequate knowledge in computer application as specified in the Schedule.

**5. EXAMINATION FEE :**
The examination fee has been exempted to all the categories of candidates as per G.A. & P.G. Department Notification No.9897/Gen., dt.11.04.2022.

**6. METHOD OF SELECTION :**
The selection of candidates for recruitment to the posts of Assistant Section Officer shall be made on the basis of Written Examination (Objective Type- MCQ) **and Skill Test in Computer** (Practical - Qualifying).

**7. DATE OF EXAMINATION :**
The Written Examination will be held tentatively **on 27th July, 2025 (Sunday)**. The detailed Schedule and Centre of Examination will be notified in due course.

**THE LINK FOR REGISTRATION AND SUBMISSION OF ONLINE APPLICATION SHALL BE AVAILABLE IN THE WEBSITE FROM 09.05.2025 to 09.06.2025 till 05.00 P.M. (Note: 09.06.2025 is the last date for submission of Registered Online Application)**

The candidates are advised to visit the Website of the Commission at **http://www.opsc.gov.in for detailed information for applying to the above post.**

Place : CUTTACK
Date: 01.05.2025

Sd./- Secretary
Odisha Public Service Commission
Cuttack

OIPR-12002/11/0199/2526

---

## ODISHA HYDRO POWER CORPORATION LIMITED

OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT: POST: BALIMELA: DIST: MALKANGIRI (ODISHA): PIN: 764 051
Phone:06861-232581 (O)/ 232641 (R), Fax:06861- 232541, Email- unit.head_balimela@yahoo.com/bhep.balimela@gmail.com

**SECTION-1**
**TENDER CALL NOTICE**
**NOTICE INVITING TENDER No.BHEP/06/2025-26, Dated 29.04.2025**

**No.CAD-265:** Sealed tenders are invited in two parts (i.e. Part-A techno-commercial bid & Part-B price bid) & in percentage bid basis from the Electrical Contractors/ Firms/ Agencies having experience in the execution of electrical work under State/Central Govt/ PSU of Govt. of India/ PSU of Govt. of Odisha & having valid Electrical Contractor License (MV) & fulfilling the eligibility criteria as per the tender specification for the work as mentioned below.

| Sl. No. | Description of Work | Approx. Estimated Cost in Rs. | E.M.D. in Rs. | Cost of Bid documents in Rs. |
|---|---|---|---|---|
| 1 | "New Internal Wiring & Earthing of 104 Nos. of Quarters of BHEP, Balimela | Rs.21,48,241.00 | Rs.22,000.00 | Rs.6,000.00+ (GST @ 18%) Rs.1080.00 = Rs.7,080.00 |

Availability of bid document : From 10.00 Hrs of 03.05.2025 to 13.00 Hrs. of 16.05.2025
Last date & time of submission of bid : Upto 13.00 Hrs. of 16.05.2025
The date & Time of opening of the bid : 12.30 Hrs. onwards of 17.05.2025 (Only Technical Bid)
For details of the tender documents, terms & conditions, please visit our website www. ohpcltd.com

OIPR-04019/11/0081/2526 Sd./- C & P Head, BHEP, Balimela

---

## ODISHA HYDRO POWER CORPORATION LTD.

### O/o. SR. GENERAL MANAGER, HIRAKUD HYDRO ELECTRIC PROJECT

POST BOX NO.5, BURLA- 768017, DISTRICT: SAMBALPUR (ODISHA), INDIA
PHONE: 0663-2950721 (O), 2950765, E-Mail: srgmhps_burla@yahoo.co.in, CIN: U40101OR1995SGC003963
ISO:9001-14001 18001 Certified
No.HHEP/Tech-WK-46/2 (Vol-IV) / 2433 Date: 30.04.2025

**NOTICE INVITING TENDER NO. HHEP-20/2025**

**No.CAD-266:** Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from Govt. registered Contractors/ Agencies having eligibility criteria only for execution of the following work.

| Description of Work | Cost of tender paper (Non-refundable) in Rs. | EMD in shape of DD/BC only (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno Commercial Bid |
|---|---|---|---|---|---|
| Annual Maintenance Contract for Hydro Generating Units, their auxiliaries and other equipment of Burla Power House for a period of one year (as per Section-IV) | Rs.11,800/- (Rs. 10000+ GST @ 18%) | 70,000/- | From 02.05.2025 (09.00 AM) to 15.05.2025 upto 11.00 AM | 15.05.2025 Upto 11.30 AM | 15.05.2025 at 12.00 Noon |

For details of the tender documents, terms and conditions please visit our website **www.ohpcltd.com**. If any of the above dates fall on holiday(s), or the office is closed due to any other reason the next working day will be treated as the effective date.

OIPR-04007/11/0041/2526 Sd./- C & P Head, HHEP, Burla

---

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER
## RUSHIKULYA BAHUDA BASIN, BERHAMPUR- 760004

e-mail id: se_sicbam@yahoo.com

No.A-106: **e-Procurement Notice No.ACE, RBB-02/2025-26**

1.Type of Work :- Road Work, 2. Total No. of Works : 01 (One) No. 3. Amount put to Tender: Rs.817.82 Lakh. 4. Period of Completion: 12 (Twelve) Calendar Months. 5. Paper Cost: Rs.10,000/- per each. 6.Class of Contractor: 'A' or 'Spl' Class of Contractor.

| Sl. No. | Procurement Officer | Bid Identification No | Name of Work | Bid Amount (Rs. in Lakh) | Availibility & Submission of Bid On-line |
|---|---|---|---|---|---|
| 1. | Addl. CE, RB Basin Berhampur | ACE, RBB (BEID)- 02/2025-26 | Improvement to Service Road from RD 12.00 Km to 23.00 Km of HBMC and its distributaries that is Kanaka, Jaleswarkhandi, Chadheiapalli, Balia and Kharida-II of HIP | 817.82 | From 06.05.2025, 10.00 AM to 22.05.2025, 5.00 PM |

Date of opening of the Technical Bid:- 23.05.2025 at 11.30 A.M.
Bidders to be participate in online bidding only. Further details can be seen from the Govt. of Odisha e-Procurement Website www.tendersodisha.gov.in. Any addendum/ corrigendum/cancellation of the tender can be seen in the above website only.

Sd./- Additional Chief Engineer
Rushikulya Bahuda Basin, Berhampur

OIPR-32411/11/0028/2526

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

No.O-105: No.2229/Date 30.04.2025

**"e" Procurement Notice for Building Work**

| | | | |
|---|---|---|---|
| 1. | Name of the Work | : | Composite Building Work |
| 2. | Total No. of Works | : | 01 No. of Building Work for the year 2024-25 |
| 3. | Estimated Cost of the Work | : | Rs.332.22 Crore |
| 4. | Class of Contractor | : | |
| | a) Estimated cost more than Rs.1.00 Crore upto Rs.20.00 Crores | : | A Class (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender Online for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender- Online- C.C. 11 of 2025 | 06.05.2025 at 11.00 A.M. | 20.05.2025 upto 5.00 P.M. | 21.05.2025 at 11.00 A.M. | To be intimated lateron |

**Further details can be seen from the website www.tendersodisha.gov.in**

Sd./- Chief Constrcution Engineer,
Central Rural Works Circle, Bhubaneswar

OIPR-25194/11/0040/2526

---

No. D-38

## ଅପହୃତ ବ୍ୟକ୍ତିଙ୍କ ସନ୍ଧାନ

ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଅଧିନସ୍ଥ ଚନ୍ଦକା ଥାନା MMR ନମ୍ବର- ୧୯/୨୦୨୫

**ସମ୍ପୂର୍ଣ୍ଣ ନାମ ଓ ଠିକଣା**
ନାମ- ରଞ୍ଜନ କୁମାର ପାଲଟାସିଂହ
ପିତା-ଧୋବିନାଥ ପାଲଟାସିଂହ
ଗ୍ରାମ/ପୋଷ୍ଟ-ଦାରୁଠେଙ୍ଗ
ଥାନା-ଚନ୍ଦକା, ଭୁବନେଶ୍ୱର
ଜିଲ୍ଲା-ଖୋର୍ଦ୍ଧା



**ସଂକ୍ଷିପ୍ତ ବିବରଣୀ**
ବୟସ- ୬୦
ଉଚ୍ଚତା- ୫.୪ ଫୁଟ
ବର୍ଣ୍ଣ- ଶ୍ୟାମଳ (wheat)
ଗଲାବେଳେ ପିନ୍ଧିଥିବା ପୋଷାକ:
ନାଲି- ଧଳା ରଙ୍ଗର
ପୂରା ଟି-ସାର୍ଟ ଓ
କଳା ରଙ୍ଗର ହାଫ୍ ପ୍ୟାଣ୍ଟ।

**ଯଦି ସନ୍ଧାନ ମିଳେ ଯୋଗାଯୋଗ କରିବା ଠିକଣା**

ଆରକ୍ଷୀ ଉପଆୟୁକ୍ତ, ଭୁବନେଶ୍ୱର
(Dy. Commissioner of Police, Bhubaneswar)
ବାଣୀ ବିହାର ଛକ, ପୋଷ୍ଟ ଭୋଇନଗର, ଥାନା- ସହିଦ ନଗର, ଭୁବନେଶ୍ୱର, ୭୫୧୦୨୨
ମୋବାଇଲ-୮୨୮୦୩୩୮୩୦୨, ଦୂରାଭାଷ- ୦୬୭୪-୨୫୪୦୫୫୫

ବି.ଦ୍ର.:-ଉପରୋକ୍ତ ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କର ସଠିକ ତଥ୍ୟ ପ୍ରଦାନ କରିବା ବ୍ୟକ୍ତିଙ୍କୁ ଟ.୨୦,୦୦୦ଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ।

OIPR-12130/11/0010/2526

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## KANUPUR REHABILITATION, CAMPS & BUILDING DIVISION

At/PO- Basudevpur, Dist-Keonjhar, PIN-758047

**e-Procurement Notice**

No.A- **Bid Identification No.SE,KRC & BD-03/2025-26**
Email:eekrcbdbasudevpur@gmail.com

| Sl. No. | Name of Work | Approx. value of work (Rs. in lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & Address of the division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Power supply to village Electrification of Dhaladihi Mandir Sahi Hemlet of village Sankarpur and beneficiaries at Sankarpur new colony for the DPs of village Dhobakuchuda at Sankarpur of KIP" | 27.54 | 27600.00 | 6,000.00 | 06 (Six) Calendar Months | HT Electrical Contractor having valid license from ELBO | Kanupur Reh. Camps & Building Division, At/PO-Basudevpur, Dist-Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender | | Place of Opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C&B Division, Basudevpur, Dist-Keonjhar | SE, KRC & BD-03/2025-26 | 02.05.25 From 10.00 Hours | 13.05.25 Upto 17.00 Hours | 14.05.25 | 11.00 Hours | O/o the Superintending Engineer, Kanupur Reh. C&B Division, Basudevpur, Dist-Keonjhar |

Sd./- Superintending Engineer
Kanupur Reh. C & B Division, Basudevpur

OIPR-32053/11/0008/2526

# ଟ୍ରେନ୍ ଲାଇନ ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ: ହତ୍ୟା ସନ୍ଦେହ

ପୁରିବାହାଲ,୩।୫(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ପୁରିବାହାଲ ବ୍ଲକ ମାଲିଶିରା-ବିଟାବଣ(ନୂଆପଡା)ରେଳ ଫାଟକ ପାଖ ରେଳ ଲାଇନ ପାର୍ଶ୍ୱରୁ ଶନିବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତ ଯୁବକ ଜଣକ ହେଲେ ସିନ୍ଧେକେଲା ଥାନା ଟେମରା ଗ୍ରାମର ବୈଷ୍ଣବ ମହାନନ୍ଦ(୨୪)। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରକାଶ ଯେ, ସକାଳେ ଟ୍ରେନ ଲାଇନ କଡରେ ବୈଷ୍ଣବ ମୁହାଁମାଡି ପଡିଥିବା ବେଳେ ନିକଟରେ ମଦ ବୋତଲ ଓ ଏକ ବୁଲେଟ (ନଂ ଓଡି ୦୩ଏଡି ୭୭୧୨)ପଡିଥିବାର ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ସେହି ବାଟ ଦେଇ ଯିବା ବେଳେ ଦେଖିବାକୁ ପାଇଥିଲେ। ଖବରପାଇ ଟିଟିଲାଗଡ ଛିଆରପି ଓ ପୁରିବାହାଲ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତ ଯୁବକଙ୍କ ଶରୀରର ବିଭିନ୍ନ ସ୍ଥାନରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଛି। ତାଙ୍କ ପେଟ ଓ କାନ୍ଧରେ ଗୁରୁତର ଆଘାତ ଲାଗିଥିବା ଦେଖିବାକୁ ମିଳିଛି। ତାଙ୍କୁ ଘଟଣାସ୍ଥଳରେ ମଦ ପିଇ ହତ୍ୟା କରାଯାଇଛି ନା ବାହାରେ କେଉଁଠି ହତ୍ୟା କରି ଏଠାରେ ଫିଙ୍ଗାଯାଇଛି ତାହା ଅଧିକ ତଦନ୍ତ ପରେ ଜଣାପଡିବ। ଘଟଣାସ୍ଥଳରେ କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି, ପୁରିବାହାଲ ଥାନା ଆଇଆଇସି ସିପୋରା ସରାୟ, ଲୁପୁନ ମଧ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ଛିଆରପି ଥାନାରେ ଏକ ମାମଲା (ନଂ ୧୫/୨୦୨୫) ରୁଜୁ କରାଯାଇଥିବା ଏସଆଇ ବିନୟ କୁମାର ଭୋଇ ପ୍ରକାଶ କରିଛନ୍ତି।

ଗଣମାଧ୍ୟମ କେତେକ ନୀତି ଓ ନୈତିକତାକୁ ନେଇ କାର୍ଯ୍ୟ କରୁଛି। ଗଣମାଧ୍ୟମର ପ୍ରତିନିଧିମାନେ ନୀତିଗତ ଦିଗକୁ ପ୍ରତିବଦ୍ଧ ରହିବା ବାଞ୍ଛନୀୟ। ଦୈନନ୍ଦିନ ଖବର ପ୍ରସ୍ତୁତି ବେଳେ ତ୍ରୁଟି ହୋଇପାରେ। ମାତ୍ର ଉଦ୍ଦେଶ୍ୟମୂଳକ ଭାବେ ତ୍ରୁଟି ଗ୍ରହଣୀୟ ନୁହେଁ। ଗଣମାଧ୍ୟମରେ ସ୍ୱାଧୀନତା ପାଇଁ ଦାୟିତ୍ୱ ରହିବା ଉଚିତ ବୋଲି ଶନିବାର ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ରେଭେନ୍ସା ରେଡିଓ ପକ୍ଷରୁ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଖବରକାଗଜର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ କହିଛନ୍ତି।



## ଶିଶୁକନ୍ୟା ବଳାତ୍କାରୀଙ୍କୁ ଆଜୀବନ କାରାଦଣ୍ଡ

ରାଉରକେଲା,୩।୫(ସଙ୍ଗୀତା ଜେନା)

ରାଉରକେଲା ଫାଷ୍ଟଟ୍ରାକ୍ (ପୋକ୍ସୋ) କୋର୍ଟ ଶନିବାର ୨୦୧୯ରେ ଏକ ଶିଶୁକନ୍ୟା ବଳାତ୍କାର ମାମଲାର ରାୟ ପ୍ରକାଶିତ କରିଛନ୍ତି। ବିଚାରପତି ପି. ସୁଭିଆ ରାଓ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୨ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧ ବର୍ଷ କାରାଦଣ୍ଡ ପାଇଁ ବିଚାରପତି ରାଓ ଆଦେଶ ଦେଇଛନ୍ତି। ଏହାସହ ପିଡିତାଙ୍କୁ ୪ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୯ରେ ଉଦିତନଗର ଥାନା ମାମଲା (ନଂ-୧୩୧୫/୧୯)ରେ ଅଭିଯୁକ୍ତ ଅଲତାଫ ହୁସେନ(୩୨) ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲା ଉଖା ଅଞ୍ଚଳର ମୂଳବାସିନ୍ଦା ଏବଂ ମାଲଗୋଦାମରେ ଏକ ଭଡ଼ାଘରେ ରହୁଥିଲେ। ଅଲତାଫ ସେହି ଅଞ୍ଚଳର ଜଣେ ୬ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିଲେ। ଏହି ମାମଲା ଫାଷ୍ଟଟ୍ରାକ କୋର୍ଟରେ ବିଚାରାଧୀନ ଥିଲା। ୧୬ ଜଣ ସରକାରୀ ସାକ୍ଷ୍ୟ, ଏକ ସଫେଇ ସାକ୍ଷୀଙ୍କ ବୟାନ ଏବଂ ୨୪ଟି ଦସ୍ତାବିଜକୁ ବିଚାର କରି ବିଚାରପତି ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ସୁଦାମ ଚନ୍ଦ୍ର ଦାଶ ମାମଲା ପରିଚାଳନା କରୁଥିଲେ।

# ବାଘପାଲି ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ

ବରଗଡ଼/ବଲାଙ୍ଗୀର,୩।୫(ପ୍ରେମାନନ୍ଦ ଖମାରୀ/ବୀରେନ୍ଦ୍ର କୁମାର ଝାଙ୍କର)

- ବାପାଙ୍କ ହତ୍ୟାକାରୀଙ୍କୁ ମାରିଥିଲା ପୁଅ
- ଫେରାର ଅଭିଯୁକ୍ତଙ୍କୁ ଗିରଫକଲା ବରଗଡ଼ ପୋଲିସ
- ବଲାଙ୍ଗୀରରେ ଖବରଦାତା ସମ୍ମିଳନୀକରି ସୂଚନା ଦେଲେ ଭାରପ୍ରାପ୍ତ ଏସ୍‌ପି

ବରଗଡ଼ ଜିଲା ଭେଡେନ ଥାନା ଅନ୍ତର୍ଗତ ସୁନାଲରମ୍ଭା (ବାଘପାଲି) ଗାଁରେ ଗୁରୁବାର ସଂଘଟିତ ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବାଘପାଲି ଗାଁର ନେପାଳ ଭୁଏ ଓରଫ୍ ନାମ (୨୮)। ତାଙ୍କ ବାପାଙ୍କ ହତ୍ୟାକାରୀଙ୍କୁ ମାରିଦେଇ ଅଭିଯୁକ୍ତ ନେପାଳ ଫେରାର ହୋଇଯାଇଥିଲେ। ତାଙ୍କୁ ବରଗଡ଼ ପୋଲିସର ସ୍ୱତନ୍ତ୍ର ଟିମ୍ ଗିରଫ କରିଛି। ବରଗଡ଼ ଜିଲା ଏସ୍‌ପି ଦାୟିତ୍ୱରେ ଥିବା ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି ଶନିବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ପୋଲିସ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଡାକି ବାଘପାଲି ଡବଲ ମର୍ଡର ଘଟଣା ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ।



ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି ବାଘପାଲି ଡବଲ ମର୍ଡର ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି।



ଗିରଫ ଅଭିଯୁକ୍ତ ନେପାଳଙ୍କୁ ପୋଲିସ କୋର୍ଟ ଚାଲାଣ କରୁଛି।

ଏସ୍‌ପି ଅଭିଲାଷ କହିଥିଲେ, ଗତ ୧ତାରିଖରେ ବାଘପାଲି ଗାଁର ମଧୁସୂଦନ ଓରଫ୍ ମଘା ଭୁଏ ଏବଂ ସେହି ଗାଁର ତରଣୀ ବାଗ ଏକ ମଦଭାଟିକୁ ମଦ ପିଇବା ପାଇଁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସା ପରେ ମଘା ନିଜ ଘରକୁ ଫେରିଆସିଥିଲେ। ସେଦିନ ଅପରାହ୍ଣ ପ୍ରାୟ ୨ଟା ସମୟରେ ତରଣୀ ଏକ ବାଡ଼ି ଧରି ମଘାଙ୍କ ଘରକୁ ପଶିଥିଲେ। ଘରେ ଶୋଇଥିବା ମଘା ଓ ତାଙ୍କ ସ୍ତ୍ରୀ ବେଦମତୀଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଘଟଣାସ୍ଥଳରେ ମଘାଙ୍କ ମୃତ୍ୟୁ ହୋଇଯାଇଥିଲା ଏବଂ ବେଦମତୀ ଆହତ ହୋଇଥିଲେ। ଏହି ସମୟରେ ଗାଁରେ ଚାଲିଥିବା ଏକ ବିବାହ ଉତ୍ସବରେ ମଘାଙ୍କ ପୁଅ ନେପାଳ ଥିଲେ। ତାଙ୍କୁ କେହି ଜଣେ ଫୋନ୍ କରି ତାଙ୍କ ଘରରେ ତରଣୀ ପଶି ଗଣ୍ଡଗୋଳ କରୁଥିବା ଖବର ଦେଇଥିଲେ। ଏହି ଖବର ପାଇବା ପରେ ନେପାଳ ବିବାହ ଉତ୍ସବରୁ ସିଧା ନିଜ ଘରକୁ ଧାଇଁଥିଲେ। ବାଟରେ ତାଙ୍କ କ୍ରନ୍ଦନରତ ଆହତ ମା' ଓ ଭଉଣୀକୁ ଦେଖିଥିଲେ। ସେଠାରୁ ଘରକୁ ଯାଇ ଦେଖିଲା ବେଳେ ତରଣୀ ତାଙ୍କ ବାପା ମଘାଙ୍କୁ ଆକ୍ରମଣକରି ମାରି ଦେଇଥିବା ଦେଖିଥିଲେ। ମଘାଙ୍କ ମୃତଦେହ ନିକଟରେ ତରଣୀ ଏକ ବାଡ଼ି ଧରି ଠିଆହୋଇଥିବା ଦେଖି ନେପାଳ ପ୍ରତିଶୋଧପରାୟଣ ହୋଇ ତାଙ୍କୁ ବାଡ଼ିରେ ଆକ୍ରମଣକରି ମାରିଦେଇଥିଲେ। ତରଣୀ ମରିଯିବା ଦେଖି ସେହି ସ୍ଥାନରୁ ନେପାଳ ଫେରାର ହୋଇଯାଇଥିଲେ। ନେପାଳ ସମ୍ବଲପୁରର ଏକ କମ୍ପାନୀରେ ଟେକ୍‌ନିସିଆନ୍ ଭାବେ କାମ କରୁଥିଲେ। ଗତ ୧ ତାରିଖରେ ଗାଁର ଜଣେ ସମ୍ପର୍କୀୟଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିଲେ। ହେଲେ ସେହିଦିନ ଗାଁରେ ଏଭଳି ଅଘଟଣ ଘଟିଯାଇଥିଲା। ମଦ ପିଇ ହୋଇଥିବା ବଚସାରୁ ଡବଲ ମର୍ଡର ସଂଘଟିତ ହୋଇଥିଲା। ମୃତ ତରଣୀ ଜଣେ ପେସାଦାର ଅପରାଧୀ ଓ ତାଙ୍କ ନାଁରେ ପୂର୍ବରୁ ମାମଲା ରହିଥିବା ଏସ୍‌ପି ଅଭିଲାଷ ସୂଚନା ଦେଇଥିଲେ। ଏହି ଘଟଣାରେ ଏକମାତ୍ର ଅଭିଯୁକ୍ତ ଭାବେ ନେପାଳ ଗିରଫ ହୋଇଥିବା ସୂଚନା ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଥିଲେ। ଏହି ଡବଲ ମର୍ଡର ଘଟଣାରେ ଭେଡେନ୍ ଥାନାରେ ପୋଲିସ ଦୁଇଟି ମାମଲା (୯୯/୨୫ ଓ ୧୦୦/୨୫) ରୁଜୁ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ ଧରି ପୋଲିସ ସିନ୍ ରିକ୍ରିଏସନ୍ କରିଥିଲା। ଏହାସହ ହତ୍ୟାକାଣ୍ଡରେ ବ୍ୟବହୃତ ବାଉଁଶ ବାଡ଼ି, ଷ୍ଟିଲ୍ ରଡ୍, ଖଟିଆର କାଠ, ଗୋଟିଏ ଛୁରି, ରକ୍ତଭିଜା ଶାର୍ଟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ନେପାଳଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ଉପକାରାଗାର ହାଜତକୁ ପଠାଇ ଦିଆଯାଇଛି।


## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/25-26/E-Tender/06, ତା.28.04.2025ରିଖ

(1) ଟେଣ୍ଡର ସଂ. e-Tender-estatekur-15-25, ତା.23.04.2025ରିଖ

ବିବରଣୀ : ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱର ଅଧୀନସ୍ଥ ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱର (ୱାର୍କସପ୍) ସେକ୍ସନରେ 30.06.2026 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 173.89 ଲକ୍ଷ, EMD : ₹ 2,37,000/-

(2) ଟେଣ୍ଡର ସଂ. e-Tender-estatekur-11-25, ତା.23.04.2025ରିଖ

ବିବରଣୀ : ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ଚନ୍ଦ୍ରଶେଖରପୁର/ପଶ୍ଚିମ, ଭୁବନେଶ୍ୱର ସେକ୍ସନ ଅଧିନରେ ରେଳ ବିହାର କଲୋନୀରେ 30 ଜୁନ-2026 ରେ ଶେଷ ହେଉଥିବା ବର୍ଷ ନିମନ୍ତେ ପ୍ରତ୍ୟେକ ଟ.5 ଲକ୍ଷ କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚରଗୁଡିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 155.00 ଲକ୍ଷ, EMD : ₹ 2,27,500/-

(3) ଟେଣ୍ଡର ସଂ. e-Tender-estatekur-12-25, ତା.23.04.2025ରିଖ

ବିବରଣୀ : ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ଚନ୍ଦ୍ରଶେଖରପୁର/ପୂର୍ବ, ଭୁବନେଶ୍ୱର ସେକ୍ସନ ଅଧିନରେ ରେଳ କୁଞ୍ଜ, ରେଳ କୁଟୀର, ରେଳ ଆବାସ, ମଞ୍ଚେଶ୍ୱର କଲୋନୀ, ଷ୍ଟାଡିୟମ ଏବଂ ରେଳ ସଦନରେ 30 ଜୁନ-2026 ରେ ଶେଷ ହେଉଥିବା ବର୍ଷ ନିମନ୍ତେ ପ୍ରତ୍ୟେକ ଟ.5 ଲକ୍ଷ କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 170.08 ଲକ୍ଷ, EMD : ₹ 2,35,100/-

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ କ୍ରମ ସଂ. ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.05.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-87/Q/25-26


## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ରାଉରକେଲା,୩।୫(ସଙ୍ଗୀତା ଜେନା)

ରଘୁନାଥପାଲୀ ଥାନା ଅନ୍ତର୍ଗତ ସିଭିଲଟାଉନଶିପ୍‌ରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଶନିବାର ସକାଳ ୬ଟାରେ ଜବତ କରାଯାଇଛି। ମୃତକ ହେଲେ ବିନ୍ଦୁଭୂଷଣ କର(୪୦)। ସେ ଟେଣ୍ଟହାଉସରେ ବ୍ୟବହୃତ କପଡାକୁ ଘର ବାଲକୋନି ଫ୍ୟାନ୍‌ରେ ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ସ୍ତ୍ରୀ ରୋଜାଲିନ କର ଦେଇଥିବା ଏତଲା ଅନୁଯାୟୀ, ବିନ୍ଦୁଭୂଷଣ ଘରର ଉପର ମହଲାରେ ରହୁଥିଲେ। ଶୁକ୍ରବାର ରାତି ୧୧ଟାରେ ସେ ଖାଇପିଇ ଶୋଇବାକୁ ଯାଇଥିଲେ। ବାଲକୋନିରେ ଶନିବାର ସକାଳେ ସେ ଝୁଲୁଥିବା ଦେଖାଯାଇଥିଲା। ସୂଚନାଯୋଗ୍ୟ, ମୃତକ ୨ଟି ସନ୍ତାନର ଜନକ । ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ପୈତୃକ ଗ୍ରାମ କେନ୍ଦୁଝର ଆନନ୍ଦପୁର ଅଭିମୁଖେ ଯାଇଛନ୍ତି।

### ଗଛପଡ଼ି କେନ୍ଦୁପତ୍ର ତୋଳାଳିଙ୍କ ମୃତ୍ୟୁ

ତରଭା,୩।୫(ମାନଭଞ୍ଜନ ମିଶ୍ର)

ଗଛ ପଡି ସୁବର୍ଣ୍ଣପୁର ଜିଲା ତରଭା ଥାନା ସିଂହାରୀ ପଞ୍ଚାୟତ ଲୁକାପାଲିର କେନ୍ଦୁପତ୍ର ତୋଳାଳି ମନଚି ବଗର୍ତ୍ତି(୪୫)ଙ୍କ ମୃତ୍ୟୁ ଘଟିଛି। ମନଚି ନିକଟସ୍ଥ ଜଙ୍ଗଲକୁ ଶନିବାର କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ସନ୍ଧ୍ୟାରେ ହଠାତ୍ କାଳବୈଶାଖୀ ଆସି ଯିବାରୁ ସେ ଏକ ବଡଗଛ ତଳେ ଆଶ୍ରୟ ନେଇଥିଲେ। ତେବେ ତାଙ୍କ ମୁଣ୍ଡରେ ଗଛଡାଳ ପଡିଯାଇଥିଲା। ମୁଣ୍ଡଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେ ଚେତାଶୂନ୍ୟ ହୋଇ ପଡିଥିଲେ। ବର୍ଷା ଛାଡିବା ପରେ ଗୁରୁତର ଅବସ୍ଥାରେ ମନଚିଙ୍କୁ ତରଭା ଡାକ୍ତରଖାନା ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ମୃତକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଅଭିଯୁକ୍ତ ବାପ ପୁଅ ଗିରଫ

ପାଟଣାଗଡ଼,୩।୫(ସଚ୍ଚିଦାନନ୍ଦ ମହାକୁର)

୨୦୨୦ ନଭେମ୍ବର ୧୧ ତାରିଖରେ ବଲାଙ୍ଗୀର ଜିଲା ପାଟଣାଗଡ ଅଞ୍ଚଳରେ ଘଟିଥିବା ଗଣହତ୍ୟାରେ ସମ୍ପୃକ୍ତ ଥାଇ ଫେରାର ଥିବା ଅଭିଯୁକ୍ତ ଗଙ୍ଗଓ୍ୱା ମାଝି (୪୪) ଓ ତାଙ୍କ ପୁଅ ଦେବରାଜ(୨୩)ଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟ ବାପପୁଅଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ସୂଚନାଯୋଗ୍ୟ,ପୂର୍ବ ଶତ୍ରୁତାକୁ ନେଇ ପାଟଣାଗଡ ଥାନା ବ୍ରହ୍ମପୁରା ନିକଟସ୍ଥ ସଅଁରପଡାରେ ରହୁଥିବା ଗୋଟିଏ ପରିବାରର ୬ ଜଣଙ୍କୁ ହତ୍ୟା କରାଯାଇଥିଲା। ଅଭିଯୁକ୍ତମାନେ ବିଭିନ୍ନ ମାରଣାସ୍ତ୍ରରେ ସମ୍ପୃକ୍ତ ପରିବାରର ବୁଲୁ ଯାନୀ (୫୦), ତାଙ୍କ ସ୍ତ୍ରୀ ଜ୍ୟୋତି (୪୮) ଦୁଇ ପୁଅ ଭୀଷ୍ମ (୫) ଓ ସଞ୍ଜୀବ (୨), ଦୁଇ ଝିଅ ସରିତା(୧୪) ଓ ଶ୍ରୀୟା (୩)ଙ୍କୁ ହତ୍ୟା କରିଥିଲେ। ଉକ୍ତ ଘଟଣାରେ ସେହି ସମୟରେ ପୋଲିସ ଅଭିଯୁକ୍ତ ବାବୁଲାଲ ଯାନୀ, ଛାୟା ଗୋଣ୍ଡ, ବଳଦେବ ଗୋଣ୍ଡ, ମନୀଷ ଗୋଣ୍ଡ, ଭୋଳା ଯାନୀ, ଶିବା ଯାନୀ ଓ ବିକଳ କଲରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଘଟଣାର ମାଷ୍ଟରମାଇଣ୍ଡ ଗଙ୍ଗଓ୍ୱା ଓ ଦେବରାଜ ସେହିଦିନଠାରୁ ଫେରାର ରହିଥିଲେ। ଫଳରେ ସେମାନଙ୍କ ନାଁରେ ଜାମିନବିହୀନ ଗିରଫ ପରାଓ୍ୱାନା ଜାରି ହୋଇଥିଲା। ଏପରି କି ଗଙ୍ଗଓ୍ୱା ହତ୍ୟାକାଣ୍ଡ ଭିଆଇ ନୂଆପଡ଼ା ଜିଲା ନୀଳଜୀ ଗାଁରେ ରହୁଥିଲେ । ଏ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ ଓ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗତ ଗୁରୁବାର ଗଙ୍ଗଓ୍ୱା ଓ ତାଙ୍କ ପୁଅଙ୍କୁ ଗିରଫ କରିଥିଲା। ଉକ୍ତ ଘଟଣା ସେହି ସମୟରେ ପାଟଣାଗଡ଼ ସମେତ ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା।



ଗିରଫ ହୋଇଥିବା ଅଭିଯୁକ୍ତ ବାପ ପୁଅ ।

**ପାଟଣାଗଡ଼ ସଅଁରାପଡ଼ା ଗଣହତ୍ୟା ଘଟଣା**


## ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ

ସମ୍ବଲପୁର, ଦୁର୍ଗାପାଲି, ସମ୍ବଲପୁର – ୭୬୮୦୦୫

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଦେହେରିପାଲି ହାଉସିଂ ସ୍କିମ, ବୁଢାରଜା, ସମ୍ବଲପୁର ଘର ନମ୍ବର MIG-I-18 ଟିକୁ ଶ୍ରୀମତୀ ଶାନ୍ତି ଦେବୀ ଟେଙ୍କ, ସ୍ୱାମୀ – ଶିବାଜୀ ଗୋକୁଳ ଟେଙ୍କ, ନିବାସୀ – ବୁଢାରଜା ପୋଷ୍ଟଅଫିସ ପାଖରେ, ପୋ – ବୁଢାରଜା, ସମ୍ବଲପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଘରଟି ତୃତୀୟ ପକ୍ଷ ଆଧାରରେ ଶ୍ରୀମତୀ ମିନତୀ ରାଣୀ ପ୍ରଧାନ, ସ୍ୱାମୀ – ହେମନ୍ତ କୁମାର ପ୍ରଧାନଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବାକୁ ଶ୍ରୀମତୀ ମିନତୀ ରାଣୀ ପ୍ରଧାନ ଏକ ଚୁକ୍ତିନାମା Notary Public, Sambalpur ଙ୍କ ନିକଟରେ ରେଜିଷ୍ଟ୍ରେଡ଼ ହୋଇଥିବା ନଥି ଦାଖଲ କରି ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିବେଦନ କରିଅଛନ୍ତି ଏବଂ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ଏ ସମ୍ବନ୍ଧରେ ମୂଳ ଆବେଦନକାରୀଙ୍କୁ ଯୋଗାଯୋଗ କରିବାକୁ ବହୁବାର ପତ୍ର ମାଧ୍ୟମରେ ଜଣାଇଅଛନ୍ତି ଏବଂ ଉକ୍ତ ସମସ୍ତ ପତ୍ର ଦେଇଥିବା ଯୋଗାଯୋଗ ଠିକଣାରେ ଲୋକଙ୍କ ଅନୁପସ୍ଥିତି ଯୋଗୁଁ ଫେରସ୍ତ ହୋଇଅଛି। ଏଣୁ କର୍ତ୍ତୃପକ୍ଷଙ୍କ ବକେୟା ପ୍ରାପ୍ୟ ଶ୍ରୀମତୀ ମିନତୀ ରାଣୀ ପ୍ରଧାନଙ୍କ ଠାରୁ ପ୍ରାପ୍ତ ହୋଇଅଛି। ଉକ୍ତ ଚୁକ୍ତିନାମା ବିଚାରକୁ ନେଇ ଓ ସତ୍ୟପାଠ ଆଧାରରେ ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ବିଚାରକୁ ନେଉଅଛନ୍ତି।

ଉକ୍ତ ଘରଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ

## ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ

ଦୁର୍ଗାପାଲି, ସମ୍ବଲପୁର–୭୬୮୦୦୫, Email: Secretarysdasbp@gmail.com

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଦେହେରିପାଲି ହାଉସିଂ ସ୍କିମ, ସମ୍ବଲପୁର ଘର ନମ୍ବର MIG–I–୫୪ ଟିକୁ ଶ୍ରୀ ହିରୁଭାଇ ପଟେଲ, ପିତା – ଶ୍ରୀ ଭାନା ଭାଇ ପଟେଲ, ନିବାସୀ – ଚାରଫାଳିଆ, ପୋ – ବୋରୀଫଳିଆ, ଜିଲ୍ଲା – ବୁଲସାର, ଗୁଜୁରାଟଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଘରଟି ତୃତୀୟ ପକ୍ଷ ଆଧାରରେ ଶ୍ରୀମତୀ ଭଗବତୀ ପଟେଲ, ସ୍ୱାମୀ – ଦିଲିପ କୁମାର ପଟେଲଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବାକୁ ଶ୍ରୀମତୀ ଭଗବତୀ ପଟେଲ ଏକ ଚୁକ୍ତିନାମା ନଥି ଦାଖଲ କରି ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଅଛନ୍ତି ଏବଂ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ଏ ସମ୍ବନ୍ଧରେ ମୂଳ ଆବେଦକାରୀଙ୍କୁ ଯୋଗାଯୋଗ କରିବାକୁ ବହୁବାର ପତ୍ର ମାଧ୍ୟମରେ ଜଣାଇ ଅଛନ୍ତି ଏବଂ ଉକ୍ତ ସମସ୍ତ ପତ୍ର ଦେଇଥିବା ଯୋଗାଯୋଗ ଠିକଣାରେ ଲୋକଙ୍କ ଅନୁପସ୍ଥିତି ଯୋଗୁଁ ଫେରସ୍ତ ହୋଇଅଛି। ଏଣୁ କର୍ତ୍ତୃପକ୍ଷଙ୍କର ବକେୟା ପ୍ରାପ୍ୟ ଶ୍ରୀମତୀ ଭଗବତୀ ପଟେଲଙ୍କଠାରୁ ପ୍ରାପ୍ତ ହୋଇଅଛି। ଉକ୍ତ ଚୁକ୍ତିନାମା ବିଚାରକୁ ନେଇ ଓ ସତ୍ୟପାଠ ଆଧାରରେ ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ବିଚାରକୁ ନେଉଅଛନ୍ତି।

ଉକ୍ତ ଘରଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ


# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଦେବଗଡ,୩।୫(ଶଶାଙ୍କ ଶେଖର ଝାଙ୍କର)

**ଆଦିବାସୀ ନାବାଳିକାଙ୍କୁ ଅପହରଣ,ବଳାତ୍କାର ମାମଲାର ରାୟ ପ୍ରକାଶ**

୨୦୧୪ ମସିହାରେ ଦେବଗଡ଼ ଜିଲା ରିଆମାଳ ଥାନାଞ୍ଚଳରେ ଘଟିଥିବା ଜଣେ ଆଦିବାସୀ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାର ବିଚାର କରି ଜିଲା ଦୌରାଜଜ ଓ ସ୍ୱତନ୍ତ୍ର ଜଜ ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ଶନିବାର ନିର୍ଦ୍ଦେଶରେ ଖଲାସ କରିଛନ୍ତି। ସୂଚନାଅନୁଯାୟୀ, ରିଆମାଳ ଥାନା ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ଗ୍ରାମରେ ନିଜ ପିଉସା ଘରେ ରହି ଯୁକ୍ତ ୨ରେ ପାଠ ପଢୁଥିବା ଜଣେ ୧୭ ବର୍ଷୀୟା ଆଦିବାସୀ ନାବାଳିକା ୨୦୧୪ ମସିହା ସେପ୍ଟେମ୍ବର ୨୨ ତାରିଖ ଅପରାହ୍ନ ପ୍ରାୟ ୨ଟା ସମୟରେ ଏକ ସାଇକେଲ ଯୋଗେ କଲେଜରୁ ଫେରୁଥିଲେ। ଏହି ସମୟରେ ରଙ୍ଗମାଟିଆ ଗ୍ରାମର ତୋଫାନ ବଗର୍ତ୍ତୀ ନାମକ ଜଣେ ଯୁବକ ଏକ ଟାଟା ମ୍ୟାଜିକ ଗାଡିରେ ଆସି ତାଙ୍କୁ ବୁଡିଦୋ କେନାଲ ରାସ୍ତାରେ ଅଟକାଇ ଥିଲେ। ଧମକ ଦେଇ ତାଙ୍କୁ ଉକ୍ତ ଗାଡିରେ ବସାଇବା ସହ ତାରଙ୍ଗ ଜଙ୍ଗଲ ମଧ୍ୟକୁ ନେଇ ଯାଇଥିଲେ। ସେଠାରେ ନାବାଳିକାଙ୍କୁ ଗାଡିରୁ ଓହ୍ଲାଇ ଜଙ୍ଗଲ ମଧ୍ୟକୁ ଟାଣିନେଇ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ଏହାପରେ ତୋଫାନ ଉକ୍ତ ନାବାଳିକାଙ୍କୁ ଏକଥା ପ୍ରଘଟ କଲେ ଜୀବନରୁ ମାରିଦେବାକୁ ଧମକ ଦେବାସହ ଯେଉଁଠାରୁ ନେଇଥିଲେ ସେହିଠାରେ (କେନାଲ ରାସ୍ତାରେ)ହିଁ ଆଣି ଛାଡିଥିଲେ। ଏଥିସହ ଏକ ଅଣ୍ଡା ବୋତଲରେ ବିଷାକ୍ତ ଦ୍ରବ୍ୟ ମିଶାଇ ତାଙ୍କୁ ପିଆଇ ଦେବାରୁ ନାବାଳିକା ଜଣକ ଚେତାଶୂନ୍ୟ ହୋଇପଡିଥିଲେ। କିଛି ସମୟ ପରେ ତାଙ୍କର ଚେତା ଫେରିବାରୁ ସେ ନିଜ ସାଇକେଲ ଯୋଗେ ତାଙ୍କ ପିଉସା ଘରକୁ ଫେରିଯାଇଥିଲେ। ମାତ୍ର ସେଠାରେ ପହଞ୍ଚିବା ପରେ ନାବାଳିକା ଜଣକ ପୁଣିଥରେ ଅଚେତ ହୋଇ ପଡିବାରୁ ତାଙ୍କର ସମ୍ପର୍କୀୟମାନେ ଚିକିତ୍ସା ନିମନ୍ତେ ତାଙ୍କୁ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନାବଳିକା ଜଣକ ସମ୍ପୂର୍ଣ୍ଣ ସୁସ୍ଥ ହେବାପରେ ଏହାର ୫ ଦିନ ପରେ ଅର୍ଥାତ ୨୦୧୪ ମସିହା ସେପ୍ଟେମ୍ବର ମାସ ୨୭ ତାରିଖରେ ଏନେଇ ରିଆମାଳ ଥନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରରେ ରିଆମାଳ ଥନା ପୋଲିସ ଅଭିଯୁକ୍ତ ତୋଫାନଙ୍କ ବିରୋଧରେ ଅପହରଣ, ବଳାତ୍କାର ଓ ହତ୍ୟା ଧମକ ସମେତ ପୋକ୍ସୋ ଆକ୍ଟର ବିଭିନ୍ନ ଦଫାରେ ଏକ ମାମଲା ରୁଜୁକରି ତୋଫାନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଦେବଗଡ ଜିଲା ଓ ଦୌରାଜଜଙ୍କ ଅଦାଲତରେ ଏହି ମାମଲାର ବିଚାର ଚାଲିଥିବା ବେଳେ ଅତିରିକ୍ତ ଜିଲା ଦୌରାଜଜ ଓ ସ୍ୱତନ୍ତ୍ର ଜଜ ସନ୍ତୋଷ କୁମାର ନାୟକ ଏହି ମାମଲାର ବିଚାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ଶନିବାର ଅଭିଯୁକ୍ତଙ୍କୁ ନିର୍ଦ୍ଦେଶରେ ଖଲାସ କରିଛନ୍ତି। ଅଭିଯୁକ୍ତ ପକ୍ଷରୁ ଆଇନଜୀବୀ ସଚ୍ଚିକାନ୍ତ ଦାଶ, ନାରାୟଣ ପ୍ରସାଦ ଗୁରୁ, ଅଭିଳାଶ ମିଶ୍ର ଓ ଜଗନ୍ନାଥ ଦାସ ମାମଲା ପରିଚାଳନା କରିଥିଲେ।


## "छत्तीसगढ़ शासन, वन एवं जलवायु परिवर्तन विभाग", धमतरी वनमंडल, धमतरी

काष्ठागार धमतरी का ई-ऑक्सन का संक्षिप्त विज्ञापन

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल, धमतरी के अन्तर्गत धमतरी काष्ठागार में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वर्तन निम्मानुसार किया जावेगा। इच्छुक वोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्तें एवं अन्य जानकारी कार्यालयीन दिवस व समय पर वनमंडल कार्यालय / वन काष्ठागार धमतरी से प्राप्त की जा सकती है।

नीलाम दिनांक - 13 मई 2025
नीलाम समय - प्रातः 09.00 बजे से

नीलाम में प्रस्तावित वनोपज की अनुमानित मात्रा

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | लट्ठा घ.मी. | बल्ली / खुंटा नग में | लट्टा घ.मी. | बल्ली / खुंटा नग में | लट्टा घ.मी. | बल्ली / खुंटा नग में |
| 1 | 2 | 3 | 4 | 5 | 6 | 7 |
| सागौन | 83.491 | 2217 | 125.698 | 2923 | 209.189 | 5140 |
| बीजा | 9.366 | 2 | 0.059 | - | 9.425 | 2 |
| शीशम | 0.052 | 2 | - | - | 0.052 | 2 |
| हल्दु / मुण्डी | 3.809 | 4 | 1.492 | - | 5.301 | 4 |
| साजा | 13.670 | 61 | 2.139 | - | 15.809 | 61 |
| घावडा | 8.098 | - | - | - | 8.098 | - |
| नीलगिरी | - | - | 0.361 | - | 0.361 | - |
| पापडा | 0.656 | - | - | - | 0.656 | - |
| अन्य | 85.491 | 2459 | 48.012 | - | 133.503 | 2459 |
| योग | **204.633** | **4745** | **177.761** | **2923** | **382.394** | **7668** |

जलाऊ

| प्रजाति | काष्ठागार धमतरी नया | केन्द्रीय उपभोक्ता डिपो शयामतराई पुराना बांस | कुरूद डिपो में पुराना बांस विभिन्न साईज के टुकड़ो में (साईज 5.50 मीटर) |
|---|---|---|---|
| सागौन | 26 | - | - |
| अन्य | 69 | 1923 नग | 1000 नग |
| योग | 95 | 1923 नग | 1000 नग |

टीपः (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट में अन्य क्रेताओं द्वारा 40 सेंकड के पूर्व क्रय करने पर 30 सेकंड का समय प्राप्त होगा।

फोनः 07722-238371, फैक्सः 07722-236137

G-252600629/2

स्वा./- वनमण्डलाधिकारी, धमतरी वनमंडल, धमतरी

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ........................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ସବୁଠୁ ପଜିଟିଭ୍ ଭାଇବ୍ରେଶନ୍ ହସ



ବିଶ୍ୱର ସବୁଠୁ ପଜିଟିଭ୍ ଭାଇବ୍ରେଶନ୍ ହେଉଛି ହସ। ପ୍ରତିଦିନ ହସିଲେ ପ୍ରାୟ ୯୯.୯% ରୋଗ ଭଲ ହୋଇପାରେ। ହସରେ ଏମିତି ଶକ୍ତି ରହିଛି ଯାହା ତା'ର ସକାରାତ୍ମକ ପ୍ରଭାବ ଦ୍ୱାରା ଅନ୍ୟକୁ ବି ଆକର୍ଷିତ କରିପାରେ। ମୋ ମତରେ ସମସ୍ତେ ପ୍ରତିଦିନ ଅତି କମ୍‌ରେ ୨ ରୁ ୫ମିନିଟ୍ ହସିବା ଦରକାର। ୨୨ଦିନ ପର୍ଯ୍ୟନ୍ତ ଏପରି କଲେ ଦେଖିବେ ୨୩ ଦିନକୁ ତାହା ଅଭ୍ୟାସରେ ପରିଣତ ହୋଇଯିବ।

**-ଅଭିଷେକ ମହାନ୍ତି,** ଯୋଗଗୁରୁ, ଭୁବନେଶ୍ୱର

## ଅନ୍ତରର ଖୁସି ଅଧିକ ଗୁରୁତ୍ୱପୂର୍ଣ୍ଣ



ହସିଲେ ମନ ଖୁସି ହୁଏ। କାରଣ ହସର ସିଧାସଳଖ ପ୍ରଭାବ ରହିଛି ମନ ଓ ଆବେଗ ଉପରେ। ମନ ଖୁସିରେ ହସିଲେ ତା'ର ପ୍ରଭାବ ଅଧିକ ରହିବ। ଖୁସିରେ ହସିବା ପାଇଁ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଦିଗକୁ ଗୁରୁତ୍ୱ ଦେବାକୁ ପଡ଼ିବ। ପ୍ରକୃତପକ୍ଷେ ଅନ୍ତରର ଖୁସି ଅଧିକ ଗୁରୁତ୍ୱପୂର୍ଣ୍ଣ।

**- କଳ୍ପନା ସାହୁ,** ଆସୋସିଏଟ୍ ପ୍ରଫେସର, ଏକ୍ସଆଇଏମ ୟୁନିଭର୍ସିଟି

## ଛୋଟ ପିଲାଙ୍କ ସହ ହସିବାକୁ ଭଲପାଏ



ହସ ହେଉଛି ଦିବ୍ୟ ପ୍ରବାହ। ଖୁସି ପାଇବା ପାଇଁ ସର୍ବଦା ହସିବାକୁ ଚେଷ୍ଟା କରେ। ଆଉ ସବୁବେଳେ ଛୋଟ ପିଲାଙ୍କ ସହ ହସିବାକୁ ଭଲ ପାଏ। ବ୍ୟସ୍ତ ବହୁଳ ଜୀବନରୁ ଟିକିଏ ସମୟ ବାହାର କରି ଏଭଳି କରିବା ଦ୍ୱାରା ମନ ପ୍ରଫୁଲ୍ଲ ରୁହେ।

**-ସୁଧୀର ରଞ୍ଜନ ପଟ୍ଟନାୟକ,** ମ୍ୟାନେଜର (ଏଚ୍.ଆର), ସ୍ୱଞ୍ଜୀ ଆଇରନ୍ ପ୍ଲାଣ୍ଟ, ରାଉରକେଲା

## ସ୍ୱାସ୍ଥ୍ୟ, ଶାନ୍ତି, ଖୁସି ପାଇଁ ହସ

୧୯୯୮ ମେ' ୧୦ରେ ମୁମ୍ବାଇଠାରେ ଡା. ମଦନ କାଟାରିଆଙ୍କ ତତ୍ତ୍ୱାବଧାନରେ ପ୍ରଥମେ ବିଶ୍ୱ ହସ ଦିବସ ପାଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ମେ' ପ୍ରଥମ ରବିବାରକୁ ଏହି ଦିବସ ଭାବେ ପାଳନ କରାଯାଇଆସୁଛି। ଚଳିତବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ସ୍ୱାସ୍ଥ୍ୟ, ଶାନ୍ତି ଏବଂ ଖୁସି ପାଇଁ ହସ'।

## ଚରିତ୍ର ସହ ହଜି ଯିବାକୁ ହୁଏ



ଯେଉଁ ଚରିତ୍ରରେ ଆମେ ଅଭିନୟ କରୁ ତାହାକୁ ସଫଳ କରିବାକୁ ଭୂମିକା ସହ ଶତ ପ୍ରତିଶତ ହଜି ଯିବାକୁ ପଡେ। ଏଥିପାଇଁ ତିନୋଟି ବିଷୟ- ଇମାଜିନେଶନ, ଇମିଟେସନ ଏବଂ ଇମ୍ପ୍ରେସନକୁ ଗୁରୁତ୍ୱ ଦେବାକୁ ପଡେ। ମନେକରନ୍ତୁ ମୁଁ ଯଦୁମଣି ମହାପାତ୍ର ଭୂମିକାରେ ଅଭିନୟ କରିବି। ତେଣୁ ସେହି ଭୂମିକା ସହ ସମ୍ପୂର୍ଣ୍ଣ ଭାବରେ ହଜିଯିବାକୁ ପଡିବ। ଏହାଦ୍ୱାରା ଭୂମିକାଟିକୁ ଭଲ ଭାବରେ ତୁଲାଇ ହୁଏ।

**-ହରିହର ମହାପାତ୍ର,** ହାସ୍ୟାଭିନେତା

# ହସ ମହୌଷଧି



ପ୍ରଖ୍ୟାତ ହାସ୍ୟାଭିନେତା ଚାର୍ଲି ଚାପଲିନ୍ କହିଥିଲେ, 'ଯେଉଁଦିନ ମୁଁ ହସି ନ ଥାଏ, ସେ ଦିନ ମୋର ବେକାର ଗଲା ପରି ମନେକରେ।' ବାସ୍ତବରେ 'ହସ' ଏପରି ଏକ ଅମୂଲ୍ୟ କାର୍ଯ୍ୟ ଯାହା ପ୍ରତ୍ୟେକ ମଣିଷ ପାଇଁ ଅଶେଷ ହିତକାରୀ। ଏଥିସହ ଏହା ଅନେକ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାରରୁ ମୁକ୍ତି ଦେଇଥାଏ। ମଣିଷ ବିଷାଦଗ୍ରସ୍ତ ହେଲେ ତା'ର ଉପକାରୀ ହରମୋନ୍ ଓ ରାସାୟନିକ ତତ୍ତ୍ୱ କ୍ଷରଣରେ ବାଧା ସୃଷ୍ଟି ହୋଇଥାଏ। ମନ ଓ ମାନସିକ ଅବସ୍ଥାକୁ ସନ୍ତୁଳନ କରୁଥିବା ରାସାୟନିକ ପଦାର୍ଥ ଯଥା- ଗାବା, ସିରୋଟୋନିନ୍, ଆଡ୍ରେନାଲିନ୍ ଓ ଡୋପାମିନ୍‌ଗୁଡ଼ିକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଆମର ଦୁଃଖ, ବ୍ୟାକୁଳତା, ଆନନ୍ଦ ଓ ହସ ସହିତ ଜଡ଼ିତ ଥାଆନ୍ତି। ଡୋପାମିନ କମ୍ ହେଲେ ବିଷାଦ ଆସିଥାଏ ଓ ଆଡ୍‌ରେନାଲିନ୍ ଅଧିକ ହେଲେ ଉନ୍ମାଦନା ଓ ଚଞ୍ଚଳତା ଆସିଥାଏ। ମଣିଷ ଚାପଗ୍ରସ୍ତ, ବିଷାଦଗ୍ରସ୍ତ ଓ ଆତୁର ନ ରହିଲେ ତା'ର ଆଭ୍ୟନ୍ତରୀଣ ଶରୀରର ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ଚାଲିଥାଏ, ନଚେତ୍ ସବୁ କାର୍ଯ୍ୟ ଶିଥିଳ ହୋଇଯାଏ। ଅଧିକାଂଶ ରୋଗ ମନ ସହିତ ଜଡ଼ିତ ଓ ଖାଲି ଶାରୀରିକ ରୋଗର ଚିକିତ୍ସା କଲେ ସେସବୁ ଭଲ ହୋଇ ନ ଥାଏ। ବରଂ ଉଭୟ ଶାରୀରିକ ଓ ମାନସିକ ବ୍ୟତିକ୍ରମର ଚିକିତ୍ସା କଲେ ରୋଗୀଟି ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥାଏ। ହସ ଓ କାନ୍ଦ ଦୁଇଟି ମଧ୍ୟରୁ ହସ ପାଇଁ ଅଧିକ ମାଂସପେଶୀ କାର୍ଯ୍ୟ କରିଥାଆନ୍ତି। କାନ୍ଦ ଯଦିଓ ମଣିଷର ଅନ୍ତରରୁ ଅନେକ ଦୁଃଖ ଓ କଷ୍ଟ ଧୋଇଦେଇଥାଏ। ହସ ମଣିଷକୁ ପ୍ରଫୁଲ୍ଲତା ପ୍ରଦାନ କରିଥାଏ। ଗୋଟିଏ ହସ କୋଟିଏଙ୍କ ମନରେ ପୁଲକ ଭରି ଦେଇଥାଏ, ମାତ୍ର ଏହା ଆକ୍ଷେପପୂର୍ଣ୍ଣ, ଅପମାନିତ କରିବା ଭଳି ହେବା ଉଚିତ ନୁହେଁ।



**-ଡା. ରାମଚନ୍ଦ୍ର ରାଉତ,** ପୂର୍ବତନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ମୋ:୮୨୪୯୦୮୭୯୯୮

୧୫ ମିନିଟ୍‌ର ହସ ୪୦ କ୍ୟାଲୋରି ପର୍ଯ୍ୟନ୍ତ ଦହନ କରିଥାଏ ଏବଂ ଏହା ଶାରୀରିକ ଓଜନ କମାଇବା ତଥା ସୁସ୍ଥ ରହିବାରେ ସହାୟକ ହୋଇଥାଏ।


## ମନେ ପଡ଼ନ୍ତି

### ପ୍ରଥମ ବାର୍ଷିକ ଶ୍ରାଦ୍ଧଦିବସ



**ସ୍ୱର୍ଗତ ଦିଲ୍ଲିପ କୁମାର ପାହାନ (ନିଲୁ)**
ଶ୍ରୀକୃଷ୍ଣଶରଣପୁର ଶାସନ (ଲୋଙ୍ଗର), ଖଲିକୋଟ, ଗଞ୍ଜାମ
ଆବିର୍ଭାବ: ୦୪।୦୭।୧୯୯୧
ତିରୋଧାନ: ୧୫।୦୫।୨୦୨୪
ଭାଇ, ଦୁର୍ବୃତ୍ତମାନେ ଆମ ପାଖରୁ ତତେ ଛଡ଼ାଇ ନେଲେ ତଥାପି ପରିବାର ଲୋକ, ସାଙ୍ଗସାଥୀ, ଗ୍ରାମବାସୀଙ୍କ ପ୍ରତି ତୋର ରହିଥିବା ସ୍ନେହ, ଶ୍ରଦ୍ଧା ଓ ଅବଦାନକୁ ସମସ୍ତେ ଝୁରୁଛନ୍ତି। ତୋର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ସକଳେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ଭାଇ: କିତ୍ତୁ, ସ୍ତ୍ରୀ: ସାବିତ୍ରୀ, ପୁଅ: ଦିବ୍ୟାଂଶୁ, ଭଉଣୀ: ପିଙ୍କି, ଛବି, ଭଣଜା, ଝିଆରୀ: ଓମ୍, ସାଇ, ଲକି ଓ ଅନ୍ୟମାନେ
ଧ-୩୮୮

### ଦଶାହ ଉପଲକ୍ଷେ



**୰କୃଷ୍ଣଚନ୍ଦ୍ର ମିଶ୍ର**
ନିଜସ୍ୱ ବାସଭବନ, ଧାନକୋଠୀ ସାହି, ପୁରୀ
ଆବିର୍ଭାବ: ୦୨।୦୩।୧୯୩୮
ତିରୋଧାନ: ୨୫।୦୪।୨୦୨୫
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ।
ଧ-୩୮୪



# Classified Everyday

**0674-2580101, 9692975378**


MATRIMONIAL

### BRIDE WANTED

୩୪ବର୍ଷ ସୁନ୍ଦର ବିନମ୍ର (MBA ଦିଲ୍ଲୀ) ଲ ଲ ବି କ୍ୱାଲିଫାଏଡ ପୁରୀରେ ଆଇନଜୀବୀ ବ୍ରାହ୍ମୀନ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମୀନ ପାତ୍ରୀ ଦରକାର। ଯୋଗାଯୋଗ- 7978626462. D-377

### GROOM WANTED

Retd ଏକାକୀ ରହୁଥିବା Govt. ଶିକ୍ଷୟିତ୍ରୀ ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। ଘରଜ୍ୱାଇଁ ପ୍ରାଥମିକତା। 8327715036. D-379

47 ବର୍ଷ, Govt. High School Teacher, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-378


REAL ESTATE
SALE

National and International Project @ 3lakhs to 30lakhs Contact- 8917622925. D-367

**ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834.** D-76261

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260


Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-74649


CONSTRUCTION

Construct your home with branded materials, all complete furnishing, price start 1280/- per sqft. 9827152441. D-76818

Do you want to construct a building on your own plot please contact K.K. Construction. 7008268129, 9439143273. D-71397


FOR RENT

Ground Floor Single Room attached Toilet for Office at VSS Nagar. 7873657633. D-374

3BHK flat Ashok Nagar, Rajmahal Sqr. 9437778642. D-382

Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


Healthcare

**Relax, Refresh your body, mind at Saikrupa SPA with best therapies. 7848011468.** D-363

Full body massage by odia therapist in homely atmosphere. 9556498382. D-75384

### AFFIDAVIT

By virtue of an affidavit sworn before the Notary Public, Dharmasala, dated 03.05.2025, I, Sabita Das, Address: At-Phajilpur, P.O.-Mirzapur, P.S.- Dharmasala, Dist.-Jajpur, Odisha-755008 declare that I have changed my son's name from Chadrasakhara Das to Chandra Sekhar Das. Henceforth, he shall be known as Chandra Sekhar Das for all purposes. D-375

By virtue of an affidavit No.-783, dated 02.05.2025 sworn before the Executive Magistrate, Dharmasala, I, Sandhyarani Dash, W/o- Sanjay Dash, At-Dankari, P.O.- Mahisara, P.S.- Jenapur, Dist.-Jajpur declare that my minor son's old name Prailaya Dash changed to new name Pralay Dash. Henceforth, he shall be known as Pralay Dash for all purposes. D-376

I, Gulibindala Ranjit Kumar, S/o- Gulibindala Chiranjeebulu, resident of Radhu, Radu, Derigam, Rayagada, Odisha, PIN-Code-765024 declared by the affidavit No.- 21, dated-26.04.2025 that now onwa rds I shall be known as Gulibindal Ranjit Kumar for all future purposes. D-383



## LEGAL NOTICE

I.R. No.- 625
Date- 23.04.2025

ନୋଟିସ୍

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ)ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନଂ ୨ମ୍ବର, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର- ୧୮୪/୨୦୨୩ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ

ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ

ସୁଶ୍ରୀ ସଂଗୀତା ପ୍ରଧାନ, ବୟସ ୪୫ ବର୍ଷ, ସ୍ୱାମୀ- ପଦ୍ମନାଭ ପ୍ରଧାନ, ଠିକଣା- ସା- ପ୍ଲଟ୍ ନଂ. ଏନ୍- ୫ମ୍ବର, ଇ/୨୫୮, ଆଇ.ଆର୍.ସି. ଭିଲେଜ, ଥାନା- ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଜିଲ୍ଲା- ଖୋର୍ଦ୍ଧା,

....ବାଦୀ

ବନାମ

୧. ଇଲା ଦାସ, ସ୍ୱାମୀ- ସତ୍ୟ ମାଧବ ଦାସ, ସା- ପ୍ଲଟ୍ ନଂ. ୬୦୮ ମ୍ବର, ଭଗବାନ ଟାୱାର, କଟକ ରୋଡ, ଲକ୍ଷ୍ମୀସାଗର, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୩. ଅମ୍ରିତା ରଏ, ସ୍ୱାମୀ- ତଡିତ କୁମାର ରୟ, ସା- ମୟାପୁରୀ, ଆପାର୍ଟମେଣ୍ଟ, ରାମକୃଷ୍ଣ ମଠ ପଛପାଖ, ନାଗେଶ୍ୱର ଟାଙ୍ଗୀ, ଓଲ୍ଡ ଟାଉନ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୪. ଲଳିତା ମହାନ୍ତି, ସ୍ୱାମୀ- ମେଜର ଏଲ୍.କେ. ମହାନ୍ତି, ସା- ରଶ୍ମି ଆପାର୍ଟମେଣ୍ଟ, ନାଗେଶ୍ୱର ଟାଙ୍ଗି, ଓଲ୍ଡ ଟାଉନ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୫. ଦେବୀ ଦାସ, ସ୍ୱାମୀ- ୰ନୀଳମାଧବ ଦାସ, ସା- ପ୍ଲଟ୍ ନଂ୬୦୮ମ୍ବର, ଭଗବାନ ଟାୱାର, କଟକ ରୋଡ଼, ଲକ୍ଷ୍ମୀସାଗର, ପୋଷ୍ଟ- ଲକ୍ଷ୍ମୀସାଗର, ଭୁବନେଶ୍ୱର- ୭୫୧୦୦୬, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୬. କଳା ଦାସ, ସ୍ୱାମୀ- ୰ଉଦୟମାଧବ ଦାସ, ସା- ନାଗେଶ୍ୱର ଟାଙ୍ଗୀ, ପୋଷ୍ଟ- ଓଲ୍ଡ ଟାଉନ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୭. ପ୍ରିୟମ୍ବଦା ଦାସ, ସ୍ୱାମୀ- ବୈଷ୍ଣବ ଚରଣ ଦାସ, ସା- ଓଲ୍ଡ ଟାଉନ, ଥାନା- ଲିଙ୍ଗରାଜ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୮. ଶିବାନୀ ଇଷ୍ଟେଟ ଆଣ୍ଡ ପ୍ରମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ତରଫ ମ୍ୟାନେଜିଂ ଡାଇରେକ୍ଟର, ରତିକାନ୍ତ କାନୁନ୍‌ଗୋ, ସା- ପ୍ଲଟ ନଂ ୨୫୧ମ୍ବର, ସହିଦ ନଗର, ଭୁବନେଶ୍ୱର- ୭୫୧୦୦୭, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,

....ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦିନୀ ନିମ୍ନୋକ୍ତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ଼ କରିବା ପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀମାନଙ୍କୁ ପଞ୍ଜୀକୃତ ଡାକଦ୍ୱାରା ନୋଟିସ୍ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀ ନମ୍ବର୪ଙ୍କୁ ମୃତ୍ୟୁ ଦର୍ଶାଯାଇ ଓ ଅନ୍ୟ ପ୍ରତିବାଦୀମାନଙ୍କର ବିଭିନ୍ନ କାରଣ ଦର୍ଶାଯାଇ ନୋଟିସ୍ ଜାରି ନହୋଇ ଫେରିଆସିଅଛି। ଇତ୍ୟବସରରେ ଉକ୍ତ କେସ୍‌ର ଶୁଣାଣି ତା୦୩।୦୬।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ ନିମ୍ନରେ ଦିଆଗଲା।।

ଜମିର ବିବରଣୀ

ମୌଜା: ନୀଳକଣ୍ଠପୁର, ଥାନା- ଚନ୍ଦକା, ଥାନା ନଂ- ୧୫ମ୍ବର, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ସାବିକ ଖାତା ନଂ୯୦ମ୍ବର, ସାବିକ ପ୍ଲଟ୍ ନଂ ୨୭୭ମ୍ବର, ଏ୧.୦୨୦ ଡିସିମିଲ ସ୍ୱଧରୁ କ୍ରୟ ବୃତ୍ତି ଏ୦.୦୫୫ ଡିସିମିଲ, ହାଲ ଖାତା ନଂ୧୯୯ମ୍ବର, ହାଲ ପ୍ଲଟ୍ ନଂ୨୮୨ମ୍ବର, ରକବା ଏ୦.୩୪୬ ଡିସିମିଲ ସ୍ୱଧରୁ ଏ୦.୦୨୮ ଡିସିମିଲ ଓ ହାଲ ପ୍ଲଟ୍ ନଂ୨୮୩ମ୍ବର, ଏ୦.୩୭୬ ଡିସିମିଲ ସ୍ୱଧରୁ ଏ୦.୦୨୭ ଡିସିମିଲ, ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ପ୍ରତିବାଦୀ ନମ୍ବର ୧,୩,୫,୬,୭ ଓ ୮ ମାନେ ଓ ପ୍ରତିବାଦୀ ନଂ୪ମ୍ବରଙ୍କର ୱାରସମାନେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନଂ ୨ମ୍ବରରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୩୮୭

---

ବୌଦ୍ଧ ମୁକାମ ସିଭିଲ୍ ଜଜ୍ (ସିନିୟର ଡିଭିଜନ୍)ଙ୍କ ଅଦାଲତ, ବୌଦ୍ଧ
ସି.ଏସ୍.ନଂ: ୬୭/୨୦୨୦

ରଞ୍ଜନ କୁମାର ଦାଶ, ବ୪୮ର୍ଷ, ପିତା: ବିଜୟ କୁମାର ଦାଶ, ସାକିନି: ରାଜନପାଲି, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ

....ବାଦୀ

ବନାମ

୧. ପ୍ରଜ୍ଞା ପରିମିତା ଦାଶ, ବ୩୫ର୍ଷ, ସ୍ୱାମୀ: ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ସାକିନି: ଚାଉଁପୁର, ପୋଷ୍ଟ/ଥାନା: ପୁରୁଣା କଟକ, ଜିଲ୍ଲା: ବୌଦ୍ଧ- ୭୬୨୨୦୧୩। ୨. ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ: ଜୀବନ କୁମାର ଦାଶ, ସାକିନି: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪

.... ପ୍ରତିବାଦିନୀମାନେ

ଦେୱାନୀ କାର୍ଯ୍ୟବିଧି ଆଇନ ଅର୍ଡର-୫, ରୁଲ୍-୨୦ (୧) ମତେ ନୋଟିସ୍

ଏତଦ୍ୱାରା (୧) ପ୍ରଜ୍ଞା ପରିମିତା ଦାଶ, ବ୩୫ର୍ଷ, ସ୍ୱାମୀ: ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ସାକିନି: ଚାଉଁପୁର, ପୋଷ୍ଟ/ଥାନା: ପୁରୁଣା କଟକ, ଜିଲ୍ଲା: ବୌଦ୍ଧ- ୭୬୨୨୦୧୩। (୨) ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ: ଜୀବନ କୁମାର ଦାଶ, ସାକିନି: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪ ମାନଙ୍କୁ ଜଣାଇ ଦିଆଯାଉଅଛି କି, ଆପଣମାନଙ୍କ ବିରୁଦ୍ଧରେ ଉପରୋକ୍ତ ମୋକଦ୍ଦମାର ବାଦୀ ଏକ ବଂଟୁଆରା (ପାର୍ଟିସନ୍) ମୋକଦ୍ଦମା ଦାଖଲ କରିଅଛନ୍ତି। ଆପଣମାନଙ୍କ ନାମରେ ଯାଉଥିବା ବିଧିବଦ୍ଧ କୋର୍ଟ ନୋଟିସ୍ ବାରମ୍ବାର ଫେରସ୍ତ ଆସୁଥିବାରୁ ଉକ୍ତ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଆପଣମାନେ ସ୍ୱୟଂ କିମ୍ବା ଆପଣମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଆଗାମୀ ତା. ୧୫।୦୫।୨୦୨୫ରିଖ ଦିବା ଘ.୧୦.୩୦ ମିନିଟ୍ ସମୟେ ଅଦାଲତରେ ହାଜର ହୋଇ ଆପଣମାନଙ୍କ ପକ୍ଷ ରଖିବେ, ନଚେତ୍ ଆପଣମାନଙ୍କ ଅନୁପସ୍ଥିତିରେ ଉପରୋକ୍ତ ମୋକଦ୍ଦମା ବିଚାରକୁ ନିଆଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅଦ୍ୟ ତା ୧୬।୦୪।୨୦୨୫ରିଖ ମାସ ବର୍ଷ ସହ ଆମ୍ଭର ମୋହର ଲଗାଗଲା।

ସ୍ୱା./- ସିଭିଲ୍ ଜଜ୍, ସିନିୟର ଡିଭିଜନ ବୌଦ୍ଧ
ଧ-୩୮୬

---

ବୌଦ୍ଧ ମୁକାମ ସିଭିଲ୍ ଜଜ୍ (ସିନିୟର ଡିଭିଜନ୍)ଙ୍କ ଅଦାଲତ, ବୌଦ୍ଧ
ଆଇ.ଏ.ନଂ:୨୫/୨୦୨୦

ରଞ୍ଜନ କୁମାର ଦାଶ, ବ୪୮ର୍ଷ, ପିତା: ବିଜୟ କୁମାର ଦାଶ, ସାକିନି: ରାଜନପାଲି, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ

....ବାଦୀ

ବନାମ

୧. ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ- ଜୀବନ କୁମାର ଦାଶ, ସାକିନି: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪

....ପ୍ରତିବାଦିନୀ

ଦେୱାନୀ କାର୍ଯ୍ୟବିଧି ଆଇନ ଅର୍ଡର-୫, ରୁଲ୍-୨୦ (୧) ମତେ ନୋଟିସ୍

ଏତଦ୍ୱାରା ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ: ଜୀବନ କୁମାର ଦାଶ, ସାକିନି: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪

ମାନଙ୍କୁ ଜଣାଇଦିଆଯାଉଅଛି କି ଆପଣମାନଙ୍କ ବିରୁଦ୍ଧରେ ଉପରୋକ୍ତ ମୋକଦ୍ଦମାର ବାଦୀ ଏକ ବଂଟୁଆରା (ପାର୍ଟିସନ୍) ମୋକଦ୍ଦମା ଦାଖଲ କରିଅଛନ୍ତି। ସେଥିରେ ଉପରୋକ୍ତ ନିଷେଧାଦେଶ ଦରଖାସ୍ତ ଦାଖଲ କରିଅଛନ୍ତି। ଆପଣଙ୍କ ନାମରେ ଯାଉଥିବା ବିଧିବଦ୍ଧ କୋର୍ଟ ନୋଟିସ୍ ବାରମ୍ବାର ଫେରସ୍ତ ଆସୁଥିବାରୁ ଉକ୍ତ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଆପଣ ସ୍ୱୟଂ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଆଗାମୀ ତା. ୧୫।୦୫।୨୦୨୫ରିଖ ଦିବା ଘ.୧୦.୩୦ ମିନିଟ୍ ସମୟେ ଅଦାଲତରେ ହାଜର ହୋଇ ଆପଣଙ୍କର ପକ୍ଷ ରଖିବେ, ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ଉପରୋକ୍ତ ମୋକଦ୍ଦମା ବିଚାରକୁ ନିଆଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅଦ୍ୟ ତା. ୧୬।୦୪।୨୦୨୫ରିଖ ମାସ ବର୍ଷ ସହ ଆମ୍ଭର ମୋହର ଲଗାଗଲା।

ସ୍ୱା./- ସିଭିଲ୍ ଜଜ୍, ସିନିୟର ଡିଭିଜନ ବୌଦ୍ଧ
ଧ- ୩୮୫

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ନୂଆପଡ଼ା,୩।୫ (ମକାରୁ ବେମାଲ):** ନୂଆପଡ଼ା ଜିଲା ଖଡିଆଳ ବ୍ଲକ କିକିଟା ଗାଁରେ ଶୁକ୍ରବାର ଭାଲୁ କାମୁଡାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ ଶୁକ୍ରବାର ଅପରାହ୍ନ ୪ଟା ସମୟରେ ଗଙ୍ଗା ମାଝି (୫୯) ଗାଁ ପାଖ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିଲେ। ସେହି ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ଜାଳେଣି କାଠ ପାଇଁ ଯାଇଥିବା ଲୋକେ ପହଞ୍ଚି ଗଙ୍ଗାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗଙ୍ଗାଙ୍କ ମୁଣ୍ଡ ଓ ଦୁଇ ଗୋଡରେ ଗଭୀର ଆଘାତ ଲାଗିଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

### କାମରେ ଆସୁନି ଜେନେରେଟର, କାର୍ଯ୍ୟରେ ବାଧା



**ଖଡ଼ିଆଳ,୩।୫ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଉପ ଡାକଘର କାର୍ଯ୍ୟାଳୟରେ ସ୍ଥାପନ ହୋଇଥିବା ଜେନେରେଟର ଆବଶ୍ୟକ ବେଳେ କାମରେ ଲାଗୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ବିଦ୍ୟୁତ୍ ନ ଥିବା ସମୟରେ ପୋଷ୍ଟ ଅଫିସ କାମ ସ୍ୱାଭାବିକ ଭାବେ ଚାଲିବା ପାଇଁ ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କାର୍ଯ୍ୟାଳୟ ସମ୍ମୁଖରେ ଜେନେରେଟର ସ୍ଥାପନ କରାଯାଇଛି। ହେଲେ ଦୀର୍ଘ ପ୍ରାୟ ୧୦ବର୍ଷ ହେବ ଏହା କେବେ ବ୍ୟବହାର ହେଉ ନ ଥିବା ଦେଖିବାକୁ ମିଳିଛି। ବିଦ୍ୟୁତ୍ କାଟ ସମୟରେ ସରକାରୀ କାର୍ଯ୍ୟ ସମ୍ପାଦନ ହୋଇପାରୁ ନ ଥିବାରୁ ବ୍ଲକ ଅନ୍ତର୍ଗତ ୨୬ ଗ୍ରାମ ପଞ୍ଚାୟତର ଲୋକେ ବିଭିନ୍ନ କାର୍ଯ୍ୟରେ ଉପ ଡାକଘର କାର୍ଯ୍ୟାଳୟକୁ ଆସି ଫେରିଯାଉଛନ୍ତି। ଏ ନେଇ ଖଡ଼ିଆଳ ଉପ ଡାକଘର କାର୍ଯ୍ୟାଳୟର ପୋଷ୍ଟମାଷ୍ଟର ସୁଶାନ୍ତ କୁମାର ବିଶିଙ୍କୁ ପଚାରିବାରୁ ଜେନେରେଟରଟି ୧୦ରୁ ୧୨ ବର୍ଷ ହେବ କାର୍ଯ୍ୟ କରୁ ନ ଥିବା ନେଇ କଳାହାଣ୍ଡି ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣାଇ ଦିଆଯାଇଛି। କଳାହାଣ୍ଡି ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଅଭିଯୋଗ ହୋଇଛି, ଯଥାଶୀଘ୍ର ମରାମତି କରାଯାଇ ଜେନେରେଟର କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ।

### ଜବାହର ହାଇସ୍କୁଲ ପାଇଁ ଗୌରବ ଆଣିଲେ ରିଷି



**କୋକସରା,୩।୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** ମାଟ୍ରିକ ପରୀକ୍ଷାରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଜବାହର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରିଷି ବିଶି ସର୍ବାଧିକ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେ ମୋଟ ୬୦୦ରୁ ୫୨୬ ମାର୍କ (୮୬.୭୭%) ରଖି ବ୍ଲକ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପଛରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ମା' ବାପାଙ୍କ ଆଶୀର୍ବାଦ ରହିଛି ବୋଲି ସେ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। କୋକସରା ପଞ୍ଚାୟତ ଗଡରାମାଲ ଗ୍ରାମର କିଶୋର ଚନ୍ଦ୍ର ବିଶି ଓ ବିନିତା ବିଶିଙ୍କ ଝିଅ ହେଉଛନ୍ତି ରିଷି। ରିଷିଙ୍କ ସଫଳତାକୁ ନେଇ ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧିର କୁମାର ପଣ୍ଡା ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଗଣ।

# ଗଣତନ୍ତ୍ରର ଜାଗ୍ରତ ପ୍ରହରି ଗଣମାଧ୍ୟମ

## ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳିତ

**ଭବାନୀପାଟଣା,୩।୫ (ଉତ୍ତମ କୁମାର ଦାଶ)**

ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଗଣମାଧ୍ୟମ। ଯଦିଓ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ କୌଣସି ଲିଖିତ ଦସ୍ତାବିଜ ନାହିଁ, ତଥାପି ୧୪୦ କୋଟି ଭାରତୀୟ ନାଗରିକ ସେମାନଙ୍କ ହୃଦୟରେ ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ମାନ୍ୟତା ଦେଇଛନ୍ତି। ଏହାସହ ଦେଶ ନିର୍ମାଣରେ ଗଣମାଧ୍ୟମର ଭୂମିକାକୁ ସବୁବେଳେ ପ୍ରଶଂସା କରୁଛନ୍ତି ବୋଲି ଶନିବାର ଭବାନୀପାଟଣାସ୍ଥିତ ଏକ ହୋଟେଲରେ କଳାହାଣ୍ଡି ପେଶାଦାର ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ବିଶ୍ୱ ପ୍ରେସ ସାଧୀନତା ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ଖବରଦାତା ସତ୍ୟ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି, ବରିଷ୍ଠ ଖବରଦାତା ଉମା ଶଙ୍କର କର ମୁଖ୍ୟବକ୍ତା ଓ ପଦ୍ମଶ୍ରୀ ପଟ୍ଟାୟଟ ସାହୁ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, କଳାହାଣ୍ଡି ଜିଲା ସାମ୍ବାଦିକ ସଂଘ ସଭାପତି ଶାନ୍ତନୁ କୁମାର ବେହେରା, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଖବର ପରିବେଷଣ ସମୟରେ ଯୁଦ୍ଧ କିମ୍ବା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଦିବଙ୍ଗତ ଖବରଦାତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କଳାହାଣ୍ଡିର ଖବରଦାତାମାନଙ୍କ ପାଇଁ ସହରରେ ଏକ ସାମ୍ବାଦିକ ଭବନ ନିର୍ମାଣ ନିମନ୍ତେ ମୁଖ୍ୟ ଅତିଥି ସାଂସଦ ମାଳବିକା ଦେବୀ ସାଂସଦ ଅନୁଦାନ ପାଣ୍ଠିରୁ ଦୁଇ ବର୍ଷରେ ୨୦ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଥିଲେ। ସେହିପରି ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ସାମ୍ବାଦିକ ଭବନ ନିମନ୍ତେ ସରକାରୀ ଜମି ଲିଜ ପ୍ରିମିୟମ ପୈଠ ପାଇଁ ଏକଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ସୁନୀଲ ଚନ୍ଦ୍ର ନାୟକଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ଓ ଇଙ୍ଗିତ କୁମାର ପଣ୍ଡାଙ୍କୁ ସାମ୍ବାଦିକ ସୌରଭ ସମ୍ମାନ ପ୍ରଦାନ କରାଯାଇଥିଲା। କଳାହାଣ୍ଡି ପେଶାଦାର ସାମ୍ବାଦିକ ସଂଘ ସଭାପତି ରଜନୀକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁବ ଖବରଦାତା ଚନ୍ଦ୍ରାଂଶୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କଳାହାଣ୍ଡି ଓକିଲ ସଂଘ ସଭାପତି ସୁଧାଂଶୁ ନନ୍ଦ, ଅମଲା ସଂଘର ରୂପ କେଶରୀ ଦଳେଇ, ଅନ୍ତୋଦୟର ଦିଲ୍ଲୀପ ଦାଶ, ବିଶିଷ୍ଟ ଶିକ୍ଷାବିତ୍ ଡ଼. ଅଜୟ ମିଶ୍ର, ଛାତ୍ରନେତା ଅବିନାଶ ଠାକୁର, ବ୍ରାହ୍ମଣ ସମାଜ ପର୍ଶୁରାମ ସେନା ଜିଲା ସଂଯୋଜକ ପ୍ରଶାନ୍ତ ଠାକୁର, ବରିଷ୍ଠ ଆଇନଜୀବୀ ଛବିଲାଲ ନିଆଲ, ଯୁବନେତା ପ୍ରଦୀପ ଦାଶ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# ଯାଞ୍ଚ ସମୟରେ ଟ୍ରକ୍ ଡ୍ରାଇଭରଙ୍କୁ ଚାପୁଡ଼ା ମାରିଲେ ମହିଳା କନ୍‌ଷ୍ଟେବଲ

## ଭିଡିଓ ଭାଇରାଲ

### ଡ୍ରାଇଭର ମହାସଂଘ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ

**ଭବାନୀପାଟଣା,୩।୫(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳା କନ୍‌ଷ୍ଟେବଲ ଗାଡି ଯାଞ୍ଚ ସମୟରେ ଟ୍ରକ୍ ଡ୍ରାଇଭରଙ୍କୁ ଚାପୁଡା ମାରୁଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାକୁ କଳାହାଣ୍ଡି ଡ୍ରାଇଭର ସଂଘ ଦୃଢ ନିନ୍ଦା କରିବା ସହ ଶନିବାର ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ କରିଛି। ତୁରନ୍ତ ଘଟଣାର ତଦନ୍ତ କରି ସମ୍ପୃକ୍ତ କନ୍‌ଷ୍ଟେବଲଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ କର୍ମକର୍ତ୍ତା ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଏସ୍‌ପି ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବା ସହ ଅଖଚଖ ବନ୍ଦ କରି ଷ୍ଟିୟରିଂ ଛାଡ ଆନ୍ଦୋଳନ କରାଯିବ ବୋଲି ଓଡିଶା ଡ୍ରାଇଭର ମହାସଂଘର ରାଜ୍ୟ ସହ ସମ୍ପାଦକ ଘନଶ୍ୟାମ ବେହେରା, କଳାହାଣ୍ଡି ଜିଲା ଉପସଭାପତି ଈଶ୍ୱର ଚନ୍ଦ୍ର ସିଂହ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, କିଛିଦିନ ତଳେ କଳାହାଣ୍ଡି ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଭବାନୀପାଟଣା ବ୍ଲକ ଦେପୁରଠାରେ ଯାନବାହନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ବିଶାଖାପାଟଣାରୁ ରାୟପୁର ଯାଉଥିବା ଟ୍ରକ୍ ଡ୍ରାଇଭର ବିହାରର ଇନ୍ଦ୍ରଦେବ ଯାଦବଙ୍କୁ ଅଟକାଇ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏହାରି ଭିତରେ କୌଣସି କାରଣକୁ ନେଇ ସମ୍ପୃକ୍ତ କନ୍‌ଷ୍ଟେବଲ ଓ ଡ୍ରାଇଭରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ମହିଳା କନ୍‌ଷ୍ଟେବଲ ଜଣକ ରାଗିଯାଇ ଡ୍ରାଇଭର ଯାଦବଙ୍କୁ ଚାପୁଡା ମାରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିହାର ଡ୍ରାଇଭର ମହାସଂଘ ଓଡ଼ିଶା ଡ୍ରାଇଭର ମହାସଂଘକୁ ଜଣାଇଥିଲା। ଏ ସମ୍ପର୍କରେ ଆର୍‌ଟିଓ ଗତିକୃଷ୍ଣ ସାମନ୍ତରାୟଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଅସ୍ୱୀକାର କରିଥିଲେ।

# କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ



କୃତୀ ଛାତ୍ରୀଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

**ନୂଆପଡ଼ା,୩।୫ (ମକାରୁ ବେମାଲ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ନୂଆପଡ଼ା ଜିଲାରେ କୃତିତ୍ୱ ଅର୍ଜନ କରିଥିବା ୨ ଛାତ୍ରୀଙ୍କୁ ଶନିବାର ଜିଲାପାଳ ମଧୁସୂଦନ ଦାଶ ସମ୍ବର୍ଦ୍ଧିତ କରିଛନ୍ତି। କୋମନା ବ୍ଲକ ମୁଣ୍ଡାପଲା ପଞ୍ଚାୟତ ହାଇସ୍କୁଲ ଛାତ୍ରୀ ଶ୍ରେଷ୍ଠା ପଣ୍ଡା ୯୩.୧୭ ପ୍ରତିଶତ ମାର୍କ ରଖି ଜିଲାରେ ପ୍ରଥମ ହୋଇଥିବାରୁ ଜିଲାପାଳ ଉକ୍ତ ହାଇସ୍କୁଲକୁ ଯାଇ ଶ୍ରେଷ୍ଠାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ କୋମନା ବିଡ଼ିଓ ବିନୟ କୁମାର ଭୋଇ, ସ୍କୁଲ ପ୍ରଧାନ ଶିକ୍ଷକ ପତିତ ପାବନ ସାହୁ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସେହିଭଳି ଜିଲାପାଳ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସିନାପାଲିର ଛାତ୍ରୀ ଝରଣା ମେହେର ୯୧ ପ୍ରତିଶତ ମାର୍କ ରଖି ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କ ଘରକୁ ଯାଇ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲାପାଳ ଉଭୟ ଛାତ୍ରୀଙ୍କୁ ଭବିଷ୍ୟତରେ ଆଇଏଏସ୍ ଅଧିକାରୀ ହୋଇ ଦେଶ ମାତୃକା ଓ ଜନ ସାଧାରଣଙ୍କ ସେବା କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମୟରେ ସିନାପାଲି ବିଡ଼ିଓ କାର୍ମୀ ଓରାମ, ବିଇଓ ଯତୀନ୍ଦ୍ର କୁମାର ସେଠ, ସ୍କୁଲର ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁପତ୍ର ବୋଝେଇ ଗାଡ଼ି ଜବତ

**କୋକସରା,୩।୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଟୋମୁଣ୍ଡା ପଞ୍ଚାୟତ ପିପଲଝାପରଠାରୁ କେନ୍ଦୁପତ୍ର ଚୋରା ଚାଲାଣ ହେଉଥିବା ଏକ ଗାଡିକୁ ଶୁକ୍ରବାର ସନ୍ଧ୍ୟାରେ କର୍ମଚାରୀ ଅଟକ ରଖିଥିଲେ। ସୂଚନା ଅନୁସାରେ ବିଜୁ ଏକ୍ସପ୍ରେସ ୱେ ବଡକେନ୍ଦୁଗୁଡା ବଜାର ପଡିଆ ନିକଟରେ କେନ୍ଦୁପତ୍ର ବୋଝେଇ ସିଜି୦୪ଜେଡି-୩୩୧୯ ନମ୍ବର ଗାଡିକୁ କେନ୍ଦୁପତ୍ର ମୁନସି, ଚେକର କର୍ମଚାରୀ ଅଟକାଇ କାଗଜପତ୍ର ଦେଖାଇବା ପାଇଁ କହିଥିଲେ। ହେଲେ ଡ୍ରାଇଭର କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ପରେ ବନବିଭାଗ ଓ କେନ୍ଦୁପତ୍ର ବିଭାଗ କର୍ମଚାରୀ ପହଞ୍ଚି ପତ୍ର ବୋଝେଇ



ଜବତ କେନ୍ଦୁପତ୍ର ବୋଝେଇ ଗାଡି।

ଗାଡିଟିକୁ ବିଜମରା ସେଣ୍ଟ୍ରାଲ ଗୋଦାମକୁ ନେଇଯାଇଥିଲେ। ଏ ନେଇ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଙ୍ଗଯୋଷୀ ସୂଚନା ପାଇ ଜଙ୍ଗଲ ବିଭାଗ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ। ପରେ ଧର୍ମଗଡ଼ ରେଞ୍ଜ ଅଧିକାରୀ ଭବାନୀ ଶଙ୍କର କାଉର୍ ଘଟଣାସ୍ଥଳରେ ପହଞ୍ଚି ଗାଡି ଜବତ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଥିଲେ। ତେବେ ଗାଡିର ହେଲ୍ପରଙ୍କୁ ଅଟକ ରଖାଯାଇଛି। ଘଟଣାସ୍ଥଳରେ ଏସିଏଫ୍ ଓମ୍‌କାର ଦାଶ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭଖମ୍ବ ସ୍ଥାପନ

**ପଲମ, ୩।୫ (ଭିକାରି ଗଡ଼ଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ତୁଲାପଡ଼ା ପଞ୍ଚାୟତ ତୁଲାପଡ଼ା ଗ୍ରାମରେ ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଶନିବାର ଶୁଭଖମ୍ବ ସ୍ଥାପନ କରାଯାଇଛି। ଆସନ୍ତା ୨୫ରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଘୃତଯଜ୍ଞ, ଅନ୍ନଯଜ୍ଞ, ନାମଯଜ୍ଞ, ଜ୍ଞାନଯଜ୍ଞ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେହିପରି ମେ ୨୯ରୁ ଜୁନ ୨ତାରିଖ ପର୍ଯ୍ୟନ୍ତ ବତିଶ ପ୍ରହର ନାମଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ କରାଯାଇଛି। ପୂଜକ ଦେବପ୍ରସାଦ ଷଡ଼ଙ୍ଗୀ, ରଥ ପ୍ରସାଦ ପାଢ଼ୀ, ତ୍ରିଲୋଚନ ତ୍ରିପାଠୀ, ଅର୍ଜୁନ ଥନାପତି ପୂଜା କାର୍ଯ୍ୟ କରିଥିଲେ। ମନମୋହନ ନାୟକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

## ରିଷିଡା ବିରାଟପର୍ବ: ବାଘ ମଲ୍ଲ ବଧ ମଞ୍ଚସ୍ଥ

**ରିଷିଡ଼ା,୩।୫(ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା କନ୍ଧପଡା ରାଧାକୃଷ୍ଣ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଆୟୋଜିତ ବିରାଟ ପର୍ବର ଶୁକ୍ରବାର ତୃତୀୟ ରଜନୀରେ ବାଘ ମଲ୍ଲ ବଧ ଓ ଚନ୍ଦନଯାତ୍ରା ମଞ୍ଚସ୍ଥ ହୋଇଥିଲା। ଏଠାରେ ଅକ୍ଷୟ ତୃତୀୟାଠାରୁ ମହାଭାରତ ଓ ପୁରାଣରୁ ସଂଗୃହୀତ ବିରାଟ ପର୍ବ ନାଟକ ମଞ୍ଚସ୍ଥ ହେଉଛି। ବିଭିନ୍ନ ଭୂମିକାରେ ବିରାଟ ନିତ୍ୟାନନ୍ଦ ଦଣ୍ଡସେନା, କୋନ୍ତଭଟ ସଞ୍ଜୟ ଧରୁଆ, ଭୀମ କୈଳାଶ କୁମୁରା, ମନୁରାଜ ଦେବବ୍ରତ ଭୋଇ, ଅଗସ୍ତି. କାର୍ତ୍ତିକ ରଣା, ମଲ୍ଲ ବବୁଲୁ ଦଣ୍ଡସେନା, ବାଘ ଶିବା ଭୋଇ, ଶବର ଚକାମନ ଭୋଇ ଅଭିନୟ କରୁଛନ୍ତି। ଅନୁଷ୍ଠାନ ସଭାପତି ଭୋଳାରାମ ଭୋଇ, ସମ୍ପାଦକ ତରୁଣ ରଣା ପ୍ରମୁଖ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

# ୨୧ରୁ କୋମନା ପ୍ରିମିୟର ଲିଗ୍ କ୍ରିକେଟ



ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଉଛି।

**ନୂଆପଡ଼ା,୩।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା କଲ୍ୟାଣ ମଣ୍ଡପଠାରେ ଶନିବାର ପ୍ରଥମ ଦିବାରାତ୍ର କୋମନା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତି କ୍ରମେ ପାସା ମହାନ୍ଦଙ୍କୁ ସଭାପତି ଭାବରେ ମନୋନୀତ କରାଯାଇଛି। ରାହୁଲ ଭୋଇ ସମ୍ପାଦକ, ସନ୍ତୋଷ ଶଗରିଆ ଉପ ସଭାପତି, ଅନୁରାଗ ବୁକ ସହ ସମ୍ପାଦକ ଓ ଶହରୁଖ କାନଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରଯାଇଛି। ମିତ୍ରଭାନୁ ପ୍ରଧାନ, ବଳରାମ ସରାଫ, କୈଳାସ ଚନ୍ଦ୍ର ବାଗ, ଚନ୍ଦ୍ରଧ୍ୱଜ ମାଝି ପ୍ରମୁଖ ଉପଦେଷ୍ଟା ଭାବରେ ମନୋନୀତ ହୋଇଛନ୍ତି। ଆସନ୍ତା ୨୧ରୁ ଖେଳ ଆରମ୍ଭ ହେବ। ଏଥିରେ କେବଳ କୋମନା ବ୍ଲକର ୮ଟି ଟିମ ଭାଗ ନେବେ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି । ବର୍ତ୍ତମାନ ୧୬୦ ଜଣ ଖେଳାଳି ସେମାନଙ୍କ ନାମ ପଞ୍ଜୀକୃତ କରିଥିବା କମିଟି ପକ୍ଷରୁ ସୂଚନା ମିଳିଛି ।

# ସାପ କାମୁଡ଼ାରେ ରାଜମିସ୍ତ୍ରିଙ୍କ ମୃତ୍ୟୁ

**ନୂଆପଡ଼ା,୩।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନ ଥାନା ତରବୋଡ ଗାଁରେ ଶନିବାର ସାପ କାମୁଡ଼ାରେ ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତରବୋଡ କଲୋନିପଡାର ସହଦେବ ରଣା (୬୦)। ସୂଚନା ମୁତାବକ ଶୁକ୍ରବାର ସକାଳେ ଗାଁର ଜଣଙ୍କ ଘରେ ଏକ ନାଗସାପ ପଶି ଯାଇଥିଲା। ପରିବାର ଲୋକେ ସାପକୁ ଧରି ଅନ୍ୟତ୍ର ଛାଡିବା ପାଇଁ ସହଦେବଙ୍କୁ ଡାକିଥିଲେ। ସହଦେବ ସାପକୁ ଧରି ଛାଡିବା ପାଇଁ ନେଉଥିବା ସମୟରେ ଡାହାଣ ହାତକୁ କାମୁଡି ଦେଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ଏକ ଆମ୍ବୁଲାନ୍ସ ଯୋଗେ ଗାଁକୁ ଅଣାଯାଇଥିଲା। ଏକ ଶୋକାକୁଳ ପରିବେଶରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଚାଲିଯିବା ପରେ ପରିବାର ଲୋକେ ଅସହାୟ ହୋଇପଡିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଭବାନୀପାଟଣା,୩।୫(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ମାଲଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଦୁଲତା ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ପୁରୋହିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷୟିତ୍ରୀ ରୀନା ଚୌଧୁରୀ, ମମତା ବିଶି, ନିକିତା ଭୋଇ, ସୁନିତା ଦାଶ, ମୀନତି ସେନାପତି, ସସ୍ମିତା ପ୍ରଧାନ, ପ୍ରଣିତା ମହାପାତ୍ରଙ୍କ ସମେତ ଗ୍ରାମବାସୀ ଓ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ରହି ଶିକ୍ଷୟିତ୍ରୀ ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ।




ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ।

# ଭୂଗୋଳ ବିଭାଗରେ ଜାତୀୟ ଆଲୋଚନାଚକ୍ର

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଭବାନୀପାଟଣା,୩।୫ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗରେ ଶନିବାର 'ଜନସଂଖ୍ୟା ଅଭିବୃଦ୍ଧି ଓ ଖାଦ୍ୟ ନିରାପତ୍ତା: ଅନୁମୋଦିତ ଆହ୍ୱାନ ଓ ସମ୍ଭାବନା' ଶୀର୍ଷକରେ ଏକଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥ ଉଦ୍‌ଘାଟକ ରୂପେ ଯୋଗଦେଇ ଜନସଂଖ୍ୟା ଅଭିବୃଦ୍ଧିର ବିଭିନ୍ନ ଦିଗ ଉପରେ ବ୍ୟାଖ୍ୟା କରିଥିଲେ। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଗୋପାଳକୃଷ୍ଣ ପଣ୍ଡା ମୁଖ୍ୟ ଅତିଥି, କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗ ମୁଖ୍ୟ ପ୍ରଫେସର ଶିବବ୍ରତ ଦାସ, ପଶ୍ଚିମବଙ୍ଗ ବରସାତ ବିଶ୍ୱବିଦ୍ୟାଳୟ ପ୍ରଫେସର ଶୁକ୍ଳା ବାସୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଜନସଂଖ୍ୟା ଅଭିବୃଦ୍ଧିର କାରଣ ଓ ନିରାକରଣ ଏବଂ ଖାଦ୍ୟ ନିରାପତ୍ତା ସମ୍ପର୍କରେ ଆଲୋଚନା କରିଥିଲେ। ସାଂପ୍ରତିକ ସମୟରେ ଶିକ୍ଷିତ ଗୋଷ୍ଠୀଙ୍କ ଭିତରେ ଏ ଦିଗରେ ତତ୍ପରତା ବୃଦ୍ଧି ପାଇବା ଜରୁରୀ ବୋଲି ବକ୍ତାମାନେ କହିଥିଲେ। କ୍ଷିତୀଶ ବେହେରା, ହୀରାଚାନ୍ଦ ବଣିକ, ମୁନମୁନ କୁମାର ଦୋରା, ଅନନ୍ୟା ଦାଶ, ମୁସ୍କାନ ଖାନସମା, ସ୍ମରଣିକା ପଟ୍ଟନାୟକ, ଶୁଭସ୍ମିତା ସାହୁ, ମୋନାଲିସା ପଣ୍ଡା, ଅଙ୍କିତା ମାଝୀ, ଲିଜା ରଣା, ଶ୍ରେୟାଂଶ୍ରୀ ଦଣ୍ଡସେନା, ବିଦୁସ୍ମିତା ସାହୁ, ଓଜସ୍ୱିନୀ ବିଶ୍ୱାଳ, ବିମଳ କୁମାର ଦିଗଲ, କେଶବ ଚନ୍ଦ୍ର ଗୌର ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଭୂଗୋଳ ବିଭାଗ ମୁଖ୍ୟ ଡ. ସୁମନା ରାୟ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଆଲୋଚନାଚକ୍ରର ସାରାଂଶ ରଖିଥିଲେ। ସହ ଆବାହକ ଡ. ମନୋଜ କୁମାର ମେହେର, ଜୟନ୍ତ କୁମାର ଦଣ୍ଡସେନା, ଡ. ଅରୂପ କୁମାର ମିଶ୍ର, ଡ. ବିଶ୍ୱରଞ୍ଜନ ବେଉରା ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ବକ୍ତାମାନେ ଛାତ୍ରୀଛାତ୍ରଙ୍କ ଜିଜ୍ଞାସା ମୋଚନ କରିଥିଲେ। ସୁଶ୍ରୀ ରୋଜମେରୀ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଭୂଗୋଳ ବିଭାଗର ଛାତ୍ରୀଛାତ୍ର, ଗବେଷକ, ଗବେଷିକା ତଥା ବିଶ୍ୱବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ ।



ଆଲୋଚନାଚକ୍ରରେ ଅତିଥିଙ୍କ ସହ ଅନ୍ୟମାନେ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ନୂଆପଡ଼ା,୩।୫ (ମକାରୁ ବେମାଲ): ନୂଆପଡ଼ା ଜିଲା ଖଡିଆଳ ବ୍ଲକ କିକିଟା ଗାଁରେ ଶୁକ୍ରବାର ଭାଲୁ କାମୁଡାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ ଶୁକ୍ରବାର ଅପରାହ୍ନ ୪ଟା ସମୟରେ ଗଙ୍ଗା ମାଝି (୫୯) ଗାଁ ପାଖ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିଲେ। ସେହି ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ଜାଳେଣି କାଠ ପାଇଁ ଯାଇଥିବା ଲୋକେ ପହଞ୍ଚି ଗଙ୍ଗାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗଙ୍ଗାଙ୍କ ମୁଣ୍ଡ ଓ ଦୁଇ ଗୋଡରେ ଗଭୀର ଆଘାତ ଲାଗିଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

### କାମରେ ଆସୁନି ଜେନେରେଟର



ଖଡ଼ିଆଳ,୩।୫ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଉପ ଡାକଘର କାର୍ଯ୍ୟାଳୟରେ ସ୍ଥାପନ ହୋଇଥିବା ଜେନେରେଟର ଆବଶ୍ୟକ ବେଳେ କାମରେ ଲାଗୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ବିଦ୍ୟୁତ୍ ନ ଥିବା ସମୟରେ ପୋଷ୍ଟ ଅଫିସ କାମ ସ୍ୱାଭାବିକ ଭାବେ ଚାଲିବା ପାଇଁ ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କାର୍ଯ୍ୟାଳୟ ସମ୍ମୁଖରେ ଜେନେରେଟର ସ୍ଥାପନ କରାଯାଇଛି। ହେଲେ ଦୀର୍ଘ ପ୍ରାୟ ୧୦ବର୍ଷ ହେବ ଏହା କେବେ ବ୍ୟବହାର ହେଉ ନ ଥିବା ଦେଖିବାକୁ ମିଳିଛି। ବିଦ୍ୟୁତ୍ କାଟ ସମୟରେ ସରକାରୀ କାର୍ଯ୍ୟ ସମ୍ପାଦନ ହୋଇପାରୁ ନ ଥିବାରୁ ବ୍ଲକ ଅନ୍ତର୍ଗତ ୨୬ ଗ୍ରାମ ପଞ୍ଚାୟତର ଲୋକେ ବିଭିନ୍ନ କାର୍ଯ୍ୟରେ ଉପ ଡାକଘର କାର୍ଯ୍ୟାଳୟକୁ ଆସି ଫେରିଯାଉଛନ୍ତି। ଏ ନେଇ ଖଡ଼ିଆଳ ଉପ ଡାକଘର କାର୍ଯ୍ୟାଳୟର ପୋଷ୍ଟମାଷ୍ଟର ସୁଶାନ୍ତ କୁମାର ବିଶିଙ୍କୁ ପଚାରିବାରୁ ଜେନେରେଟରଟି ୧୦ରୁ ୧୨ ବର୍ଷ ହେବ କାର୍ଯ୍ୟ କରୁ ନ ଥିବା ନେଇ କଳାହାଣ୍ଡି ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣାଇ ଦିଆଯାଇଛି। କଳାହାଣ୍ଡି ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଅଭିଯୋଗ ହୋଇଛି, ଯଥାଶୀଘ୍ର ମରାମତି କରାଯାଇ ଜେନେରେଟର କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ।

### ପଦ୍ମପୁର ଉପଖଣ୍ଡରେ ନୂତନ ଏସ୍‌ଡିପିଓଙ୍କ ଯୋଗଦାନ

ପଦ୍ମପୁର,୩।୫(ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡରେ ନୂତନ ଏସ୍‌ଡିପିଓ ଭାବେ ପାଣ୍ଡବ ଶବର ଦାୟିତ୍ୱ ଗ୍ରହଣ କରିଛନ୍ତି। ଶବର ଏହା ପୂର୍ବରୁ କୋରାପୁଟ ଜିଲାରେ କାର୍ଯ୍ୟରତ ଥିଲେ। ନୂତନ ଏସ୍‌ଡିପିଓଙ୍କ ଯୋଗଦାନ କରିବା ପରେ ଉପଖଣ୍ଡର ବିଭିନ୍ନ ଥାନାର ପୋଲିସ ଅଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ଉପଖଣ୍ଡରେ ନିଶା କାରବାର, ଅପରାଧ ନିୟନ୍ତ୍ରଣ, ଟ୍ରାଫିକ ନିୟନ୍ତ୍ରଣ, ଶିଶୁ ଓ ମହିଳା ସୁରକ୍ଷା ଓ ସାଇବର ଅପରାଧ ଦିଗରେ ସ୍ୱତନ୍ତ୍ର ପ୍ରାଥମିକତା ଦେବି ବୋଲି ସେ କହିଥିଲେ।



### ଜବାହର ହାଇସ୍କୁଲ ପାଇଁ ଗୌରବ ଆଣିଲେ ରିଷି

କୋକସରା,୩।୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ): ମାଟ୍ରିକ ପରୀକ୍ଷାରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଜବାହର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରିଷି ବିଶି ସର୍ବାଧିକ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେ ମୋଟ ୬୦୦ରୁ ୫୨୬ ମାର୍କ (୮୬.୭୭%) ରଖି ବ୍ଲକ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପଛରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ମା' ବାପାଙ୍କ ଆଶୀର୍ବାଦ ରହିଛି ବୋଲି ସେ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। କୋକସରା ପଞ୍ଚାୟତ ଗଡରାମାଲ ଗ୍ରାମର କିଶୋର ଚନ୍ଦ୍ର ବିଶି ଓ ବିନିତା ବିଶିଙ୍କ ଝିଅ ହେଉଛନ୍ତି ରିଷି। ରିଷିଙ୍କ ସଫଳତାକୁ ନେଇ ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧିର କୁମାର ପଣ୍ଡା ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।



କରାମାଡ଼ରେ ଉଜୁଡ଼ିଥିବା ଧାନ ଫସଲ।



ନାରଙ୍ଗପୁର ପଞ୍ଚାୟତରେ ହୋଇଥିବା କରାମାଡ଼।

# ବରଗଡ଼ରେ ଝଡ଼ବର୍ଷା ସହ କରାମାଡ଼

- ଉଜୁଡି ଗଲା ଚାଷୀଙ୍କ ରବିଧାନ ଫସଲ
- ବିଦ୍ୟୁତ୍ ବିଭ୍ରାଟରୁ ବିଭିନ୍ନ ଅଞ୍ଚଳ ଅନ୍ଧାର

ବରଗଡ଼,୩।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ କାଳବୈଶାଖୀର କରାଳ ରୂପ ଲାଗି ରହିଛି। ଶନିବାର ସନ୍ଧ୍ୟାରେ ମଧ କାଳବୈଶାଖୀ ପ୍ରଭାବରେ ଜିଲାର ବିଭିନ୍ନ ସ୍ଥାନରେ ଝଡବର୍ଷା ସାଙ୍ଗକୁ କରାମାଡ଼ (କୁଆପଥର ବୃଷ୍ଟି) ହୋଇଛି। ରବି ଧାନ ଫସଲ ଅମଳକ୍ଷମ ଅବସ୍ଥାକୁ ଆସିଥିବା ସମୟରେ କରାମାଡ଼ ଯୋଗୁ ସେହି ଧାନ ଫସଲ ଉଜୁଡି ଯାଇଛି। ଏଥିପାଇଁ ଚାଷୀଙ୍କ ମାନସିକ ସ୍ଥିତି ଦୋହଲି ପଡ଼ିଛି। ସେହିପରି ଝଡ଼ବର୍ଷା ଯୋଗୁ ସନ୍ଧ୍ୟା ପ୍ରାୟ ୫ଟା ୩୦ମିନିଟରୁ ବରଗଡ଼ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ଠପ ପଡ଼ିଛି। ଖବର ଲେଖା ହେବା ସୁଦ୍ଧା (ରାତି ୯ଟା ପର୍ଯ୍ୟନ୍ତ) ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରି ନାହିଁ। ଫଳରେ ସହର ସମେତ ଅନେକ ଅଞ୍ଚଳ ଅନ୍ଧାରରେ ରହିଛି। ଚଳିତ ସପ୍ତାହରେ ବାରମ୍ବାର ଏଭଳି ଝଡ଼ବର୍ଷା ଚାଷୀଙ୍କ ଚିନ୍ତା ବଢାଇ ଦେଇଛି। ୨ଦିନ ପୂର୍ବରୁ ଭଟଲି ବ୍ଲକ ଅନ୍ତର୍ଗତ ହଳଦୀପାଲି ଗ୍ରାମରେ କାଳବୈଶାଖୀ ପ୍ରଭାବରୁ ହୋଇଥିବା କରାମାଡ଼ରେ ବ୍ୟାପକ ଫସଲକ୍ଷତି ହୋଇଥିଲା। ତେବେ ତା'ର କ୍ଷୟକ୍ଷତି ଆକଳନ ଠିକ ଭାବରେ ନ ସରୁଣୁ ଶନିବାର ପୁଣି ଭଟଲି ବ୍ଲକ ଅନ୍ତର୍ଗତ ନାରଙ୍ଗପୁର ପଞ୍ଚାୟତର ଜୟପୁର, ଝିକିଝିକି, କହେନମୁଣ୍ଡା, ଗୌରପାଲି, ନାରଙ୍ଗପୁର, ବିଛୁଆଁ, କାଶିପାଲି, ସାନ ଅମ୍ଲିପାଲି ଗ୍ରାମରେ ପ୍ରବଳ କରାମାଡ଼ ଯୋଗୁ ଧାନଫସଲ ସହିତ ପରିବା ଫସଲ ଉଜୁଡି ଯାଇଛି। ଉପରୋକ୍ତ ପଞ୍ଚାୟତରେ ଗଭୀର ନଳକୂପ ଯୋଗେ ହଜାର ହଜାର ଏକର ଧାନ ତଥା ପରିବା ଚାଷ ହୋଇଥିଲା। ଏହି ଅଦିନିଆ ବର୍ଷା ସହିତ କରାମାଡ଼ରେ ସେସବୁ ଧୂଳିସାତ୍ ହେବା ଆଶଙ୍କା ରହିଛି। ଧାନ କେଣ୍ଡାରେ କୁଆପଥର ମାଡ଼ ହେବାରୁ ତାହା ଝଡ଼ି ପଡ଼ିଛି। ସେହିପରି ଧାନକେଣ୍ଡାରେ ଯାହା ବି ରହିଛି, ତାହା ଅଗାଡ଼ି ହେବାର ଯଥେଷ୍ଟ ଆଶଙ୍କା ସୃଷ୍ଟି କରିଛି। ଏହା ଚାଷୀଙ୍କ ପାଇଁ ଚଡ଼କ ଭଳି ହୋଇଛି। ଏଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁ ଧାନଫସଲ ସହିତ ପନିପରିବାଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାରୁ ତାହାର ଶୀଘ୍ର ଆକଳନ କରାଯାଇ କ୍ଷତିପୂରଣ ଦେବାର ବ୍ୟବସ୍ଥା କରିବାକୁ ନାରଙ୍ଗପୁର ସରପଞ୍ଚ ପିଙ୍କି ପାଣ୍ଡେଙ୍କ ସମେତ ଚାଷୀମାନେ ଦାବି କରିଛନ୍ତି। ତେବେ କେବଳ ନାରଙ୍ଗପୁର ପଞ୍ଚାୟତ ନୁହେଁ, ଜିଲାର ବିଭିନ୍ନ ଅଞ୍ଚଳରେ ଝଡ଼ବର୍ଷା ଯୋଗୁ ଧାନ, ପରିବା ଫସଲ ପ୍ରଭାବିତ ହୋଇଛି। ପ୍ରଶାସନ ଏହାର ଠିକ ଆକଳନ ସହିତ କ୍ଷତିପୂରଣ ଏବଂ ବୀମା ସହାୟତା ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ଜୋର୍ ଧରିଛି।

## ଅଡ଼ାଙ୍ଗଠାରେ ସଂସ୍କୃତି ସୁରକ୍ଷା ପରିଷଦର ବୈଠକ

ବରଗଡ଼,୩।୫(ପ୍ରେମାନନ୍ଦ ଖମାରୀ)

**ସଂସ୍କୃତିର ସୁରକ୍ଷା ପାଇଁ ଆହ୍ୱାନ**

ବରଗଡ଼ ବ୍ଲକ ଅଡ଼ାଙ୍ଗଠାରେ ଶନିବାର ଜିଲା ସଂସ୍କୃତି ସୁରକ୍ଷା ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ଆବାହକ କପିଳ ବାଗ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜ୍ୟୋତ୍ସ୍ନା ତ୍ରିପାଠୀ, ସାମାଜିକ କର୍ମୀ ସୀମା ସାହୁ, ନନ୍ଦିତା ସାହୁ, ଜିଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ପ୍ରମୁଖ ଯୋଗ ଦେଇ ସମ୍ପ୍ରତି ସମାଜରେ ସଂସ୍କୃତି ଯେଭଳି ଭାବେ ଅପସଂସ୍କୃତି ଆଡ଼କୁ ଗତି କରୁଛି, ତାର ସୁରକ୍ଷା ପାଇଁ ବିଶେଷ କରି ଯୁବପିଢ଼ି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ବରଗଡ଼ରେ ଏକ ସଂସ୍କୃତି ସୁରକ୍ଷା ସମ୍ବନ୍ଧୀୟ ଜନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିଲା। ଏହା ସହିତ ବିଭିନ୍ନ ସ୍ଥାନରେ ଭାବଭକ୍ତିର ସଂକୀର୍ତ୍ତନ ସଂସ୍କୃତିରେ ଯେପରି ଭାବରେ ସଂକୀର୍ତ୍ତନର ବିକୃତ ଓ ଦ୍ୱିଅର୍ଥ ବୋଧକ ସଂକୀର୍ତ୍ତନ ପରିବେଷଣ କରାଯାଉଛି, ପରିଷଦ ତରଫରୁ ତାହା ଉପରେ ସରକାରୀ ସ୍ତରରେ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଆବାହକ କପିଳ ବାଗ ସୂଚନା ପ୍ରଦାନ କରିଥିଲେ। ପ୍ରକାଶ ଥାଉକି, ବିଭିନ୍ନ ସମୟରେ ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଉଦ୍ୟମରେ ସଂକୀର୍ତ୍ତନରେ ଅଶ୍ଳୀଳ ଓ ଦ୍ୱିଅର୍ଥ ବୋଧକ ସଂକୀର୍ତ୍ତନ ପରିବେଷଣକୁ ବିରୋଧ ପଦକ୍ଷେପକୁ ଜିଲା ସଂସ୍କୃତି ସୁରକ୍ଷା ପରିଷଦ ତରଫରୁ ସମର୍ଥନ ପ୍ରଦାନ କରାଯାଇଥିଲା।

## କାଳବୈଶାଖୀ, ଗଛ ପଡ଼ି ରାସ୍ତା ଅବରୋଧ



ବର୍ଷା ପବନରେ ବରିହା ପାଲି ପଦ୍ମପୁର ରାସ୍ତା ଉପରେ ଗଛ ଭାଙ୍ଗି ପଡ଼ିଛି।

ପଦ୍ମପୁର,୩।୫(ପ୍ରଦୀପ୍ତ ଦାଶ)

ପଦ୍ମପୁର ସହର ସମେତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଶନିବାର କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ବଡ଼ବଡ଼ ଗଛ ଭାଙ୍ଗି ରାସ୍ତା ଅବରୋଧ ହେବା ସହିତ ଅନେକ ଆଜବେଷ୍ଟସ ନଷ୍ଟ ହୋଇଛି। ସେହିପରି ପଦ୍ମପୁର ସହରର ଅନେକ ସ୍ଥାନରେ ବିଦ୍ୟୁତ ଯୋଗାଣ ଠପ ହୋଇଛି।

## ବବିତା ବରଗଡ଼ର ଗୌରବ: ସମ୍ବର୍ଦ୍ଧିତ କଲେ ଜିଲାପାଳ

ବରଗଡ଼,୩।୫(ପ୍ରେମାନନ୍ଦ ଖମାରୀ)



ବରଗଡ଼ ଜିଲାପାଳ ବବିତା ଏବଂ ତାଙ୍କ ବାପାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା(ମାଟ୍ରିକ) ଫଳରେ ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ବବିତା ରଥ ୫୮୪ମାର୍କ(୯୭.୩୩ ପ୍ରତିଶତ) ରଖି ରାଜ୍ୟରେ ଯୁଗ୍ମ ଟପ୍ପର ହୋଇଛନ୍ତି। ଏହି ସଫଳତାରେ ସେ ରାଜ୍ୟରେ ଜିଲା ପାଇଁ ଗୌରବ ଆଣିଛନ୍ତି। ଶନିବାର ଜିଲାପାଳ ଆଦିତ୍ୟ ଗୋୟଲ କୃତୀ ଛାତ୍ରୀ ବବିତା ଏବଂ ତାଙ୍କ ବାପା ସନ୍ତୋଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମା, ବାପା, ଗୁରୁଜନଙ୍କ ଆଶୀର୍ବାଦ ନେଇ ଆଗକୁ ମଧ ଭଲ ପାଠ ପଢିବା ଏବଂ ଜୀବନର ଲକ୍ଷ୍ୟ ପୂରଣ ପାଇଁ ଜିଲାପାଳ ବବିତାଙ୍କୁ ଉପଦେଶ ଦେଇଥିଲେ। ବରଗଡ଼ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସରୋଜ କୁମାର ଭୁଏ, ବିନୟ ପ୍ରକାଶ ସଏ, ଜିଲା ବିଜ୍ଞାନ ନିରୀକ୍ଷକ ଧୀରଜ ପଟ୍ଟନାୟକ ଉପସ୍ଥିତ ରହି ଜିଲାର ଗର୍ବ ଓ ଗୌରବ ବବିତାଙ୍କୁ ଶୁଭେଚ୍ଛା, ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ମଧ ବବିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବବିତା ମାତୃଭାଷା ଓଡ଼ିଆରେ ୯୭, ଇଂଲିଶରେ ୯୮, ସଂସ୍କୃତରେ ୯୮, ଗଣିତରେ ୯୮, ସାଧାରଣ ବିଜ୍ଞାନରେ ୯୮ ଏବଂ ସାମାଜିକ ବିଜ୍ଞାନରେ ୯୫ ମାର୍କ ରଖିଛନ୍ତି। ଡାକ୍ତର ହେବାକୁ ସେ ଲକ୍ଷ୍ୟ ରଖିଥିବା ବବିତା କହିଛନ୍ତି। ସେ ଆହୁରି କହିଛନ୍ତି, ପଢ଼ିବା ପାଇଁ ସେଭଳି କିଛି ନିର୍ଦ୍ଦିଷ୍ଟ ସମୟସୀମା ଚୂଡ଼ାନ୍ତ କରି ନ ଥିଲି। ହେଲେ ପ୍ରତ୍ୟେକ ଦିନ ସବୁ ବିଷୟ ପ୍ରତି ଧ୍ୟାନ ଦେଉଥିଲି। ପ୍ରତ୍ୟେକ ବିଷୟ ଉପରେ ପଢ଼ିବା ପାଇଁ ନିୟମିତ ଏକ ଟାର୍ଗେଟ ରଖୁଥିଲି ଏବଂ ତାହା ସରିବା ପର୍ଯ୍ୟନ୍ତ ପଢୁଥିଲି। ଆଗରୁ ଉଭୟ ତୃତୀୟ ଓ ପଞ୍ଚମ ଶ୍ରେଣୀରେ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି। ସେହିପରି ପଠାଣୀ ସାମନ୍ତ, ବ୍ରହ୍ମଗୁପ୍ତ ପରୀକ୍ଷାରେ ମଧ କୃତକାର୍ଯ୍ୟ ହୋଇଛି। ସଂସ୍କୃତ ବିଷୟରେ ଶତ ପ୍ରତିଶତ ମାର୍କ ପାଇବି ବୋଲି ଆଶା ରଖିଥିଲି। କିନ୍ତୁ ୯୮ ପ୍ରତିଶତ ମାର୍କ ରଖିଛି। ବାପା ସନ୍ତୋଷ ଏକ ବହି ଦୋକାନ କରିଥିବା ବେଳେ ମା'ରୀନା ଗୃହିଣୀ ବୋଲି ବବିତା କହିଛନ୍ତି।

## ସାପ କାମୁଡ଼ାରେ ରାଜମିସ୍ତ୍ରିଙ୍କ ମୃତ୍ୟୁ

ନୂଆପଡ଼ା,୩।୫ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନ ଥାନା ତରବୋଡ ଗାଁରେ ଶନିବାର ସାପ କାମୁଡ଼ାରେ ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତରବୋଡ କଲୋନିପଡାର ସହଦେବ ରଣା (୬୦)। ସୂଚନା ମୁତାବକ ଶୁକ୍ରବାର ସକାଳେ ଗାଁର ଜଣଙ୍କ ଘରେ ଏକ ନାଗସାପ ପଶି ଯାଇଥିଲା। ପରିବାର ଲୋକେ ସାପକୁ ଧରି ଅନ୍ୟତ୍ର ଛାଡିବା ପାଇଁ ସହଦେବଙ୍କୁ ଡାକିଥିଲେ। ସହଦେବ ସାପକୁ ଧରି ଛାଡିବା ପାଇଁ ନେଉଥିବା ସମୟରେ ଡାହାଣ ହାତକୁ କାମୁଡି ଦେଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ଏକ ଆମ୍ବୁଲାନ୍ସ ଯୋଗେ ଗାଁକୁ ଅଣାଯାଇଥିଲା। ଏକ ଶୋକାକୁଳ ପରିବେଶରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଚାଲିଯିବା ପରେ ପରିବାର ଲୋକେ ଅସହାୟ ହୋଇପଡିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

## ବ୍ଲକ ଟପ୍ପର ନୀହାରିକାଙ୍କୁ ସମ୍ବର୍ଦ୍ଧନା



ନୀହାରିକାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପାଇକମାଳ,୩।୫(ବଡ ଶତପଥୀ)

ପାଇକମାଳ ବ୍ଲକ ମାଣ୍ଡୋସିଲ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନୀହାରିକା ପ୍ରଧାନ ମାଟ୍ରିକ ପରୀକ୍ଷାରେ ୯୨.୧୬ ପ୍ରତିଶତ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ବ୍ଲକରେ ୨୫ ଗୋଟିଏ ହାଇସ୍କୁଲ ମଧରେ କେବଳ ଗୋଟିଏ ଝିଅ ନୀହାରିକା ଏ-୧ଗ୍ରେଡ୍ ପାଇ ଥିଲେ। ଶନିବାର ପାଇକମାଳ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଇଓ ଅଦନ ସୁନା ନୀହାରିକାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ନୀହାରିକାଙ୍କ ବାପା ରୂପଧର ପ୍ରଧାନ ଓ ମାତା ବନିତାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଭାରେ ଏବିଇଓ ରାଧେଶ୍ୟାମ ମେହେର ଓ ଗୋକୁଳାନନ୍ଦ ତନସନା ଯୋଗ ଦେଇଥିଲେ। ଚେରେଙ୍ଗାଝାଞ୍ଜ ସିଆରସିସି ଉଗ୍ରସେନ ପ୍ରଧାନ, ତପନ କୁମାର ବହିଦାର, ନରହରି ସିଂ, ବିକ୍ରମ ସିଂହ, ଅଭିଜିତ ରାଏ, ଅର୍ଜୁନ ଜେନା, ଅରୁଣ ପାତ୍ର, ସଂଘମିତ୍ରା ବେହେରା, ସଦାନନ୍ଦ ଭୋଇ, ନୀଳମଣି ପୁଟା ପ୍ରମୁଖ ଉପସ୍ଥିତ ଥିଲେ। କ୍ରିଷ୍ଣା ବାଗ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ମାଟ୍ରିକ୍ ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବିଶ୍ୱ ରଣା ବ୍ଲକ୍ ଟପ୍ପର**

ଝାରବନ୍ଧ,୩।୫(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷଠାରେ ମାଟ୍ରିକ ପରୀକ୍ଷାରେ ଏ-୧ ଓ ଏ-୨ ପାଇଥିବା ଛାତ୍ରୀଛାତ୍ରଙ୍କୁ ଶନିବାର ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଚଳିତ ବର୍ଷ ଅଞ୍ଚଳ ସରକାରୀ ଉଚ୍ଚ ବିଦ୍ୟାଳୟ ଗୌଡ଼ମାଳର ଛାତ୍ର ବିଶ୍ୱ ରଣା ଝାରବନ୍ଧ ବ୍ଲକର ଏ-୧ ପାଇ ସୁନାମ ରଖିଛନ୍ତି। ସେ ୫୪୦ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେଥିପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରେ ଏ ୧ ଓ ଏ ୨ ପାଇଥିବା ୨୭ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା ପତ୍ର ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ବିଇଓ ଶୁଭମ କୁମାର ପତିଙ୍କ ସଭାପତିତ୍ୱରେ ବିଆର୍‌ସି ଦୟାନିଧି କୈବର୍ତ୍ତ,ଏବିଓ ମହେନ୍ଦ୍ର ପ୍ରଧାନ, ବିସିକେଶନ ଶତପଥୀ ମଞ୍ଚାସୀନ ଥିଲେ। ସିଆର୍‌ସିସି ଗୋପାଳ ହରିଜନ ସଂଯୋଜନା କରିଥିବା ବେଳେ ଡଭା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟିକେଶ୍ୱର ପଟେଲ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଦୀପ, ଗୌଡ଼ମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରକାନ୍ତ ମେହେର କୃତୀ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇଥିଲେ।



ମାଟ୍ରିକ୍ ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଜାଗୃତିଙ୍କୁ ପୁରସ୍କୃତ କଲେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି

**ଜାତୀୟ ରିଲ୍, କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା**

**ଦ୍ୱିତୀୟ ସ୍ଥାନ ହାସଲ କଲେ ପାଇକମାଳ ଝିଅ**

ପାଇକମାଳ,୩।୫(ବଡ଼ ଶତପଥୀ)




ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଉଛି।

ନୂଆଦିଲ୍ଲୀସ୍ଥିତ ସୁପ୍ରିମକୋର୍ଟରେ ଜାତୀୟ ଆଇନଗତ ସେବା ପ୍ରାଧିକରଣ ଆନୁକୂଲ୍ୟରେ କ୍ରାନ୍ତିଜ୍ୟୋତି ସାବିତ୍ରୀବାଈ ଫୁଲେଙ୍କ ଜନ୍ମବାର୍ଷିକୀ ଗୁରୁବାର ପାଳନ କରାଯାଇଥିଲା। ଏଥିରେ ଜାତୀୟ ରିଲ ଏବଂ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତାରେ ପାଇକମାଳ ବ୍ଲକ ଜାମସେଠ ଗାଁର ଝିଅ ଜାଗୃତି ମାଝୀ ସର୍ବ ଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରି ସୁପ୍ରିମ୍‌କୋର୍ଟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଇନ ପାଠ ପଢୁଥିବା ଜାଗୃତିଙ୍କ ସହିତ ସନିଆ ଖାଁ, ଆଦ୍ୟା ଦେବପ୍ରଜ୍ଞା ପଟ୍ଟନାୟକ ଓ ସ୍ମୃତିଶିଖା ସାହୁଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ସଞ୍ଜୀବ ଖାନ୍ନା ଓ ସମ୍ମାନିତ ଅତିଥି ଭାବରେ ସୁପ୍ରିମକୋର୍ଟ ବିଚାରପତି ତଥା ନାଲସା କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବି.ଆର. ଗଭାଇ (ଚୟନୀତ) ସୁପ୍ରିମ କୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ଭାରତ ସରକାରଙ୍କ ଆର୍ଟର୍ନି ଜେନେରାଲ, ଡେପୁଟି ଆର୍ଟର୍ନି ଜେନେରାଲ, ଲ' ସେକ୍ରେଟାରୀ ଓ ସୁପ୍ରିମକୋର୍ଟ ବିଚାରପତି ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜାଗୃତି ପାଇକମାଳ ବ୍ଲକ ଜାମସେଠ ଗାଁର ପ୍ରଦୀପ ମାଝୀ ଓ ବାସନ୍ତୀ ମାଝୀଙ୍କ ଝିଅ ଅଟନ୍ତି। ଜାଗୃତି ପିଲାଦିନରୁ ଜଣେ ମେଧାବୀ ଛାତ୍ରୀ । ଭବାନୀପାଟଣା ପ୍ରଗତି ବିଦ୍ୟାଳୟରେ ମାଟ୍ରିକ ପରେ ବରଗଡ଼ ବିକାଶ କଲେଜରେ ଯୁକ୍ତ୨ ପାସ୍ କରିଥିଲେ। ଏବେ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟରେ ଲ' ପାଠ ପଢୁଛନ୍ତି। ତାଙ୍କ ବାପା ଇଣ୍ଡିଆନ ବ୍ୟାଙ୍କରେ ସିନିୟର୍ ମ୍ୟାନେଜର ଥିବାବେଳେ ମା' ବାସନ୍ତୀ ମାଝୀ ଗୃହିଣୀ । ଜାଗୃତି ମାଝୀଙ୍କ ସଫଳତାରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ସଂକ୍ଷେପରେ

### ଝଡତୋଫାନରେ ଗଛଡାଳ ପଡି ରାସ୍ତା ଅବରୋଧ



**କୁତ୍ରା,୩।୫(ଦେବାଶିଷ ସାହୁ):** କୁତ୍ରାରେ ଶନିବାର ପ୍ରବଳ ଝଡତୋଫାନ ସହ ଘଡଘଡି ବର୍ଷା ହୋଇଥିଲା । କୁତ୍ରା ଓ ଡାହିଜିରା ଦୁଲୁପଡାରେ ଗଛ ଡାଳପଡି ରାସ୍ତା ଅବରୋଧ ହୋଇଥିଲା । ଅଗ୍ନିଶମ ବିଭାଗକୁ ଖବର ଦେବାରୁ ରାସ୍ତାରୁ ଗଛ କାଟି ହଟାଇଥିଲେ । ସେହିପରି ପଞ୍ଚରା ନୂଆଗାଁ ରାସ୍ତାରେ ଏକ ଗଛ ଡାଳପଡି ରାସ୍ତା ଅବରୋଧ ହୋଇ ରହିଛି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ବିଲରେ ପସି ଯିବା ଆସିବା କରୁଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ କୁତ୍ର,ପଞ୍ଚରା ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଛି । ଲୋକେ ଗରମ ଓ ଗୁଳୁଗୁଳିରେ ଅତିଷ୍ଠ ହେଉଛନ୍ତି ।

# ଅପପୁଷ୍ଟି ହାର ହ୍ରାସ ଦିଗରେ ଗୁରୁତ୍ୱାରୋପ

**ଜିଲା ସ୍ତରୀୟ ପୋଷଣ ପକ୍ଷ କାର୍ଯ୍ୟକ୍ରମ**

**ସୁନ୍ଦରଗଡ଼,୩।୫(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ଼ ଜିଲା ସଦ୍‌ଭାବନା ଭବନଠାରେ ଶନିବାର ଜିଲା ସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ଜିଲାପାଳ ମନୋଜ ମହାଜନ, ସୁନ୍ଦରଗଡ଼ ପୌରପରିଷଦ ଅଧକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀ ଡ. ଗୁରୁ ପ୍ରସାଦ ମହାନ୍ତ, କିରେଇ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ କ୍ରୀଷ୍ଣା କୁମାରୀ ନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ପୋଷଣ ପକ୍ଷ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଦେଶରୁ ଅପପୁଷ୍ଟି ହାର ହ୍ରାସ ଦିଗରେ ପୋଷଣ ଅଭିଯାନ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ନନ୍ଦ ଆଲୋଚନା କରିଥିଲେ ।



କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ।

ଏହି ଅବସରରେ ଜିଲାପାଳ ମହାଜନ ପୋଷଣ ପକ୍ଷର ମହତ୍ତ୍ୱ ଉପରେ ନିଜ ଅଭିଭାଷଣ ରଖିଥିଲେ । ଜିଲାରୁ କୁପୋଷଣର ଦମନ ପାଇଁ କ୍ଷେତ୍ର ସ୍ତରରେ ସୂକ୍ଷ୍ମ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ ପୁଷ୍ଟିକର ଖାଦ୍ୟ, ସୁଷମ ଖାଦ୍ୟ, ସନ୍ତୁଳିତ ଆହାର, ଶ୍ରୀ ଅନ୍ନ ଉପରେ ବ୍ୟାପକ ଜନସଚେତତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିଭଳି ସମସ୍ତ ହିତାଧିକାରୀମାନେ ଯେଭଳି ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହେବେ ସେନେଇ ଅଧିକାରୀ ଏବଂ କ୍ଷେତ୍ର କର୍ମଚାରୀମାନଙ୍କୁ କହିଥିଲେ । ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ଜିଲାର ସମସ୍ତ ଅଞ୍ଚଳରେ ବିଶେଷ କରି ଅପହଞ୍ଚ ଅଞ୍ଚଳ ଗୁଡିକରେ କିଭଳି ଭାବେ ପୋଷଣ କାର୍ଯ୍ୟକ୍ରମ ପହଞ୍ଚିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲାରେ ଯେପରି କେହି କୁପୋଷଣରେ ରହିବେ ନାହିଁ ସେ ଦିଗରେ ସମସ୍ତେ ବିଶେଷ ଧ୍ୟାନ ଦିଆଯିବାକୁ ନିଜ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଶିଶୁର ୧୦୦୦ ଦିନର ମହତ୍ତ୍ୱ ବିଷୟରେ ଆଲୋଚନା କରାଯାଇଥିଲା । ଗର୍ଭଧାରଣଠାରୁ ଶିଶୁକୁ ୨ ବର୍ଷ ପୂରଣ ହେବା ପର୍ଯ୍ୟନ୍ତ ଖାଦ୍ୟ,ପୁଷ୍ଟି ଓ ଯତ୍ନର ଯେଉଁ ବିଶେଷ ଆବଶ୍ୟକତା ରହିଛି ତାହା ଉପରେ ଆଲୋଚନା କରାଯାଇଥିଲା । ଶିଶୁର ଉଭୟ ଶାରିରୀକ ଏବଂ ମାନସିକ ବିକାଶ ନିମନ୍ତେ ପୋଷଣ କେତେ ଗୁରୁତ୍ୱପୂର୍ଣ୍ଣ ତାହା କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା । ବାହାର ଖାଦ୍ୟ ବର୍ଜନ କରି ସମସ୍ତେ ସନ୍ତୁଳିତ ଆହାର ଗ୍ରହଣ କରିବାକୁ ଅତିଥିମାନେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଜିଲାର ସମସ୍ତ ଆଇସିଡିଏସ ପ୍ରକଳ୍ପରୁ ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ପୋଷଣ ଟ୍ରାକରରେ ଉତ୍ତମ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିଥିବା ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିଭଳି ଶକ୍ତି ସଦନ, ସଖୀ କେନ୍ଦ୍ରର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସୁରକ୍ଷା ଅଧିକାରୀ ଚୁଲେଶ୍ୱରୀ ପଟେଲ ପରିଚାଳନା କରିଥିଲେ ଏବଂ ଶେଷରେ ସୁରକ୍ଷା ଅଧିକାରୀ, ପାନପୋଷ କବିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅଧିକାରୀ, ସମସ୍ତ ସିଡିପିଓ, ଅଙ୍ଗନୱାଡି କର୍ମୀ, ଅଙ୍ଗନୱାଡି ସହାୟିକାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

# କେନ୍ଦ୍ର ସରକାରଙ୍କ ଅତିରିକ୍ତ ଶାସନ ସଚିବଙ୍କ କୁଆଁରମୁଣ୍ଡା ବ୍ଲକ ପରିଦର୍ଶନ



ଅତିରିକ୍ତ ଶାସନ ସଚିବ ଭାମସି କ୍ରିଷ୍ଣା ପଦମପୁର ହାଇସ୍କୁଲ ପରିଦର୍ଶନ କରି ସ୍ୱଚ୍ଛତା ଅନୁଧ୍ୟାନ କରୁଛନ୍ତି ।

**କୁଆଁରମୁଣ୍ଡା,୩।୫(ମହେନ୍ଦ୍ର କୁମାର ସାହୁ)**

କେନ୍ଦ୍ର ସରକାରଙ୍କ ପାନୀୟ ଜଳ ବିଭାଗ ଅତିରିକ୍ତ ଶାସନ ସଚିବ ଭାମସି କ୍ରିଷ୍ଣା ଶୁକ୍ରବାର କୁଆଁରମୁଣ୍ଡା ବ୍ଲକ ପରିଦର୍ଶନରେ ଆସିଥିଲେ । ଅତିରିକ୍ତ ଶାସନ ସଚିବ କ୍ରିଷ୍ଣା ରାଉରକେଲାରୁ ପୂର୍ବାହ୍ନ ୧୦ଟାରେ ବାହାରି କୁଆଁରମୁଣ୍ଡା ସରକାରୀ ଡାଏରୀ ଫାର୍ମ ନିକଟସ୍ଥ କୋଏଲ ନଦୀରେ ୩୨୩ କୋଟି ୮୮ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟଶୈଳୀ ସମ୍ପର୍କରେ ବୁଲି ଦେଖିଥିଲେ । ଏହାଦ୍ୱାରା କିଭଳି ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ହେଉଛି ସେ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଥିଲେ । ଏହାପରେ ପଦମପୁର ହାଇସ୍କୁଲ ଯାଇ ସ୍କୁଲର ସ୍ୱଚ୍ଛତା, ଟ୍ୟାପ ଯୋଗେ ପାଣି ବ୍ୟବସ୍ଥା, ସ୍ମାର୍ଟ କ୍ଲାସ ରୁମ, ଇ – ଲାଇବ୍ରେରୀ ଓ ସୁନ୍ଦର ବଗିଚା ଦେଖି ବେଶ ଖୁସି ହୋଇଯାଇଥିଲେ । ଏହାପରେ ପଦମପୁର ଗଡଡବସ୍ତି ମଡେଲ ଅଙ୍ଗନୱାଡ଼ି କେନ୍ଦ୍ର ଆଦି ବୁଲି ଦେଖିଥିଲେ । ଏହି ପରିଦର୍ଶନ ସମୟରେ ସୁନ୍ଦରଗଡ଼ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂରଞ୍ଜନ ସାହୁ ଅତିରିକ୍ତ ଶାସନ ସଚିବ କ୍ରିଷ୍ଣାଙ୍କୁ ସମସ୍ତ ପ୍ରକଳ୍ପ ବିଷୟରେ ବିଶଦଭାବେ ଅବଗତ କରାଇଥିଲେ । ସେହିପରି ଏହି ପରିଦର୍ଶନ ସମୟରେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ବିଡ଼ିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ,ଏଇଇ ଚୈତନ୍ୟ ହେମ୍ବ୍ରମ, ବିଇଓ ତପସିନୀ ମହାନନ୍ଦିଆ, ଆରଡବ୍ଲୁଏସଏସ ନିର୍ବାହୀ ଯନ୍ତ୍ରୀ ବନ୍ଦିତା ସାମଲ,ଅଳକା ବିଶୋଇ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ୨୦ କେଜି ଗଞ୍ଜେଇ ଜବତ, ୨ ଗିରଫ

**ବୌଦ୍ଧ,୩।୫(ଅଜିତ କୁମାର ବାରିକ)**

ଗଞ୍ଜେଇ ଚାଲାଣ ଅଭିଯୋଗରେ ବୌଦ୍ଧ ପୋଲିସ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଉତ୍ତରପ୍ରଦେଶର କାନପୁର ଜିଲା ନୂଆବସ୍ତା ଥାନା ଅନ୍ତର୍ଗତ କଚେରି ବସ୍ତି ଆବାସ ବିକାଶ ଗ୍ରାମର ଭିମଲ ଗୌତମ(୨୪) ଏବଂ ମଉ ଜିଲା ସରାଇଲାଖାନସି ଥାନା ଅନ୍ତର୍ଗତ ଅମରାହାଟ ଗ୍ରାମର ବନ୍ଦନା ରାୟ(୪୭) । ଉଭୟଙ୍କଠାରୁ ୨୦କେଜି ୪୭୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି । ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା ରୁଜୁ କରି ଶନିବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି ।



କଂଗ୍ରେସ ଟିମ୍ ଖଣି ଅଞ୍ଚଳ ପରିଦର୍ଶନ କରୁଛନ୍ତି ।

# ଖଣି ଅଞ୍ଚଳ ପରିଦର୍ଶନ କଲା କଂଗ୍ରେସ ଟିମ୍

**ବିସ୍ଥାପିତ ଗ୍ରାମବାସୀଙ୍କ ସହ ଆଲୋଚନା**

**ସୁନ୍ଦରଗଡ଼/ହେମଗିର, ୩।୫ (ଜୟ ନାରାୟଣ ମେଣ୍ଟୁଲି/ ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ତହସିଲ ଅନ୍ତର୍ଗତ ବିଭିନ୍ନ ଜଙ୍ଗଲରେ ଠାବ ହୋଇଥିବା ଚୋରା କୋଇଲା ଖଣି ଅଞ୍ଚଳ ଶନିବାର ପ୍ରଦେଶ କଂଗ୍ରେସ କମିଟିର ମାଇନିଂ କମିଟି ପରିଦର୍ଶନ କରିଛନ୍ତି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ବିଧାୟକ ତାରାପ୍ରସାଦ ବାହିନୀପତି, ବାସୁଦେବପୁର ବିଧାୟକ ଅଶୋକ ଦାଶ, ରାଜଗାଙ୍ଗପୁର ବିଧାୟକ ଡାକ୍ତର ରାଜେନ ଏକ୍କା, ସୁନ୍ଦରଗଡ଼ ଜିଲା ସଂଯୋଜକ ନିର୍ମଳ ନାଏକଙ୍କୁ ନେଇ ଗଠିତ ଟିମ ତେଲେନଡିହି, ଭୋଗରାକଛାର, ତେଲେନଡିହି ଜଙ୍ଗଲରେ ଚାଲିଥିବା ଚୋରା କୋଇଲା ଖଣି ପରିଦର୍ଶନ କରିଥିଲେ । ଚୋରା କୋଇଲା ଖଣି ଦେଖି ଏହି ଟିମ ଆଚମ୍ବିତ ହେବା ସହ ଶାହା କମିଶନ ଭଳି ତଦନ୍ତ କମିଶନ ବସାଇ କୋଇଲା ଲୁଟ୍‌ର ତଦନ୍ତ ପାଇଁ ଦାବି କରିଛନ୍ତି । ଏହି ଖଣି ଠାବ ହେବାର ମାସେ ପୂରିବାକୁ ବସିଥିବା ବେଳେ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ମାଫିଆଙ୍କ ସହ ସରକାରଙ୍କ ସଲାସୁତରା ରହିଛି ବୋଲି ଅଭିଯୋଗ କରିଛି ଏହି ଟିମ୍ । କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଭାଜପା ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିଧାୟକ ଅଶୋକ ଦାଶ । ଖଣି ଚୋରି ଘଟଣା ସମ୍ପର୍କରେ ପ୍ରଶାସନ କିପରି ଜାଣିପାରିଲାନାହିଁ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଏଥିସହ ପୂର୍ବ ସରକାର ଓ ବର୍ତ୍ତମାନର ସରକାର ଏଥିରେ ସାମିଲ ଥିବା କହିଛନ୍ତି ବିଧାୟକ ଏକ୍କା । ସୁନ୍ଦରଗଡ଼ରେ ପହଞ୍ଚିବା ପରେ ପିସିସି ମାଇନିଂ କମିଟି ଗଡତୁମୁଲିଆ ଗାଁରେ ବିସ୍ଥାପିତଙ୍କ ସହିତ ଆଲୋଚନା କରିଥିଲେ । ଏହାପରେ ତେଲେନଡିହି ରିଜର୍ଭ ଫରେଷ୍ଟକୁ ଗସ୍ତ କରିଥିଲେ ପିସିସି କମିଟି । ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ ଆସିଥିବା ଏହି କମିଟି ଗଡତୁମୁଲିଆ ଗାଁରେ ବିସ୍ଥାପିତଙ୍କ ସହିତ ଆଲୋଚନା କରିବା ପରେ ତେଲେନଡିହି ରିଜର୍ଭ ଫରେଷ୍ଟର କୋଇଲା ଲୁଟ ଅଞ୍ଚଳ ବୁଲି ଦେଖି ଆଚମ୍ବିତ ହୋଇଥିଲେ । ଏତେ ବଡ଼ ଧରଣର କୋଇଲା କେଲେଙ୍କାରି ପ୍ରଶାସନର ଜାଣତରେ ହୋଇଥିବା କହିବା ସହ ରାଜ୍ୟର ସବୁଠୁ ବଡ ଖଣି ଲୁଟ ବୋଲି ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି । ପରେ ଖଣି ପାଇଁ ବିସ୍ଥାପିତ ହେଉଥିବା ଜାମକାନୀ ଗ୍ରାମର ଲୋକଙ୍କ ସହିତ ଆଲୋଚନା କରିବା ସହିତ ବିସ୍ଥାପିତ ସମସ୍ୟା ଉପରେ ଆଲୋଚନା କରିଥିଲେ । ପରେ ତେଲେନଡିହି, ଜାମକାନୀ, ଆର୍ଯ୍ୟନ କୋଲ ୱାସରି ପରିଦର୍ଶନ କରିଥିଲେ । ଏହି ଅବସରରେ ସୁନ୍ଦରଗଡ଼ କଂଗ୍ରେସ ଦଳର ନିର୍ମଳ ନାଏକ, ହେମଗିର ବ୍ଲକ ସଭାପତି ବାଙ୍କ ବିହାରି ପ୍ରଧାନ, ସୁଧାରାଣୀ ରାଉଡ଼ିଆ, ଜୀବନ ରଞ୍ଜନ ପଟ୍ଟନାୟକ, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**କୁତ୍ରା,୩।୫(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଶନିବାର ଅନୁଷ୍ଠାନର ପକ୍ଷରୁ ଚଳିତ ମାଟ୍ରିକ ପରୀକ୍ଷାରେ ଏ–୧ ଗ୍ରେଡ ହାସଲ କରିଥିବା ୧୭ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଜିଲାର ପ୍ରଥମ ତିନୋଟି ସ୍ଥାନରେ ରହିଥିବା ଏହି ବିଦ୍ୟାଳୟର ଛାତ୍ରୀଛାତ୍ର କ୍ରିଷ୍ଣା ମାଝୀ, ସାନିତ କିଣ୍ଡୋ ଓ ରଶ୍ମିତା ବରୁଆଙ୍କ ସମେତ ବୈଷ୍ଣବି ସିଂ, କଳ୍ପନା ଲାକଡା, ଲତିକା ମାଝୀ, ପୂଜା ବରୁଆ, ରିମା ଲାକଡା, ସଞ୍ଜନା ମାରକି, ସୁମିତ ବାରା, ଅନସେଲମା ବା, ଆକାଶ ଲାକଡା, ଅମନ ମାଝୀ, ପ୍ରତିମା ମାଝୀ, ରାକେଶ ବା, ମାରିଆମ ଟପ୍ପୋ ଏବଂ ତାଙ୍କ ମାତା ପିତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାଏକ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ଆଲୁମିନି ସଭାପତି ଶଙ୍କରପ୍ରସାଦ ଟପ୍ପୋ, ଆଲୁମିନି ସଭ୍ୟ ପ୍ରଶାନ୍ତ ସାହୁ, ଜିଲା ଖଣିଜ ପ୍ରତିଷ୍ଠାନ ସଂଯୋଜିକା ପ୍ରମୁଖ ମଞ୍ଚାସୀନ ରହି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ ବିଦ୍ୟାଳୟ ପ୍ରତିଷ୍ଠା ଠାରୁ ଆଜି ପର୍ଯ୍ୟନ୍ତ ହାସଲ କରିଥିବା ସଫଳତା ବିଷୟରେ ଆଲୋକପାତ କରିଥିଲେ । ଅତିଥିମାନେ ଏହି ସଫଳତାକୁ ନେଇ ପ୍ରଶଂସା କରିଥିଲେ । ଏହି ଅବସରରେ ବିଷୟ ଭିତ୍ତିକ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ ।



ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ର ।

# ଜାମକାନିରେ ଜାତୀୟ କୋଇଲା ଖଣି ଶ୍ରମିକ ଦିବସ ପାଳିତ




ଖଣି ଶ୍ରମିକ ଦିବସରେ ଉପସ୍ଥିତ ଅଧିକାରୀ ।

**ଭୁବନେଶ୍ୱର,୩।୫ ( ଅଭୟ ଦାଶ)**

ପ୍ରତିବର୍ଷ ଭଳି ଚଳିତି ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମର ଓଡ଼ିଶାସ୍ଥିତ ସୁନ୍ଦରଗଡ଼ ଜିଲାର ଜାମକାନି କୋଇଲା ଖଣିରେ ଜାତୀୟ କୋଇଲା ଖଣି ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଜାମକାନି କୋଇଲା ଖଣିରେ ନିଜର ଖଣି ଶ୍ରମିକମାନଙ୍କ ସୁରକ୍ଷା ଏବଂ କଲ୍ୟାଣ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଛି । ବେଦାନ୍ତର ପ୍ରଥମ ଗ୍ରୀନ୍‌ଫିଲ୍ଡ କୋଇଲା ପ୍ରକଳ୍ପରେ କମ୍ପାନୀ ଏହାର ଖଣି କାର୍ଯ୍ୟକଳାପରେ ସୁରକ୍ଷା ମାନକକୁ ଉନ୍ନତ କରିବା ପାଇଁ ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର କରୁଛି । ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମର ଶ୍ରମଶକ୍ତିର ସୁରକ୍ଷା ଏବଂ କଲ୍ୟାଣକୁ ପ୍ରାଥମିକତା ଦେଇଥାଉ । କୋଇଲା ଖଣି ଶ୍ରମିକ ଦିବସରେ ଆମେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଟେକ୍ନୋଲୋଜି ନବସୃଜନର ନେତୃତ୍ୱ ନେଇ ଗର୍ବିତ, ଯାହା ଖନନ କ୍ଷେତ୍ରରେ ସୁରକ୍ଷା ମାନକକୁ ପୁନଃ ପରିଭାଷିତ କରୁଛି । ଏହା ସ୍ମାର୍ଟ, ସୁରକ୍ଷିତ ଏବଂ ସ୍ଥାୟୀ ପରିଚାଳନା ନିର୍ମାଣ ପାଇଁ ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

# କାରଖାନାର ବିଷାକ୍ତ କଳା ଧୂଆଁରେ ଅତିଷ୍ଠ ଅଞ୍ଚଳବାସୀ

**କୁଆଁରମୁଣ୍ଡା,୩।୫(ମହେନ୍ଦ୍ର କୁମାର ସାହୁ)**

ଗୁରୁବାର ଅପରାହ୍ନ ପ୍ରାୟ ୫ଟା୨୦ରେ କୁଆଁରମୁଣ୍ଡା ଅଞ୍ଚଳରେ ହଠାତ୍ କଳା ହାଣ୍ଡିଆ ବାଦଲ ଉଠାଇଥିଲା । ଏହି ସମୟରେ କୁଆଁରମୁଣ୍ଡା ବସ୍ତି ନିକଟ ଏକ ସ୍ପଞ୍ଜ କାରଖାନା ଏହାର ସୁଯୋଗ ନେଇ ବାୟୁମଣ୍ଡଳକୁ ବିଷାକ୍ତ କଳା ଧୂଆଁ ଛାଡିଥିଲା । ବସ୍ତି ବାସିନ୍ଦାଙ୍କ ଘରେ ବିଷାକ୍ତ କଳା ଧୂଆଁ ପଶି ସେମାନେ ଅଣ ନିଃଶ୍ୱାସୀ ହୋଇପଡ଼ିଥିଲେ । ଏହାସହ ଘର ଭିତରେ ଥିବା ପିଇବା ପାଣି ଓ ଖାଦ୍ୟ ପଦାର୍ଥରେ କଳାଧୂଆଁ ଓ ଧୂଳି ପଶି ନଷ୍ଟ ହୋଇଯାଇଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି । ଉକ୍ତ କାରଖାନା ଏହିଭଳି ବାରମ୍ବାର ପ୍ରଦୂଷଣ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ବସ୍ତି ବାସିନ୍ଦାଙ୍କ ମନରେ କ୍ଷୋଭ ସୃଷ୍ଟି କରିଛି । ଏ ନେଇ ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ବିଭାଗର ଅଧିକାରୀ ଡ. ଅନୁପ କୁମାର ମଲ୍ଲିକଙ୍କୁ ପଚାରିବାରୁ କୁଆଁରମୁଣ୍ଡାର ଉକ୍ତ ସ୍ପଞ୍ଜ କାରଖାନାର ପ୍ରଦୂଷଣ ନେଇ ସ୍ଥାନୀୟ ଲୋକେ ଆମକୁ ବହୁବାର ଅଭିଯୋଗ କରିଛନ୍ତି । ଏ ନେଇ ଆମେ ଭୁବନେଶ୍ୱରସ୍ଥିତ ରାଜ୍ୟ ପ୍ରଦୂଷଣ ବିଭାଗକୁ ଜଣାଇ ଦେଇଛୁ । କେବଳ କାର୍ଯ୍ୟାନୁଷ୍ଠାନ ଅପେକ୍ଷାରେ ଅଛୁ ବୋଲି ଡ. ମଲ୍ଲିକ କହିଛନ୍ତି ।



କାରଖାନାର ବିଷାକ୍ତ କଳା ଧୂଆଁ ।

## ମୃତା ମହିଳା ଚାଷୀଙ୍କ ସ୍ୱାମୀଙ୍କୁ ଦୁର୍ଘଟଣା ଜନିତ ସହାୟତା

**ବଡ଼ଗାଁ,୩।୫(ଅଶୋକ ଷଡଙ୍ଗୀ) :** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଲ୍ୟାମ୍ପସ ଅଧିନ ଶଙ୍କରାପୋଷ ଗ୍ରାମର ମହିଳା ଚାଷୀ ତଥା ପୂଜା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଗୌରୀ ଭୈଷାଲଙ୍କ ଚଳିତବର୍ଷ ଫେବୃଆରୀରେ ମୃତ୍ୟୁ ଘଟିଥିଲା । ସେ ସାହାଜବାହାଲ ଲ୍ୟାମ୍ପସର ଜନତା ବୀମା ଅନ୍ତର୍ଭୁକ୍ତ ଥିଲେ । ଶନିବାର ତାଙ୍କ ସ୍ୱାମୀ ଗୌତମ ଭୈଷାଲଙ୍କୁ ଦୁର୍ଘଟଣା ଜନିତ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଡିଆରସିଏସ ଉମାଶଙ୍କର ଦାସ, ଲ୍ୟାମ୍ପସ ସଭାପତି ମିତ୍ର କିଷାନ, ନିର୍ଦ୍ଦେଶକ ଚନ୍ଦ୍ରଭାନୁ ପେରୁଆ, ରବିନ୍ଦ୍ର ପଟେଲ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସୁଧିର ରଞ୍ଜନ ପଟେଲ, ଚାଷୀ ଦିପକ ସାହୁ, ଶ୍ରୀନିବାସ ବଞ୍ଚୁଆ ପ୍ରମୁଖ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ । ଡିଆରସିଏସ ମୃତ ଚାଷୀଙ୍କ ସ୍ୱାମୀଙ୍କୁ ୫ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ । ଏମତି ଶୁଭ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

# ଧାରଣାସ୍ଥଳରୁ ବିଧାୟକଙ୍କୁ ଉଠାଇ ନେଲା ପୋଲିସ

**କୋଇଲା ସାଇଡିଂ ପରିବହନକୁ ବିରୋଧ କରୁଥିଲେ**

**ସୁନ୍ଦରଗଡ,୩।୫(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ବରପାଲି କୋଇଲା ସାଇଡିଂରୁ ପରିବହନକୁ ବିରୋଧ କରି ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ ପ୍ରଦର୍ଶନ ଜାରି ରହିଥିବା ବେଳେ ଶନିବାର ପୋଲିସ ଧାରଣା ସ୍ଥଳରୁ ବିଧାୟକ ଯୋଗେଶ କୁମାର ସିଂହଙ୍କ ସମେତ ଧାରଣାରତ ଗ୍ରାମବାସୀଙ୍କୁ ଉଠାଇ ନେଇଥିଲା । ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ସେମାନଙ୍କୁ ସୁନ୍ଦରଗଡ଼ ରିଜର୍ଭ ପୋଲିସ ବାରାକରେ ଅଟକ ରଖିବା ପରେ ରାତିରେ ଛଡାଯାଇଥିବା ପୋଲିସ କହିଛି । ପ୍ରକାଶ ଯେ, ହେମଗିରି ଥାନା ବରପାଲି ରେଲୱେ କୋଇଲା ପରିବହନକୁ ସ୍ଥାନୀୟ ଲୋକେ ବିରୋଧ କରି ଏହି କୋଇଲା ସାଇଡିଂକୁ ବନ୍ଦ କରିବା ପାଇଁ ଗ୍ରାମବାସୀ ଫେବୃଆରୀ ୪ ତାରିଖରୁ ଦିନରାତି ସେଠାରେ ଧାରଣାରେ ବସି ରହିଛନ୍ତି । ଏ ସମ୍ପର୍କରେ ରେଲୱେ ଅଧିକାରୀ ଜିଲା ପ୍ରଶାସନକୁ ବାରମ୍ବାର ଲିଖିତ ଅଭିଯୋଗ ଜଣାଇଥିଲେ ମଧ୍ୟ ଯୋର ଜବରଦସ୍ତ ଏହି ସାଇଡିଂରେ କୋଇଲା ପଡୁଛି । ଗ୍ରାମବାସୀଙ୍କ କହିବା କଥା ଏହି ସାଇଡିଂ ବନ୍ଦ କରାଯାଉ । କାରଣ ଅତି ନିକଟରେ ଜନବସତି ରହିଛି । ସାଇଡିଂ ବନ୍ଦ ନ ହେଲେ ରେଳ ଲାଇନ ଉପରେ ଶୋଇ ମରିଯିବୁ ପଛେ ଛାଡିବୁ ନାହିଁ ବୋଲି ବିଧାୟକଙ୍କ ସହିତ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ଘଟଣା ସ୍ଥଳରେ ସଦର ଉପ ଜିଲାପାଳ ଦାଶରଥି ଶରାବୁ ଓ ସଦର ଏସଡିପିଓ ନିର୍ମଳ ଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ । ଶେଷରେ ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ବିଧାୟକ ସିଂଙ୍କ ସହିତ ୧ ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷଙ୍କୁ ଧାରଣା ସ୍ଥଳରୁ ପୋଲିସ ଉଠାଇ ନେଇଥିଲା ।



ପୋଲିସ ଧାରଣାସ୍ଥଳରୁ ବିଧାୟକଙ୍କ ସମେତ ଅନ୍ୟମାନଙ୍କୁ ଉଠାଇ ନେଉଛି ।

# ଜଙ୍ଗଲ ଜମି ପରିବର୍ତ୍ତନ ନିଷ୍ପତ୍ତି ପ୍ରତ୍ୟାହାର ଦାବି

ଝାରସୁଗୁଡା,୩।୫(ଆଶିଷ ରଞ୍ଜନ ଦାଶ)

୩ ନମ୍ବର ଓରିଏଣ୍ଟ ଖୋଲାମୁହଁ କୋଇଲାଖଣି ପାଇଁ ଝାରସୁଗୁଡା ବ୍ଲକ ରାଜପୁର ଗ୍ରାମପଞ୍ଚାୟତର ଆମଦରହ ଏବଂ ଜୁନାନିମୁଣ୍ଡା ଗ୍ରାମର ଜଙ୍ଗଲଜମି ପରିବର୍ତ୍ତନ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ଏବଂ ପ୍ରସ୍ତାବିତ କୋଇଲାଖଣିକୁ ବାତିଲ କରିବାକୁ ଦାବି ହୋଇଛି। ଏ ନେଇ ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

୧୩୫ ପରିବାର ବିଶିଷ୍ଟ ଆମଦରହ ଗ୍ରାମରେ ୯୦ ପ୍ରତିଶତ ଆଦିବାସୀ ଓ ୫୦ ପରିବାର ବିଶିଷ୍ଟ ଜୁନାନିମୁଣ୍ଡା ଗ୍ରାମର ସମସ୍ତେ ଆଦିବାସୀ। ଏହି ଦୁଇ ଗ୍ରାମର ଲୋକମାନଙ୍କର ମୁଖ୍ୟ ଜୀବିକାର ସ୍ରୋତ ଜଙ୍ଗଲ, କୃଷିଜମି ଏବଂ ଏହା ବ୍ୟତୀତ ସମସ୍ତେ ପ୍ରାୟ ଦିନ ମଜୁରିଆ। ବ୍ରଜରାଜନଗର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଆମଦରହ ଏବଂ ଜୁନାନିମୁଣ୍ଡା ଅଞ୍ଚଳରେ ଘନ ଆଚ୍ଛାଦିତ ଜଙ୍ଗଲ ସ୍ଥାନୀୟ ବାସିନ୍ଦାଙ୍କୁ ଜୀବିକାର ସୁରକ୍ଷା ଦେଉଥିବା ବେଳେ ଏହି ଜଙ୍ଗଲ ଝାରସୁଗୁଡା ଜିଲାର ପରିବେଶକୁ ସନ୍ତୁଳିତ କରି ରଖିଛି। ଏହି ଜଙ୍ଗଲ ଧ୍ୱଂସ ହେଲେ ସ୍ଥାନୀୟ ବାସିନ୍ଦାଙ୍କ ରୋଜଗାର ଉପରେ ବାଧା ପଡ଼ିବା ସହ ଜିଲାର ପରିବେଶ ଅସନ୍ତୁଳିତ ହୋଇପଡ଼ିବ। ଏଣୁ ଏହା ବିରୋଧରେ ଶନିବାର ବେହେରାମାଲ କିଷାନ ଛକ ନିକଟରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଲୋକମୁକ୍ତି ସଙ୍ଗଠନର ଉପଦେଷ୍ଟା ଅନନ୍ତ ପଣ୍ଡା, ଘନଶ୍ୟାମ ମାଝୀ, ବିପିନ ଏକ୍କା, ଉମାକାନ୍ତ ନାଏକ, ଗ୍ରେଗୋରୀ ସାମାଦ, ସୁଷମା କୁମୁରା ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ନିଜ ନିଜ ବକ୍ତବ୍ୟରେ ଖଣି ଖନନ ନାମରେ ସରକାରଙ୍କ ଜଳ, ଜମି, ଜଙ୍ଗଲ ଧ୍ୱଂସ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଖଣି ପାଇଁ ଗୋଟିଏ ମଧ ଜଙ୍ଗଲ କଟିବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ପ୍ରତିବାଦ ସଭାପରେ ଲୋକମୁକ୍ତି ସଙ୍ଗଠନର ଉପଦେଷ୍ଟା ଅନନ୍ତ ପଣ୍ଡାଙ୍କ ନେତୃତ୍ୱରେ ଆମଦରହ ଏବଂ ଜୁନାନିମୁଣ୍ଡା ଗ୍ରାମର ୬ ଜଣିଆ ପ୍ରତିନିଧି ଦଳ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କୁ ସାକ୍ଷାତ କରି ସାତ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରା ଏବଂ ପ୍ରତିବାଦ ସଭାରେ ଆମଦରହ ଏବଂ ଜୁନାନିମୁଣ୍ଡା ଗ୍ରାମରୁ ବୁଧୁରାମ ନାଏକ, ଘନଶ୍ୟାମ ମାଝୀ, ବିରଞ୍ଚି ଖଡ଼ିଆ, ବିପିନ ଖଡ଼ିଆ, ଭୀମ ଖଡ଼ିଆ, ବାବୁଲୁ ଖଡ଼ିଆ, ମହେଶ କିଷାନ, ବରନା ଲାକ୍ରା, ଅପିନ ମୁଣ୍ଡା, ସୁଷମା କୁମୁରା, ବାସନ୍ତୀ ମୁଣ୍ଡା, ରୀମା ମୁଣ୍ଡା, ଲାଏରୀ କିସାନ ତଥା ଲୋକମୁକ୍ତି ସଙ୍ଗଠନର ନେତୃବୃନ୍ଦ କୈଳାଶ ପିଙ୍ଗ, ପାତ୍ର ବାଘ, ମିନକୁ ଲାକ୍ରା ପ୍ରଭୃତି ନେତୃବୃନ୍ଦଙ୍କ ସମେତ ପ୍ରାୟ ୩୦୦ ବ୍ୟକ୍ତି ଯୋଗଦାନ କରିଥିଲେ।



ବେହେରାମାଲରୁ ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲୋକମୁକ୍ତି ସଙ୍ଗଠନର ରାଲି।

- ପ୍ରସ୍ତାବିତ କୋଇଲାଖଣି ବାତିଲ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

# ତଦନ୍ତ ପରେ ଦଲାଲଙ୍କ କବଳରୁ ସରକାରୀ ଜମି ମୁକ୍ତ

ଝାରସୁଗୁଡା,୩।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ଥାନା ବିଟିଏମ୍ ଛକ ଜିଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଲାଗି ରହିଥିବା ଏକ ସରକାରୀ ଜମିକୁ ଦଲାଲମାନେ ପ୍ଲଟିଂକରି ବିକ୍ରି କରିବାକୁ ପ୍ରୟାସ କରୁଥିଲେ। ଏହି ଖବର ପ୍ରଥମେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଜିଲା ପ୍ରଶାସନ ତରଫରୁ ଝାରସୁଗୁଡ଼ା ତହସିଲଦାରଙ୍କୁ ଉକ୍ତ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତହସିଲଦାର ସଦାକର କୁମ୍ଭାର ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ସହ ଏହି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ପରେ ତହସିଲଦାର ଦଲାଲମାନଙ୍କ କବଳରୁ ଶୁକ୍ରବାର ସରକାରୀ ଜମିକୁ ମୁକ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ବିଟିଏମ୍ ଅଞ୍ଚଳରେ ସର୍ବସାଧାରଣଙ୍କ ପାଇଁ ଥିବା ରକ୍ଷିତ ତଥା ଆଶା କିସମ, ଯାହାର ଏରିଆ ୮୨ ଡେସିମିଲ, ଖାତା ନମ୍ବର ୧୦୬୮, ପ୍ଲଟ୍ ନମ୍ବର ୩୨୨/୪୪୧ ସରକାରୀ ଜମି ରହିଛି। ଉକ୍ତ ଜମିରେ ୩୦ ଫୁଟର ରାସ୍ତା ବନାଇ ଦଲାଲମାନେ ନିଜେ ପ୍ଲଟିଂ କରି ଜମି ବିକ୍ରିକରି ବହୁ କୋଟି ଟଙ୍କା ରୋଜଗାର କରୁଛନ୍ତି। ଏପରିକି ଉକ୍ତ ରାସ୍ତାରେ ପୋଲ ତିଆରି କରିବା ସହ ବିଦ୍ୟୁତ୍ ଖୁଣ୍ଟ ମଧ ପୋତିଛନ୍ତି। କିନ୍ତୁ ଏହି ଜମି ରକ୍ଷିତ ତଥା ଆଶା କିସମର ହୋଇଥିବାରୁ ଏହା ଭୂମିହୀନ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ତଦନ୍ତ ପରେ ତହସିଲଦାର ହସ୍ତକ୍ଷେପକରି ଦଲାଲମାନେ ସରକାରୀ ଜମିରେ ତିଆରି କରିଥିବା ୩୦ ଫୁଟର ରାସ୍ତା ସହ ପୋତିଥିବା ବିଦ୍ୟୁତ୍ ଖୁଣ୍ଟକୁ ଜେସିବି ସହାୟତାରେ ଭାଙ୍ଗିଦେଇ ସରକାରୀ ଜାଗାର ଚିହ୍ନଟ କରିବା ସହ ଉକ୍ତ ଜମିକୁ ଦଲାଲଙ୍କ କବଳରୁ ମୁକ୍ତ କରିଛନ୍ତି। ଝାରସୁଗୁଡ଼ା ତହସିଲରେ ଏହିପରି ସରକାରୀ ଜମି ଉପରେ କବ୍‌ଜା କରିଥିବା ବିଷୟରେ ଅନୁସନ୍ଧାନ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର କହିଛନ୍ତି।


ଦଲାଲମାନେ ସରକାରୀ ଜାଗାରେ ତିଆରି କରିଥିବା ରାସ୍ତା ଓ ପୋତିଥିବା ବିଦ୍ୟୁତ୍ ଖୁଣ୍ଟକୁ ଭଙ୍ଗାଯାଉଛି।

- ରାସ୍ତାର ନକ୍ସା ଦେଖାଇ ଜମି ବିକ୍ରି କରିବା ଘଟଣା

# ଲକ୍ଷ୍ମୀ ଟକିଜ୍ ଛକ ଗଣ୍ଡଗୋଳ ଘଟଣାର ତଦନ୍ତ ଦାବି

ସମ୍ବଲପୁର,୩।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଲକ୍ଷ୍ମୀ ଟକିଜ ଛକରେ ଗତ ଏପ୍ରିଲ ୨୯ ତାରିଖ ରାତିରେ ହୋଇଥିବା ଗଣ୍ଡଗୋଳ ଘଟଣାରେ କମଲ ଲୋଚନ ଓରଫ ରିଙ୍କୁଙ୍କୁ ପୋଲିସ ଗିରଫ କରିଥିଲା। ଏନେଇ ଶନିବାର ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଜିଲା ପାଳ ଏବଂ ଏସ୍‌ପିଙ୍କୁ ଭେଟି ସେଦିନ ୧୫ଜଣ ବ୍ୟକ୍ତି ଭାରତ ଏବଂ ହିନ୍ଦୁ ବିରୋଧୀ ମନ୍ତବ୍ୟ ଦେବା କାରଣରୁ କମଲଲୋଚନ ପୂଜାରୀଙ୍କ ଆପତ୍ତି ପରେ ଏହି ବିବାଦ ସୃଷ୍ଟି ହୋଇଥିବା ଅଭିଯୋଗ କରାଯାଇଛି। ଛକର ଏକ ଚା' ଦୋକାନ ନିକଟରେ ପ୍ରତିଦିନ ସନ୍ଧ୍ୟାରେ କେତେକ ଅସାମାଜିକ ତତ୍ତ୍ୱ ଏକତ୍ରିତ ହେଉଥିବା ନେଇ ପୂର୍ବରୁ ମଧ ଟାଉନ ଥାନାରେ ସୂଚନା ରହିଥିଲା। ଦେଶ ବିରୋଧୀ ଟିପ୍ପଣିକୁ କମଲ ଲୋଚନଙ୍କ ଆପତ୍ତି ପରେ ଭିଏସଏସ ମାର୍ଗସ୍ଥିତ ଏକ ମେଡିକାଲ ଷ୍ଟୋର୍‌ର ମାଲିକଙ୍କୁ ଖବର ଦିଆଯାଇଥିଲା। ସେ ଅନ୍ୟ ୩୦ଜଣଙ୍କୁ ଧରି ସେଠାରେ ପହଞ୍ଚିଥିଲେ। ସେମାନେ କମଲଲୋଚନଙ୍କୁ ମରଣାନ୍ତକ ଆକ୍ରମଣ କରି ୧୩ ହଜାର ୮୦୦ଟଙ୍କା ଲୁଟି ନେଇଥିବା ସମନ୍ୱୟ ସମିତି ଅଭିଯୋଗ କରିଛି। ତଥାପି ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଅପରପକ୍ଷରେ ପାଲଟା କମଲଲୋଚନଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ଏଣୁ ଘଟଣାର ନିରପେକ୍ଷ ତଦନ୍ତ ସହ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହି ପ୍ରତିନିଧ ମଣ୍ଡଳୀରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି କର୍ମକର୍ତ୍ତାଙ୍କ ସହ ସମ୍ବଲପୁର ବସ୍ ମାଲିକ ସଂଘ ସଭାପତି ସରୋଜ କୁମାର ପାତ୍ର ଏବଂ ପୂର୍ବତନ ସଭାପତି ସୁବ୍ରତ ପାଣିଗ୍ରାହୀ, ଲୁଲୁ ପ୍ରଧାନ, ରଶ୍ମି ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

# ପ୍ରଧାନମନ୍ତ୍ରୀ ଆବାସ-୨ ସଚେତନତା କାର୍ଯ୍ୟକ୍ରମ


ବୈଠକରେ ପୌର ପରିଷଦ ଭାରପ୍ରାପ୍ତ ଅଧକ୍ଷଙ୍କ ସହ କାଉନସିଲରମାନେ।

ଦେବଗଡ଼,୩।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌରପରିଷଦ ସଭା ଗୃହଠାରେ ପ୍ରଧାନମନ୍ତ୍ରୀ ଆବାସ-୨ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୌରପରିଷଦ ଭାରପ୍ରାପ୍ତ ଅଧକ୍ଷ ପ୍ରଜିତ କୁମାର ଭୋଜଙ୍କ ଅଧକ୍ଷତାରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୌରାଞ୍ଚଳର ଗରିବ ନିରାଶ୍ରୟଙ୍କୁ ମୁଣ୍ଡ ଗୁଞ୍ଜିବା ପାଇଁ ପକ୍କା ଘର ଯୋଗାଇ ଦେବା ଲାଗି ପ୍ରଧାନମନ୍ତ୍ରୀ ଆବାସ-୨ ଆରମ୍ଭ ହୋଇଛି। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ କମିଟି ଗଠନ କରିବାକୁ ଭୋଜ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନ ମନ୍ତ୍ରୀ ଆବାସ ସହାୟତା ରାଶି ୨.୫ ଲକ୍ଷ ଟଙ୍କା ସହିତ ୪ମାସ ମଧରେ ଗୃହ ସଂପୂର୍ଣ୍ଣ କରି ୨୦ହଜାର ସରକାରୀ ପ୍ରୋତ୍ସାହନ ରାଶି ଓ ୬ ମାସ ମଧରେ ୧୦ହଜାର ସରକାରୀ ପ୍ରୋତ୍ସାହନ ରାଶି ହାସଲ କରିବାକୁ ହିତାଧିକାରୀଙ୍କୁ ସଚେତନ କରିବା ପାଇଁ ଅଧିକାରୀଙ୍କୁ ନିବେଦନ କରିଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୌର ଓ ୱାର୍ଡ ସ୍ତରୀୟ କମିଟି ଗଠନ ସହ ବ୍ୟାପକ ଜନସଚେତନତା ମାଧ୍ୟମରେ ଅତ୍ୟନ୍ତ ନିଷ୍ଠା ଓ ଦକ୍ଷତାର ସହିତ ହିତାଧିକାରୀ ଚୟନ କରି ଗରିବ ଓ ନିରାଶ୍ରୟ ଲୋକମାନଙ୍କୁ ଆବାସ ଯୋଗାଇବା ସହିତ କଚା ଘର ମୁକ୍ତ ପୌରାଞ୍ଚଳ ପାଇଁ ଭୋଜ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୌର ଓ ୱାର୍ଡ କମିଟି ଦ୍ୱାରା ଚୟନ କରାଯାଇଥିବା ହିତାଧିକାରୀ ତାଲିକା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକ ଓ ଜନଗହଳି ସ୍ଥାନରେ ଲଗାଇବାକୁ ନିର୍ଦ୍ଦେଶ ଦେବା ସହିତ ହିତାଧିକାରୀ ଚୟନରେ ସରକାରୀ ନିର୍ଦ୍ଦେଶନାମା କଡ଼ାକଡ଼ି ପାଳନ କରି ସ୍ୱଚ୍ଛତା ଅବଲମ୍ବନ ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାଉନସିଲର ପ୍ରମିଳା ବେହେରା, ପିଙ୍କୁନ ଯତୀନ, ପିଙ୍କି ରାଣୀ ସାହୁ, ସରୋଜିନୀ ମୁଣ୍ଡା, ମଧୁସୂଦନ ବାଘ, କାର୍ତ୍ତିକ ମହାକୁଳ, ଇତିଶ୍ରୀ ମିଶ୍ର ଉପସ୍ଥିତ ରହି ଆବାସ ଯୋଜନାର ବିଭିନ୍ନ ଦିଗ, ବିଭିନ୍ନ ୱାର୍ଡରେ ହିତାଧିକାରୀ ଚୟନ ଓ ଗୃହ ନିର୍ମାଣ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସ୍ୱଚ୍ଛ ସାଥୀ ବୈଠକରେ ଉପସ୍ଥିତ ଥିଲେ।

## ଜିଲା ପରିଷଦ ଅଧକ୍ଷ, ବିଧାୟକଙ୍କ ଦ୍ୱାରା ବିଭିନ୍ନ ଯୋଜନାର ସମୀକ୍ଷା

ଦେବଗଡ,୩।୫(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଜିଲା ପରିଷଦ ଅଧକ୍ଷ ଓ ଦେବଗଡ଼ ବିଧାୟକଙ୍କ ଦ୍ୱାରା ବିଭିନ୍ନ ଯୋଜନା ଓ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଛି। ଦେବଗଡ ଜିଲାପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ବିଧାୟକ ରୋମାଂଚ ରଞ୍ଜନ ବିଶ୍ୱାଳ, ଦେବଗଡ ଜିଲା ପରିଷଦର ଉନ୍ନୟନ ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଉପାଧକ୍ଷା ଆରତୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରାଜେଶ ମହାନାୟକ ଓ ପୁଷ୍ପାଞ୍ଜଳି ସାମଲ, ଆଇଟିଡିଏ, ତିଲେଇବଣିର ପ୍ରକଳ୍ପ ପ୍ରଶାସିକା ସଂଧ୍ୟା ମାଝୀ ,ତିଲେଇବଣି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଣୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ସହକାରୀ ନିର୍ବାହୀ ଯନ୍ତ୍ରୀ ଦର୍ଶନ ପୁରୋହିତାଙ୍କ ସମେତ ବହୁ ଯନ୍ତ୍ରୀ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ପରିଷଦ ଅଧକ୍ଷ ପ୍ରଧାନ ଓ ବିଧାୟକ ବିଶ୍ୱାଳ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ଗ୍ରାମ୍ୟ ଗୃହ ନିର୍ମାଣ, ସିଏଫସି /ଏସଏଫସି,ଏଡବ୍ଲୁସି, ଆବାସ ଯୋଜନା, ଏଓଏନଓ, ବିଜିବିଓ ଭଳି ବିଭିନ୍ନ ଯୋଜନା ଓ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ।


# ନୂତନ ବିଇଓ ଦାୟିତ୍ୱ ନେଲେ ହିମାଂଶୁ

ଝାରସୁଗୁଡ଼ା/ଲଇକେରା,୩।୫
(ଆଶିଷ ରଞ୍ଜନ ଦାଶ /ରଞ୍ଜନ ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍‌ରେ ନୂତନ ବିଇଓ ଭାବେ ସରକାରୀ ଭୀଷ୍ମଦେବ ଉଚ୍ଚ ବିଦ୍ୟାଳୟ, ବାଗମରାର ପ୍ରଧାନ ଶିକ୍ଷକ ହିମାଂଶୁ ବାଗ ଗତ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପଦବୀ ୩୧।୦୭।୨୦୨୩ରୁ ଖାଲିଥିଲା। ଏହି ଅବଧିରେ ତନ୍ମୟୀ ସୁଭାଶ୍ରୀ ପିଙ୍ଗ, ପ୍ରଧାନ ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ, ଝାରସୁଗୁଡ଼ା, ଅତିରିକ୍ତ ଦାୟିତ୍ୱରେ ଥିଲେ। ଲାଇକେରା ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦେଇ ଏହି ବର୍ଷ ବାଲବାଟିକା ଶିକ୍ଷା କାର୍ଯ୍ୟକ୍ରମକୁ ସରକାର ଆରମ୍ଭ କରିଛନ୍ତି। ସରକାରୀ ବିଦ୍ୟାଳୟରେ ପାଠପଢ଼ା ତ୍ୱରିତ କରି ସ୍ୱପ୍ନ ସାକାର କରିବା ଏବଂ ଶିକ୍ଷକମାନଙ୍କର ଶିକ୍ଷା ପ୍ରତି ମନୋବଳ ବୃଦ୍ଧି ପାଇଁ କାର୍ଯ୍ୟ କରିବାକୁ ନୂତନ ବିଇଓ ହିମାଂଶୁ ବାଗ କହିଛନ୍ତି।


ନୂତନ ବିଇଓ ହିମାଂଶୁ ବାଗଙ୍କୁ ସ୍ୱାଗତ କରାଯାଉଛି।

# ବୀମା କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା



ବୀମା କର୍ମଚାରୀ ସଂଘର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ଝାରସୁଗୁଡ଼ା, ୩।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବେହେରାମାଲ ସ୍ଥିତ ଏଲ୍‌ଆଇସି ଅଫିସଠାରେ, ଶୁକ୍ରବାର ଅପରାହ୍ନ ୪ଟାରେ ବୀମା କର୍ମଚାରୀ ସଂଘର ୫୧ତମ ବାର୍ଷିକ ସାଧାରଣ ସଭା ଅରୁଣ ଚଇନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଡିଭିଜନ ବୀମା କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ବୀର କିଶୋର ନାୟକ ଓ ସାଙ୍ଗଠନିକ ସମ୍ପାଦକ ଆଶିଷ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ସର୍ବପ୍ରଥମେ ୧୪ ପୃଷ୍ଠାର ବାର୍ଷିକ ରିପୋର୍ଟ ସମ୍ପାଦକ ବେଦବ୍ୟାସ ଭୋଇ ମଞ୍ଚ ଉପରେ ଉପସ୍ଥାପନ କରିଥିଲେ। ଏହି ରିପୋର୍ଟ ଉପରେ ଆଲୋଚନାକରି କୃପା ମିଶ୍ର କହିଲେ, ରିପୋର୍ଟ ଆନ୍ତର୍ଜାତିକ ସ୍ତରରେ ଆଜି ଆମେରିକା ବଡ ଭାଇ ସାଜିଛି, ସମସ୍ତ ଦେଶ ଉପରେ ତାରିଫର ବୋଝ ଲଦି ଏକ ଆର୍ଥିକ ଜରୁରିକାଳୀନ ପରିସ୍ଥିତି ସାରା ବିଶ୍ୱକୁ ଦୋହଲାଇ ଦେଇଛି। ଏହା ପରେ ରତ୍ନାକର ପ୍ରଧାନ କହିଲେ, ଦେଶରେ ଏକ ସାମ୍ପ୍ରତିକ ସ୍ଥିତି ଘନେଇଛି, କେନ୍ଦ୍ରର ଭାଜପା ସରକାର ବୀମା କ୍ଷେତ୍ରରେ ୧୦୦% ବିଦେଶୀ ପୁଞ୍ଜି ଆଣିବା ପାଇଁ ଷଡ଼ଯନ୍ତ୍ର ଚଳାଇଛନ୍ତି। ଏଥିପାଇଁ ଅଖିଳ ଭାରତ ବୀମା କର୍ମଚାରୀ ସଂଘ ଲଗାତର ଆନ୍ଦୋଳନ ଚଳାଇଛି। କେନ୍ଦ୍ରୀୟ କର୍ମଚାରୀ ସଂଗଠନ ତରଫରୁ ୬ ଦଫା ଦାବି ନେଇ ଚଳିତ ମାସ ୨୦ତାରିଖ ସର୍ବ ଭାରତୀୟ ଧର୍ମଘଟ ହେବ ଓ ବୀମା ସଂଘ ସମ୍ପୂର୍ଣ୍ଣ ଭାଗ ନେବ। ଶେଷରେ ୨୦୨୫-୨୬ ବର୍ଷ ପାଇଁ ସର୍ବସମ୍ମତି ଭାବେ ସଭାପତି ଜଗଦେଶ୍ୱର ନାୟକ, ସମ୍ପାଦକ ବେଦବ୍ୟାସ ଭୋଇ ଓ କୋଷାଧକ୍ଷ ନବୀନ ସିଂହା, ରତ୍ନାକର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ କନକ ନାୟକ, ଦୀପିକା ବକ୍ସସଲା, ଉଦିତ ଉର୍ମା, ସୁରେଶ ଭଇସା, ଅଞ୍ଜଳି ବିଜୟା କେରକେଟା, ଦେବେନ୍ଦ୍ର ନାୟକ, ଦେବେନ୍ଦ୍ର ବାଗ ଉପସ୍ଥିତ ଥିଲା ବେଳେ ଅର୍ଜୁନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ସହ ପ୍ରଭାରୀଙ୍କ ଝାରସୁଗୁଡ଼ା ଜିଲା ଗସ୍ତ

ଝାରସୁଗୁଡ଼ା, ୩।୫(ଆଶିଷ ରଞ୍ଜନ ଦାଶ)

ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ତଥା ଓଡ଼ିଶା ସହ ପ୍ରଭାରୀ ଶାହାନୱାଜ ଚୌଧୁରୀ ଶନିବାର ଝାରସୁଗୁଡ଼ା ଜିଲା ଗସ୍ତ କରିଛନ୍ତି। ପୂର୍ବାହ୍ନ ୧୧ଟାରେ ଜିଲା କଂଗ୍ରେସ କମିଟି ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ଏକ କର୍ମୀ ସମ୍ମିଳନୀରେ ସେ ଯୋଗଦାନ କରିଥିଲେ। ସ୍ଥାନୀୟ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚୌଧୁରୀ କଂଗ୍ରେସ ନେତୃବୃନ୍ଦ ତଥା କର୍ମୀଙ୍କୁ ଆଗାମୀ ଦିନରେ ତୃଣମୂଳ ସ୍ତରରୁ ଦଳକୁ ସଂଗଠିତ କରି ଜନସାଧାରଣଙ୍କ ଆସ୍ଥାଭଜନ ହେବା ପାଇଁ ପରାମର୍ଶ ଦେଇଥିଲେ। ଦଳର ନେତା ରାହୁଲ ଗାନ୍ଧୀଙ୍କର ଲୋକସଭା ଓ ଲୋକସଭା ବାହାରେ ଜାତିଭିତ୍ତିକ ଜନଗଣନା ପାଇଁ ଅନବରତ ପ୍ରୟାସ ଯୋଗୁ କେନ୍ଦ୍ର ସରକାର ରାଜି ହୋଇଥିବାରୁ ଏହା କଂଗ୍ରେସ ଦଳର ଏକ ନୈତିକ ବିଜୟ ବୋଲି ସେ ପ୍ରକାଶ କରିଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ ଝାରସୁଗୁଡା ଜିଲାର ବିଭିନ୍ନ ସ୍ଥାନୀୟ ସମସ୍ୟା ଯଥା କଳ କାରଖାନାରୁ ନିର୍ଗତ ବିଷାକ୍ତ ପାଉଁଶ ବେନିୟମ ଭାବରେ ବିଭିନ୍ନ ସ୍ଥାନରେ ପକାଯିବା ଏବଂ ତତ୍‌ଜନିତ ପ୍ରଦୂଷଣ ଏବଂ ସ୍ୱାସ୍ଥ୍ୟହାନି, କଳ କାରଖାନାଗୁଡ଼ିକରେ ସ୍ଥାନୀୟ ନିଯୁକ୍ତିର ଅଭାବ, ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା ତଥା ଶିଳ୍ପାନୁଷ୍ଠାନଗୁଡ଼ିକ ଦ୍ୱାରା ଧାର୍ଯ୍ୟ ପରିମାଣଠାରୁ ଅଧିକ ପାଣି ନେବା ଦ୍ୱାରା ଚାଷ ପ୍ରଭାବିତ ସଙ୍ଗେ ସଙ୍ଗେ ପାନୀୟ ଜଳର ଅଭାବ ପ୍ରଭୃତି ବିଷୟରେ ସୂଚାଇ, ସରକାର ଏବଂ ପ୍ରଶାସନ ଏ ବିଷୟରେ ବିହିତ ପଦକ୍ଷେପ ନ ନେଲେ କଂଗ୍ରେସ ଆନ୍ଦୋଳନମୂକ ପନ୍ଥା ଗ୍ରହଣ କରିବ ବୋଲି ପ୍ରକାଶ କରିଥିଲେ। ଜିଲା ସଭାପତି ସୁବ୍ରତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ଭରତ ଅବସ୍ଥି, ସିୟାରମ ଦାସ, ପ୍ରଶାନ୍ତ ତ୍ରିପାଠୀ, ଅମିତା ବିଶ୍ୱାଳ, ମନମୋହନ ଝା, ଦେବାନନ୍ଦ ବାରିକ, ଶାହରୁଖ ଖାଁନ, ଆଦର୍ଶ ଗାନ୍ଧୀ, ମନୀଷ ବାଜପେୟୀ, ମଟରାଜ ଡୁଙ୍ଗ୍ ଡୁଙ୍ଗ୍, ଓମ୍‌ପ୍ରକାଶ ଠକ୍କର, ଭାସ୍କର ପଟେଲ, ପୁଣ୍ୟବାନ ନାଇକ, ପିଣ୍ଟୁ ଖମାରି, ମହେଶ ପ୍ରଧାନ, ଶଙ୍କର ଦାସ, ଜୀବନ ସାର୍ଥକ ଦାସ, ଏମ୍.ଡି. ୱାରିଶ, ଭି. ଗୌରୀ, ଅଲେଖ କୁମାର, ମୁନ୍ନା, ଅଶୋକ ଖର୍ସେଲ, ଦୀପକ ସାହୁ, କାଜଲ ଘୋଷ, ଗୁଡୁ ଭାଇ, ବିଜୟ ଶକୁନିଆ,ପୂର୍ଣ୍ଣ ଚନ୍ଦ୍ରାନଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଓଡ଼ିଶା ସହ ପ୍ରଭାରୀ ସୂଚନା ଦେଉଛନ୍ତି।

- ଖବରଦାତା ସମ୍ମିଳନୀ, ଜିଲାର ସମସ୍ୟା ଉପରେ ଆଲୋଚନା
- ସମାଧାନ ନ ହେଲେ ଆନ୍ଦୋଳନ

# ଶୀର୍ଷରେ ଆର୍‌ସିବି



ଶଟ୍ ଖେଳିବା ଅବସରରେ ବିରାଟ କୋହଲି।

**ବେଙ୍ଗାଲୁରୁ,୩ା୫**

ଚଳିତ ଆଇପିଏଲ୍‌ରେ ଶନିବାର ଖେଳାଯାଇଥିବା ଏକ ହାଇ ସ୍କୋରିଂ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୨ ରନରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ପରାସ୍ତ କରିଛି। ଏହା ଆର୍‌ସିବିର ଅଷ୍ଟମ ବିଜୟ ହୋଇଥିବା ବେଳେ ଚେନ୍ନାଇ ଲାଗି ଏହା ନବମ ପରାଜୟ। ଏହି ବିଜୟ ସହ ଆର୍‌ସିବି ପଏଣ୍ଟ ଟେବୁଲ ଶୀର୍ଷକୁ ଉଠିଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୧୩ ରନ କରିଥିଲା। ଜ୍ୟାକବ ବେଥେଲ ୩୩ ବଲରେ ୫୫ (୮ ଚୌକା ଓ ୨ ଛକା) ଓ ବିରାଟ କୋହଲି ୩୩ ବଲରେ ୬୨ (୫ ଲେଖାଏ ଚୌକା ଓ ଛକା) ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ରୋମାରିଓ ଶେଫର୍ଡ ୧୪ ବଲରେ ୫୩ (୪ ଚୌକା ଓ ୬ ଛକା) ରନ କରିଥିଲେ। ଚେନ୍ନାଇ ପକ୍ଷରୁ ମାଥିସା ପାଥିରାନା ୩ ଉଇକେଟ ନେଇଥିଲେ। ଜବାବରେ ସିଏସ୍‌କେକୁ ଶେକ ରଶିଦ ଓ ଆୟୁଷ ମହାତ୍ରେ ୪.୩ ଓଭରରେ ୫୧ ରନର ଆରମ୍ଭ ଦେଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ରଶିଦ(୧୪) ଓ ସାମ କୁରାନ(୫)ଙ୍କ ଉଇକେଟ ହରାଇଥିଲା। ମହାତ୍ରେ ଓ ରବୀନ୍ଦ୍ର ଜାଡେଜା ତୃତୀୟ ଉଇକେଟରେ ୧୧୪ ରନ ଯୋଡ଼ି ଦଳକୁ ବିଜୟ ଆଶା ଦେଇଥିଲେ। ଶତକ ଆଡ଼େ ଅଗ୍ରସର ହେଉଥିବା ମହାତ୍ରେ ୪୮ ବଲରେ ୯୪ (୯ ଚୌକା ଓ ୫ ଛକା) ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ମହେନ୍ଦ୍ର ସିଂ ଧୋନୀ(୧୨) ଓ ଶିବମ୍ ଦୁବେ(୮) ରନ୍ କରିଥିଲେ। ହେଲେ ଦଳକୁ ଜିତାଇ ପାରି ନ ଥିଲେ। ଚେନ୍ନାଇ ୨୦ ଓଭରରେ ୫ ଉଇକେଟ ହରାଇ ୨୧୧ ରନ କରିବାକୁ ସକ୍ଷମ ହୋଇଥିଲା। ଜାଡେଜା ୪୫ ବଲରେ ୮ ଚୌକା ଓ ୨ ଛକା ସହିତ ୭୭ ରନ କରି ଅପରାଜିତ ରହିଥିଲେ। ଆର୍‌ସିବି ପକ୍ଷରୁ ଏନଗିଡି ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୨୧୩/୫(ବିରାଟ କୋହଲି-୬୨, ଜ୍ୟାକବ ବେଥେଲ-୫୫, ରୋମାରିଓ ଶେଫର୍ଡ-୫୩*, ମାଥିସା ପାଥିରାନା-୩/୩୬, ନୁର ଅହମ୍ମଦ-୧/୨୬)। ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୨୧୧/୫ (ଆୟୁଷ ମହାତ୍ରେ-୯୪, ରବୀନ୍ଦ୍ର ଜାଡେଜା-୭୭*, ଲୁଙ୍ଗି ଏନଗିଡି-୩/୩୦, କୃନାଲ ପାଣ୍ଡ୍ୟା-୧/୨୪)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**କୋଲକାତା ବନାମ ରାଜସ୍ଥାନ**
ସ୍ଥାନ: କୋଲକାତା
ସମୟ: ଅପରାହ୍ଣ ୩.୩୦

**ପଞ୍ଜାବ ବନାମ ଲକ୍ଷ୍ନୌ**
ସ୍ଥାନ: ଧର୍ମଶାଳା
ସମୟ: ରାତ୍ର ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ପଞ୍ଜାବ କିଙ୍ଗ୍ସ | ୧୦ | ୬ | ୩ | ୧ | ୧୩ | +୦.୧୯୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୫ | ୧ | ୯ | +୦.୨୭୧ |
| ରାଜସ୍ଥାନ ରୟାଲ୍ସ | ୧୧ | ୩ | ୮ | ୦ | ୬ | -୦.୭୮୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୩ | ୭ | ୦ | ୬ | -୧.୧୯୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୨ | ୯ | ୦ | ୪ | -୧.୧୧୭ |

## ଅଷ୍ଟ୍ରେଲିଆ ବିପକ୍ଷ ମହିଳା ହକି ସିରିଜ

# ୩-୨ରେ ହାରିଲା ଭାରତ

**ପର୍ଥ,୩ା୫(ପି.ଟି)**

ଭାରତୀୟ ମହିଳା ହକି ଦଳ ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱିତା କରିବା ସତ୍ତ୍ୱେ ୨-୩ ଗୋଲରେ ଅଷ୍ଟ୍ରେଲିଆଠାରୁ ପରାଜୟ ବରଣ କରିଛି। ଭାରତୀୟ ଦଳ ପକ୍ଷରୁ ନବନୀତ କୌର (୩୫ତମ ମିନିଟ୍) ଓ ଲାଲରେସିଆମି (୫୯ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପାଇଁ ଗ୍ରେସ ଷ୍ଟିୱାର୍ଟ (ଦ୍ୱିତୀୟ), ଜେଡ ସ୍ମିଥ (୩୬ତମ) ଓ ଗ୍ରେଟା ହାୟେସ (୪୨ତମ) ଗୋଲ କରିଥିଲେ। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଗ୍ରେସ ଷ୍ଟିୱାର୍ଟଙ୍କ ଗୋଲ ଯୋଗୁ ପ୍ରଥମ କ୍ୱାର୍ଟରରେ ଅଷ୍ଟ୍ରେଲିଆ ୧-୦ ଗୋଲ୍‌ରେ ଆଗରେ ରହିଥିଲା। ଏହି କ୍ୱାର୍ଟରରେ ଭାରତୀୟ ଖେଳାଳିମାନେ ସୁଯୋଗ ସୃଷ୍ଟି କରିଥିଲେ। ହେଲେ କେହି ତାହାକୁ ସ୍କୋରରେ ପରିଣତ କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତୀୟ ଦଳ ସଫଳତାର ସହ ଅଷ୍ଟ୍ରେଲିଆର ପେନାଲ୍ଟି କର୍ନରକୁ ବେକାର କରିଥିଲା। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଅଷ୍ଟ୍ରେଲିଆ ୧-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରର ୩୫ତମ ମିନିଟ୍‌ରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା, ଯାହାକୁ ନବନୀତ କୌର ଗୋଲରେ ପରିଣତ କରିଥିଲେ। ହେଲେ ଏହାର ପରବର୍ତ୍ତୀ ମିନିଟ୍‌ରେ ଜେଡ୍ ଅଷ୍ଟ୍ରେଲିଆ ପାଇଁ ଦ୍ୱିତୀୟ ଗୋଲ କରିଥିଲେ। ୪୨ତମ ମିନିଟ୍‌ରେ ହାୟେସ ଘରୋଇ ଦଳର ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇଥିଲେ। ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟରର ୫୯ତମ ମିନିଟରେ ଲାଲରେସିଆମି ଭାରତ ପାଇଁ ଦ୍ୱିତୀୟ ଗୋଲ ପରିଶୋଧ କରିଥିଲେ।

# ହେମରାଜ ୪, ଅଞ୍ଜଳୀ ୬ ବର୍ଷ ବାସନ୍ଦ



ଅଞ୍ଜଳୀ ଦେବୀ

**ଡୋପ୍ ଟେଷ୍ଟ**

**ନୂଆଦିଲ୍ଲୀ, ୩ା୫ (ପି.ଟି.)**

ଲଙ୍ଗ ଡିଷ୍ଟାନ୍ସ ରନର ହେମ୍‌ରାଜ ଗୁର୍ଜାର ଓ ଅଞ୍ଜଳୀ ଦେବୀ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା)ର ଡିସିପ୍ଲିନାରି ପ୍ୟାନେଲ ଦ୍ୱାରା ଯଥାକ୍ରମେ ୪ ଓ ୬ ବର୍ଷ ବାସନ୍ଦ ହୋଇଛନ୍ତି। ଉଭୟେ ଗତବର୍ଷ ଅନୁଷ୍ଠିତ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ୨୫ ବର୍ଷୀୟ ଗୁର୍ଜାର ୨୦୨୩ ଜାତୀୟ ଆନ୍ତଃ ରାଜ୍ୟ ଚାମ୍ପିଅନଶିପ୍‌ର ୫୦୦୦ ମିଟର ରେସ୍‌ରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ୨୦୨୩ ଓ ୨୦୨୪ କ୍ରସ୍ କଣ୍ଟ୍ରି ଚାମ୍ପିଅନଶିପ୍‌ରେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ନିଷ୍ପତ୍ତି ତାରିଖ ଏପ୍ରିଲ ୨୦ରୁ ସେ ୪ ବର୍ଷ ପର୍ଯ୍ୟନ୍ତ ବାସନ୍ଦ ହୋଇଛନ୍ତି। ଗୁର୍ଜାର ଆହୁରି ମଧ୍ୟ ଗତବର୍ଷ ୱାର୍ଲ୍ଡ ଆଥ୍‌ଲେଟିକ୍ସ କ୍ରସ୍ କଣ୍ଟ୍ରି ଚାମ୍ପିଅନଶିପ୍‌ରେ ଦେଶରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କଠାରୁ ସଂଗୃହୀତ ଡୋପ୍ ସାମ୍ପଲରୁ ନିଷିଦ୍ଧ ଦ୍ରବ୍ୟ ଡାର୍ବେପୋଟିନ (ଡେପୋ) ଠାବ କରାଯିବା ପରେ ନାଡା ତାଙ୍କୁ ସାମୟିକ ସସ୍‌ପେଣ୍ଡ କରିଥିଲା। ଅନ୍ୟପକ୍ଷରେ ଅଞ୍ଜଳୀଙ୍କ ୬ ବର୍ଷ ବାସନ୍ଦ ଦଣ୍ଡ ମାର୍ଚ୍ଚ ୩୧ରୁ କାର୍ଯ୍ୟକାରୀ ହେବ ବୋଲି ନାଡା ୱେବ୍‌ସାଇଟ୍‌ରେ ସଦ୍ୟତମ ଅପ୍‌ଡେଟ୍‌ରୁ ଜଣାପଡ଼ିଛି। ଏଥିରେ ଏହାଠାରୁ ଅଧିକ କିଛି ତଥ୍ୟ ପ୍ରଦାନ କରାଯାଇ ନାହିଁ। ଅଞ୍ଜଳୀ ଆହୁରି ମଧ୍ୟ ଗତବର୍ଷ ଦେଶରୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ କ୍ରସ୍ କଣ୍ଟ୍ରି ଚାମ୍ପିଅନଶିପ୍‌ରେ ପ୍ରତିନିଧିତ୍ୱ କରିଥିଲେ। ସୂଚନାଯୋଗ୍ୟ, ଡୋପିଙ୍ଗ ମାମଲାରେ ନାଡାର ଡିସିପ୍ଲିନାରି ପ୍ୟାନେଲ ଦ୍ୱାରା କବାଡ଼ି ଖେଳାଳି ମନୀଷ ଗୁଲିଆ, ରେସ୍‌ଲର ଓମ୍‌କାର ଶଙ୍କର ଚୋଗ୍‌ଲେ ଓ ଦିବ୍ୟାକକ୍ରାନ, ବକ୍ସର ଥୋକ୍‌ଚୋମ୍ ୟାଇସାନା ଚାନୁ ଓ ସନ୍ତରଣକାରୀ ବିଶାଲ ଗ୍ରେୱାଲ ପ୍ରମୁଖ ୪ବର୍ଷ ଲେଖାଏଁ ବାସନ୍ଦ ହୋଇଛନ୍ତି। ପାୱାର ଲିଫ୍ଟର ଅମିତା ଦେବୀ କୋଟ୍‌ୱାଲ୍ ଏବଂ ଜଣେ ନାବାଳକ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ ୬ ବର୍ଷ ଲେଖାଏ ବାସନ୍ଦ ହୋଇଛନ୍ତି। ଏ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରାଯାଇ ନାହିଁ।

# ଡାଇମଣ୍ଡ ଲିଗ୍: ସାବ୍‌ଲେଙ୍କୁ ୮ମ ସ୍ଥାନ

**କେକିଆଓ (ଚାଇନା), ୩ା୫ (ପି.ଟି.)**

ଭାରତର ଟପ୍ ୩,୦୦୦ ମିଟର ଷ୍ଟିପଲ ଚେଜର ଅବିନାଶ ସାବ୍‌ଲେ ଏଠାରେ ଶନିବାର ଅନୁଷ୍ଠିତ ଡାଇମଣ୍ଡ ଲିଗ୍ ମିଟିଂରେ ୮ମ ସ୍ଥାନ ଅଧିକାର କରିଛନ୍ତି। ୩୦ବର୍ଷୀୟ ସାବ୍‌ଲେ ସିଜନରେ ତାଙ୍କ ଦ୍ୱିତୀୟ ରେସ୍ ୮ମିନିଟ ୨୩.୮୫ ସେକେଣ୍ଡ ଟାଇମିଂରେ ଶେଷ କରିଥିଲେ। ପୂର୍ବରୁ ଏପ୍ରିଲ ୨୬ରେ ଅନୁଷ୍ଠିତ ଜିଆମେନ ଡାଇମଣ୍ଡ ଲିଗ୍‌ରେ ସେ କିନ୍ତୁ ୮ ମିନିଟ ୨୨.୫୯ ସେକେଣ୍ଡ ଟାଇମିଂ ସହ ୧୩ତମ ସ୍ଥାନ ଅଧିକାର କରିଥିଲେ। ଶନିବାର ଏଠାରେ ଅନୁଷ୍ଠିତ ରେସ୍‌ରେ ଇଥିଓପିଆର ଆବ୍ରାହମ ସିମେ ୮:୦୭.୮୨ ଟାଇମିଂ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କେନିଆର ଏଡ୍‌ମଣ୍ଡ ସେରେମ (୮:୦୮.୬୮) ଓ ସିମନ କିପ୍‌ରପ୍ କୋଚ୍ (୮:୦୯.୦୫) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଆମେନ୍ ଡାଇମଣ୍ଡ ଲିଗ୍ ଜିତିଥିବା ଇଥିଓପିଆର ଅନ୍ୟ ଜଣେ ଆଥ୍‌ଲେଟ ସାମୁଏଲ୍ ଫିରେଉ ଏଠାରେ ୮:୧୧.୧୮ ଟାଇମିଂ ସହ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ସାମୁଏଲ୍ ସେଠାରେ ବର୍ତ୍ତମାନର ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ କରକ୍କୋର ସୋଫିଆନେ ଏଲ୍ ପାକାଲିଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପାକାଲି କିନ୍ତୁ ଶନିବାର ରେସ୍‌ରେ ଅଂଶଗ୍ରହଣ କରି ନ ଥିଲେ।

# ମାଡ୍ରିଡ୍ ଓପନ ଫାଇନାଲରେ ରୁଡ୍

**ମାଡ୍ରିଡ, ୩ା୫ (ଏପି)**

ଫ୍ରାନ୍‌ସିସ୍କୋ ସେରୁଣ୍ଡୋଲୋଙ୍କ ବିପକ୍ଷରେ ସିଧାସଳଖ ସେଟ୍‌ରେ ବିଜୟ ହାସଲ କରି କାସ୍ପର ରୁଡ୍ ମାଡ୍ରିଡ୍ ଓପନ ଟେନିସ ଫାଇନାଲରେ ପ୍ରବେଶ କରିଛନ୍ତି। ପଞ୍ଜରାରେ ଯନ୍ତ୍ରଣା ଯୋଗୁ ସେ ପେନ୍‌କିଲର ବ୍ୟବହାର କରି ଏହି ମ୍ୟାଚ ଖେଳିଥିଲେ। ଫାଇନାଲରେ ସେ ଜ୍ୟାକ୍ ଡ୍ରାପରଙ୍କୁ ଭେଟିବେ। ଡ୍ରାପର ଅନ୍ୟ ସେମିଫାଇନାଲରେ ଲୋରେଞ୍ଜୋ ମୁସେଟିଙ୍କୁ ୬-୩, ୭-୬ (୪)ରେ ପରାସ୍ତ କରି ବର୍ଷରେ ତାଙ୍କର ତୃତୀୟ ଫାଇନାଲ ଖେଳିବାକୁ ଯାଉଛନ୍ତି। ଏହି ମ୍ୟାଚ ପୂର୍ବରୁ ରୁଡ୍ ଗତ ୩ଟି ଗେମ୍‌ରେ ରୁଡ୍ ତାଙ୍କ ଇଞ୍ଜୁରୀକୁ ନେଇ ଚିକିତ୍ସାରେ ଅଛନ୍ତି। କାଜା ମାଜିକା ସେଣ୍ଟର କୋର୍ଟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚକୁ ସେ ୬-୪, ୭-୫ରେ ଜିତି ନେଇଥିଲେ। ରୁଡ୍ କହିଛନ୍ତି କୋର୍ଟକୁ ଯିବା ପୂର୍ବରୁ ୱାର୍ମଅପ୍ ହେଉଥିବା ବେଳେ ସେ ତାଙ୍କ ପଞ୍ଜରାରେ ଯନ୍ତ୍ରଣା ଅନୁଭବ କରିବାରୁ ପେନ୍‌କିଲର ବ୍ୟବହାର କରିବାକୁ ବାଧ୍ୟ ହୋଇଥିଲେ।



ଫ୍ରାନ୍‌ସିସ୍କୋ ସେରୁଣ୍ଡୋଲୋଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି କାସ୍ପର ରୁଡ୍।

## ରାବାଡ଼ା ସାମୟିକ ବାସନ୍ଦ

**ଜୋହାନ୍ସବର୍ଗ,୩ା୫(ପି.ଟି.)**

ମନୋରଞ୍ଜନ ଲାଗି ନେଇଥିବା ଔଷଧ କାରଣରୁ ବର୍ତ୍ତମାନ ସାମୟିକ ବାସନ୍ଦାଦେଶ ଭୋଗ କରୁଥିବା ବିଶ୍ୱର ପ୍ରିମିୟର ଫାଷ୍ଟ ବୋଲର କାଗିସୋ ରାବାଡା ଶନିବାର ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକୀୟ ପେସର ଗତ ମାସରେ ଗୁଜରାଟ ଟାଇଟନ୍ସ ଲାଗି ଦୁଇଟି ମ୍ୟାଚ୍ ଖେଳିବା ପରେ ବ୍ୟକ୍ତିଗତ କାରଣ ଦର୍ଶାଇ ସ୍ୱଦେଶ ଫେରି ଯାଇଥିଲେ। ଆସନ୍ତା ୨୫ ତାରିଖରେ ୩୦ ବର୍ଷରେ ପାଦ ଦେବାକୁ ଯାଉଥିବା ରାବାଡା ଦକ୍ଷିଣ ଆଫ୍ରିକୀୟ କ୍ରିକେଟର୍ସଙ୍କ ଆସୋସିଏଶନ (ଏସ୍‌ଏସିଏ) ଜରିଆରେ ଏକ ବିବୃତି ଜାରି କରିଛନ୍ତି। ମୁଁ ନିକଟରେ ବ୍ୟକ୍ତିଗତ କାରଣ ଦର୍ଶାଇ ଆଇପିଏଲ୍‌ରେ ଅଂଶଗ୍ରହଣ ନ କରି ଦକ୍ଷିଣ ଆଫ୍ରିକାକୁ ଫେରି ଆସିଥିଲି। ମନୋରଞ୍ଜନ ଲାଗି ଔଷଧ ବ୍ୟବହାର ଯୋଗୁ ମୋ ଡୋପ ନମୁନାରେ ନିଷିଦ୍ଧ ଔଷଧ ଠାବ ହୋଇଛି।

# ଆଣ୍ଟୋନେଲି ସର୍ବକନିଷ୍ଠ ପୋଲ୍ ବିଜେତା

**ଫର୍ମୁଲା-୧**

**ମାୟାମି ଗାର୍ଡେନ୍ସ (ଫ୍ଲୋରିଡା), ୩ା୫ (ଏପି)**

ଫର୍ମୁଲା-୧ ଇତିହାସରେ କୌଣସି ଇଭେଣ୍ଟରେ ସର୍ବକନିଷ୍ଠ ପୋଲ୍ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି ୧୮ବର୍ଷୀୟ କିମି ଆଣ୍ଟୋନେଲି। ମାୟାମି ଗ୍ରାଁ ପ୍ରି ପୂର୍ବରୁ ଅନୁଷ୍ଠିତ ସ୍ପ୍ରିଣ୍ଟ ରେସ୍‌ରେ ମର୍ସିଡିଜର ଏହି ଡ୍ରାଇଭର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଣ୍ଟୋନେଲିଙ୍କର ଏହା ହେଉଛି ପ୍ରଥମ ଫର୍ମୁଲା-୧ ସିଜନ। ମର୍ସିଡିଜ ୭ଥର ଚାମ୍ପିୟନ ଲିୱିସ ହାମିଲ୍‌ଟନଙ୍କ ସ୍ଥାନରେ ଆଣ୍ଟୋନେଲିଙ୍କୁ ଟିମ୍‌ରେ ସାମିଲ କରିଛି। ଇଟାଲୀର ଏହି ଡ୍ରାଇଭରଙ୍କ ଉପରେ ମର୍ସିଡିଜ ଆସ୍ଥା ପ୍ରକଟ କରିଛି। ସେ ଦ୍ୱିତୀୟ ସ୍ପ୍ରିଣ୍ଟ ରେସ୍ ପାଇଁ ଯୋଗ୍ୟତା ଅର୍ଜନ କରିବା ଯଥାର୍ଥ ବୋଲି ପ୍ରମାଣିତ କରିଛନ୍ତି।




ଆଣ୍ଟୋନେଲି ଦ୍ୱିତୀୟ ସ୍ପ୍ରିଣ୍ଟ ରେସ୍ ବର୍ତ୍ତମାନର ଫର୍ମୁଲା-୧ ପଏଣ୍ଟ ଲିଡର ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରିଙ୍କ ସହିତ ଆରମ୍ଭ କରିବେ। ପ୍ରଥମ ସ୍ପ୍ରିଣ୍ଟ ରେସ୍‌ରେ ଆଣ୍ଟୋନେଲିଙ୍କଠାରୁ .୦୪୫ ସେକେଣ୍ଡ ଟାଇମ ବ୍ୟବଧାନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ପିଆଷ୍ଟ୍ରି।

# କିସ୍‌ରୁ ଭାଗ ନେବେ ୪୧ ଆଥ୍‌ଲେଟ୍

## ୭ମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

**ଭୁବନେଶ୍ୱର, ୩ା୫ (ବିଜୟ ରଣା)**

ବିହାରରେ ୭ମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଆୟୋଜନ କରାଯାଇଛି। ଏଥିରେ ସ୍ଥାନୀୟ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ରୁ ୪୧ଜଣ ଛାତ୍ର ଆଥଲେଟ (୨୦ ବାଳକ ଓ ୨୧ ବାଳିକା) ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଏହି ମେଗା ଇଭେଣ୍ଟ ରବିବାରଠାରୁ ମେ ୧୫ ପର୍ଯ୍ୟନ୍ତ ୫ଟି ସହର ଯଥା ପାଟନା, ରାଜଗିର, ଗୟା, ଭାଗଲପୁର ଓ ବେଗୁସରାଇଠାରେ ଆୟୋଜନ କରାଯାଇଛି। ଏଥିରେ ୨୭ଟି କ୍ରୀଡ଼ାରେ ପ୍ରତିଯୋଗିତା ହେବ। କିସ୍‌ରୁ ରଗ୍‌ବୀରେ ୧୯ ଖେଳାଳି (୧୦ବାଳକ ଓ ୯ବାଳିକା), ସିପକଟାକ୍ରରେ ୧୫ ଖେଳାଳି (୮ବାଳକ ଓ ୭ବାଳିକା), ଆଥ୍‌ଲେଟିକ୍ସରେ ଜଣେ (ବାଳକ), ଖୋ ଖୋରେ ୪ ଖେଳାଳି (ଜଣେ ବାଳକ ଓ ୩ ବାଳିକା) ଏବଂ ଜୁଡୋ ଓ ସାଇକ୍ଲିଂରେ ଜଣେ ଲେଖାଏ ବାଳିକା ଅଂଶଗ୍ରହଣ କରିବେ।



୭ମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଅଂଶଗ୍ରହଣ କରିବାକୁଥିବା ଆଥ୍‌ଲେଟ୍।

# ବଲାଙ୍ଗୀର, ଭୁବନେଶ୍ୱର, କଟକ, ଜୟପୁର ବିଜୟୀ

**ମାଧୁରୀ ମେହେଟାଙ୍କ ଶତକ**

**ଭୁବନେଶ୍ୱର, ୩ା୫ (ବିଜୟ ରଣା)**



ମାଧୁରୀ ମେହେଟା



ଭାବାନୀ ଧଣ୍ଡା



କାଜଲ ଜେନା



ପ୍ରିୟଙ୍କା ସାହୁ

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ସୁପର ଲିଗ୍‌ରେ ଶନିବାର ବଲାଙ୍ଗୀର, ଭୁବନେଶ୍ୱର, କଟକ ଓ ଜୟପୁର ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। କଟକସ୍ଥିତ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ବରଗଡ଼ ବିପକ୍ଷ ମ୍ୟାଚରେ ବଲାଙ୍ଗୀର ୧୦୩ରନରେ ବିଜୟ ହାସଲ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗୀର ମାଧୁରୀ ମେହେଟା (୬୨ବଲ୍‌ରୁ ୧୦୫ରନ)ଙ୍କ ଶତକ ଓ ସରିତା ମେହେର (୪୬ ବଲ୍‌ରୁ ୫୩* ରନ)ଙ୍କ ଅର୍ଦ୍ଧଶତକ ସହାୟତାରେ ୩ଉଇକେଟ ବିନିମୟରେ ୧୬୯ ରନ୍ କରିଥିଲା। ଜବାବରେ ବରଗଡ଼ ନିର୍ଦ୍ଧାରିତ ଓଭରରେ ମାତ୍ର ୬୬ ରନ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ବିଜିଲି ଦୀପ୍ ୪ ଓ ସୁଜିନ ଖାନ୍ ୨ ଉଇକେଟ ନେଇଥିଲେ। ମାଧୁରୀ ମେହେଟା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର ୮ ଉଇକେଟରେ ବାଲେଶ୍ୱରକୁ ପରାସ୍ତ କରିଛି। ଏଥିରେ ବାଲେଶ୍ୱର ଦଳ ୧୫.୫ ଓଭରରେ ମାତ୍ର ୪୦ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଭୁବନେଶ୍ୱର ୧୦.୩ ଓଭରରେ ୨ଉଇକେଟ ବିନିମୟରେ ୪୪ ରନ କରି ମ୍ୟାଚ ଜିତି ନେଇଥିଲା। ଏଥିରେ ପ୍ରିୟଙ୍କା ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୧୩ ରନ ଦେଇ ୨ଉଇକେଟ ଅକ୍ତିଆର କରିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ସମ୍ବଲପୁର ବିପକ୍ଷରେ କଟକ ୧୦ ଉଇକେଟରେ ବିଜୟୀ ହୋଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ୧୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୪୨ ରନ କରିଥିଲା। କଟକ ୪.୫ ଓଭରରେ ବିନା କୌଣସି ଉଇକେଟରେ ୪୫ ରନ କରି ମ୍ୟାଚରେ ବିଜୟ ଲାଭ କରିଥିଲା। ବିଜୟୀ ଦଳର ବୋଲର ଭାବାନୀ ଧଣ୍ଡା (୩.୧-୦-୭-୪) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ବାଡ଼ାନାସୀ ଗ୍ରାଉଣ୍ଡରେ ଜୟପୁର ୮ଉଇକେଟରେ କେନ୍ଦୁଝରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର ନିର୍ଦ୍ଧାରିତ ଓଭରରେ ୭ଉଇକେଟ ହରାଇ ୫୯ ରନ କରିଥିଲା। ଜବାବରେ ଜୟପୁର ୧୦ ଓଭରରେ ୨ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଏଥିରେ ବିଜୟୀ ଦଳର କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୨୫ ବଲ୍‌ରୁ ୩୩ ରନ କରି ଅପରାଜିତ ରହିଥିବା ବେଳେ ୬ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ